# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ନଭେମ୍ବର ୧୭/୨୦୧୮ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Balasore, Saturday, November 17/ 2018 (Career & Appointment) ★★★★

୪୪ଶ ଭାଗ ୩୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ମିଷ୍ଟର ୟୁନିଭର୍ସ ବଡିବିଲ୍ଡିଂରେ ଭାଗନେବେ ଜନ୍ମେଜୟ**

ଓଡ଼ିଶାର ପ୍ରତିଷ୍ଠିତ ବଡିବିଲ୍ଡର ଜନ୍ମେଜୟ ମହାନ୍ତି ଜର୍ମାନୀର ହାମ୍ବର୍ଗଠାରେ ହେବାକୁ ଯାଉଥିବା ମିଷ୍ଟର ୟୁନିଭର୍ସ ବିଶ୍ୱ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ରେ ଭାଗନେବେ।

୧୯

୦୨

**ପ୍ରିୟଙ୍କାଙ୍କ ବିବାହ ପାଇଁ ପ୍ରସ୍ତୁତି**

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ବାହାଘର ପାଇଁ ଯୋଧପୁରଠାରେ ପ୍ରସ୍ତୁତି ଆରମ୍ଭ ହୋଇଛି।



# ସରକାରଙ୍କୁ ଚାଷୀ ଅଡୁଆ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଆଗେ ଚାଷୀ ସମସ୍ୟା ଆଲୋଚନା ହେଉ, ପରେ ଅନ୍ୟ କଥା । ଚାଷୀ ସମସ୍ୟାକୁ ନେଇ ବିରୋଧୀ ବିଧାନସଭାରେ ଗର୍ଜିଛନ୍ତି। ବିରୋଧୀଙ୍କ ପ୍ରଚଣ୍ଡ ଆକ୍ରମଣରେ ସରକାର କିଲିବିଲି ହୋଇ ଯାଇଛନ୍ତି। ବିରୋଧୀ ଦଳ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟ ବାଏଁ ବାଏଁ ଉଡି ଯାଇଥିଲା। ପରିସ୍ଥିତି ଅସମ୍ଭାଳ ହେବାରୁ ମାତ୍ର ୫ ମିନିଟ ପରେ ବାଧ ହୋଇ ବାଚସ୍ପତି ପ୍ରଦୀପ କୁମାର ଅମାତ ଗୃହକୁ ଶନିବାର ଯାଏ ମୁଲତବୀ ଘୋଷଣା କରି ଦେଇଛନ୍ତି।

ଶୁକ୍ରବାର ବିଧାନସଭା ଶୀତ ଅଧିବେଶନ ଆରମ୍ଭରୁ ଏଭଳି ଚିତ୍ର ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ୧୧ଟାରେ ବାଚସ୍ପତି ସଭା କାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ସଦସ୍ୟମାନେ ଛିଡା ହୋଇ ତାଙ୍କୁ ସ୍ୱାଗତ କରିଥିଲେ। ଆରମ୍ଭରୁ ବିଧାନସଭାର ପୂର୍ବତନ ସଦସ୍ୟ ଏବଂ ସୁରକ୍ଷା କର୍ମୀଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । ୧୩ ମିନିଟ ଧରି ଏହି ଆଲୋଚନା ହୋଇଥିଲା। ଶୋକ ପ୍ରସ୍ତାବ ଆଲୋଚନା ଶେଷ ହେବା କ୍ଷଣି ବିରୋଧୀ ଦଳ ନେତା ଚାଷୀ ସମସ୍ୟା ପ୍ରସଙ୍ଗ ଉଠାଇ ଆଲୋଚନା କରିବାକୁ ଦାବି କରିଥିଲେ। ବାଚସ୍ପତି ବିରୋଧୀ ଦଳଙ୍କ କଥାକୁ ନ ଶୁଣି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଉଦ୍ୟମ କଲାବେଳକୁ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ଚିରଞ୍ଜୀବ ବିଶ୍ୱାଳ, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା, ଭୁଜବଳ ମାଝି, କେ. ସୂର୍ଯ୍ୟ ରାଓ, ପ୍ରଫୁଲ୍ଲ ମାଝି, ଚନ୍ଦ୍ରଶେଖର ମାଝି ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଗଣତନ୍ତ୍ରକୁ ହତ୍ୟା କଲା କିଏ, ନବୀନ ପଟ୍ଟନାୟକ ଆଉ କିଏ..., ଚାଷୀ ମାରଣ ନୀତି ଚଳିବ ନାହିଁ ଚଳିବ ନାହିଁ ସ୍ଲୋଗାନ ଦେଇ ଗୃହକୁ କମ୍ପାଇ ଦେଇଥିଲେ। ଭାଜପା ସଦସ୍ୟମାନେ ମଧ୍ୟ କଂଗ୍ରେସ ସହିତ ତାଳ ମେଳାଇ ହଟ୍ଟଗୋଳରେ ସାମିଲ ହୋଇଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ଗୃହକୁ ୧୧ଟା ୧୫ରୁ ମଧ୍ୟାହ୍ନ ୧୨ଟା ୧୫ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୧୫ ମିନିଟରେ ଗୃହ କାର୍ଯ୍ୟ ପୁଣି ଆରମ୍ଭ ହୋଇଥିଲା। ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। କଂଗ୍ରେସ ସଦସ୍ୟମାନେ ଗୃହକୁ ଆସି ପୁଣି ପାଟିତୁଣ୍ଡ କରିଥିଲେ। ଭାଜପା ସଦସ୍ୟମାନେ ନିଜ ସିଟ୍‌ରେ ଛିଡା ହୋଇ ହଟ୍ଟଗୋଳ କରିଥିଲେ। ବାଚସ୍ପତି ବାଧହୋଇ ୧୨ଟା ୧୮ ମିନିଟ୍‌ରେ ଗୃହକୁ ଶନିବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ।



**ଘେରିଲେ ବିରୋଧୀ**

**ହଟ୍ଟଗୋଳ: ଶନିବାର ଯାଏ ଗୃହ ମୁଲତବୀ**

## ବିଧାନସଭାରେ ଶୋକ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)–ବିଧାନସଭାର ପରଲୋକଗତ ସଦସ୍ୟ, ସିଆର୍‌ପିଏଫ୍ ଯବାନ ଏବଂ ଦୂରଦର୍ଶନର ପୂର୍ବତନ କ୍ୟାମେରାମ୍ୟାନ୍‌ଙ୍କ ବିୟୋଗରେ ଶୁକ୍ରବାର ଶୋକପ୍ରକାଶ କରାଯାଇଛି। ବିଧାନସଭା ଗୃହ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବାଚସ୍ପତି ପ୍ରଦୀପ କୁମାର ଅମାତ ପୂର୍ବତନ ସରକାରୀ ଉପମୁଖ୍ୟ ସଚେତକ ସ୍ୱର୍ଗତ ପ୍ରସନ୍ନ କୁମାର ପାଳ, ☞ପୃଷ୍ଠା–୪


# ଆନ୍ଧ୍ରକୁ ସିବିଆଇ ବାଟ ବନ୍ଦ

## ‘ସାଧାରଣ ସମ୍ମତି’ ପ୍ରତ୍ୟାହାର କଲେ ଚନ୍ଦ୍ରାବାବୁ ସରକାର

ଅମରାବତୀ,୧୬।୧୧(ଆଇଏଏନ୍‌ଏସ୍)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଆଉ ଆନ୍ଧ୍ରପ୍ରଦେଶକୁ ପ୍ରବେଶ କରିପାରିବ ନାହିଁ। ରାଜ୍ୟସରକାରଙ୍କ ବିନା ଅନୁମତିରେ ସେଠାକାର କୌଣସି ବ୍ୟାପାରରେ ହସ୍ତକ୍ଷେପ କରିପାରିବ ନାହିଁ। ଏପରି କି ସିବିଆଇ ଆନ୍ଧ୍ରପ୍ରଦେଶର କୌଣସି ସ୍ଥାନରେ ଚଢ଼ାଉ କିମ୍ବା କୌଣସି ମାମଲାର ତଦନ୍ତ ମଧ୍ୟ କରିପାରିବ ନାହିଁ। ରାଜ୍ୟ ଓ ସିବିଆଇ ମଧ୍ୟରେ ଥିବା ‘ସାଧାରଣ ସମ୍ମତି’କୁ ପ୍ରତ୍ୟାହାର କରି ତଦନ୍ତକାରୀ ସଂସ୍ଥା ପାଇଁ ସବୁ ବାଟ ବନ୍ଦ କରିଦେଇଛନ୍ତି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସରକାର। ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଏହି ଅପ୍ରତ୍ୟାଶିତ ପଦକ୍ଷେପ ପରେ ସିବିଆଇକୁ ଲାଗିଛି ଶକ୍ତ ଝଟକା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରର ଏନ୍‌ଡିଏ ସରକାର କ୍ଷମତାର ଅପବ୍ୟବହାର କରି ସିବିଆଇକୁ ବିରୋଧୀଙ୍କ ବିପକ୍ଷରେ ଲଗାଉଥିବା ଅଭିଯୋଗ ଆଣି ଚନ୍ଦ୍ରାବାବୁଙ୍କ ସପକ୍ଷରେ ବାହାରିଛନ୍ତି।

ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗ ଆସିଥିବାବେଳେ ଚନ୍ଦ୍ରାବାବୁଙ୍କ ସଦ୍ୟ ପଦକ୍ଷେପ ତଦନ୍ତକାରୀ ସଂସ୍ଥାକୁ ଅଧିକ ବିବାଦୀୟ କରିଦେଇଛି। ଆନ୍ଧ୍ରପ୍ରଦେଶ ସରକାର ଗତ ଅଗଷ୍ଟ ୩ରେ ସିବିଆଇକୁ ପ୍ରଦାନ କରିଥିବା ‘ସାଧାରଣ ସମ୍ମତି’କୁ ପ୍ରତ୍ୟାହାର କରିନେଇଛନ୍ତି। ଏନେଇ ରାଜ୍ୟ ଗୃହ ବିଭାଗ ପ୍ରଧାନ ସଚିବ ଏ.ଆର. ଅନୁରାଧା ନଭେମ୍ବର ୮ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଅତ୍ୟନ୍ତ ଗୋପନୀୟ ବୋଲି ବିବେଚନା କରାଯାଉଥିବା ଉକ୍ତ ନିର୍ଦ୍ଦେଶନାମା ୧୫ ତାରିଖ (ଗୁରୁବାର) ରାତିରେ ପ୍ରଘଟ ହୋଇଛି। ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ (ଡିଏସ୍‌ପିଇ) ଆକ୍ଟ, ୧୯୪୬ର ଧାରା ୬ ଅନୁସାରେ ରାଜ୍ୟ ସରକାର ନିଜ କ୍ଷମତା ଓ ପ୍ରଶାସନିକ ଅଧିକାର ପ୍ରୟୋଗ କରି ସିବିଆଇଠାରୁ ‘ସାଧାରଣ ସମ୍ମତି’କୁ ପ୍ରତ୍ୟାହାର କରିନେଇଥିବା ଏଥିରେ ଉଲ୍ଲେଖ ରହିଛି। ଆନ୍ଧ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସିବିଆଇରେ ଚାଲିଥିବା ଅନ୍ତର୍ବିବାଦ ଯୋଗୁ ତଦନ୍ତକାରୀ ସଂସ୍ଥା ଏହାର ବିଶ୍ୱସନୀୟତା ହରାଇଛି। ସେହିପରି ରାଜ୍ୟ ବ୍ୟାପାରରେ ସିବିଆଇର ହସ୍ତକ୍ଷେପକୁ ସରକାର ଅନାବଶ୍ୟକ ବୋଲି ଅନୁଭବ କରିବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ସିବିଆଇ ନିର୍ଦ୍ଦେଶକଙ୍କ ନିକଟକୁ ଏହି ନିର୍ଦ୍ଦେଶନାମାର ଏକ ନକଲ ପଠାଯାଇଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ଗତ ମାର୍ଚ୍ଚରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରୁ ଟିଡିପି ସମର୍ଥନ ପ୍ରତ୍ୟାହାର କରିବା ପରେ କେନ୍ଦ୍ର ଓ ଆନ୍ଧ୍ର ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଦୃଷ୍ଟିରୁ ଚନ୍ଦ୍ରାବାବୁଙ୍କ ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। କାରଣ ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଦାବି କରୁଥିବା ଟିଡିପି ନେତାମାନଙ୍କୁ ଟାର୍ଗେଟ କରିବାକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର କେନ୍ଦ୍ରୀୟ ☞ପୃଷ୍ଠା–୪



ଏନ୍. ଚନ୍ଦ୍ରାବାବୁ ନାଇଡୁ





**ଆଜିର ସମ୍ପାଦକୀୟ**

**ନେତାଗିରି ଲୋଭ**

**ଆଜିର ମନ୍ତବ୍ୟ**

“ବେଆଇନ ଭାବେ ଗଚ୍ଛିତ ରଖିଥିବା ଟଙ୍କା ହରାଇଥିବାରୁ କଂଗ୍ରେସ ବିମୁଦ୍ରୀକରଣ ପରେ କାନ୍ଦୁଛି ।

**- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

**କିଛି ତଥ୍ୟ**

ଚଳିତ ବର୍ଷ ରବି ଋତୁରେ ୬୯.୯୫ ଲକ୍ଷ ହେକ୍ଟର ଜମିରେ ଡାଲି ଚାଷ ହୋଇଛି। ଏହା ଗତ ବର୍ଷ ତୁଳନାରେ ୧୮% କମ୍ ।

–କୃଷି ମନ୍ତ୍ରଣାଳୟ

# ଦେବାଶିଷଙ୍କ ସହ ୧୦ ଜଣଙ୍କୁ ଜାମିନ

**ପୂର୍ବତନ ପୌର ଉପାଧ୍ୟକ୍ଷଙ୍କୁ ଆକ୍ରମଣ ମାମଲା**

ଆନନ୍ଦପୁର, ୧୬।୧୧(ସ୍ୱ.ପ୍ର.)

ଘସିପୁରା ଥାନାରେ ରୁଜୁ ହୋଇଥିବା ଏକ ମାମଲାର ବିଚାର କରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କ ସମେତ ୧୦ ଜଣଙ୍କୁ ଶୁକ୍ରବାର ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତି ଜାମିନ୍ ମଞ୍ଜୁର କରିଛନ୍ତି। ସେମାନେ ହେଲେ ନିରଞ୍ଜନ ସାହୁ, ଆଶିଷ ବେହେରା, ଅଜୟ ସାହୁ, ଅକ୍ଷୟ ସାହୁ, ମନୋରଞ୍ଜନ ସାହୁ, କାଳିଆ ମହାକୁଡ, ବିଶ୍ୱଜିତ୍ ମହାରଣା, ସିପୁନ୍ ବେହେରା, ମହେଶ୍ୱର ସାହୁ। ପୂର୍ବତନ ପୌର ଉପାଧ୍ୟକ୍ଷ ସୁରେଶ ସାହୁଙ୍କୁ ଆକ୍ରମଣ ଏବଂ ଘସିପୁରା ଥାନାରେ ରୁଜୁ ହୋଇଥିବା ଏକ ମାମଲା (ନଂ. ୧୮୧/୧୮) ବିଚାର ହୋଇଥିଲା। ☞ପୃଷ୍ଠା–୪



ଦେବାଶିଷ ପାତ୍ର







## ସୋମବାର ଶପଥ ନେବେ ଜଷ୍ଟିସ ପୂଜାହାରୀ



ଶତ୍ରୁଘ୍ନ ପୂଜାହାରୀ

କଟକ ଅଫିସ, ୧୬।୧୧

ହାଇକୋର୍ଟ ବିଚାରପତି ଭାବେ ଶତ୍ରୁଘ୍ନ ପୂଜାହାରୀ ସୋମବାର ପୂର୍ବାହ୍ନ ୧୦ଟା ୧୫ରେ ଶପଥ ନେବେ। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଜଷ୍ଟିସ ପୂଜାହାରୀଙ୍କୁ ଶପଥ ପାଠ କରାଇବେ। ପୂଜାହାରୀ ଏବେ ମାଡ୍ରାସ ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ। ଅକ୍ଟୋବର ଶେଷ ସପ୍ତାହରେ ଓଡ଼ିଶା ହାଇକୋର୍ଟର ୨ ବିଚାରପତି ଇନ୍ଦ୍ରଜିତ ମହାନ୍ତି ଓ ସୁଜିତ ନାରାୟଣ ପ୍ରସାଦଙ୍କୁ ଯଥାକ୍ରମେ ବମ୍ବେ ଏବଂ ଝାଡ଼ଖଣ୍ଡ ହାଇକୋର୍ଟକୁ ବଦଳି କରାଯାଇଥିଲା। ସେହିପରି ଜଷ୍ଟିସ ପୂଜାହାରୀଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରିବା ପାଇଁ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ଅନୁମୋଦନ କରାଯାଇଥିଲା।


NECC NATIONAL EGG CO-ORDINATION COMMITTEE 16.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 55 | 100 | 110 |
| CTC | 56 | 101 | 111 |
| DKL | 59 | 105 | 115 |
| BDK | 58 | 103 | 113 |
| BLS | 58 | 103 | 113 |
| ANG | 62 | 109 | 119 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers







ଭାରତ ଓ ଚାଇନା ପରସ୍ପର ମଧ୍ୟରେ ସାମରିକ ସହଯୋଗିତା ବୃଦ୍ଧିକରିବା ଉଚିତ। ଦୁଇ ପଡ଼ୋଶୀ ମଧ୍ୟରେ ପାରସ୍ପରିକ ବିଶ୍ୱାସ ବଢ଼ିଲେ ସମସ୍ତ ପ୍ରକାର ମତଭେଦ ଦୂର କରାଯାଇପାରିବ।

-ଜେନ୍ ୱି ଫେଙ୍ଗେ, ଚାଇନା ପ୍ରତିରକ୍ଷାମନ୍ତ୍ରୀ

## ସଂକ୍ଷେପରେ

### ଜଳିଗଲା ବସ୍: ୪୨ ଦଗ୍ଧ

**ହାରାରେ,୧୬।୧୧(ପି.ଟି.):** ଜିମ୍ବାୱେରେ ଏକ ବସ୍ ଦୁର୍ଘଟଣା ଘଟି ୪୨ ଜଣ ପ୍ରାଣ ହରାଇଛନ୍ତି। ଗୁରୁବାର ରାତିରେ ବସ୍‌ଟି ଯାତ୍ରା କରୁଥିବାବେଳେ ସେଥିରେ କେହି ସନ୍ଦିଗ୍ଧ ଏକ ଗ୍ୟାସ୍ ଟାଙ୍କି ରଖିଦେଇଥିଲେ। ହଠାତ୍ ତାହା ବିସ୍ଫୋରଣ ହେବାରୁ ଏତେସଂଖ୍ୟକ ଯାତ୍ରୀଙ୍କ ଜୀବନ ଯାଇଛି। ବିସ୍ଫୋରଣ ପରେ ବସ୍‌ଟି ହୁ ହୁ ହୋଇ ଜଳିଉଠିଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏହି ଘଟଣାରେ ଅନେକେ ମଧ ଆହତ ହୋଇଛନ୍ତି।

### ଖୋଲିଲା ସାବରିମାଳା ମନ୍ଦିର

**ସାବରିମାଳା,୧୬।୧୧(ପି.ଟି.):** ଅନେକ ବାଦ ବିବାଦ ଲାଗିରହିବା ସତ୍ତ୍ୱେ କେରଳର ସାବରିମାଳାରେ ଥିବା ଭଗବାନ ଆୟାପ୍ପାଙ୍କ ମନ୍ଦିର ଶୁକ୍ରବାର ଖୋଲିଛି। ଏଠାରେ ଏବେ ଦୁଇମାସ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିବ। ଅପରାହ୍ନ ୫ଟାରେ ପହଡ଼ ଖୋଲିବା ପରେ ଭକ୍ତଙ୍କ ଭିଡ଼ କାହିଁରେ କେତେ। ବିରୋଧ ଓ ବିକ୍ଷୋଭ ଜାରି ରହୁଥିବାରୁ ସୁରକ୍ଷାବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅନ୍ୟପଟେ ସାବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ବିରୋଧ କରାଯାଉଥିବାରୁ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି ସାମାଜିକ କର୍ମୀ ତୃପ୍ତି ଦେଶାଇ। ଭଗବାନ ଆୟାପ୍ପାଙ୍କ ଦର୍ଶନ ଲାଗି ଶୁକ୍ରବାର ପୂର୍ବାହ୍ନରେ ସେ କେରଳର କୋଚି ବିମାନବନ୍ଦରରେ ପହଞ୍ଚିବା କ୍ଷଣି ତାଙ୍କୁ ବିରୋଧ କରାଯାଇଥିଲା। ଶହଶହ ଆୟାପ୍ପାଙ୍କ ଭକ୍ତ ତାଙ୍କୁ ଘେରିଯିବା ସହ ପଥ ଅବରୋଧ କରିଥିଲେ। ଏସବୁ ଭିତରେ ବିମାନବନ୍ଦରରେ ହାଇଡ୍ରାମା ଦେଖିବାକୁ ମିଳିଥିଲା।

[ଇତିହାସର ଆଇନାରେ]

### ନଭେମ୍ବର ୧୭ର ପ୍ରମୁଖ ଘଟଣା

୧୫୫୮ ନଭେମ୍ବର ୧୭ରେ ଏଲିଜାବେଥ୍ ପ୍ରଥମ ଇଂଲଣ୍ଡ ଏବଂ ଆୟର୍ଲାଣ୍ଡର ମହାରାଣୀ ଆସନରେ ବସିଥିଲେ।

୧୮୨୦ ନଭେମ୍ବର ୧୭ରେ କ୍ୟାପ୍ଟେନ୍ ନାଥାନିଏଲ୍ ପାମର୍ ପ୍ରଥମ ଆମେରିକୀୟ ଭାବେ ଆଣ୍ଟାର୍କଟିକାରେ ପହଞ୍ଚିଥିଲେ। ତାଙ୍କ ନାମାନୁସାରେ ପାମର୍ ପେନିନ୍‌ସୁଲାର ନାମକରଣ କରାଯାଇଛି।

# ଜାଲରେ ସିବିଆଇ

ନୂଆଦିଲ୍ଲୀ/ଅମରାବତୀ,୧୬।୧୧




କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ହେଉଛି ଦେଶର ସର୍ବାଧିକ ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା। କେହି ରାଜନେତା ବା ବରିଷ୍ଠ ଅଧିକାରୀ ଦୁର୍ନୀତି କରିଥିବା ଅଭିଯୋଗ ଆସିଲେ ବା କୌଣସି ବଡ଼ଧରଣର ଅପରାଧ ଘଟିଲେ ସିବିଆଇ ତଦନ୍ତ ଜରୁରୀ ହୋଇପଡ଼େ। ସିବିଆଇର ଜାଲରେ ଛନ୍ଦି ହେଉଥିବା ଅଭିଯୁକ୍ତଙ୍କ ଛାତିରେ ଛନକା ପଶେ। ହେଲେ ବିଗତ କିଛିଦିନର ଘଟଣାକ୍ରମକୁ ଦେଖିଲେ ଖୋଦ୍ ସିବିଆଇ ବିବାଦ ଓ ବିଭ୍ରାଟର ଜାଲରେ ଛନ୍ଦି ହୋଇଯାଇଥିବା ମନେହୁଏ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ହେଲା ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ନେଇ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ଓ ଅନ୍ୟଟି ଆନ୍ଧ୍ରପ୍ରଦେଶକୁ ଟିଡିପି ସରକାର ତଦନ୍ତକାରୀ ସଂସ୍ଥାର ବାଟ ବନ୍ଦ କରିବା। ଏହା କେବଳ ସିବିଆଇକୁ କାଠଗଡ଼ାରେ ଛିଡ଼ା କରାଇନାହିଁ, ବରଂ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ଉଦ୍ଦେଶ୍ୟ ଉପରେ ମଧ୍ୟ ପ୍ରଶ୍ନଚିହ୍ନ ଲଗାଇଛି।

ଆନ୍ଧ୍ର ସରକାରଙ୍କ ଗୋପନୀୟ ପତ୍ର ଗୁରୁବାର ରାତିରେ ପ୍ରଘଟ ହେବା ପରେ ଜାତୀୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। କେନ୍ଦ୍ରର ଏନ୍‌ଡିଏ ସରକାର ନିଜ ରାଜନୈତିକ ମହତ୍ତ୍ୱାକାଂକ୍ଷାକୁ ଚରିଥାର୍ଥ କରିବା ପାଇଁ ବିରୋଧୀଙ୍କ ପଛରେ ସିବିଆଇ ଭଳି ସଂସ୍ଥାଗୁଡ଼ିକୁ ଲଗାଉଛନ୍ତି। ସିବିଆଇ କେନ୍ଦ୍ରର ଏକ ଅସ୍ତ୍ରଭାବେ କାମ କରୁଛି। ଏହି ସଂସ୍ଥାରେ ଅନ୍ତର୍ଦ୍ୱନ୍ଦ୍ୱ ଓ ଭିତିରି କଳହ ଏହାର ବିଶ୍ୱସନୀୟତାକୁ ନଷ୍ଟ କରିଦେଇଛି। ତେଣୁ ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଆନ୍ଦୋଳନ ଚଳାଇଥିବା ଟିଡିପି ନେତାମାନଙ୍କ ବିରୋଧରେ ସିବିଆଇକୁ ଅସ୍ତ୍ର କରାଯାଇପାରେ। ସେହିପରି ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ବିରୋଧୀ ଦଳଗୁଡ଼ିକୁ ନେଇ ଭାଜପା ବିରୋଧରେ ଏକ ସାମ୍ମୁଖ୍ୟ ଗଠନ କରୁଥିବାରୁ କେନ୍ଦ୍ର ସେମାନଙ୍କ ବିପକ୍ଷରେ ସିବିଆଇକୁ ବ୍ୟବହାର କରିପାରନ୍ତି। ଏଭଳି ଆଶଙ୍କା ସୃଷ୍ଟି ହେବା ପରେ ଆନ୍ଧ୍ର ସରକାର ଆଇନଜୀବୀ ଓ ବୁଦ୍ଧିଜୀବୀଙ୍କ ପରାମର୍ଶକ୍ରମେ 'ସାଧାରଣ ସମ୍ମତି'କୁ ପ୍ରତ୍ୟାହାର କରି ରାଜ୍ୟକୁ ସିବିଆଇର ବାଟ ବନ୍ଦ କରିଦେଇଥିବା ଗୃହ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଏନ୍. ଚିନା ରାଜାପ୍ପା କହିଛନ୍ତି। ଏହା ପୂର୍ବରୁ ପଡ଼ୋଶୀ କର୍ନାଟକ ସରକାର ମଧ ଏଭଳି ସମ୍ମତି ପ୍ରତ୍ୟାହାର କରିଥିବା ସେ ସୂଚନା ଦେଇଛନ୍ତି। ଚନ୍ଦ୍ରାବାବୁଙ୍କ ଏହି ନିଷ୍ପତ୍ତିକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମର୍ଥନ ମିଳିଛି। କେନ୍ଦ୍ର ସରକାର ବିରୋଧୀଙ୍କୁ ହଇରାଣ କରିବା ପାଇଁ ସିବିଆଇ ଭଳି ସଂସ୍ଥାଗୁଡ଼ିକୁ ବ୍ୟବହାର କରୁଥିବାରୁ ଆନ୍ଧ୍ର ସରକାରଙ୍କ ପଦକ୍ଷେପ ଯଥାର୍ଥ ବୋଲି ଟିଏମ୍‌ସି ସୁପ୍ରିମୋ ମମତା କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ସିବିଆଇକୁ ଭୟ କରୁଥିବାରୁ ଏଭଳି ବିବାଦୀୟ ନିଷ୍ପତ୍ତି ନେଇଥିବା ବିରୋଧୀ ୱାଇଏସ୍‌ଆର୍ କଂଗ୍ରେସ ଅଭିଯୋଗ କରିଛି। ସେହିପରି ଭାଜପା ମୁଖପାତ୍ର ଜିଭିଏଲ୍ ନରସିଂହା କହିଛନ୍ତି, କଂଗ୍ରେସ, ଟିଡିପି ଏବଂ ଟିଏମ୍‌ସି ଭଳି ବିରୋଧୀ ଦଳଗୁଡ଼ିକ ନିଜ ସ୍ୱାର୍ଥରକ୍ଷା ପାଇଁ 'ଭ୍ରଷ୍ଟାଚାରର ଏକ ମହାମେଣ୍ଟ' ଗଠନ କରିଛନ୍ତି। ତେଣୁ ଚନ୍ଦ୍ରାବାବୁ ସରକାର ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇବା ଲାଗି ବିଚଳିତ ହୋଇ ନିଜ କ୍ଷମତାର ଅପବ୍ୟବହାର କରିଛନ୍ତି।

> ଏନ୍‌ଡିଏ ସରକାର ସିବିଆଇ ଏବଂ ଆର୍‌ବିଆଇ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକୁ ନଷ୍ଟ କରିବାରେ ଲାଗିଛି। ନିଜ ସ୍ୱାର୍ଥସାଧନ ଓ ରାଜନୈତିକ ପ୍ରତିଶୋଧ ପାଇଁ ସେଗୁଡ଼ିକୁ ବ୍ୟବହାର କରାଯାଉଛି। ସବୁ ଦିଗରୁ ବିଫଳ ହୋଇଥିବା ଏହି ସରକାରଠାରୁ ଦେଶକୁ ବଞ୍ଚାଇବାରେ ଟିଏମ୍‌ସି ପ୍ରମୁଖ ଭୂମିକା ଗ୍ରହଣ କରିବ।
>
> **- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



### ସାଧାରଣ ସମ୍ମତି କ'ଣ

ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ (ଡିଏସ୍‌ପିଇ) ଆକ୍ଟ, ୧୯୪୬ ଅନୁସାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପରିଚାଳିତ ହୋଇଥାଏ। ଏହି ଆଇନର ଧାରା ୬ ଅନୁଯାୟୀ ରାଜ୍ୟ ସରକାରଗୁଡ଼ିକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି। ରାଜ୍ୟରେ କୌଣସି ମାମଲାର ତଦନ୍ତ ବା ତାକୁ ନେଇ ଚଢ଼ାଉ କରିବା ପାଇଁ ସିବିଆଇକୁ ସରକାରଙ୍କ ଅନୁମତି ଆବଶ୍ୟକ ହୋଇଥାଏ। ଏହି ଧାରା ଅନୁସାରେ ରାଜ୍ୟ ସରକାରଗୁଡ଼ିକ ଦୁର୍ନୀତି ମାମଲାର ତଦନ୍ତ ପାଇଁ ପ୍ରତିବର୍ଷ ବିଜ୍ଞପ୍ତି ଜାରି କରି ସିବିଆଇକୁ 'ସାଧାରଣ ସମ୍ମତି' ପ୍ରଦାନ କରିଥାନ୍ତି। ସେହିପରି ରାଜ୍ୟ ସରକାର ଚାହିଁଲେ ନିଜ କ୍ଷମତା ଓ ପ୍ରଶାସନିକ ଅଧିକାର ପ୍ରୟୋଗ କରି ଉକ୍ତ 'ସାଧାରଣ ସମ୍ମତି'କୁ ପ୍ରତ୍ୟାହାର ମଧ କରିଥାନ୍ତି।

## ବର୍ମାଙ୍କ ବିରୋଧରେ ନିନ୍ଦନୀୟ ଅଭିଯୋଗ: ସୁପ୍ରିମକୋର୍ଟରେ ୨୦ରେ ଶୁଣାଣି

**ନୂଆଦିଲ୍ଲୀ,୧୬।୧୧(ପି.ଟି.):** ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ କରୁଥିବା କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ସୁପ୍ରିମକୋର୍ଟଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିରେ ତାଙ୍କ ବିରୋଧରେ କେତେକ 'ଅତ୍ୟନ୍ତ ନିନ୍ଦନୀୟ' ଅଭିଯୋଗ ଆସିଥିବା ସିଭିସି ଦର୍ଶାଇବା ସହ ସେଗୁଡ଼ିକର ତଦନ୍ତ ପାଇଁ ସିଭିସି ଅଧିକ ସମୟ ମାଗିଥିବା ଶୁକ୍ରବାର ସୁପ୍ରିମକୋର୍ଟ ପ୍ରକାଶ କରିଛନ୍ତି। ସିଭିସିଙ୍କ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ସୁପ୍ରିମକୋର୍ଟ ବନ୍ଦ ଲଫାପାରେ ଏହାର ନକଲ ବର୍ମାଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବର୍ମା ତାକୁ ପଢ଼ିବା ପରେ ୧୯ ସୁଦ୍ଧା ଜବାବ ଦାଖଲ କରିବେ ।

■ ତାମିଲନାଡୁରେ ପ୍ରକୃତିର କୋପ

# 'ଗାଜା' ନେଲା ୧୩ ଜୀବନ

ଚେନ୍ନାଇ,୧୬।୧୧(ପି.ଟି.)

- ବାତ୍ୟା ଯୋଗୁ ତାମିଲନାଡୁରେ ବ୍ୟାପକ କ୍ଷୟକ୍ଷତି
- ଅନେକ ଘରଦ୍ୱାର ନଷ୍ଟ, ଯୋଗାଯୋଗ ବିଚ୍ଛିନ୍ନ
- କେନ୍ଦ୍ର ଯୋଗାଇବ ସହାୟତା: ରାଜନାଥ
- ସହାୟତା ରାଶି ଘୋଷଣା କଲେ ପାଲାନିସ୍ୱାମୀ


'ତିତ୍‌ଲି' ପରେ ଏବେ ଆଉ ଏକ ସାମୁଦ୍ରିକ ଝଡ଼ 'ଗାଜା' ଆଣିଛି ବିପତ୍ତି। ଏହି ଘୂର୍ଣ୍ଣିଝଡ଼ ତାମିଲନାଡୁକୁ ଛୁଇଁବା ପରେ ଭୟଙ୍କର ତାଣ୍ଡବ ରଚିଛି। ପ୍ରବଳ ବର୍ଷା ସାଙ୍ଗକୁ ପବନ ବୋହିବାରୁ ଅନେକ ଘରଦ୍ୱାର ନଷ୍ଟ ହୋଇଯିବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବାତ୍ୟା ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ୧୩ ଜଣ ପ୍ରାଣ ହରାଇଛନ୍ତି। ତେବେ ବାତ୍ୟା ପରବର୍ତ୍ତୀ ସ୍ଥିତିର ମୁକାବିଲ ଲାଗି ତାମିଲନାଡୁ ସରକାରଙ୍କୁ କେନ୍ଦ୍ର ସମସ୍ତ ସହାୟତା ଯୋଗାଇଦେବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ମିଳିଥିବା ସୂଚାନ ମୁତାବକ ଗୁରୁବାର ରାତି ୧୨ଟା ୩୦ରୁ ୨ଟା ୩୦ ସୁଦ୍ଧା 'ଗାଜା' ନାଗପାଟ୍ଟିନମ୍ ଏବଂ ବେଦରାଣ୍ୟମ୍ ମଧ ଦେଇ ଅତିକ୍ରମ କରିଥିଲା। ଏତିକିବେଳେ ଘଣ୍ଟା ପ୍ରତି ୧୧୦ରୁ ୧୨୯କି.ମି. ବେଗରେ ପବନ ବହିଥିଲା। ବାତ୍ୟା ଯୋଗୁ ନାଗପଟ୍ଟିନମ୍ ରେଲୱେ ଷ୍ଟେଶନର ଛପର ଉଡ଼ିଯାଇଛି। ସେହିପରି ଅନେକ ଲୋକଙ୍କୁ ବାସହରା କରିଛି ଏହି ବାତ୍ୟା। ଅନେକ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯାଇଛି। କେବଳ ତାମିଲନାଡୁ ନୁହେଁ ପଣ୍ଡିଚେରୀରେ ମଧ 'ଗାଜା' ରଚାଇଛି ତାଣ୍ଡବ। ବିଭିନ୍ନ ସ୍ଥାନରେ ଯୋଗାଯୋଗ ଠପ୍ ହୋଇଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜିଛି। ୫୦୦ କି.ମି. ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଥିବା ତାମିଲନାଡୁର ଶକ୍ତି ବିଭାଗ ସୂତ୍ରରୁ ପ୍ରକାଶ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ ମୃତାହତଙ୍କ ସଂଖ୍ୟା ବିଷୟରେ କହିଛନ୍ତି। ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି। ବାତ୍ୟା ଯୋଗୁ ତଳିଆ ଅଞ୍ଚଳର ୮୨,୦୦୦ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ପଠାଇଦିଆଯାଇଛି। ୪୭୧ ରିଲିଫ୍ କେନ୍ଦ୍ରରେ ଏମାନେ ଆଶ୍ରୟ ନେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପାଲାନିସ୍ୱାମୀଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ବାତ୍ୟା ପରିସ୍ଥିତି ସମ୍ପର୍କରେ ପଚାରିବୁଝିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ। ଶୁକ୍ରବାର ମଧ ତାମିଲନାଡୁର ବିଭିନ୍ନ ଜିଲାରେ ବର୍ଷା ଲାଗିରହିଛି। ଶନିବାର ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।




## ଫୁର୍‌ସତ

# ପ୍ରିୟଙ୍କାଙ୍କ ବିବାହ ପାଇଁ ପ୍ରସ୍ତୁତି

ଯୋଧପୁର



ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ବାହାଘର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ତାଙ୍କ ମା' ମଧୁ ଚୋପ୍ରାଙ୍କୁ ସବୁ ଦାୟିତ୍ୱ ସମ୍ଭାଳିବାକୁ ପଡୁଛି। ପୂର୍ବତନ ବିଶ୍ୱ ସୁନ୍ଦରୀ ପ୍ରିୟଙ୍କା ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍‌ସଙ୍କୁ ବିବାହ କରିବାକୁ ଯାଉଥିବାବେଳେ ଏହି ବହୁଚର୍ଚ୍ଚିତ ବାହାଘର ପାଇଁ ମା' ମଧୁ ଯୋଧପୁର ସହରକୁ ପସନ୍ଦ କରିଛନ୍ତି। ଏଥିପାଇଁ ଚାଲିଥିବା ପ୍ରସ୍ତୁତି ସମ୍ପର୍କରେ ସେ କହନ୍ତି, ବର୍ତ୍ତମାନ କିଛି କହିହେବ ନାହିଁ। ବାହାଘର ବେଳେ ଯାହା କହିବି। ବର୍ତ୍ତମାନ ପ୍ରିୟଙ୍କା ତାଙ୍କର ନୂଆ ଫିଲ୍ମ 'ଦି ସ୍କାଏ ଇଜ୍ ପିଙ୍କ୍' ପାଇଁ ପୁରୁଣା ଦିଲ୍ଲୀରେ ଶୁଟିଂରେ ବ୍ୟସ୍ତ ଅଛନ୍ତି। ତାଙ୍କ ସହ ମୁଖ୍ୟ ଭୂମିକାରେ ଅଛନ୍ତି ଫରହାନ୍ ଅଖତର ଏବଂ ନିର୍ଦ୍ଦେଶନା ଦେଉଛନ୍ତି ସୋନାଲି ବୋଷ୍। ପ୍ରିୟଙ୍କା ଏବଂ ନିକ୍ ସ୍ଥାନୀୟ ଉମେଦ ଭବନ ପ୍ୟାଲେସ୍‌ରେ ଖୁବ୍‌ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ତେବେ ଏ ସମ୍ପର୍କିତ ବିସ୍ତୃତ ବିବରଣୀ ଗୁପ୍ତ ରଖାଯାଇଛି। କିନ୍ତୁ ବିବାହ ପରେ ବଲିଉଡ୍ କଳାକାରଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଭୋଜି ଉତ୍ସବ ଆୟୋଜନ କରାଯିବ ବୋଲି ସୂଚନା ମିଳୁଛି। ପ୍ରିୟଙ୍କା ତାଙ୍କ ନୂଆ ଫିଲ୍ମ ଶୁଟିଂ ପୂର୍ବରୁ ନ୍ୟୁୟର୍କରେ ବ୍ରାଇଡାଲ୍ ଶାୱର ପାଳନ କରିବା ସହିତ ଆମଷ୍ଟରଡମ ଏବଂ ଇଟାଲୀରେ ବ୍ୟାଚଲରେଟ୍ ପାର୍ଟି ଆୟୋଜନ କରିଥିଲେ। ଅଗଷ୍ଟରେ ମୁମ୍ବାଇ ସ୍ଥିତ ପ୍ରିୟଙ୍କାଙ୍କ ବାସଭବନରେ ପାରମ୍ପରିକ 'ରୋକା' ଉତ୍ସବ ପାଳିତ ହୋଇଥିଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୨ | ୧୭.୮ |
| ଚାନ୍ଦବାଲି | ୩୨.୮ | ୧୯.୧ |
| କଟକ | ୩୩.୫ | ୧୭.୬ |
| ପାରାଦ୍ୱୀପ | ୩୧.୯ | ୨୦.୨ |
| ଭୁବନେଶ୍ୱର | ୩୪.୭ | ୧୭.୮ |
| ଗୋପାଳପୁର | ୩୪.୮ | ୧୯.୮ |
| ପୁରୀ | ୩୨.୪ | ୨୧.୦ |
| ଅନୁଗୋଳ | ୩୩.୧ | ୧୪.୬ |
| ବାରିପଦା | ୩୧.୪ | ୧୮.୦ |
| ଝାରସୁଗୁଡ଼ା | ୩୨.୬ | ୧୬.୪ |
| କେନ୍ଦୁଝର | ୩୦.୭ | ୧୫.୯ |
| ସମ୍ବଲପୁର | ୩୩.୪ | ୧୬.୮ |
| ସୁନ୍ଦରଗଡ଼ | ୩୨.୦ | ୧୮.୦ |
| ହୀରାକୁଦ | ୩୨.୭ | ୧୬.୬ |
| ତାଳଚେର | ୩୫.୧ | ୧୫.୩ |
| ଭବାନୀପାଟଣା | ୩୩.୫ | ୧୫.୦ |
| ବଲାଙ୍ଗୀର | ୩୩.୭ | ୧୬.୨ |
| କୋରାପୁଟ | ୩୨.୦ | ୧୪.୬ |
| ଫୁଲବାଣୀ | ୩୩.୦ | ୦୯.୮ |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | ୩୬.୦ | --- |
| ସୋନପୁର | ୩୪.୪ | ୧୪.୬ |
| ଦାରିଙ୍ଗିବାଡ଼ି | ୨୯.୦ | ୧୫.୬ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍







# ଜର୍ଜ ତିର୍କୀଙ୍କୁ ମିଳିଲା କଂଗ୍ରେସ ବିଧାୟକ ମାନ୍ୟତା

- ବିଧାନସଭା ସିଟ୍ ନଂ ୧୧
- ସଗରିଆଙ୍କ ଇସ୍ତଫା ବିଷୟ ଗୃହକୁ ଜଣାଇଲେ ବାଚସ୍ପତି

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

କଂଗ୍ରେସର କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ବିଧାନସଭାରୁ ଇସ୍ତଫା ଦେଇଛନ୍ତି। ସଗରିଆଙ୍କ ଇସ୍ତଫା ପତ୍ର ନଭେମ୍ବର ୬ ତାରିଖରୁ ଗ୍ରହଣ କରାଯାଇଛି ବୋଲି ବାଚସ୍ପତି ପ୍ରଦୀପ ଅମାତ ଶୁକ୍ରବାର ବିଧାନସଭାରେ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ବାଚସ୍ପତି ସମତାକ୍ରାନ୍ତି ଦଳର ସୁନ୍ଦରଗଡ଼ ବୀରମିତ୍ରପୁର ବିଧାୟକ ପ୍ରାର୍ଥୀ ଜର୍ଜ ତିର୍କୀଙ୍କୁ କଂଗ୍ରେସ ଦଳର ବିଧାୟକ ଭାବେ ମାନ୍ୟତା ଦେଇଛନ୍ତି। ସେ କଂଗ୍ରେସର ନୂତନ ସଦସ୍ୟ ହେଲେ ବୋଲି ଘୋଷଣା କରିବା ସହ ତାଙ୍କୁ ବିଧାନସଭାର ବ୍ଲକ ଏ'ର ସିଟ୍ ନଂ.୧୧ ଆବଣ୍ଟନ କରିଛନ୍ତି। ଏହି ଅଧିବେଶନରେ ସେ କଂଗ୍ରେସ ସଦସ୍ୟମାନେ ବସୁଥିବା ବ୍ଲକ୍‌ରେ ବସିବେ। ସୂଚନାଯୋଗ୍ୟ ଯେ, ତିର୍କୀ ଗତମାସରେ ନୂଆଦିଲ୍ଲୀଠାରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଥିଲେ। ଏହି ଅବସରରେ ବାଚସ୍ପତି ଗୃହକୁ ସୂଚନା ଦେଇ କହିଥିଲେ, ଜର୍ଜ ତିର୍କୀ ୨୦୧୮ ନଭେମ୍ବର ୨ ତାରିଖରେ ଜଣାଇଛନ୍ତି ଯେ ସମତାକ୍ରାନ୍ତି ଦଳ ଜାତୀୟ କଂଗ୍ରେସରେ ବିଲୀନ ହୋଇଯାଇଛି। ଏହାଛଡ଼ା ବିରୋଧୀ ଦଳ ନେତା ମଧ୍ୟ ଏ ନେଇ ବାଚସ୍ପତିଙ୍କୁ ଅବଗତ କରାଇଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ତିର୍କୀଙ୍କୁ କଂଗ୍ରେସ ସଦସ୍ୟ ଭାବେ ନଭେମ୍ବର ୨ ତାରିଖରୁ ଘୋଷଣା କରାଗଲା ବୋଲି ସେ କହିଥିଲେ।

## ଆୟରଙ୍କ ଆପତ୍ତିଜନକ ମନ୍ତବ୍ୟ

# ବାଚସ୍ପତିଙ୍କୁ ରିପୋର୍ଟ ଦେଲା ଗୃହ କମିଟି

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ପୁରୀ ଶ୍ରୀମନ୍ଦିର ଓ କୋଣାର୍କ ଉପରେ କଟୁ ମନ୍ତବ୍ୟ ଦେଇଥିବା ଅଭିଜିତ ଆୟର ମିତ୍ରଙ୍କ ତଦନ୍ତ କରୁଥିବା ବିଧାନସଭା ଗୃହ କମିଟି ବାଚସ୍ପତି ପ୍ରଦୀପ ଅମାତଙ୍କୁ ରିପୋର୍ଟ ପ୍ରଦାନ କରିଛି। ଶୁକ୍ରବାର ହଇଗୋଳ ଯୋଗୁ ଗୃହ ଚାଲିପାରି ନ ଥିଲା। ଫଳରେ ଗୃହରେ ଏହାକୁ ଉପସ୍ଥାପନ କରାଯାଇପାରି ନ ଥିଲା। ଶନିବାର ରିପୋର୍ଟ ଗୃହରେ ଉପସ୍ଥାପନ କରାଯିବ। ରିପୋର୍ଟର ନିର୍ଯାସ ଉପରେ ନିର୍ଭର କରୁଛି ଆୟରଙ୍କ ଭାଗ୍ୟ। ତେବେ ମିଳିଥିବା ସୂଚନା ଅନୁଯାୟୀ, ଆୟରଙ୍କ ମନ୍ତବ୍ୟକୁ କମିଟି ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛି। ଆୟର ଗୃହର ସ୍ୱାଧିକାର ଭଙ୍ଗ କରିଛନ୍ତି। ବିଧାନସଭାରେ ବ୍ୟକ୍ତିଗତ ଭାବେ ହାଜର ହୋଇ କ୍ଷମା ପ୍ରାର୍ଥନା କରିବାକୁ କମିଟି ସୁପାରିସ କରିଥିବା ସୂଚନା ମିଳିଛି। ରିପୋର୍ଟକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି। ଗୃହ କମିଟି ନିକଟରେ ଆୟର ଦୁଇଥର ହାଜର ହୋଇ ନିଜ ଦୋଷ ସ୍ୱୀକାର କରିବା ସହ ସତ୍ୟପାଠ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଆୟରଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଗତ ବିଧାନସଭାରେ ତୁମ୍ବିତୋଫାନ ହୋଇଥିଲା। ଓଡିଶା ପୋଲିସର ଅନୁରୋଧ କ୍ରମେ ଦିଲ୍ଲୀ ପୋଲିସ ସେପ୍ଟେମ୍ବର ୨୦ ତାରିଖରେ ଆୟରଙ୍କୁ ଗିରଫ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ଦଳଗତ ନିର୍ବିଶେଷରେ ଗତ ମୌସୁମୀ ଅଧିବେଶନରେ ତାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ଏ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରାଯାଇଛି। ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି। ଅକ୍ଟୋବର ୧୭ ତାରିଖରେ ଆୟର ନିଜ ଭୁଲ୍ ପାଇଁ ପୁଣି ଇ-ମେଲ୍ ଜରିଆରେ ବାଚସ୍ପତିଙ୍କୁ କ୍ଷମା ମାଗିଥିଲେ। ଏ ନେଇ ସେ ବିଧାନସଭା ଗୃହ କମିଟିକୁ ମଧ୍ୟ ଜଣାଇଥିଲେ।

**ଆଜି ବିଧାନସଭାରେ ଉପସ୍ଥାପନ ହେବ ରିପୋର୍ଟ**





ଶୀତ ଅଧିବେଶନ ଆରମ୍ଭ: ବିଧାନସଭାରେ ପ୍ରବେଶ କରୁଛନ୍ତି ବାମରୁ ବାଚସ୍ପତି ପ୍ରଦୀପ ଅମାତ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ର।

# ଶାସକ ଦଳକୁ ଘେରିବାକୁ ଭାଜପାର ରଣନୀତି

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ବିଧାନସଭା ଶୀତ ଅଧିବେଶନରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଭାଜପା ନେତାମାନେ ଶାସକ ଦଳକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ବିଧାନସଭାର ଆରମ୍ଭ ଦିନ ଅପରାହ୍ନରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂ ଦେଓଙ୍କ ନେତୃତ୍ୱରେ ବସିଥିବା ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ବୈଠକ ଶେଷରେ ଦଳର ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ରବି ନାୟକ କହିଛନ୍ତି ଯେ, ଗୃହରେ ଚାଷୀ ସମସ୍ୟାକୁ ଜୋର୍‌ଦାର ଭାବେ ଉଠାଯିବ। ମରୁଡ଼ି ପରିସ୍ଥିତି, ଚକଡା ପୋକ ପାଇଁ ଚାଷୀମାନେ ବହୁ କ୍ଷତି ସହିଛନ୍ତି। ପଶ୍ଚିମ ଓଡିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ କୋର୍ଟ ଅଢେଇ ମାସ ଧରି ବନ୍ଦ ରହିବା, ବ୍ରହ୍ମ ବିଭ୍ରାଟ, ରତ୍ନଭଣ୍ଡାର ଚାବି ହଜିବା, ପିସି କାରବାର ବ୍ୟାପକ ହେବା, ତିତ୍‌ଲିର କ୍ଷୟକ୍ଷତି ଏବଂ ସରକାର ସଚେତନ ନ ଥିବାରୁ ୭୦ରୁ ଅଧିକ ଜୀବନ ହାନି ହେବା, ଆମ ଗାଁ ଆମ ବିକାଶରେ ସରକାର ଲୋକଙ୍କୁ ଦେଉଥିବା ମିଥ୍ୟା ପ୍ରତିଶ୍ରୁତି, ବିଜୁ ଯୁବ ବାହିନୀର ଗୁଣ୍ଡାରାଜ, ବିଜୁ ସ୍ୱାସ୍ଥ୍ୟ ଯୋଜନାର କାର୍ଯ୍ୟକାରିତାକୁ ନେଇ ଉଠିଥିବା ପ୍ରଶ୍ନ, ମେକ୍ ଇନ ଓଡିଶା କନକ୍ଲେଭରେ ଓଡିଆ ଶିଳ୍ପ ଉଦ୍ୟୋଗୀମାନଙ୍କୁ ଅଣଦେଖା କରିବା, ରାଜ୍ୟରେ ବେକାରି ଯୁବକ ଯୁବତୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଦି ପ୍ରସଙ୍ଗ ଗୃହରେ ଜୋର୍‌ଦାର ଭାବେ ଉଠାଯିବ। ସରକାର ନୂଆ ନିଯୁକ୍ତି ସୃଷ୍ଟି ନ କରିବା ଭଳି ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବ ବୋଲି ରବି ନାଏକ ସୂଚନା ଦେଇଛନ୍ତି। ମୃତ୍ୟୁପରେ ମହାପ୍ରୟାଣ ଗାଡି ଅଭାବରୁ କାନ୍ଧରେ ଶବ ବୁହା ହେବା ଘଟଣା ଅତ୍ୟନ୍ତ ଲଜ୍ଜାଜନକ। ଏହା ସତ୍ତ୍ୱେ ସରକାର କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରୁନାହାନ୍ତି। ଖାଦ୍ୟ ସୁରକ୍ଷା ଯୋଜନା ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ସୁବିଧା ଦେବାରୁ ବଞ୍ଚିତ କରାଯାଉଛି, ହାତୀ ଏବଂ ବାଘ ସଂଖ୍ୟା କମିବା ତଥା ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାରେ ସରକାରଙ୍କ ଆନ୍ତରିକତା ନ ଥିବା, ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ନ ପାରିବା, ଆଦିବାସୀମାନଙ୍କୁ ପ୍ରୋତ୍ସାହନ ନ ଦେବା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଚଳିତ ବିଧାନସଭାରେ ଶାସକ ଦଳକୁ ଭାଜପା ଘେରିବ ବୋଲି ସେ କହିଛନ୍ତି।

**ଭାଜପା ବିଧାୟକ ଦଳ ବୈଠକ**




# ୩୪,୬୫୧ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ରାଜ୍ୟରେ ୩୪,୬୫୧ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ସେଥିମଧ୍ୟରୁ ୧୩,୫୬୬ କେନ୍ଦ୍ରରେ ଗୃହ ନିର୍ମାଣାଧୀନ ରହିଛି। ସେହିପରି ୧୨,୧୫୬ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦିଆଯାଇଛି। ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବିଧାନସଭାରେ ପ୍ରଦାନ କରିଥିବା ଉତ୍ତରରେ ଉପରୋକ୍ତ ତଥ୍ୟ ଉଲ୍ଲେଖ କରିଛନ୍ତି। ଶାସକ ଦଳ ସଦସ୍ୟା ତଥା ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ପ୍ରଶ୍ନରେ ମନ୍ତ୍ରୀ ସାମଲ ଶୁକ୍ରବାର ଗୃହରେ ଲିଖିତ ଭାବେ ଏହି ଉତ୍ତର ରଖିଛନ୍ତି। ଉପରୋକ୍ତ ଗୃହକୁ ବାଦ୍ ଦେଇ ୮୯୨୯ କେନ୍ଦ୍ର ଗୃହ ନିର୍ମାଣ ପାଇଁ ଗ୍ରାମାଞ୍ଚଳରେ ଏମ୍‌ଜିଏନ୍‌ଆରଇଜିଏସ୍ ସହାୟତା ଏବଂ ନଗରାଞ୍ଚଳରେ ରାଜ୍ୟ ସରକାରଙ୍କ ପାଣ୍ଠିରୁ ଗୃହ ନିର୍ମାଣ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଜିଲାରେ ଡିଏମ୍‌ଏଫ ପାଣ୍ଠିରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଥିବା ଜଣାପଡିଛି। ଜିଲାୱାରି ଅନୁଧ୍ୟାନ କଲେ କେବଳ ଗଞ୍ଜାମ ଜିଲାରେ ୨୯୬୪ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଏହାଛଡା ବାଲେଶ୍ୱର ୨୮୪୫, କଟକ ୨୩୨୫, ପୁରୀ ୧୯୮୭, ଯାଜପୁର ୧୯୮୨ ଏବଂ ସୁନ୍ଦରଗଡ ଜିଲାର ୧୩୨୨ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ମାଲକାନଗିରି ଜିଲାରେ ସର୍ବନିମ୍ନ ୭୮ଟି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ଜଣାପଡିଛି।





## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରଲି
ପରିବାରବର୍ଗ


ରିୟାନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### automobile

**SALE**

Bolero Plus, Swft Dzire, Indigo, Verna, Scropio, Tata Ace, Magic, Maximo Dala, Passenger. 9853020992. D-58009

### real estate

**SALE**

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

Booking flats 2BHK, 3BHK in 1160 sqft. and 1320 sqft. Patrapada BMC Mall 3500/- sft. Broker Excuse. 9176647692. D-9228

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଛି। First possession then registration. 8847851850. D-64362

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs Contact: 9937059891, 9348253463, 8908292617.** D-9483

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-9482

1BHK, 2BHK, 3BHK approved flats at Hitech Heaven near Godiapokhari Chowk, Bhubaneswar. 9937927876, 9937494527. D-9409

**Residential plots at Atala, Balianta immediate possession, registration. Contact: 9437147826.** D-9465

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

ସୁନ୍ଦରପଦା କୁହା ମୌଜାରେ ଘରବାଡି ପାଚେରି ପ୍ଲଟ୍ ବିକ୍ରିହେବ। 9439364818, 9337766961. D-9148

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

Electric, water supply ସହିତ yellowzone ଘରବାଡି ପ୍ଲଟ୍ available near Pahala, 500 mtr. from NH- 16. 8117074692, 7991080015. D-9472

**Limited gharabadi plot at Pahal 20,00,000/-, Balianta 13,00,000/-. Ready for construction: 9040059669.** D-65065

### construction

For construction of residential/ commercial buildings. Please contact: 7008268129, 9439143273. D-62139

### to-let

Flat for rent residence in BJB Nagar 3BR 2nd floor with garage. Contact: 9937203178. D-62136

For office at Saheednagar near Saheed Sporting Club. Contact: 8249559413. D-9478

DESK rented-shared office space available for startup business. No Security. Rent starts Rs. 1800/- monthly, location- Samantarapur, Bhubaneswar. M: 6309629747. D-9447

2000 sqft. ground floor house available for office/ godown at Sisupal Chhaka main road side. Contact: 9438303202. D-62138

### education

Admission open. Medical Registration, BAMS, BHMS, BUMS, D.Pharma, Nursing. Contact: 9893869473. D-65175

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### astrology

Lab certified ରାଶିରତ୍ନ, ୧-୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

### LOST

Original share certificate of company KEC International Ltd. has been lost, if found contact below. Details of share certificate: Folio No.- 00005461, Name of share holder- Pranati Mohanty, Certificate No.- 8931, Distinctive Nos.- 9672981- 9673130, No. of shares- 150, Pranati Mohanty. M: 9938614591. D-9473

I Sri Ajit Kumar Nayak, S/o- Nrusingha Charan Nayak, Village/Po- Khirosorasada, Dist.- Jajpur lost original ROR of Khata No.- 453/1346, Plot No.- 990/3105 Sale Deed No.- 4111 Dt. 21.04.2006, conveyance Deed No.- 9005 Dt.- 28.08.2005 of Mauza Jayadev Vihar while travelling Mastercanteen to A.G. Dt.- 27.11.2016. No transaction to be intertient on the above document. D-9464

### AFFIDAVIT

I Sasmita Mohanty, D/o- Surendra Kumar Mohanty resident of Plot No.- 1130/ 1131, Satabdi Nagar, Unit- VIII, Baramunda, Bhubaneswar 751003, Odisha changed my name to Sushmita Mohanty vide affidavit dated 16.11.2018. D-9477

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



(ରାଲି)
**ଗରିମା ମହାପାତ୍ର**
ହରଚଣ୍ଡୀ ସାହି, ପୁରୀ- (୧)

ଆଜି ତୋର ତୃତୀୟ ଜନ୍ମବାର୍ଷିକରେ ଜଗତରନାଥ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବାବା, ବୋଉ, ଅଜା, ଆଈ, ନନା, ବୋଉ, ବଡମାମୁ, ସାନମାମୁ, ପିଉସା, ପିଉସୀ, ଆବାଇ, ଦଦେଇ, ଦେଠେଇ, ଲିପୁନ୍, ସତ୍ୟମ୍, ସ୍ୱୟଂ, ଦିଶା, ଟୁକୁଲୁ, ପାପା, ମାମା, ବନ୍ଧୁ ଓ ପରିବାରବର୍ଗ। ଧ-୬୭୭୩୯

### ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



(ସିଣ୍ଟୁ)
**ସିଦ୍ଧାର୍ଥଶଙ୍କର ଦାଶ**
ଗ୍ରାମ- କେନ୍ଦୁପାଲି, ପୋ-ଗୋଡଭଗା, ଜି- ବରଗଡ଼
ବର୍ତ୍ତମାନ ଠିକଣା- ଗ୍ରା/ପୋ- ଡକରା, ଭାୟା- ଧମା, ଜି- ସମ୍ବଲପୁର

ମାଁ ବହଲମୁଡିଏନ, ଦୁର୍ଗାଦେବୀ ଏବଂ ବଡଲୋକଙ୍କର ଆଶୀର୍ବାଦ ସଦାସର୍ବଦା ରହିଥାଉ। ତୋର ଚଲାପଥ ସଦାସର୍ବଦା ପୁଷ୍ପମଣ୍ଡିତ ହେଉଥାଉ। ଏତିକି ଭଗବାନଙ୍କ ଠାରେ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ଦାଦା, ମାମା, ବାପା, ମାଁ, ବାବୁ ବାପା, ବୀରେନ ପିୟୁସା, ମିନିଝିଅ, ପ୍ରଶାନ୍ତ ପିୟୁସା, ବେବି ଝିଅ, ଶୁଭମ୍ ଦାଦା, ଆକାଂକ୍ଷା ନାନି, ଆଲିଶା ନାନି, ଆରିୟନ୍ତ ଦାଦା, ସ୍ନେହର ସିଦ୍ଧିନାନି ଓ ଦାଶ ପରିବାରବର୍ଗ। ଧ-୬୨୪୫୯

### 1st Birthday Wish




(Bubo)
**Riyansh Das**
Pandra, BBSR

ରିୟାନ୍ସର ପ୍ରଥମ ଶୁଭ ଜନ୍ମଦିନରେ ଆମେ ସପରିବାର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ନୀରୋଗ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ବାପା, ବୋଉ, ଦାଦା, ମାମୁ, ମାଇଁ, ମାଉସୀ, ଦୀପୁ, ପୂଜା, ଗୁଡ୍ଡୀ, ଗୁଲ୍ଲୁ ଓ ଅନ୍ୟମାନଙ୍କ ତରଫରୁ ଅଶେଷ ଅଶେଷ ଆଶୀର୍ବାଦ। ଧ-୯୪୬୩

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ପ୍ରଥମ ବାର୍ଷିକଶ୍ରାଦ୍ଧ



**ସ୍ୱର୍ଗତା ସୁମିତ୍ରା ପୃଷ୍ଟି**
ସ୍ୱାମୀ- ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୃଷ୍ଟି
କର୍ତ୍ତିଲେନ୍, ଦୋଳମଣ୍ଡପ ସାହି, ପୁରୀ
ଜନ୍ମ: ଅକ୍ଷୟ ତୃତୀୟା ୧୯୨୩
ମୃତ୍ୟୁ: ୧୭।୧୧।୨୦୧୭

'ନ ତ୍ୱେ ବାହଂ ଜାତୁନାସଂ ନ
ତ୍ୱଂ ନେମେ ଜନାଧିପାଃ।
ନ ଚୈବ ନ ଭବିଷ୍ୟାମଃ
ସର୍ବେ ବୟମତଃ ପରମ୍।।'

ମା' ତୋର ଅପାର କରୁଣା ଜନ୍ମ ଜନ୍ମାନ୍ତରେ ଆମମାନଙ୍କ ଉପରେ ଥାଉ। ପୁତ୍ର- ଶିବଦତ୍ତ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର, ପ୍ରତାପରୁଦ୍ର, କନ୍ୟା- ଲକ୍ଷ୍ମୀ ଓ କିରଣବାଳା ପୃଷ୍ଟି। ଧ-୯୪୦୦

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା କ୍ଷୀରୋଦବାଳା ପଟ୍ଟନାୟକ**
ତମାଣ୍ଡୋ, ଭୁବନେଶ୍ୱର
ଧରାବତରଣ: ତା. ୧୫।୦୪।୧୯୪୫
ସ୍ୱର୍ଗାରୋହଣ: ତା. ୦୭।୧୧।୨୦୧୮
(ଦୀପାବଳି)

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ନିମନ୍ତେ ପରମକାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ସ୍ୱାମୀ- ବିଭୂତିଭୂଷଣ, ପୁତ୍ର- ସୁକାନ୍ତ, ପୁତ୍ରବଧୂ- ରଞ୍ଜିତା, ନାତି- ଚନ୍ଦନ, ନାତୁଣୀ- ସୋମା, ଟୁଇଁକିଲ, ଭଣଜା- ବୁବୁଲ୍, ଭଣଜାବୋହୂ- ସନ୍ଧ୍ୟା, ଜ୍ଞାତିକୁଟୁମ୍ବ, ବନ୍ଧୁ ଓ ଶୋକସନ୍ତପ୍ତ ପରିବାରବର୍ଗ। ଧ-୬୦୯୩୦

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ପ୍ରାଚୀ ପଟ୍ଟନାୟକ**
ଆବିର୍ଭାବ: ୧୨।୦୩।୧୯୭୭
ତିରୋଧାନ: ୦୬।୧୧।୨୦୧୮

ତୁମର ଅମର ଆତ୍ମା ଆରପାରିରେ ଚିରଶାନ୍ତି ଲାଭକରୁ, ଏହା ହିଁ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ମା, ବାବି, ବାବୁ, ରୀନା, ରିସୁ, ଆଶୁ, ଶୋଭନ, ସାଙ୍ଗସାଥୀ ଓ ପରିବାରବର୍ଗ। ଧ-୬୪୬୩୯

### ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବିପିନ୍ ବିହାରୀ ମହାନ୍ତି**
ତିରୋଧାନ: ଅଁଳାନବମୀ- ୨୦୦୨

ବାପା ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ଆପଣଙ୍କର ପିଲାମାନେ- ବାପୁନ, ଦୀପୁ, ଲିପା, ମାନା, ବିଚି, ଶିବ। ଧ-୯୪୩୮

### ଜନ୍ମଦିନ ଶୁଭେଚ୍ଛା



(ମାମା)
**ଦୀପ୍ତିମୟୀ ମହାନ୍ତି**
ଗୁରୁଡିଝାଟିଆ, କଟକ

ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ କରନ୍ତୁ ତୁମ ଜୀବନ ହସଖୁସି, ଧନଧାନ୍ୟରେ ଭରିରହୁ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ବାପା, ବୋଉ, ମଉସା, ମାଉସୀ, ପିଉସା, ପିଉସୀ, ମାମୁ, ମାଇଁ, କାହ୍ନା, ସୋନି, ଦାଦା, ଖୁଡୀ, ସମସ୍ତ ପରିବାରବର୍ଗ ଏବଂ ବନ୍ଧୁମାନେ। ଧ-୯୪୮୫


# ଆନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ମୟୂରଭଞ୍ଜର ଡାଇନିଂ ଟେବୁଲକୁ ପ୍ରଶଂସା

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ସବାଇଘାସରୁ ପ୍ରସ୍ତୁତ କରାଯାଇଥିବା ଡାଇନିଂ ଓ ଚୌକିକୁ ଉଚ୍ଚପ୍ରଶଂସା କରାଯାଇଛି। ଦିଲ୍ଲୀସ୍ଥିତ ପ୍ରଗତି ମଇଦାନରେ ଗତ୧୪ରୁ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡିଶା ପକ୍ଷରୁ ନବରଙ୍ଗପୁର ଜିଲାର ଜନଜାତିମାନଙ୍କ ଅଳଙ୍କାର, ଖୋର୍ଦ୍ଧାର ଟେରାକୋଟା ଓ ଗରମ ପୋଷାକ, ପୁରୀର ପଟ୍ଟଚିତ୍ର ଓ ଚାନ୍ଦୁଆ, ଢେଙ୍କାନାଳର ଡୋକ୍ରା, କେନ୍ଦ୍ରାପଡାର କାଇଞ୍ଚ ମାଳି, କଟକର ତାରକସୀ କାମ ସମେତ ଉତ୍କଳିକା ଓ ବୟନିକା ପ୍ରଭୃତିର ଷ୍ଟଲ ଖୋଲାଯାଇଛି। ଭାରତର ଗ୍ରାମୀଣ ଉଦ୍ୟୋଗ ବିଷୟବସ୍ତୁ ନେଇ ଆରମ୍ଭ ହୋଇଥିବା ଏହି ମେଳାରେ ଓଡିଶା ପକ୍ଷରୁ ୧୫୬ ବର୍ଗମିଟର ସ୍ଥାନରେ ଖୋଲାଯାଇଥିବା ଦୁଇଟି ସୁଦୃଶ୍ୟ ମଣ୍ଡପରେ ରାଜ୍ୟ କୋଣ-ଅନୁକୋଣରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଗ୍ରାମୀଣ ପଦାର୍ଥ ପ୍ରଦର୍ଶିତ କରାଯାଇଛି। ପ୍ରଗତି ମଇଦାନ ପରିସରରେ ଥିବା ହଲ୍ ନମ୍ବର ୧୨ରେ ସମସ୍ତ ରାଜ୍ୟ ମଣ୍ଡପ ସ୍ଥାନ ପାଇଛି। ଶୁକ୍ରବାର ବାଣିଜ୍ୟ ମେଳାର ଆୟୋଜକ ଆଇଟିପିଓ ପକ୍ଷରୁ ଆସିଥିବା ବିଚାରକ ମଣ୍ଡଳୀ ପକ୍ଷରୁ ମୟୁରଭଞ୍ଜ ଜିଲାର ସବାଇଘାସରୁ ପ୍ରସ୍ତୁତ ଡାଇନିଂ ଟେବୁଲ ଓ ଚୌକିକୁ ଉଚ୍ଚପ୍ରଶଂସା କରିଛନ୍ତି। ଏହି ସଂସ୍ଥାକୁ ଓର୍‌ମାସ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି।

# ଅଭିନବ ଉପାୟରେ ବୃଦ୍ଧାଙ୍କଠାରୁ ଅଳଙ୍କାର ଲୁଟ୍

ରାଉରକେଲା ଅଫିସ,୧୬।୧୧

ସହର ମୁଖ୍ୟ ମାର୍ଗ ହରିୟାଣା ଭବନ ନିକଟରେ ରହୁଥିବା ଜଣେ ୭୫ ବର୍ଷୀୟା ବୃଦ୍ଧାଙ୍କଠାରୁ ୩ଜଣ ଦୁର୍ବୃତ୍ତ ଅଭିନବ ଉପାୟରେ ପ୍ରାୟ ୩ଲକ୍ଷ ଟଙ୍କା ମୂଲ୍ୟର ସୁନାଗହଣା ଲୁଟି ନେଇଥିବା ପ୍ଲାଣ୍ଟସାଇଟ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନାନୁସାରେ ସୁରଜଦେବୀ ଅଗ୍ରୱାଲ (୭୫) ନାମକ ଏହି ବୃଦ୍ଧା ପ୍ରତିଦିନ ଭଳି ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ନିକଟସ୍ଥ ତାରିଣୀ ମନ୍ଦିରକୁ ଦର୍ଶନ କରିବାକୁ ଆସି ଘରକୁ ଫେରୁଥିଲେ। ଏତିକି ବେଳେ ୩ ଯୁବକ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ନିଜକୁ ପୋଲିସ ପରିଚୟ ଦେଇ ବେକ, ହାତରେ ଏତେ ମୂଲ୍ୟବାନ ସୁନା ଅଳଙ୍କାର କାହିଁକି ପିନ୍ଧିଛ ବୋଲି ବୃଦ୍ଧାଙ୍କୁ ତାଗିଦ୍ କରିଥିଲେ। ସବୁ ସୁନାକୁ କାଗଜରେ ମୋଡ଼ି ପାଖରେ ରଖିବାକୁ ପରାମର୍ଶ ଦେଇଥିଲେ। ଦେହରୁ ତୁରନ୍ତ ଅଳଙ୍କାର ଖୋଲିବାକୁ କହିଥିଲେ। ବୃଦ୍ଧା ଜଣକ ପିନ୍ଧିଥିବା ସୁନା ଚେନ୍ ଓ ହୀରା ଖଚିତ ଚୁଡ଼ି ଓହ୍ଲାଇ ଗୋଟିକ ପରେ ଗୋଟିଏ ସମ୍ପୃକ୍ତ ଯୁବକଙ୍କ ହାତକୁ ଧରାଇ ଦେଇଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ଅଳଙ୍କାର ଭର୍ତ୍ତି କାଗଜ ପୁଡ଼ିଆ ହାତେଇ ନେଇଥିଲେ। ବଦଳରେ ବୃଦ୍ଧାଙ୍କ ହାତରେ ଅନ୍ୟ ଏକ କାଗଜ ପୁଡ଼ିଆ ଧରାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ମନରେ ସନ୍ଦେହ ହେବାରୁ କେଇପାଦ ଆଗକୁ ଯାଇ ବୃଦ୍ଧା କାଗଜ ପୁଡ଼ିଆ ଖୋଲିବା ପରେ ସେଥିରେ କେବଳ ତାର ମୋଞ୍ଚାଏ ଥିବା ଦେଖିବାକୁ ପାଇଥିଲେ। ସେ ତୁରନ୍ତ ଘରେ ପହଞ୍ଚି ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ପରିବାର ଲୋକେ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆନ୍ଧ୍ରକୁ ସିବିଆଇ ...

ସଂସ୍ଥାଗୁଡ଼ିକୁ ବ୍ୟବହାର କରୁଥିବା ଦଳର ଅଧକ୍ଷ ଚନ୍ଦ୍ରାବାବୁ ଅଭିଯୋଗ କରିଆସୁଛନ୍ତି। ପ୍ରକାଶ ଯେ, କିଛି ସପ୍ତାହ ହେଲା କେତେଜଣ ଟିଡିପି ନେତାଙ୍କ ଘରେ ଓ ଅଫିସ୍‌ରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। କେନ୍ଦ୍ର ସରକାର ସେମାନଙ୍କ ବିରୋଧରେ ସିବିଆଇକୁ ବ୍ୟବହାର କରିପାରନ୍ତି ବୋଲି କେତେଜଣ ଟିଡିପି ନେତା ମଧ୍ୟ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହାବାଦ୍ ଚନ୍ଦ୍ରାବାବୁ ଏବେ ବିରୋଧୀ ଦଳଗୁଡ଼ିକୁ ଏକାଠି କରି ଭାଜପା ବିରୋଧରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ଉଦ୍ୟମ କରୁଛନ୍ତି। ତେଣୁ ବିରୋଧୀଙ୍କ ବିପକ୍ଷରେ ମୋଦି ସରକାର ସିବିଆଇକୁ ଅସ୍ତ୍ର ଭାବେ ବ୍ୟବହାର କରିପାରନ୍ତି ବୋଲି ଚନ୍ଦ୍ରାବାବୁ କହିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଆନ୍ଧ୍ରର ଟିଡିପି ସରକାର ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।

### ଦେବାଶିଷଙ୍କ ସହ ...

ଆଇନଜୀବୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ପରେ ଦେବାଶିଷଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ତଥା ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର ଓ ପ୍ରତିପକ୍ଷ ସରକାରୀ ଓକିଲଙ୍କ ଯୁକ୍ତି ଶୁଣିବା ପରେ ୨୦ ହଜାର ଟଙ୍କାର ୨ ଜଣ ଜାମିନ୍‌ଦାରଙ୍କ ବଳରେ ଜାମିନ୍ ମଞ୍ଜୁର ହୋଇଥିବା ଜଣାଯାଇଛି। ଦେବାଶିଷଙ୍କ ସହ ଅନ୍ୟମାନଙ୍କ ନାମରେ କେନ୍ଦୁଝର ଜିଲା କୋର୍ଟରେ ଏକ ମାମଲା (ନଂ.୫୮/୨୦୧୮)ର ବିଚାରାଧୀନ ରହିଥିବାରୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସେମାନଙ୍କୁ ଜିଲା ବିଚାର ବିଭାଗୀୟ ହାଜତରେ ରହିବାକୁ ପଡ଼ିବ ବୋଲି ଜଣାପଡିଛି। ସେପ୍ଟେମ୍ବର ୬ ତାରିଖରେ ଘସିପୁରା ବସଷ୍ଟାଣ୍ଡ ପରିସରରେ ଆନନ୍ଦପୁରର ପୂର୍ବତନ ପୌର ଉପାଧକ୍ଷ ସୁରେଶଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ଘସିପୁରା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଦେବାଶିଷଙ୍କୁ ପୋଲିସ ଗିରଫ କରିଥିଲା। ପରେ ଅନ୍ୟମାନେ ଥାନାରେ ଆତ୍ମସମର୍ପଣ କରିଥିଲେ।

### ବିଧାନସଭାରେ ...

ପୂର୍ବତନ ସଦସ୍ୟ ବଂଶୀଧର ସାହୁ, ୨୯ ଆସାମ ରାଇଫଲର ପୂର୍ବତନ ରାଇଫଲ ମ୍ୟାନ୍ ଚମ୍ପେଶ୍ୱର ମହାକୁଡ଼, ସିଆରପିଏଫ୍ ପୂର୍ବତନ ଡ୍ରାଇଭର ବ୍ରଜମୋହନ ବେହେରା ଏବଂ ଦୂରଦର୍ଶନର ପୂର୍ବତନ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ଗୃହରେ ଶୋକ ପ୍ରସ୍ତାବ ଆଗତ କରିବା ସହ ସ୍ୱର୍ଗତ ସଦସ୍ୟ, ଯବାନ ଓ କ୍ୟାମେରାମ୍ୟାନଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ନିଜର ସମବେଦନା ଜଣାଇଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ପୂର୍ବତନ ସଦସ୍ୟ ଏବଂ ଯବାନଙ୍କ ବିୟୋଗରେ ଶୋକପ୍ରକାଶ କରିଥିଲେ। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ୧୩ ମିନିଟ ପର୍ଯ୍ୟନ୍ତ ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜି ରାହୁଙ୍କ ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ ଅର୍ଥ, ସାମାଜିକ ସମ୍ମାନ ଆପଣଙ୍କୁ ଶାନ୍ତି ଦେଇପାରିବ ନାହିଁ। ଅବଶ୍ୟ ଦ୍ୱିଜା ନକ୍ଷତ୍ର ଗତ କିଛିଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ତଥା ନୂତନ କର୍ମାରମ୍ଭ ପ୍ରଭୃତିରେ ସୁଫଳ ପାଇବେ।

**ବୃଷ** — ରବି ଦେବଗୁରୁଙ୍କ ସାନ୍ନିଧ୍ୟରେ ଓ ନକ୍ଷତ୍ରସ୍ଥ ହେତୁ ଯାହା ପାଇବା କଥା ତାହାକୁ କେହି ଅଟକାଇ ରଖିପାରିବେ ନାହିଁ। କିନ୍ତୁ କୃତ୍ତିକା ନକ୍ଷତ୍ରର ଶାରୀରିକ ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ ଓ ବ୍ୟବସାୟ, ପରିବହନ ତଥା ଲେଖାପଢ଼ା କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** — ରାଶ୍ୟାଧିପ ବୁଧ ସ୍ୱନକ୍ଷତ୍ରସ୍ଥ ହେତୁ ଋଣ ପରିଶୋଧ, ଶତ୍ରୁତାର ସମାଧାନ, ଦୂରଯାତ୍ରା, ନୂତନ ନିଯୁକ୍ତିର ସୂଚନା ମଧ୍ୟ ପାଇପାରନ୍ତି। କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଗତକାଲିର ଅଟକି ରହିଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟ ଆଜି ସାହାଯ୍ୟ ଲାଭକରି କିଛି ଅଂଶରେ ବଢିଚାଲିବ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଉନ୍ନତି କରି ଖୁସି ହେବେ।

**କର୍କଟ** — ଶୁକ୍ରଗ୍ରହ ସ୍ୱଗୃହୀ ହୋଇ କେନ୍ଦ୍ରସ୍ଥ କାରଣରୁ ପାରିବାରିକ ଜୀବନ ହସଖୁସିରେ ଅତିବାହିତ ହେବ। ଅତୀତ କଥାକୁ ଚିନ୍ତା କରି ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ସ୍ଥଗିତ ରହିଯାଇପାରେ।

**ସିଂହ** — ବଳହୀନ ରବି କେନ୍ଦ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟର କ୍ରମ ଅବନତି ସାଙ୍ଗକୁ ପାରିବାରିକ ଜୀବନରେ ଅଶାନ୍ତିର ଝଲକ ଦେଖିପାରନ୍ତି। ଆର୍ଥିକ ଅନଟନ ମଧ୍ୟରେ ଅର୍ଣନିଃଶ୍ୱାସୀ ହେବେ, କିନ୍ତୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇବେ। କ୍ରୀଡା, କଳା, ସାହିତ୍ୟ, ସାମ୍ବାଦିକତା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** — ଶନି ପାପଗ୍ରହ କେତୁ ନକ୍ଷତ୍ରସ୍ଥ ହୋଇ କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ପ୍ରଭାବିତ କରିବ। ଫଳରେ କାର୍ଯ୍ୟହାନି ସାଙ୍ଗକୁ ମନସ୍ତାପ ମଧ୍ୟରେ ଅଧିକାଂଶ ସମୟ ଅତିବାହିତ ହେବ। ଦୂରଯାତ୍ରା କରିବାକୁ ପଡ଼ିପାରେ। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** — ସମସ୍ୟା ରହିଥିଲେ ମଧ୍ୟ ଦୈହିକ ସୁସ୍ଥତା ଓ ଭୋଗବିଳାସ ମଧ୍ୟରେ ଦୁଃଖକୁ ଭୁଲି ଯାଇପାରନ୍ତି। ରାହୁ ଓ କେତୁଙ୍କ ପ୍ରଭାବରେ ସାମୟିକ ଭୁଲ୍ ବୁଝାମଣା କାରଣରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା ,ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** — ଏକାଧିକ ଗ୍ରହ ରାଶିରେ ରହି ବିଭିନ୍ନ କାମରେ ଆପଣଙ୍କୁ ନିଯୁକ୍ତ କରାଇପାରନ୍ତି। ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଅନୁରାଧା ନକ୍ଷତ୍ରର ମନ ଉଦାସ ରହିପାରେ । କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** — ବୃହସ୍ପତି ମନ୍ଦଗ୍ରହ ଶନି ନକ୍ଷତ୍ରସ୍ଥ ପ୍ରତ୍ୟେକ କାମ ଧିମା ଗତିରେ ଆଗକୁ ବଢ଼ିବ। ବନ୍ଧୁଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାଖ ପଡୋଶୀମାନେ କିମ୍ବା ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଅପପ୍ରଚାର ଚଳାଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ମକର** — ଶାରୀରିକ ଓ ମାନସିକ ସୁସ୍ଥତା କାମ କରିବାର ଉତ୍ସାହକୁ ଦ୍ୱିଗୁଣିତ କରିବ। କିନ୍ତୁ ତାହା ସାଙ୍ଗକୁ ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟି କଳ୍ପନା ଓ ଭାବପ୍ରବଣତାରେ ଆପଣଙ୍କୁ ନିମଜ୍ଜିତ କରି ରଖିପାରେ। ଆଶା କରୁଥିବା ଜିନିଷ କିମ୍ବା ଖବର ବନ୍ଧୁଙ୍କ ନିକଟରୁ ପାଇ ଖୁସି ହୋଇପାରନ୍ତି। ଲେଖାପଢ଼ା, କଳା, ସାହିତ୍ୟ, ବ୍ୟବସାୟ ଓ ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ।

**କୁମ୍ଭ** — ରାଶିସ୍ଥ ଦୁଇଟିଗ୍ରହ ପ୍ରଭାବରୁ ଆପଣ ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ଅତି ସୁବିଧାରେ ପାଇଯିବେ। ହଠାତ୍ ଜଣେ ବନ୍ଧୁ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** — ପୂର୍ବାବସ୍ଥା କେତେକାଂଶରେ ଦୂରୀଭୂତ ହୋଇଯିବା କାରଣରୁ ମାନସିକ ସ୍ତରରେ ପ୍ରଫୁଲ୍ଲତା ଅନୁଭବ କରିବେ। କିନ୍ତୁ ଉତରଭାଦ୍ରପଦ୍ ନକ୍ଷତ୍ରର ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି କାର୍ତ୍ତିକ ଶୁକ୍ଳ ପକ୍ଷର ଅଁଳା ନବମୀ ଶନିବାର, ଦିବା ଘ୧୧।୨୭ମି. ଗତେ ଦଶମୀ, ଶ୍ରୀରାଧାଙ୍କ ପାଦ ଦର୍ଶନ, ନଭେମ୍ବର ୧୭ତାରିଖ, ରାଶି ନକ୍ଷତ୍ର -ଶତଭିଷା/କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୨୮ମି. ଗତେ ଘ୮।୫୨ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୨ମି. ଗତେ ଘ୧୦।୧୫ମି. ମଧ୍ୟେ, ଘ୧।୦୩ମି. ଗତେ ଘ୨।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮।୪୫ମି. ଗତେ ଘ୧୦।୦୯ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

### ହାତୀ ଯିବା ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ରାଜ୍ୟର ବିଭିନ୍ନ ବନାଞ୍ଚଳରେ ହାତୀମାନେ ଯିବା ଆସିବା କରୁଥିବା ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଉକ୍ତ ସ୍ଥାନଗୁଡିକ ଦେଇ ଯାଇଥିବା ସମସ୍ତ ବିଦ୍ୟୁତ୍ ସଂଯୋଗ ଲାଇନକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯିବ। ହାତୀମାନେ ଯେପରି ବିନା ବାଧାରେ କୌଣସି ଦୁର୍ଘଟଣାଗ୍ରସ୍ତ ନ ହୋଇ ବିଚରଣ କରିବେ, ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଶକ୍ତି ବିଭାଗ ପକ୍ଷରୁ କୁହାଯାଇଛି। ଏହି ମର୍ମରେ ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବ ସୁରଜିତ ଦାସ ବିଦ୍ୟୁତ୍ ବଣ୍ଟନ କରୁଥିବା ସଂସ୍ଥା(ସେସୁ,ୱେସ୍କୋ,ନେସ୍କୋ,ସାଉଥ୍କୋ) ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଏହି ଘଟଣାକୁ ଗୁରୁତର ଭାବେ ନେବା ସହ ହାତୀ ଚଲାପଥକୁ ବିଦ୍ୟୁତ୍ ଦୁର୍ଘଟଣାମୁକ୍ତ ଅଞ୍ଚଳ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ସହ ସମନ୍ୱୟ ରଖାଯାଇ ବିଦ୍ୟୁତ୍ ସରବରାହ ବନ୍ଦ କରାଯିବ ବୋଲି ଜଣାପଡିଛି। ହାତୀ ଯିବା ପରେ ଠିକ୍ ସୂଚନା ପାଇ ସମ୍ବେଦନଶୀଳ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ଚାଲୁ କରାଯିବାର ମଧ ନିଷ୍ପତ୍ତି ନିଆଯାଇଛି।

### ୧୦ ଡିଗ୍ରୀ ତଳକୁ ଖସିଲା ପାରଦ
### ଫୁଲବାଣୀ ୯.୮ ଡିଗ୍ରୀ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ତଳମୁହାଁ ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୧୪.୬, ସୋନପୁର ୧୪.୬, ଦାରିଙ୍ଗବାଡି ୧୫.୬, ଝାରସୁଗୁଡା ୧୬.୪, କେନ୍ଦୁଝର ୧୫.୯, ସମ୍ବଲପୁର ୧୬.୮, ହୀରାକୁଦ ୧୬.୬, ତାଳଚେର ୧୫.୩, ଭବାନୀପାଟଣା ୧୫, ବଲାଙ୍ଗୀର ୧୬.୨ ଏବଂ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୪.୬ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୦ ତାରିଖ ପରେ ରାଜ୍ୟରେ ଶୀତର ପ୍ରକୋପ ଆହୁରି ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି।

### ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ଦଳିଦେଲା ଦନ୍ତା

**ପରଜଙ୍ଗ, ୧୬।୧୧(ଡି.ଏନ୍.ଏ.)** ଢେଙ୍କାନାଳ ଜିଲା ଡିହଡୋଳ ଫରେଷ୍ଟ ସେକ୍ସନ ଲୋଧଣୀ ପଞ୍ଚାୟତ ପାଳସାହି ଗ୍ରାମର ଚାଷୀ ବାଉରୀ ସାହୁ ଶୁକ୍ରବାର ଭୋରରେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ବାଇଗଣ କିଆରିକୁ ପାଣି ଦେବାକୁ ଯାଇଥିବାବେଳେ ସ୍ତ୍ରୀଙ୍କ ଆଖି ଆଗରେ ଏକ ଦନ୍ତା ତାଙ୍କୁ ଦଳିଦେଇଥିଲା। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ପ୍ରାଥମିକ ପର୍ଯ୍ୟାୟରେ ୪୦ ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରାଯାଇଛି।




■ ରାଜ୍ୟସ୍ତରୀୟ ନବଜାତ ଶିଶୁ ଯତ୍ନ ସପ୍ତାହ ଉଦ୍‌ଘାଟିତ

# ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ହାର ୮୫ ପ୍ରତିଶତ ଟପିଛି

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)**

■ ଏସ୍‌ଏନ୍‌ସିୟୁରେ ଚିକିତ୍ସିତ ହୋଇଛନ୍ତି ୪୬ ହଜାରରୁ ଅଧିକ ଶିଶୁ

■ ୨୦୧୮-୧୯କୁ ନବଜାତ ଶିଶୁ ଯତ୍ନ ବର୍ଷ ଭାବେ ପାଳନ କରାଯିବ

ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର କମାଇବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ ଗତ ୧୦ବର୍ଷ ମଧ୍ୟରେ ଶିଶୁ ମୃତ୍ୟୁହାର ୬୫ ପ୍ରତିଶତରୁ ହ୍ରାସ ପାଇ ୪୦ ପ୍ରତିଶତ ହୋଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ରାଜ୍ୟସ୍ତରୀୟ ନବଜାତ ଶିଶୁ ଯତ୍ନ ସପ୍ତାହ ପାଳନ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଜେନା ଶୁଭାରମ୍ଭ କରି କହିଥିଲେ, ଅପରିପକ୍ୱ ଏବଂ କମ ଓଜନର ଶିଶୁ ଜନ୍ମ ହେବା, ଜୀବାଣୁ ସଂକ୍ରମଣ ଏବଂ ଜନ୍ମ ସମୟରେ ଜଟିଳତା ଏହାର ପ୍ରମୁଖ କାରଣ। ବର୍ତ୍ତମାନ ରାଜ୍ୟରେ ଆନୁଷ୍ଠାନିକ(ସ୍ୱାସ୍ଥ୍ୟକେନ୍ଦ୍ରରେ) ପ୍ରସବ ହାର ୮୫ ପ୍ରତିଶତରୁ ଅଧିକ ହେଲାଣି। ୩୦ ଜିଲାରେ ୩୭ ଏସ୍‌ଏନ୍‌ସିୟୁ କାର୍ଯ୍ୟକ୍ଷମ ହୋଇଛି। ଏଠାରେ ତାଲିମପ୍ରାପ୍ତ ଡାକ୍ତର ଓ ନର୍ସମାନଙ୍କ ଦ୍ୱାରା ଚିକିତ୍ସା କରାଯାଉଛି। ଗତବର୍ଷ ୪୬ ହଜାରରୁ ଊର୍ଦ୍ଧ୍ୱ ଶିଶୁ ଏସ୍‌ଏନ୍‌ସିୟୁରେ ଚିକିତ୍ସିତ ହୋଇଛନ୍ତି। ୨୦୧୮-୧୯ ବର୍ଷକୁ ନବଜାତ ଶିଶୁ ଯତ୍ନ ବର୍ଷ ଭାବେ ପାଳନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସମ୍ମାନିତ ଅତିଥିଭାବେ ବିଭାଗୀୟ ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା ଯୋଗଦେଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁ ବିକାଶର ପ୍ରକ୍ରିୟା ଆରମ୍ଭ ହୋଇଛି ତାହାକୁ ଅଧିକ କ୍ରିୟାଶୀଳ କରି ଆଗେଇ ନେବାକୁ ହେବ ବୋଲି ଡାକ୍ତର ଓ ପାରାମେଡିକ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଶାଳୀନି ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା ଏସ୍‌ଏନ୍‌ସିୟୁରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ନୟାଗଡ, ରାୟଗଡା ଏବଂ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯଥାକ୍ରମେ ପ୍ରଥମ, ୨ୟ ଏବଂ ୩ୟ ପୁରସ୍କାର ପ୍ରଦାନ କରିଥିଲେ। ଘରେ ଜନ୍ମିତ ଶିଶୁମାନଙ୍କ ଯତ୍ନ କ୍ଷେତ୍ରରେ ସୁନ୍ଦରଗଡ ଜିଲାକୁ ପ୍ରଥମ, ସୁବର୍ଣ୍ଣପୁର ଜିଲାକୁ ୨ୟ ଏବଂ ବୌଦ୍ଧ ଜିଲାକୁ ୩ୟ ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ ଗୃହରେ ଉନ୍ନତି ଏବଂ ରାଜ୍ୟ ପ୍ରମାଣୀକରଣ ପାଇଁ କଳାହାଣ୍ଡି ଓ ଢେଙ୍କାନାଳ ଜିଲାକୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଡା. ବି.କେ. ବ୍ରହ୍ମା ଏବଂ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ଲିଙ୍ଗରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଟ୍ରକ୍‌କୁ ଧକ୍କା ଦେଲା କାର

# ୨ ମୃତ, ୩ ଗୁରୁତର

**ଟାଙ୍ଗୀ(କଟକ)୧୬।୧୧(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଛକ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରକ୍‌କୁ ପଛରୁ କାର ଧକ୍କା ଦେଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସାଲାଗି ଗୁରୁତରମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ରାତିରେ ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଘଣ୍ଟୁଆ ଗ୍ରାମର ପୁରୁଷୋତ୍ତମ ଗିରି(୬୦), ପୁତ୍ର କୃଷ୍ଣଚନ୍ଦ୍ର, ସମ୍ପର୍କୀୟ ଝିଅ ଓ ନାତୁଣୀ ଏକ କାରରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଭୋର ସମୟରେ ମଙ୍ଗୁଳି ଛକ ଅତିକ୍ରମ କରିବାବେଳେ ଚାଳକଙ୍କ ଅସାବଧାନତା ଯୋଗୁ କାରଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲା। ଫଳରେ ପୁରୁଷୋତ୍ତମ ଓ କାର ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ଜଣ ଗୁରୁତର ହୋଇଥିଲେ। ଖବରପାଇ ଟାଙ୍ଗୀ ପୋଲିସ ଓ ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ପରେ ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ଜବତ କରିବା ସହ ଏକ ମାମଲା(ନଂ.୨୧୩/୧୮)ରୁଜୁକରି ତଦନ୍ତ ଆରମ୍ଭ କରିଥିବାଥାନାଅଧିକାରୀବିମଳକୁମାରବାରିକକହିଛନ୍ତି।




■ ସାତକୋଶିଆରେ ମହାବଳ ମହାବୀର ମୃତ୍ୟୁ ଘଟଣା

# ଘଟଣାସ୍ଥଳରେ ଏନ୍‌ଟିସିଏ, ଡବ୍ଲ୍ୟୁଆଇଆଇ ବିଶେଷଜ୍ଞ



ବନ ବିଭାଗ ବଙ୍ଗଳାରେ ଏନ୍‌ଟିସିଏ ଆଇଜି ଓ ଡବ୍ଲ୍ୟୁଆଇଆଇ ବିଶେଷଜ୍ଞ।

**ବନ୍ତଲା, ୧୬।୧୧ (ଡି.ଏନ.ଏ.)**

■ ତଦନ୍ତ ସହ ଅଭୟାରଣ୍ୟବାସୀଙ୍କ ମତ ନେବେ

■ ଏନ୍‌କ୍ଲୋଜରରେ ସୁସ୍ଥ ଅଛି ବାଘୁଣୀ ସୁନ୍ଦରୀ

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ କାହ୍ନାରୁ ଆସିଥିବା ମହାବଳ ମହାବୀର ମୃତ୍ୟୁ ଘଟଣାର ଅନୁଧ୍ୟାନ ଆରମ୍ଭ କରିଛି ଏନ୍‌ଟିସିଏ (ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଓ ଡବ୍ଲ୍ୟୁଆଇଆଇ (ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ)। ଏନ୍‌ଟିସିଏ ଆଇଜି ଅମିତ ମଲ୍ଲିକ ଓ ଡବ୍ଲ୍ୟୁଆଇଆଇର ବରିଷ୍ଠ ବିଶେଷଜ୍ଞ ଡ. କେ. ରମେଶ ଶୁକ୍ରବାର ଅନୁଗୋଳରେ ପହଞ୍ଚିବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ସ୍ଥାନୀୟ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଶନିବାର ପର୍ଯ୍ୟନ୍ତ ଦୁଇ ବିଶେଷଜ୍ଞ ସାତକୋଶିଆରେ ରହି ତନ୍ନତନ୍ନ କରି ଘଟଣାର ଯାଞ୍ଚ କରିବେ। ଅପରପକ୍ଷରେ ଟ୍ରାଙ୍କୁଲାଇଜ ପରଠାରୁ ବାଘୁଣୀ ସୁନ୍ଦରୀ ଏନ୍‌କ୍ଲୋଜର ମଧ୍ୟରେ ସ୍ୱାଭାବିକ ଭାବେ ଚଳପ୍ରଚଳ କରୁଥିବା ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି।

ଏନ୍‌ଟିସିଏ ଓ ଡବ୍ଲ୍ୟୁଆଇଆଇର ଦୁଇ ଅଧିକାରୀ ପହଞ୍ଚିବା ପରେ ପ୍ରଥମେ ଅନୁଗୋଳ ବନ ବିଭାଗ ବଙ୍ଗଳାରେ ସ୍ଥାନୀୟ ଅଧିକାରୀମାନଙ୍କୁ ଭେଟିଥିଲେ। ଅପରାହ୍ନରେ ଉଭୟ ବିଶେଷଜ୍ଞ ମହାବୀରର ମୃତ୍ୟୁ ସ୍ଥାନ ପରିଦର୍ଶନ କରି ତଦନ୍ତ କରିଥିଲେ। ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ପଣ୍ଡା, ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ ପି, ଅନୁଗୋଳ ଡିଏଫ୍‌ଓ ଭି. କାର୍ତ୍ତିକ, ଏସିଏଫ୍ ଶୁଭେନ୍ଦୁ ବେହେରା, ଆର୍.କେ. ସ୍ୱାଇଁ, ସରୋଜ କୁମାର ପଣ୍ଡା, ଘନଶ୍ୟାମ ମହାନ୍ତି, ସାତକୋଶିଆ ପ୍ରାଣୀ ଡାକ୍ତର ଡ. କିଶୋର କୁମାର ସାହୁ, ଡବ୍ଲ୍ୟୁଆଇଆଇ ମନିଟରିଂ ଟିମ୍ ସଦସ୍ୟ ଡ. ସ୍ୱରୂପ କୁମାର ସାହୁ ପ୍ରମୁଖ ସେମାନଙ୍କ ସହ ଘଟଣାସ୍ଥଳକୁ ଯାଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ବିଶେଷଜ୍ଞମାନେ ରାଇଗୁଡ଼ାରେ ଥିବା ଖବର ମିଳିଛି।

### ଧରିତ୍ରୀ ସମ୍ବାଦ ପତ୍ରରେ ପ୍ରକାଶିତ ଖବରର ପ୍ରତିବାଦ

ଭୁବନେଶ୍ୱର ତା ୧୬-୧୧-୨୦୧୮ ରିଖ ପୃଷ୍ଠା-୧ ରେ ପ୍ରକାଶିତ " ନିର୍ବାଚନ କମିଶନଙ୍କ ସାଂଘାତିକ ଖେଳ " ସଂପର୍କିତ ଖବର ସତ୍ୟ ନୁହେଁ ।

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଜାତୀୟ ଭୋଟର ତାଲିକା ବିଶୁଦ୍ଧି କରଣ ଓ ସାବ୍ୟସ୍ତକରଣ କାର୍ଯ୍ୟକ୍ରମ (National Electoral Roll Purification & Authentication Programme) ସାରା ରାଜ୍ୟରେ ୨୦୧୫ ମାର୍ଚ୍ଚ ୩ ତାରିଖରୁ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଏକ ଉଦ୍ଦେଶ୍ୟ ଥିଲା ଭୋଟର ଫଟୋ ପରିଚୟ ପତ୍ର ସଂଖ୍ୟା ସହ ଆଧାର କାର୍ଡ ସଂଖ୍ୟା ସଂଯୋଗ ଓ ଭୋଟର ତାଲିକାରେ ଥିବା ବିଭିନ୍ନ ତ୍ରୁଟିର ସଂଶୋଧନ ।

ପରବର୍ତ୍ତୀ ସମୟରେ ଏହି ସଂପର୍କରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ରିଟ୍ ପିଟିସନ୍ (ସିଭିଲ୍) କେଶ୍ ନମ୍ବର -୪୯୪ / ୨୦୧୨ ତା ୧୧.୦୮.୨୦୧୫ ରିଖ ଆଦେଶ ପରିପ୍ରେକ୍ଷୀରେ ଭାରତ ନିର୍ବାଚନ ଆୟୋଗ ଏହି କାର୍ଯ୍ୟକ୍ରମ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ ।

ପୁନଶ୍ଚ ଓଡିଶାରେ ଭୋଟର ଫଟୋ ପରିଚୟ ପତ୍ର ସଂଖ୍ୟା ସହ ଆଧାର କାର୍ଡ ସଂଖ୍ୟା ସଂଯୋଗ କରାଯାଇ ନାହିଁ ଏବଂ ଏହାକୁ ସରକାରୀ ସଂସ୍ଥା ମାନଙ୍କୁ ପ୍ରଦାନ କରିବା ଖବର ତଥ୍ୟ ଭିତ୍ତିକ ନୁହେଁ ।

ସୂଚନା ଅଧିକାରୀ,
ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା

ଧରିତ୍ରୀର ତା.୧୬.୧୧.୨୦୧୮ରିଖ ପୃଷ୍ଠା-୧ରେ 'ନିର୍ବାଚନ କମିଶନଙ୍କ ସାଂଘାତିକ ଖେଳ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ପ୍ରତିବାଦ କରାଯାଇଛି। ଆମ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ ଉକ୍ତ ଖବର ପ୍ରସ୍ତୁତ କରାଯାଇଛି। ଏଥିରେ ଓଡ଼ିଶା ସମ୍ପର୍କରେ କିଛି ଉଲ୍ଲେଖ କରାଯାଇନାହିଁ। ମିଳିଥିବା ପ୍ରତିବାଦ ପତ୍ରର ଅବିକଳ ନକଲ ଏଠାରେ ପ୍ରକାଶ କରୁଛୁ।

DADLS-179



ମହାନ୍ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୧୭ ନଭେମ୍ବର(ଅଁଳା ନବମୀ) ୨୦୧୮

ସମୟ – ସକାଳ ଘ.୯.୩୦.ମି.
ଏଜି ଛକସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ଦିବା ଘ.୧୦.୩୦ମି.–ଆଲୋଚନାଚକ୍ର ଜୟଦେବ ଭବନ
ବିଷୟ : "ଜୟୀ ରାଜଗୁରୁଙ୍କର ଜୀବନୀ ଓ ଭାରତର ସ୍ୱାଧୀନତା ସଂଗ୍ରାମକୁ ଅବଦାନ"

ସାଧାରଣ ସଭା
ସମୟ – ସଂଧ୍ୟା ୫ ଘଟିକା　　ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ସଞ୍ଜୟ କୁମାର ଦାସବର୍ମା, ମାନ୍ୟବର ବିଧାୟକ

ମୁଖ୍ୟ ବକ୍ତା – ଡ. ସୋମାଚାନ୍ଦ, ଇତିହାସ ବିଭାଗ ମୁଖ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ (ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ, ଓଡ଼ିଶାଙ୍କ ଦ୍ୱାରା ଗୀତ ଗୋବିନ୍ଦ ଓ ଶୋଭନୀୟ ବିଦ୍ୟାଳୟ, କୋଣାର୍କର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶହୀଦ୍ ସଲାମ୍ ନୃତ୍ୟ ନାଟିକା, କଳିଙ୍ଗ କନ୍ୟା ପାଇକ ଆଖଡା ପରିବେଷଣ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0392/1819

ମାତଃ ଦୁର୍ଗେ ! ଜୀବନ ସଂଗ୍ରାମରେ , ଭାରତ ସଂଗ୍ରାମରେ ତୋର ପ୍ରେରିତ ଯୋଦ୍ଧା ଆମ୍ଭେମାନେ । ଦିଅ ମା ! ମନେ ପ୍ରାଣେ ଅସୁରର ଶକ୍ତି- ଅସୁରର ଉଦ୍ୟମ । ଦିଅ ମା, ହୃଦୟରେ ବୁଦ୍ଧିରେ ଦେବ ଚରିତ୍ର, ଦିବ୍ୟଜ୍ଞାନ !! -ଶ୍ରୀଅରବିନ୍ଦ



# ନେତାଗିରି ଲୋଭ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆଜିକାଲି ବାବୁମାନଙ୍କର ନେତାଗିରି ପ୍ରତି ଲୋଭ ବଢ଼ିଯାଇଛି । ରାଜସ୍ଥାନରେ ବିଧାନସଭା ନିର୍ବାଚନ ଆଉ ଅଳ୍ପଦିନ ବାକି ଥିବାବେଳେ ଟିକେଟ୍ ପାଇଁ ନେତାମାନଙ୍କୁ ପୂର୍ବତନ ଆଇଏଏସ୍ ଓ ଆଇପିଏସ୍ ବାବୁମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡୁଛି । ଉଭୟ ଜାତୀୟ ଦଳ ଭାଜପା ଓ କଂଗ୍ରେସରେ ଯୋଗଦେବା ଓ ଟିକେଟ୍ ପାଇବା ପାଇଁ ପୂର୍ବତନ ବାବୁମାନେ ଧାଡ଼ି ଲଗାଇଥିବା ଦେଖିବାକୁ ମିଳୁଛି । ତେବେ ଏହା କଦାପି ଏକ ନୂଆ ଧାରା ନୁହେଁ । ତଥାପି କେଉଁ ଅବସରପ୍ରାପ୍ତ ବାବୁମାନଙ୍କୁ ରାଜନୀତି-କୀଟ ଦଂଶିଛି, ତାହା ଜାଣିବାକୁ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇବା ସ୍ୱାଭାବିକ । ନେତାମାନଙ୍କ ସହ ଘନିଷ୍ଠତା ଭିତରେ ନିଜର ବାବୁଗିରିର କ୍ୟାରିୟର ଶେଷ କରିବା ଏବଂ ଅଖଣ୍ଡ କ୍ଷମତା ଭୋଗ କରିବା ପରେ କେତେକ ଅବସରପ୍ରାପ୍ତ ବାବୁ ରାଜନୀତିର ଆଖଡ଼ାଶାଳରେ ପ୍ରବେଶ କରିବା ଲାଗି ଆଗ୍ରହ ପ୍ରକାଶ କରିବାର କାରଣ ସ୍ପଷ୍ଟ । ପ୍ରାପ୍ତ ସୂଚନା ଅନୁସାରେ, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଅଜୟ ସିଂ ଚିତ୍ତୋରା ବିଦ୍ୟାଧରପୁର ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସରୁ ଟିକେଟ୍ ପାଇବାକୁ ଚେଷ୍ଟା କରୁଛନ୍ତି । ସେହିପରି ଆଉ ଜଣେ ପୂର୍ବତନ ଆଇଏଏସ୍ ଅଫିସର ଲାଲ୍‌ଚାନ୍ଦ ଅସ୍ୱାଲ ଡୁଡୁ ନିର୍ବାଚନମଣ୍ଡଳୀରୁ ଲଢ଼ିବା ପାଇଁ ଟିକେଟ୍ ଚାହୁଁଛନ୍ତି । ରାଜସ୍ଥାନରେ ଏପରି ଅନେକ ପୂର୍ବତନ ବାବୁ ଅଛନ୍ତି, ଯେଉଁମାନେ ଚାକିରିରୁ ଅବସର ପରେ ସଫଳ ରାଜନୈତିକ ଜୀବନ ଅତିବାହିତ କରୁଛନ୍ତି । ନମୋ ନାରାୟଣ ମୀନା ମନମୋହନ ସିଂଙ୍କ ସରକାରରେ ଦୁଇଥର ମନ୍ତ୍ରୀ ହୋଇଥିଲେ । ତାଙ୍କ ଭାଇ ତଥା ରାଜସ୍ଥାନର ପୂର୍ବତନ ଡିଜିପି ହରିଶ୍ ମୀନା ବର୍ତ୍ତମାନ ଦୌସାରୁ ଭାଜପା ଏମ୍‌ପି ଅଛନ୍ତି । ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ମଧ୍ୟ ଜଣେ ଆଇଏଏସ୍ ଅଫିସର ଥିଲେ । ତେବେ କୌତୂହଳର ବିଷୟ ହେଲା ରାଜ୍ୟର କୌଣସି ମହିଳା ଅଫିସର ଏପର୍ଯ୍ୟନ୍ତ ଅବସର ପରେ ରାଜନୀତିରେ ବିକଳ୍ପ କ୍ୟାରିୟର ବାଛିନାହାନ୍ତି ।

## ଭିତରେ ଭିତରେ ଗୁଞ୍ଜରଣ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ଯେଉଁସବୁ ନାଟକବାଜି ଚାଲିଛି ଏବଂ ସେମାନଙ୍କ ଅନ୍ତର୍ବିବାଦ ଦାଣ୍ଡରେ ପଡ଼ି ହାଟରେ ଗଡୁଛି, ତାହା ଦେଖି ବିଭିନ୍ନ ବର୍ଗର ବାବୁମାନେ କିଛିବର୍ଷ ତଳେ ମୋଦି ସରକାର ଆରମ୍ଭ କରିଥିବା ୩୬୦-ଡିଗ୍ରୀ ମୂଲ୍ୟାୟନ ପଦ୍ଧତି ଉପରେ ପ୍ରଶ୍ନ ଉଠାଇଛନ୍ତି । ବାସ୍ତବରେ ସିବିଆଇ ବାବୁମାନେ ପରସ୍ପର ଉପରକୁ ଏବେ ଯେଉଁ ଗୁରୁତର ଅଭିଯୋଗର ଚାପୁଡ଼ା ଫୋପାଡୁଛନ୍ତି, ତାହା ହେଉଛି ଏହି ପଦ୍ଧତିର ପରିଣାମ । ୩୬୦-ଡିଗ୍ରୀ ପଦ୍ଧତି ପ୍ରଚଳନ ମୂଳରେ ଥିଲା ଗୋଟିଏ ବିଶ୍ୱାସ ଯେ, ବରିଷ୍ଠ ବାବୁମାନେ ସାଧାରଣତଃ ଅଧସ୍ତନ ବାବୁମାନଙ୍କ ସହ ସମ୍ପର୍କ ଖରାପ କରିବାକୁ ଚାହୁଁ ନ ଥିବାରୁ ତାଙ୍କର ବାର୍ଷିକ ଗୁପ୍ତ ରିପୋର୍ଟ (ଏସିଆର୍) ଓ ବାର୍ଷିକ ଦକ୍ଷତା ଆକଳନ ରିପୋର୍ଟ (ଏପିଏଆର୍)ରେ କିଛି ଖରାପ ଲେଖନ୍ତି ନାହିଁ । ତେବେ ନୂତନ ବ୍ୟବସ୍ଥା କେବଳ ଅସ୍ୱଚ୍ଛ ନୁହେଁ, ବରଂ ପ୍ରତିଷ୍ଠିତ ସଂଯନ୍ତ୍ର (ମେକାନିଜ୍‌ମ)ର ବିରୋଧୀ । ପର୍ଯ୍ୟବେକ୍ଷକମାନଙ୍କ ମତରେ ରାଜସ୍ୱ ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅନେକ ବରିଷ୍ଠ ଅଧିକାରୀ ପରସ୍ପର ବିରୋଧରେ ଲିଖିତ ଅଭିଯୋଗ ଦାଏର କରିଛନ୍ତି । ଜଣେ ର' ଅଧିକାରୀ ମଧ୍ୟ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚନାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି । ଉକ୍ତ ବରିଷ୍ଠ ଅଧିକାରୀମାନଙ୍କ ତାଲିକାଭୁକ୍ତୀକରଣ, ଚୟନ ଓ ନିଯୁକ୍ତି ୩୬୦-ଡିଗ୍ରୀ ପଦ୍ଧତିରେ କରାଯାଇଥିଲା । ତେଣୁ ଏ ପଦ୍ଧତି ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଏଥିରୁ ପ୍ରମାଣିତ ହେଉଛି ।

## ଗୋଇନ୍ଦା ବନାମ ଗୋଇନ୍ଦା

ଦେଶର ସର୍ବୋଚ୍ଚ ଗୋଇନ୍ଦା ସଂସ୍ଥାରେ ଏବେ ଏକ ଅଦ୍ଭୁତ ପରିସ୍ଥିତି ଦେଖିବାକୁ ମିଳୁଛି । ଏହାର ବରିଷ୍ଠ ଅଧିକାରୀମାନଙ୍କ ଭିତରେ ଥିବା ଶତ୍ରୁତା ଓ ପରସ୍ପର-ବିରୋଧୀ ବୟାନ ଯୋଗୁ ସଂସ୍ଥା ବଦନାମ ହେବାକୁ ଯାଉଛି । ବରିଷ୍ଠ ଗୋଇନ୍ଦାଙ୍କ ଭିତରେ ଦେଖାଦେଇଥିବା ଏହି ବିବାଦ ଏପରି ଭୟାନକ ହୋଇଛି ଯେ, ତାହା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ମଧ୍ୟ ଅଡୁଆରେ ପକାଇଦେଇଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ଅସୁବିଧାଜନକ ପରିସ୍ଥିତିର ସାମ୍ନା କରୁଛି । ପ୍ରବର୍ତ୍ତନ ନିର୍ଦ୍ଦେଶକ କର୍ନାଲ ସିଂଙ୍କ କାର୍ଯ୍ୟକାଳ ୨୦୧୯ ଏପ୍ରିଲରେ ପୂରୁଥିବା ବେଳେ ସେ ଆଉ ଏକ ଅବଧି କାର୍ଯ୍ୟକାଳ ବୃଦ୍ଧି ପାଇଁ ଆଶା ବାନ୍ଧିଥିଲେ । କିନ୍ତୁ ତାଙ୍କୁ ସେ ସୁଯୋଗ ମିଳିବ ନାହିଁ ବୋଲି ସ୍ପଷ୍ଟ କରିଦିଆଯାଇଛି । ତେବେ ଶେଷ ମୁହୂର୍ତ୍ତରେ ମୋଦି ସରକାରଙ୍କ ମତି ପରିବର୍ତ୍ତନର କାରଣ ଜଣାପଡ଼ି ନାହିଁ । ପର୍ଯ୍ୟବେକ୍ଷକମାନଙ୍କ କହିବା ଅନୁସାରେ ଇଡିର ଯୁଗ୍ମ ନିର୍ଦ୍ଦେଶକ ରାଜେଶ୍ୱର ସିଂ 'ଷ୍ଟଡି ଲିଭ୍'ରେ ଯିବାର ଅଛି । ଯାହା ଜଣାଯାଏ, ସିଂ ଓ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା (ଯାହାଙ୍କୁ ଛୁଟିରେ ପଠାଇ ଦିଆଯାଇଛି)ଙ୍କର ସରକାର-ବିରୋଧୀ ମନୋଭାବ ରହିଛି । ନିକଟରେ ସିଂ ଅର୍ଥ ସଚିବ ହସମୁଖ ଆଧିଆଙ୍କ ବିରୋଧରେ ଏକ ଚିଠିରେ ଗୁରୁତର ଅଭିଯୋଗ ଆଣିଥିଲେ । ତାଙ୍କର ସେହି ଚିଠି ଗଣମାଧ୍ୟମରେ ଲିକ୍ ହୋଇ ପ୍ରସାରିତ ହେବା ପରେ ସେ ନିଜ ଅଭିଯୋଗକୁ ପ୍ରତ୍ୟାହାର କରିନେବା ସହ ଏଥିପାଇଁ କ୍ଷମାପ୍ରାର୍ଥନା କରିଥିଲେ । ତେବେ ସିବିଆଇ ମୁଖ୍ୟାଳୟରେ ଯାହାସବୁ ଚାଲିଛି, ତାହା ଉକ୍ତ ସଂସ୍ଥାର ସୁନାମକୁ ମାଟିରେ ମିଶାଇ ଦେଇଛି । ସରକାର ଓ ଉକ୍ତ ସଂସ୍ଥା ଭିତରେ ଚାଲିଥିବା ଝଗଡ଼ା ବି ଶୁଭଲକ୍ଷଣ ନୁହେଁ । ତେବେ ଏ ବିବାଦର ଝଡ଼ ଏବେ ଥମିବାର ସମ୍ଭାବନା ଦେଖାଯାଉ ନାହିଁ ।

Email: dilipcherian@gmail.com

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | C | | 5 | 3 | | 1 | 8 | | | 2 | | | |
| | 3 | | | 9 | 8 | | | | | | | | | |
| | B | | | | | 9 | | 7 | | 4 | | | D | 6 |
| 4 | | 1 | C | | | | | | | | | | 0 | 8 |
| | 2 | | B | | A | | E | | | 0 | | | | |
| | | | | | C | | 3 | | | | | | | |
| | | | 3 | | 4 | | 5 | E | | | 9 | | | 0 |
| A | | | | | | | | | | | C | E | 4 | 3 |
| D | E | B | 7 | | | 0 | | | | 1 | | | | |
| | 5 | 9 | D | | | 6 | | 1 | | 7 | | | | C |
| | | 2 | 5 | | | D | | 9 | | | | | | |
| | | | 0 | | 9 | | 8 | 3 | 6 | | | | | 2 |
| B | 0 | 6 | 8 | 4 | 7 | | | | | | | | | |
| | | | 6 | 1 | E | | 0 | | | | 8 | D | | |
| C | 7 | | | | | | | | | | A | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 8 | A | 0 | 1 | 9 | B | 5 | E | C | 2 | 4 | 7 | 3 | D |
| 1 | 5 | 3 | 7 | 4 | D | 6 | C | 0 | 9 | E | A | 8 | 2 | B |
| C | 0 | 7 | E | 2 | 6 | 4 | 8 | A | B | 3 | D | 5 | 1 | 9 |
| D | 4 | E | 8 | 3 | B | 2 | 9 | 1 | 5 | 7 | 6 | A | C | 0 |
| B | 2 | 9 | 5 | A | C | D | 7 | 3 | 8 | 1 | 0 | 4 | E | 6 |
| 5 | 6 | C | 9 | 7 | 2 | E | 1 | B | A | 8 | 3 | 0 | D | 4 |
| 4 | 3 | B | 1 | D | 8 | 7 | 6 | 5 | 0 | 9 | 2 | E | A | C |
| 7 | A | 2 | B | 6 | E | 0 | 4 | 8 | 1 | D | C | 9 | 5 | 3 |
| 0 | 9 | D | A | 5 | 4 | C | 3 | 2 | 6 | B | E | 1 | 7 | 8 |
| 8 | E | 1 | 3 | C | 0 | 9 | A | D | 7 | 4 | 5 | B | 6 | 2 |
| A | C | 5 | 2 | B | 3 | 8 | D | 7 | 4 | 0 | 1 | 6 | 9 | E |
| 2 | B | 6 | 4 | E | A | 1 | 0 | 9 | 3 | C | 7 | D | 8 | 5 |
| E | D | 0 | 6 | 8 | 1 | 5 | B | C | 2 | A | 9 | 3 | 4 | 7 |
| 9 | 1 | 4 | C | 0 | 7 | 3 | E | 6 | D | 5 | 8 | 2 | B | A |
| 3 | 7 | 8 | D | 9 | 5 | A | 2 | 4 | E | 6 | B | C | 0 | 1 |

ଗତକାଲିର ଉତ୍ତର

# କଶ୍ମୀର ମିଶ୍ରଣର ଅଜଣା ତଥ୍ୟ



ଡ. ବାଞ୍ଛାନିଧି ପଣ୍ଡା

କଶ୍ମୀର ମହାରାଜା ହରି ସିଂ କଶ୍ମୀରକୁ ଭାରତ କିମ୍ବା ପାକିସ୍ତାନରେ ବିଲୟ କରାଇବେ ଏ ନେଇ ଦ୍ୱିଧାରେ ଥିଲେ । କଶ୍ମୀରକୁ ଭାରତରେ ବିଲୟ କରିବା ପାଇଁ ଆରଏସ୍ଏସ୍ କାର୍ଯ୍ୟକର୍ତ୍ତାମାନେ ରାଜାଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କଲେ । କଶ୍ମୀରର ସଂଘଚାଳକ ପ୍ରେମନାଥ ଡୋଗ୍ରା ଏବଂ ପଞ୍ଜାବର ସଂଘଚାଳକ ରାୟବାହାଦୁର ଶ୍ରୀ ବଦ୍ରିନାଥ ମହାରାଜାଙ୍କ ସହିତ ଭାରତରେ ମିଶ୍ରଣ ସଂକ୍ରାନ୍ତରେ କଥାବାର୍ତ୍ତା କରିଥିଲେ । ଇତିମଧ୍ୟରେ ୧୯୪୭ ଅକ୍ଟୋବର ୧୧ ତାରିଖରେ ପାକିସ୍ତାନ ଭାରତବର୍ଷ ଉପରେ ଆକ୍ରମଣ କରିଦେଲା । ଜମ୍ମୁ-କଶ୍ମୀରରେ ପାକିସ୍ତାନୀ ସୈନ୍ୟଙ୍କ ଦ୍ୱାରା ଲୁଟ, ପୋଡାଜଳା ଓ ବଳାତ୍କାରର ନାରକୀୟ ଲୀଳା ଚାଲିଲା । କଶ୍ମୀରକୁ ଭାରତରେ ମିଶାଇବା ପାଇଁ ଗାନ୍ଧିଜୀ ଓ ଆଚାର୍ଯ୍ୟ କୃପାଲାନୀ ମହାରାଜାଙ୍କୁ ରାଜି କରାଇବାରେ ଅସଫଳ ହେଲେ । ପରିସ୍ଥିତିର ଗୁରୁତ୍ୱ ଅନୁଭବ କରି ସର୍ଦ୍ଦାର ପଟେଲ ଜମ୍ମୁ-କଶ୍ମୀରର ଦିୱାନ ମେହେରଚନ୍ଦ ମହାଜନଙ୍କ ମାଧ୍ୟମରେ ଆରଏସ୍ଏସ୍‌ର ଅଖିଳ ଭାରତୀୟ ମୁଖ୍ୟ ମାଧବ ସଦାଶିବ ଗୋଲୱାଲକର (ଶ୍ରୀଗୁରୁଜୀ)ଙ୍କ ସହିତ ସମ୍ପର୍କ ସ୍ଥାପନ କରି ବ୍ୟକ୍ତିଗତ ଅନୁରୋଧ କରିଥିଲେ । ସର୍ଦ୍ଦାର ପଟେଲ ଜାଣିଥିଲେ ଯେ ମହାରାଜ ହରି ସିଂ ଶ୍ରୀଗୁରୁଜୀଙ୍କୁ ଖୁବ୍ ସମ୍ମାନ କରନ୍ତି । ତେଣୁ ଶ୍ରୀଗୁରୁଜୀ ତାଙ୍କ ପ୍ରଭାବ ବିସ୍ତାର କରି ମହାରାଜାଙ୍କୁ ଭାରତରେ ବିଲୟ ପାଇଁ ରାଜି କରାଇବା ସର୍ଦ୍ଦାର ପଟେଲ ଚାହୁଁଥିଲେ । ଶ୍ରୀଗୁରୁଜୀ ନିଜର ସମସ୍ତ କାର୍ଯ୍ୟକ୍ରମ ସ୍ଥଗିତ କରି ନାଗପୁରରୁ ଦିଲ୍ଲୀ ଓ ଦିଲ୍ଲୀରୁ ଶ୍ରୀନଗରରେ ୧୯୪୭ ଅକ୍ଟୋବର ୧୭ ତାରିଖରେ ପହଞ୍ଚିଲେ । ତାଙ୍କର ଏହି ଯାତ୍ରା ପାଇଁ ବିମାନର ବ୍ୟବସ୍ଥା ସ୍ୱୟଂ ସର୍ଦ୍ଦାର ପଟେଲ କରିଥିଲେ । ୧୮ ତାରିଖ ସକାଳେ ଶ୍ରୀଗୁରୁଜୀ ଓ ମହାରାଜ ହରି ସିଂଙ୍କ ସାକ୍ଷାତ ହେଲା । ଜମ୍ମୁ-କଶ୍ମୀରର ପାକିସ୍ତାନରେ ବିଲୟର ଭୟଙ୍କର ପରିଣତି ବିଷୟରେ ଶ୍ରୀଗୁରୁଜୀ ମହାରାଜାଙ୍କୁ ବୁଝାଇଲେ । ମହାରାଜାଙ୍କ ଶଙ୍କାକୁଳ ମନସ୍ତତ୍ତ୍ୱକୁ ଜାଣିପାରି ଶ୍ରୀଗୁରୁଜୀ ତାଙ୍କୁ ଆରଏସ୍ଏସ୍ ତରଫରୁ ସମ୍ପୂର୍ଣ୍ଣ ସହାୟତାର ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀଗୁରୁଜୀଙ୍କ ଦ୍ୱାରା ମହାରାଜା ଖୁବ୍ ପ୍ରଭାବିତ ହୋଇ ଅକ୍ଟୋବର ୨୪ ତାରିଖରେ ଦିଲ୍ଲୀ ସରକାରଙ୍କୁ ଭାରତରେ ଜମ୍ମୁ-କଶ୍ମୀରର ମିଶ୍ରଣ ପାଇଁ ପ୍ରସ୍ତାବ ପଠାଇଲେ । ଅକ୍ଟୋବର ୨୬ ତାରିଖରେ ବିଲୟପତ୍ରରେ ଦସ୍ତଖତ କରିଦେଲେ । ୧୯୪୭ର ପାକିସ୍ତାନ ଆକ୍ରମଣ ସମୟରେ ପ୍ରଭାବିତ ମାର୍ଗରେ ପଡୁଥିବା ଗ୍ରାମବାସୀଙ୍କ ଭିତରେ ଦେଶଭକ୍ତି ଓ ଅନୁଶାସନର ବାତାବରଣ ତିଆରି କରି ଶତ୍ରୁମାନଙ୍କ ମୁକାବିଲା କରିବା ସକାଶେ ଆରଏସ୍ଏସ୍‌ର ସ୍ୱୟଂସେବକମାନେ ଗ୍ରାମବାସୀଙ୍କୁ ମାନସିକ ପ୍ରସ୍ତୁତ କରିବା କାର୍ଯ୍ୟରେ ଲାଗିଥିଲେ । ସଂଘର ଏହି ଅମୂଲ୍ୟ ସହଯୋଗ ଯୋଗୁ ବିଭିନ୍ନ ସ୍ଥାନରେ ଆକ୍ରମଣକୁ ପ୍ରତିହତ କରିବା ସମ୍ଭବ ହୋଇଥିଲା । ଅକ୍ଟୋବର ୨୫ ତାରିଖରେ ମହାରାଜ ହରି ସିଂଙ୍କୁ ଅପହରଣ କରିନେବାର ଯୋଜନାକୁ ପୂର୍ବରୁ ମହାରାଜାଙ୍କୁ ଜଣାଇ ସ୍ୱୟଂସେବକମାନେ ଏହାକୁ ବିଫଳ କରି ଦେଇଥିଲେ ।

ପାକିସ୍ତାନର ଆକ୍ରମଣ ଫଳରେ କଶ୍ମୀରର କୋଟଲୀ ସହର ସମ୍ପୂର୍ଣ୍ଣ ଘେରାବନ୍ଦୀ ଭିତରେ ପଡିଯାଇଥିଲା । ମହାରାଜ ହରି ସିଂଙ୍କ ସେନାର ଯେଉଁ ଛୋଟ ଦଳଟି ମୋର୍ଚ୍ଚା ସମ୍ଭାଳିଥିଲା ତା'ର ଗୋଳାବାରୁଦ ସମାପ୍ତ ହେବାକୁ ବସିଥିଲା । ଭାରତୀୟ ବାୟୁସେନା ସେମାନଙ୍କୁ ସାହାଯ୍ୟ କରିବା ପାଇଁ କିଛି ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ପେଟି ବିମାନରୁ ପକାଇଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ସେହି ପେଟିଗୁଡିକ ପାକିସ୍ତାନୀ ସେନାର ଫାୟାରିଂ ରେଞ୍ଜ ମଧ୍ୟରେ ପଡିଗଲା । ଅସ୍ତ୍ରଶସ୍ତ୍ର ବିନା ଶତ୍ରୁ ଗୁଳିରେ ମରିବା ଅପେକ୍ଷା ପେଟିଗୁଡିକୁ ଉଦ୍ଧାର କରିବା ଅତ୍ୟନ୍ତ ଆବଶ୍ୟକ ଥିଲା । କୋଟଲୀ ସହରର ଆରଏସ୍ଏସ୍ ମୁଖ୍ୟ ସୂର୍ଯ୍ୟପ୍ରକାଶ ଓ ସ୍ଥାନୀୟ କାର୍ଯ୍ୟକର୍ତ୍ତା କୃଷ୍ଣଲାଲ ଏବଂ ଅନ୍ୟ ଛଅଜଣ ସ୍ୱୟଂସେବକ ମହାରାଜାଙ୍କ ସୈନ୍ୟମାନଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଆଗେଇ ଆସିଲେ । ଆଗରେ ଗୋଟିଏ ନାଳ ଥିଲା । ନାଳ ଆରପଟେ ପଡିଥିଲା ସେହି ଗୋଳାବାରୁଦ ପେଟି । ଆଠଜଣ ସ୍ୱୟଂସେବକ ନାଳ ପାର ହୋଇ ଶତ୍ରୁପକ୍ଷର ଗୁଳି ବୃଷ୍ଟି ଭିତରେ ଗୁରୁଣ୍ଡି ଗୁରୁଣ୍ଡି ପେଟିଗୁଡିକ ପାଖରେ ପହଞ୍ଚିଲେ । ପେଟିଗୁଡିକୁ ନେଇ ଫେରିବା ସମୟରେ ଶତ୍ରୁ ଗୁଳିରେ ଚାରିଜଣ ଶହୀଦ ହୋଇଗଲେ । ମହାରାଜାଙ୍କ ସେନା ଗୋଳାବାରୁଦ ପାଇବା ପରେ ପୁଣି ଯୁଦ୍ଧ ଆରମ୍ଭ କରି ସୂର୍ଯ୍ୟୋଦୟ ପୂର୍ବରୁ ସାମ୍ନାରେ ଥିବା ପାହାଡକୁ ପାକିସ୍ତାନୀ କବ୍‌ଜାରୁ ମୁକ୍ତ କରି କୋଟଲୀ ସହରକୁ ରକ୍ଷା କରିବାରେ ସମର୍ଥ ହୋଇଥିଲା ।


କୋଟଲୀ ସହରଠାରୁ ୨୦ କିମି ଦୂର ଉତ୍ତରପଶ୍ଚିମ ଦିଗରେ ପଲଂଧାରୀ ଗ୍ରାମରେ ପାକିସ୍ତାନୀ ସେନା ୧୨୦୦ ହିନ୍ଦୁ ଶିଖଙ୍କୁ ଘେରାଉ କରି ରଖିଥିଲେ । ଏହି ହିନ୍ଦୁମାନଙ୍କୁ ରକ୍ଷା କରିବା ପାଇଁ ଲ୍ୟୁଟନାଣ୍ଟ ବୀରେଶ୍ୱରୀ ସିଂଙ୍କ ନେତୃତ୍ୱରେ ୭୧ଜଣ ସୈନିକ ଓ ଇନ୍ସପେକ୍ଟର ହରି ସିଂଙ୍କ ନେତୃତ୍ୱରେ ୧୫ ଜଣ ପୋଲିସ ଥିଲେ । ଶତ୍ରୁପକ୍ଷର ସେନା ତୁଳନାରେ ଏହି ସଂଖ୍ୟା ନଗଣ୍ୟ ଥିଲା । ତେଣୁ ସ୍ଥାନୀୟ ୧୦୦ ଜଣ ସ୍ୱୟଂସେବକ ସେନାକୁ ସାହାଯ୍ୟ କରିବା ପାଇଁ ସାଙ୍ଗରେ ଯାଇଥିଲେ । ଦୀର୍ଘ ସମୟର ସଂଘର୍ଷରେ ଶତ୍ରୁପକ୍ଷର ଅନେକ ଲୋକଙ୍କୁ ମାରିବା ସଙ୍ଗେ ସଙ୍ଗେ ସମସ୍ତ ସ୍ୱୟଂସେବକ ବୀରଗତି ପ୍ରାପ୍ତ ହୋଇଥିଲେ । ଜମ୍ମୁ-କଶ୍ମୀର ସରକାରଙ୍କ ତରଫରୁ ତିଆରି ହୋଇଥିବା ବେସାମରିକ ସୈନ୍ୟବାହିନୀ 'ନ୍ୟାଶ୍‌ନାଲ ମିଲିସିଆ'ରେ ବହୁସଂଖ୍ୟାରେ ସ୍ୱୟଂସେବକ ସାମିଲ ହୋଇ ପ୍ରତ୍ୟକ୍ଷ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ ।

ଭାରତରେ କଶ୍ମୀରର ବିଲୟପତ୍ରରେ ମହାରାଜା ହରି ସିଂଙ୍କ ସ୍ୱାକ୍ଷର ପରେ ଭାରତୀୟ ବାୟୁସେନା ଶ୍ରୀନଗରରେ ଅବତରଣ କରିବାର ଯୋଜନା ଥିଲା । କିନ୍ତୁ ଭାରତୀୟ ଡାକୋଟା ବିମାନର ଅବତରଣ ପାଇଁ ଶ୍ରୀନଗର ବିମାନଘାଟି ଉପଯୁକ୍ତ ନ ଥିଲା । ପ୍ରବଳ ବରଫପାତ ଯୋଗୁ ବିମାନ ବନ୍ଦରର ରନ୍‌ୱେ ବରଫରେ ପୂର୍ଣ୍ଣ ଥିଲା । ଏହି ବିମାନଘାଟିକୁ ଚଉଡା କରିବାର ଜରୁରୀ କାର୍ଯ୍ୟକୁ ସେନାଧିକାରୀଙ୍କ ଅନୁରୋଧକ୍ରମେ ଆର୍‌ଏସ୍ଏସ୍ ସ୍ୱୟଂସେବକମାନେ ହାତକୁ ନେଲେ । ପାଞ୍ଚଶହ ସ୍ୱୟଂସେବକ ଦିନରାତି ପରିଶ୍ରମ କରି ବିମାନଘାଟିକୁ ବିମାନ ଅବତରଣ ପାଇଁ ପ୍ରସ୍ତୁତ କରିଦେଲେ । ଫଳସ୍ୱରୂପ ଭାରତୀୟ ସେନାର ସମସ୍ତ ବିମାନ ସେଠାରେ ଓହ୍ଲାଇ ପାରିଥିଲା ଏବଂ ପାକିସ୍ତାନୀ ଆକ୍ରମଣର ମୁକାବିଲା କରିପାରିଥିଲା । ସୈନ୍ୟବାହିନୀର ସୈନିକମାନଙ୍କ ଯାତାୟାତ ପାଇଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନୂତନ ରାସ୍ତାର ନିର୍ମାଣ ଓ ପୁରାତନ ରାସ୍ତାର ମରାମତି ମଧ୍ୟ ସ୍ୱୟଂସେବକମାନେ ସୈନିକମାନଙ୍କ ସହ ମିଶି କରିଥିଲେ ।

ଅକ୍ଟୋବର ୨୨/୨୭ ବେଳକୁ ଜମ୍ମୁ ଓ ସିଆଲକୋଟ୍ ସୀମାନ୍ତରେ ଥିବା ଗ୍ରାମଗୁଡ଼ିକରେ ନିଆଁ ଜଳି ଉଠିଲା ଓ ୧୨ଟି ଗ୍ରାମ କେତେକ ମୁସଲମାନ ଉପଦ୍ରବକାରୀଙ୍କ ଦ୍ୱାରା ଭସ୍ମୀଭୂତ ହୋଇଗଲା । ତାଲାବ କଟିକାନ୍ ଅଞ୍ଚଳରେ ବାରମ୍ବାର ଦଙ୍ଗା ହେଲା । ସୁରକ୍ଷାବଳ ଅଭାବରୁ ଜମ୍ମୁ ଓ ଆଖପାଖ ଗ୍ରାମାଞ୍ଚଳ ଲୋକେ ଭୟଙ୍କର ବିପଦଗ୍ରସ୍ତ ହୋଇଥିଲେ । ମାତ୍ର ସ୍ୱୟଂସେବକମାନେ ଗ୍ରାମବାସୀଙ୍କ ରକ୍ଷାର ଦାୟିତ୍ୱ ନେଇ ମୁସଲମାନ ଆକ୍ରମଣକାରୀଙ୍କ ସମ୍ମୁଖୀନ ହେଲେ । ସେମାନଙ୍କ ଆକ୍ରମଣକୁ ବିଫଳ କରି ତାଙ୍କ ଯୋଜନାକୁ ପଣ୍ଡ କରିଦେଲେ । ସ୍ୱୟଂସେବକଙ୍କ ପରାକ୍ରମ ବିନା ଜମ୍ମୁର ରକ୍ଷା ଅସମ୍ଭବ ହୋଇ ପଡିଥାଆନ୍ତା ଏବଂ ଜମ୍ମୁ ବ୍ୟତୀତ ଭାରତୀୟ ସୈନିକମାନଙ୍କୁ କଶ୍ମୀର ସୁରକ୍ଷାର ସୁଯୋଗ ମଧ୍ୟ ମିଳି ନ ଥାଆନ୍ତା । କିନ୍ତୁ ପ୍ରଚାର ପ୍ରସାର ଅଭାବରୁ ସ୍ୱୟଂସେବକମାନଙ୍କ ଏହି କୃତିତ୍ୱକୁ ବହୁ ଲୋକ ଜାଣିପାରି ନାହାନ୍ତି । ସେମାନଙ୍କୁ ମଧ୍ୟ ଆବଶ୍ୟକ ସ୍ୱୀକୃତି ମିଳିପାରି ନାହିଁ ।

ପଦ୍ମପୁର, ବରଗଡ, ମୋ-୯୭୭୭୯୧୧୫୯୦

# ୟୁ.ଏସ୍. କନ୍‌ସୁଲେଟ୍‌ର ସେବା



କାଥେରିନ ହଡ୍ଡା

ଦଶବର୍ଷ ତଳେ ୨୦୦୮ରେ ଆମେରିକୀୟ ଧ୍ୱଜା ହାଇଦ୍ରାବାଦସ୍ଥିତ ୟୁ.ଏସ୍. କନ୍‌ସୁଲେଟ (ବାଣିଜ୍ୟ ଦୂତାବାସ)ରେ ପ୍ରଥମଥର ଉତ୍ତୋଳନ ହୋଇଥିଲା । ଆମେରିକା ସରକାରଙ୍କ ଦ୍ୱାରା ଏଭଳି ବୈଦେଶିକ କେନ୍ଦ୍ର ସ୍ଥାପନ କରିବା ବିରଳ ହୋଇଥିବା ବେଳେ, ହାଇଦ୍ରାବାଦ ଟେକ୍ନୋଲୋଜି ଓ ସମୃଦ୍ଧିର କେନ୍ଦ୍ର ହୋଇଥିବାରୁ, ଆମ ସରକାର ଆମେରିକା ଓ ଭାରତ ମଧ୍ୟରେ ବୈଦେଶିକ ଓ ଅର୍ଥନୈତିକ ସମ୍ପର୍କ ସୁଦୃଢ କରିବା ପାଇଁ ଏଠାରେ ବିଶେଷ କ୍ଷମତା ଥିବା ଦେଖିବାକୁ ପାଇଥିଲେ । ଏହା ଏବେ ପ୍ରତିଫଳିତ ହୋଇଛି ଏବଂ ଗତ ଦଶନ୍ଧି ମଧ୍ୟରେ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଓଡିଶା ଆମ ଦୁଇ ଦେଶ ମଧ୍ୟରେ ସହଭାଗିତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି ।

ଗତ ଦଶବର୍ଷରେ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ବ୍ୟାପାର ଓ ପୁଞ୍ଜିନିବେଶ, ସାମରିକ ପ୍ରତିରକ୍ଷା, କୃଷି, ଶକ୍ତି, ପରିବେଶ, ବିଜ୍ଞାନ ଓ ଟେକ୍ନୋଲୋଜି ଓ ସ୍ୱାସ୍ଥ୍ୟ ଆଦି ବିଭିନ୍ନ ଦିଗରେ ଆହୁରି ମଜଭୁତ ହୋଇଛି । ଆମ କନ୍‌ସୁଲେଟରେ ଏ ଦିଗରେ ଏକାଠି କାମ କରୁଥିବା ଆମେରିକୀୟ ଓ ଭାରତୀୟ କର୍ମଚାରୀ ଦଳକୁ ନେଇ ଆମେ ଗର୍ବିତ । ଆମେ ବୋଧହୁଏ ଆମ କନ୍‌ସୁଲେଟ୍‌ର ସେବାଗୁଡିକ ପାଇଁ ସବୁଠାରୁ ଅଧିକ ପ୍ରଶଂସିତ ଓ ଆମେ ଏହି କେନ୍ଦ୍ର ଖୋଲିବା ଦିନୁ ଆଜି ପର୍ଯ୍ୟନ୍ତ ୧୧ ଲକ୍ଷରୁ ଅଧିକ ଭାରତୀୟଙ୍କୁ ଭିଜା ଯୋଗାଇ ପାରିଛୁ । ହାଇଦ୍ରାବାଦ ସାରା ବିଶ୍ୱର ସବୁଠାରୁ ବ୍ୟସ୍ତ ଭିଜା କେନ୍ଦ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଓ ସାରା ବିଶ୍ୱରେ ଛାତ୍ର ଏବଂ ବାଣିଜ୍ୟିକ ଭିଜା ପ୍ରଦାନ କରୁଥିବା କେନ୍ଦ୍ର ତାଲିକାରେ ଏହା ପ୍ରଥମ ଦଶ ଭିତରେ ରହିଛି । ଏଥିରୁ ସ୍ପଷ୍ଟ ଯେ ଏହାଦ୍ୱାରା ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ବୃଦ୍ଧି ହେଉଛି । ଆମେ ଭାରତୀୟଙ୍କୁ ଭିଜା ପ୍ରଦାନ କରିବା ସହ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଓଡିଶାକୁ ଯାତ୍ରା କରୁଥିବା, ଏଠି କାମ କରୁଥିବା ଓ ଏଠାରେ ରହୁଥିବା ଏକ ଲକ୍ଷରୁ ଅଧିକ ଆମେରିକୀୟ ନାଗରିକଙ୍କୁ ମଧ୍ୟ ବିଭିନ୍ନ ସେବା ପ୍ରଦାନ କରିଥାଉ । ଏହି ଆମେରିକୀୟ ନାଗରିକମାନେ ପାସପୋର୍ଟ ହେଉ କିମ୍ବା ଆପତ୍‌କାଳୀନ ସେବା ପାଇଁ ଆମ କନ୍‌ସୁଲେଟ ଟିମ୍ ଉପରେ ନିର୍ଭର କରିଥାନ୍ତି ଓ ସେମାନେ ଆମ ମିଶନ୍ ପାଇଁ ସର୍ବପ୍ରଥମ ଅଟନ୍ତି ।

ଏହି ଦଶବର୍ଷ ମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ଅନେକ ବ୍ୟବସାୟିକ ସହଭାଗିତା ମଧ୍ୟ ଘଟିଛି । ହାଇଦ୍ରାବାଦରେ ବୋଇଙ୍ଗ୍, ଲକହିଡ଼ ମାର୍ଟିନ, ଉବର, ଆପଲ, ଆମାଜନ ଓ ଏମିତି ଅନେକ ବଡ଼ ଆମେରିକୀୟ କମ୍ପାନୀ ନିଜ ଶାଖା ଖୋଲିଛନ୍ତି । ଏମାନେ ଏଠି ୧୫ ବର୍ଷରୁ କାର୍ଯ୍ୟକାରୀ ଥିବା ଡେଲ୍ ଓ ଏଠାରେ ୨୦ ବର୍ଷ ପୂରଣ କରୁଥିବା ମାଇକ୍ରୋସଫ୍ଟ ଭଳି ଅଗ୍ରଣୀ କମ୍ପାନୀମାନଙ୍କ ତାଲିକାରେ ସାମିଲ ହୋଇଛନ୍ତି । ୧୩୦ରୁ ଅଧିକ ଆମେରିକୀୟ କମ୍ପାନୀ ଏଠାରେ ହଜାର ହଜାର ନିଯୁକ୍ତି ସୃଷ୍ଟି କରି ଦୁଇଦେଶର ଅର୍ଥନୈତିକ ସମୃଦ୍ଧିରେ ସହଯୋଗ କରିଛନ୍ତି । ଗତ ପାଞ୍ଚବର୍ଷ ଭିତରେ ଆମ କନ୍‌ସୁଲେଟ୍ ସହ ଜଡ଼ିତ ଏହି ତିନିରାଜ୍ୟରେ ମିଳିତ



ବୈଦେଶିକ ପୁଞ୍ଜି ନିବେଶ ୧ ଲକ୍ଷ କୋଟି ଟପିଛି, ଯେଉଁଥିରେ ଅଧିକାଂଶ ୟୁ.ଏସ୍. ନିବେଶ ରହିଛି ।

ବୋଧହୁଏ ଏହି ଅଞ୍ଚଳର ବିଶେଷ କ୍ଷମତାକୁ ଦର୍ଶାଇବା ପାଇଁ ଗତବର୍ଷ ଭାରତ ଓ ଆମେରିକା ମିଳିତଭାବେ ଆୟୋଜନ କରିଥିବା ଜିଇଏସ୍ (ଗ୍ଲୋବାଲ ଏଣ୍ଟରପ୍ରିନିଓରଶିପ୍ ସମିଟ୍)ଠାରୁ ବଡ ଉଦାହରଣ ଆଉ କିଛି ହୋଇ ନ ପାରେ । ଏହି ଆନ୍ତର୍ଜାତିକ ସମ୍ମିଳନୀର ସଫଳତାରେ ଆମ କନ୍‌ସୁଲେଟ୍‌ର ବିଶେଷ ଭୂମିକା ରହିଥିଲା । ଏଠାରେ ସାରା ବିଶ୍ୱରୁ ହଜାର ହଜାର ନିବେଶକ, ଉଦ୍ୟୋଗ ଜଗତର ସଫଳ ବ୍ୟକ୍ତି ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକୀୟ ରାଷ୍ଟ୍ରପତିଙ୍କର ଉପଦେଷ୍ଟା ଇଭାନକା ଟ୍ରମ୍ପ ମଧ୍ୟ ଯୋଗ ଦେଇଥିଲେ ।

ଆମେ ବିଭିନ୍ନ କ୍ଷେତ୍ରରେ ଦୁଇଦେଶର ଲୋକଙ୍କ ମଧ୍ୟରେ ସମ୍ପର୍କ ଓ ସାଂସ୍କୃତିକ ଆଦାନପ୍ରଦାନ ସୁଦୃଢ କରିଛୁ । ଗତ ଦଶନ୍ଧିରେ ତିନିରାଜ୍ୟ (ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଓଡିଶା)ରୁ ପ୍ରାୟ ୭୦୦୦ ନାଗରିକ ଆମେରିକା ଯାଇ ବିଭିନ୍ନ exchange programmesରେ ଭାଗ ନେଇଛନ୍ତି ଓ ଆମ ଦେଶରେ ଦେଖିଥିବା ନିଜ ଅନୁଭବ ନିଜ ଅଞ୍ଚଳର ସହକର୍ମୀ ଓ ଲୋକସମୂହଙ୍କ ପାଖରେ ପହଁଚାଇଛନ୍ତି । ଆମେରିକା ସହଯୋଗରେ ବିଭିନ୍ନ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆରମ୍ଭ କରିଥିବା ମାନବ ଚାଲାଣ ବିରୋଧୀ କାର୍ଯ୍ୟକ୍ରମ ଦ୍ୱାରା ହଜାର ହଜାର ନାରୀ ଓ ବାଳିକା ନିଜକୁ ଚାଲାଣକାରୀଙ୍କଠାରୁ ରକ୍ଷାକରି ପାରିଛନ୍ତି । ଆମେରିକା ଭାରତୀୟ ସହଯୋଗୀଙ୍କ ସାଙ୍ଗରେ ମିଶି ଯକ୍ଷ୍ମା, ଏଡ୍‌ସ ଭଳି ବିଭିନ୍ନ ଉତ୍କଟ ରୋଗର ମୂଳୋତ୍ପାଟନ କରିବାକୁ ମଧ୍ୟ ଉଦ୍ୟମ ଚଳାଇଛି ।

ଭାରତର ଏହି ତିନିରାଜ୍ୟର ଉତ୍କୃଷ୍ଟ ଐତିହାସିକ ସମ୍ପତ୍ତି ପ୍ରତି ଆମ ଯୋଗଦାନ ପାଇଁ ମଧ୍ୟ ଆମେ ଗର୍ବିତ । ଆମେ ହାଇଦ୍ରାବାଦସ୍ଥିତ କୁତବ୍‌ଶାହୀ ସମାଧି ଓ ମହା ଲିକା ବାଇ ସମାଧିର ସଂରକ୍ଷଣ ପ୍ରତି U.S. Ambassadors Fund for Cultural Preservation ଦ୍ୱାରା ୨.୨ କୋଟି ଅର୍ଥ ସହଯୋଗ କରିଛୁ । ସେହିଭଳି ଆଗାମୀ ଦିନରେ ଆମେ ଅନ୍ୟ ଐତିହାସିକ ସ୍ମାରକୀର ସଂରକ୍ଷଣ ପ୍ରକଳ୍ପରେ ସହଯୋଗ କରିବାକୁ ଆଶା କରୁଛୁ ।

ଆଗାମୀ ୨୦୨୧ରେ ଆମର ଏହି ଅଞ୍ଚଳ ପ୍ରତି ପ୍ରତିବଦ୍ଧତା ପୂରଣ ପାଇଁ ଏକ ନୂତନ କନ୍‌ସୁଲେଟ୍ ହାଇଦ୍ରାବାଦର ଆର୍ଥିକ ଜିଲାରେ ଉଦ୍‌ଘାଟିତ ହେବ । ଏହାଦ୍ୱାରା ଆମେ ଅଧିକ ଭିଜା ସେବା ପ୍ରଦାନ କରିପାରିବୁ, ସାଂସ୍କୃତିକ ସମ୍ପର୍କ ଦୃଢ କରିପାରିବୁ ଏବଂ ଭାରତ ଓ ଆମେରିକାର ସହଭାଗିତା ଆହୁରି ମଜବୁତ କରିପାରିବୁ । ଆମର ଏହି ଦଶବର୍ଷର ଯାତ୍ରାକୁ ସଫଳ କରିବାରେ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଓଡିଶାର ରାଜ୍ୟ ସରକାରଙ୍କର ବିଶେଷ ସହଯୋଗ ରହିଛି । ଆମେ ସେମାନଙ୍କ ପ୍ରତି କୃତଜ୍ଞ ।

କନ୍‌ସୁଲ ଜେନେରାଲ, ୟୁ.ଏସ୍. କନ୍‌ସୁଲେଟ୍, ହାଇଦ୍ରାବାଦ

## ଏଇ ଭାରତରେ

କେତେକ ରୋଗ ଔଷଧ ଦ୍ୱାରା ଆରୋଗ୍ୟ ହୋଇ ନ ପାରିଲେ ଅସ୍ତ୍ରୋପଚାର ଦରକାର ପଡେ । ନ ହେଲେ ବଞ୍ଚିବା ମୁସ୍କିଲ । ଏପରି ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇଥିବା ଏକ ୩ମାସର ଶିଶୁକନ୍ୟାର ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଏପରି ଏକ ଘଟଣା ଘଟିଛି ନୂଆଦିଲ୍ଲୀରେ । ନାନ୍ସୀ ନାମକ ଏହି ଶିଶୁର ହୃତ୍‌ପିଣ୍ଡରେ ଏକ ଛିଦ୍ର ଥିବା ପରୀକ୍ଷାରୁ ଜଣାପଡ଼ିଥିଲା । ଏଥିପାଇଁ ଜରୁରୀ ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିଲା । ତାଙ୍କ ପିତା ତଥା ଫରିଦାବାଦ୍‌ର ବାସିନ୍ଦା ଅଜୟ କୁମାରଙ୍କ କହିବାନୁଯାୟୀ, ତାଙ୍କ ଝିଅ ବାରମ୍ବାର କାଶିବା ସହିତ ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ ଅନୁଭବ କରୁଥିଲା । ତେଣୁ ତାକୁ ସଫ୍‌ଦରଜଙ୍ଗ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ପରୀକ୍ଷା ନିରୀକ୍ଷା ପରେ ଜଣାପଡ଼ିଲା ଯେ, ତା'ର ହୃତ୍‌ପିଣ୍ଡରେ ଏକ ଛିଦ୍ର ଅଛି । ତେଣୁ ହସ୍ପିଟାଲ୍ କର୍ତ୍ତୃପକ୍ଷ ଏମ୍‌ସରେ ଚିକିତ୍ସା କରାଇବା ପାଇଁ ପରାମର୍ଶ ଦେଇଥିଲେ । ତେଣୁ ତାଙ୍କ ପରିବାର ଅକ୍ଟୋବର ମଧ୍ୟଭାଗରେ ଝିଅକୁ ଏମ୍‌ସ ନେଇଥିଲେ । ସେଠାରେ ମଧ୍ୟ ଡାକ୍ତର ଅନୁରୂପ ପରାମର୍ଶ ଦେଇଥିଲେ । ୨୦୨୪ ଫେବୃୟାରୀରେ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତର କହିଥିଲେ । କିନ୍ତୁ ଏକ ଦୀର୍ଘ ଅବଧିକୁ ଅପେକ୍ଷା କରିବାକୁ ସେମାନଙ୍କ ଧୈର୍ଯ୍ୟ ନ ଥିଲା । କାରଣ ଝିଅଟି ଖୁବ୍ ଯନ୍ତ୍ରଣା ପାଉଥିଲା । ଏହାପରେ ଉକ୍ତ ପରିବାର ଏକ ଚାରିଟେବଲ ଟ୍ରଷ୍ଟ 'ହାର୍ଟ କେୟାର ଫାଉଣ୍ଡେଶନ୍ ଅଫ୍ ଇଣ୍ଡିଆ'(ଏଚ୍‌ସିଏଫ୍‌ଆଇ)ର ଦ୍ୱାରସ୍ଥ ହୋଇଥିଲେ । ପରିସ୍ଥିତିର ଗୁରୁତ୍ୱ ବୁଝିବା ପରେ ବିଶେଷଜ୍ଞ ଟିମ୍ ଆସନ୍ତା ସପ୍ତାହରେ ଅସ୍ତ୍ରୋପଚାର କରାଇବାକୁ ନିଷ୍ପତ୍ତି ନେଇଛନ୍ତି ।

## ଚିରନ୍ତନୀ

ଆକାଶ ଧରା ଅଭେଦ ସମ
ନୟନପଥେ ଭାତିଲା ମମ
ସେ ଗୀତ ଆଜି ଦୂରତା ସବୁ
ନିମିଷେ ଦେଲା ନାଶି
ଶରତ-ଧଳା ବଉଦ ସମ ଚକିତେ ଗଲା ଭାସି ।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୭ ନଭେମ୍ବର ୧୯୯୩

- ଶ୍ରୀନଗରର ପବିତ୍ର ହଜରତବଲ ଦରଘା ଭିତରେ ୧ ମାସଧରି ଆତ୍ମଗୋପନ କରିଥିବା ଉଗ୍ରପନ୍ଥୀମାନେ ନିରାପତ୍ତା ବାହିନୀ ନିକଟରେ ଆତ୍ମସମର୍ପଣ କଲେ ଓ ପଣବନ୍ଦୀଙ୍କୁ ମୁକ୍ତ କଲେ ।
- ତାମିଲ ବିଦ୍ରୋହୀ ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ଏକ ସାମରିକ ଘାଟି ଉପରେ ଆକ୍ରମଣ କରି ୭୦ ସୈନ୍ୟଙ୍କୁ ବନ୍ଦୀ କରିଛନ୍ତି ।

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ-ଓକିଲ ବିବାଦ

ମହାଶୟ,

ଦୀର୍ଘ ଦୁଇ ମାସ ହେବ ଚାଲିଥିବା ପୋଲିସ-ଓକିଲ ବିବାଦର ପୂର୍ଣ୍ଣଚ୍ଛେଦ ପଡିବାକୁ ଯାଉଥିବା ବେଳେ ପୁନଃ ଭଞ୍ଜନଗର ବୁଗୁଡା ଥାନାର ପୁଲିସ କର୍ମଚାରୀଗଣ ମିଳିତଭାବେ ଜନୈକ ଓକିଲଙ୍କୁ ମାଡ଼ ମାରି କ୍ଷତବିକ୍ଷତ କରିବା ଘଟଣା ନାନାଦି ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୋଲିସ ଏତେ ସ୍ୱେଚ୍ଛାଚାରୀ ଓ ବିଶୃଙ୍ଖଳ କାହିଁକି ? ଏପରି କର୍ମଚାରୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦିଆଯାଉ ନାହିଁ କାହିଁକି ?

ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

### ଉଚ୍ଚା ସଡ଼କ ହରକତ

ସରକାରୀ ଯୋଜନାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନୂତନ ସଡ଼କ ନିର୍ମାଣ ଓ ପୁନଃନିର୍ମାଣ କରାଯାଉଛି । ସଡ଼କଗୁଡିକର ଉଚ୍ଚତା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି । ଛୋଟ ଛୋଟ ନାଳବାଟ ବନ୍ଦ ହେଉଛି । ଫସି ଯାଉଛନ୍ତି ଧାରରେ ବହୁପୂର୍ବରୁ ବସବାସ କରି ଆସୁଥିବା ପରିବାର ଓ ଦୋକାନୀ । ପାଣି ପଶି ସବୁ ଠପ୍ । ଡ୍ରେନେଜ୍ ବ୍ୟବସ୍ଥା କାମ କରୁନାହିଁ । ବାଟ ନ ରଖି ସହରତଳି ଅଞ୍ଚଳରେ ଗଢି ଉଠୁଥିବା ନୂତନ ସାହିର ଲୋକେ ମଧ୍ୟ ବେଙ୍ଗ ମୁତିଦେଲେ ଉବୁଟୁବୁ ହେଉଛନ୍ତି । ନିଜ ଭୁଲ ନ ଦେଖି ପ୍ରଶାସନକୁ ଦୋଷ ଦେଉଛନ୍ତି । ଏପରି ଅସୁବିଧାର ସ୍ଥାୟୀ ସମାଧାନ ଦରକାର ।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

### ସର୍ବକ୍ଷମା ଯୋଜନା

ସର୍ବକ୍ଷମା ଯୋଜନାରେ ସରକାରୀ ଜମି କୌଣସି ବ୍ୟକ୍ତିବିଶେଷ, ଅନୁଷ୍ଠାନ ନାମରେ ବୈଧ ନ ହେଉ । ଜନସାଧାରଣଙ୍କ ସ୍ୱାର୍ଥରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ନିର୍ମାଣ, ଡ୍ରେନ୍, ପାର୍କ, ରାସ୍ତା ଉପରେ ବ୍ୟକ୍ତିଗତ ନିର୍ମାଣକୁ ତୁରନ୍ତ ହଟାଯାଉ । ସର୍ବକ୍ଷମା ଯୋଜନାରେ କେବଳ ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ଉପରେ ବିଡିଏ ପ୍ଲାନ୍‌ଠାରୁ ଭିନ୍ନ କିମ୍ବା ଅଧିକ ନିର୍ମାଣକୁ ବୈଧ କରାଯିବା ନିମନ୍ତେ ସ୍ୱଳ୍ପ ମୂଲ୍ୟରେ ତ୍ୱରିତ, ସରଳ ଓ ସମାଧାନର ବାଟ ଫିଟୁ । ଏବର ସର୍ବକ୍ଷମା ଯୋଜନା ଜନସାଧାରଣଙ୍କ ନିମନ୍ତେ ଜଟିଳ ଓ ଅତ୍ୟନ୍ତ ବ୍ୟୟସାପେକ୍ଷ । ଲୋକାଭିମୁଖୀ ସରକାରଙ୍କଠାରୁ ଜନସାଧାରଣ ଏତିକି ନ୍ୟାୟ ଆଶା କରନ୍ତି ।

ସ୍ୱୟଂସିଦ୍ଧା ପରିଡ଼ା, ପାଇକନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଖବରଦାତାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ



ରୂପ୍‌ସା, ୧୬।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଅନ୍ତର୍ଗତ ବସ୍ତା ପ୍ରେସ୍ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ବାହାର୍ଦା ଡାକବଙ୍ଗଳା ଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। କ୍ଲବ ସଭାପତି ବାଞ୍ଛାନିଧି ଦେଙ୍କ ପୌରୋହିତ୍ୟରେ ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବ୍ରଜମୋହନ ମିଶ୍ର, ଉପସଭାପତି ମନୀଷ ରାଇମଗିଆ, ରଞ୍ଜନ ବେହେରା, ସର୍ବେଶ୍ୱର ବେହେରା, ଦୀନବନ୍ଧୁ ପ୍ରଧାନ, ଅଜିତ ସାହୁ, ବିଜୟ କୁମାର ଭୂୟାଁ, ଶିରୀଶ ମହାନ୍ତି, ହରିଶଙ୍କର ପାଣି, ଉମାକାନ୍ତ ମହାନ୍ତି, ନିମାଇଁ ଚରଣ ମହାନ୍ତି, ସମତାକାନ୍ତ ଦାସ, ରବିନାରାୟଣ ସାହୁ, ରବିନାରାୟଣ ଶତପଥି ପ୍ରମୁଖ ଉପସ୍ଥିତ ରହି ସମ୍ପ୍ରତି ଗଣମାଧମ ପ୍ରତିନିଧିଙ୍କ ସୁରକ୍ଷା ଓ ନିରାପତ୍ତା ଉପରେ ସରକାର ଗୁରୁତ୍ୱ ଦେବା ଜରୁରୀ ବୋଲି ବକ୍ତବ୍ୟରେ କହିଥିଲେ। ବିଭିନ୍ନ ସମୟରେ କର୍ତ୍ତବ୍ୟରତ ଖବରଦାତାଙ୍କ ପ୍ରତି ଆକ୍ରମଣ ଘଟଣାକୁ ନିନ୍ଦା କରାଯାଇଥିଲା। ସବୁବେଳେ ନିର୍ଭୀକ ଓ ସତ୍ୟ ଖବର ପରିବେଷଣ କରାଗଲେ ଗଣମାଧମ ସମସ୍ତଙ୍କ ଆସ୍ଥାଭାଜନ ହୋଇପାରିବେ ବୋଲି ମତପ୍ରକାଶ ପାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଇ-କାର୍ଡ ଲାଗି ସର୍ଭେ ବେଳେ ଅର୍ଥ ଆଦାୟ

## ■ ୮୩ ଜଣଙ୍କୁ ଅର୍ଥ ଫେରାଇଲେ ଯୁବକ

ରେମୁଣା, ୧୬।୧୧(ଡି.ଏନ.ଏ.)

ଲୋକଙ୍କୁ ସୁବିଧାରେ ଜାତି ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ଏବଂ ରୋଜଗାର ପ୍ରମାଣପତ୍ର ଯୋଗାଇ ଦେବାକୁ ସରକାର ଇ-ସୁବିଧା କାର୍ଡ ପ୍ରଚଳନ କରିବାକୁ ଯାଉଛନ୍ତି। ୨୦୧୯ରେ ଲୋକଙ୍କୁ ଏହି ସୁବିଧା ମିଳିବ। ବର୍ତ୍ତମାନ ଏଥିପାଇଁ ସର୍ଭେ କରାଯାଉଛି। ବାଲେଶ୍ୱର ଜିଲା ରେମୁଣା ଅଞ୍ଚଳରେ ସର୍ଭେ କରାଯିବା ସମୟରେ ଜଣ ପିଛା ୩୦ ଟଙ୍କା କରି ଆଦାୟ କରାଯିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ସେମାନେ ଆଦାୟକାରୀଙ୍କ ବିରୋଧରେ ରେମୁଣା ଥାନାରେ ଅଭିଯୋଗ କରିବା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ପରେ ଏହି ଯୁବକ ୮୩ଜଣଙ୍କଠାରୁ ଆଦାୟ କରିଥିବା ଅର୍ଥକୁ ଫେରସ୍ତ ଦେଇଛନ୍ତି। ଏଥିଲାଗି ପୋଲିସ ତାଙ୍କୁ ଛାଡି ଦେଇଥିବା ଥାନାଧିକାରୀ ଜ୍ଞାନ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ ଅଭିଯୁକ୍ତ ଯୁବକଙ୍କ ଘର ରେମୁଣା ଥାନା କେଳାପଦା ଅଞ୍ଚଳରେ। ସେ ମାନବିକ ଅଧିକାର କମିଟି ନାମକ ଏକ ସଂସ୍ଥାର ସଦସ୍ୟ ଭାବେ କାମ କରୁଥିବା କହିଛନ୍ତି। ୬ ମାସ ହେବ ସେ ସାରା ବ୍ଲକର ବିଭିନ୍ନ ଅଞ୍ଚଳକୁ ଯାଇ ଇ-ସୁବିଧା କାର୍ଡ ଯୋଗାଇ ଦେବେ ବୋଲି କହି ଏ ବାବଦରେ ୩୦ ଟଙ୍କା କରି ଆଦାୟ କରିଥିଲେ। କାର୍ଡ ମାଧମରେ ପାଇଖାନା ଏବଂ ଗ୍ୟାସ ସଂଯୋଗ ଭଳି ସୁବିଧା ମିଳିବ ବୋଲି ସେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଗତ ଗୁରୁବାର ସେ ନରହରିପୁର ପଞ୍ଚାୟତର ଗୌରପୁର ଗାଁରୁ ଅର୍ଥ ସଂଗ୍ରହ କରୁଥିବା ବେଳେ ପୂର୍ବତନ ସରପଞ୍ଚ ଅନିରୁଦ୍ଧ ଲେଙ୍କା ଏବଂ ଅନ୍ୟମାନେ ଏଥିରେ ସନ୍ଦେହ କରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଥାନାକୁ ଡାକି ପଚରାଉଚୁରା କରିଥିଲେ। ଘଟଣା ପଦାକୁ ଆସିବା ପରେ ଅତିରିକ୍ତ ଜିଲାପାଳଙ୍କ ଦ୍ୱାରା ଜିଲାର ସମସ୍ତ ବ୍ଲକ ଅଧିକାରୀଙ୍କୁ ଚିଠି ମାଧମରେ ଅନ୍ୟ କୌଣସି ସ୍ଥାନରେ ଏପରି କାର୍ଯ୍ୟ ହେଉଥିଲେ ଏହା ଉପରେ ନଜର ରଖିବାକୁ କହିଥିବା ଜଣାପଡିଛି।

# ବିଜ୍ଞାନ ମେଳାରେ ୧୦୦ ପ୍ରକଳ୍ପ

ବାଲିଆପାଳ,୧୬।୧୧(ଡି.ଏନ.ଏ.)

ବାଲିଆପାଳ ବ୍ଲକସ୍ତରୀୟ ବିଜ୍ଞାନମେଳା ଶୁକ୍ରବାର ରାଣୀଖୁଡି ଭଗବାନଚନ୍ଦ୍ର ଉନ୍ନୀତ ଉପ୍ରା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଇମେରୀ ସ୍କୁଲର ପିଲାମାନେ ୩୪ ପ୍ରକଳ୍ପ, ଉନ୍ନୀତ ଉପ୍ରା ସ୍କୁଲର ପିଲାମାନେ ୩୪ ପ୍ରକଳ୍ପ ଓ ହାଇସ୍କୁଲର ପିଲାମାନେ ୩୨ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବାଲିଆପାଳ ଶିକ୍ଷାଧିକାରୀ ନାରାୟଣ ଦାସ ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମନୋଜ କୁମାର ଜେନା, ପୂର୍ବତନ ବିଆରସିସି ପଞ୍ଚାନନ ପ୍ରଧାନ,ନୋଡାଲ ଅଫିସର ସଞ୍ଜୟ କୁମାର ଜେନା, ମେଳାର ସଂଯୋଜକ ଶୁକଦେବ ମହାନ୍ତି, ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ପ୍ରମାଣିକ, ଉନ୍ନୀତ ସ୍କୁଲର ପ୍ରଧାନ ଶିକ୍ଷକ ସୃଷ୍ଟିଧର ଦାସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିବପ୍ରସାଦ ପ୍ରମାଣିକ ଅଧକ୍ଷତା କରିଥିବା ବେଳେ ମନ୍ମଥ ସାହୁ, ବ୍ରଜବିହାରୀ ସାହୁ, ସିଆରସିସି ସୁଶାନ୍ତ ଗିରି, ତପନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାଉଡି ସ୍କୁଲ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ପାଇଥିବାରୁ ତା'ର ପ୍ରଧାନ ଶିକ୍ଷକ ରଞ୍ଜନ ପଣ୍ଡାଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନେତା ଦୁଃଖୀ ଶ୍ୟାମ ଦାସ, ଆଦିତ୍ୟ ରାଉତ, ପ୍ରଭାତ ରଞ୍ଜନ ସାହୁ, ମନ୍ମଥ ବିଶ୍ୱାଳ, ଧନଞ୍ଜୟ ଦେ, ସୁଶାନ୍ତ କର ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ। ଉତ୍ସବରେ ଶ୍ରେଷ୍ଠ ପ୍ରକଳ୍ପଗୁଡିକୁ ଅତିଥିମାନେ ପୁରସ୍କୃତ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରତିଯୋଗୀ।

# ପିଲାଦିନ ପାଳନ ଉତ୍ସବ

ରସାଲପୁର,୧୬।୧୧(ଡି.ଏନ.ଏ.)

ବାଲେଶ୍ୱର କୁରୁଡ଼ାସ୍ଥିତ ଓଡ଼ିଶା ଫଲୋଅପ୍ ଅଫିସ୍ ପରିସରରେ ଶିଶୁଦିବସ ଅବସରରେ ଓଡ଼ିଶା ଫଲୋଅପ୍ ଓ ଧୂଳ କେ ଫୁଲ୍ ପକ୍ଷରୁ ମିଳିତ ଆନୁକୂଲ୍ୟରେ ପିଲାଦିନ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଆଇଟିଆର୍ ନିର୍ଦ୍ଦେଶକ ବିନୟ କୁମାର ଦାସ ଯୋଗଦେଇଥିଲେ। ଦିବସବ୍ୟାପୀ ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ବାଲୁକାଶିଳ୍ପ, କର୍ମଶାଳା, ମ୍ୟାଜିକ ଶୋ', ପ୍ରାଚୀର ଚିତ୍ର ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାଖାପାଖି ୮୩ଟି ବସ୍ତିରୁ ୭ଶହରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।

ମୁଖ୍ୟଅତିଥି ଭାବେ ଗ୍ଲୋବାଲ ରୋଲ୍ ଅଫ୍ ଅନର୍' ପୁରସ୍କାର ବିଜେତା ତଥା ବିଶିଷ୍ଟ ପରିବେଶବିତ୍ ପ୍ରଫେସର ରାଧାମୋହନ, ସମ୍ମାନିତ ଅତିଥି ଭାବେ ଲୋକଶକ୍ତି ନିର୍ଦ୍ଦେଶକ ରବି ରାୟ, ଓଡ଼ିଶା ଫଲୋଅପ୍ ନିର୍ଦ୍ଦେଶକ ବାଇସୋପ୍ ଡି.ବି. ହୃଦୟ, ସହ-ନିର୍ଦ୍ଦେଶକ ହିରଣ୍ମୟୀ ଦାଣ୍ଡିଆ, ଯୁବ ବିକାଶ ନିର୍ଦ୍ଦେଶକ ଗୋବିନ୍ଦ ବଲ୍ଲଭ ଦଳାଇ, ସତ୍ୟରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ଶିଳ୍ପୀ କେଶୁ ଦାସ, ନୃତ୍ୟଗୁରୁ ଏସ୍.କେ. ରାଜା ଓ ରୋନାଲିସା ପଣ୍ଡା, ସଙ୍ଗୀତଗୁରୁ ଦେବଶ୍ରୀ ମହାନ୍ତି, ଅରୁଣାଂଶୁ ପାଣିଗ୍ରାହୀ, ଦୀପକ ଉଦୟ ପୁରିଆ, ଶ୍ରୀକାନ୍ତ ଗାନ, ରାଧାରମଣ ଦଳେଇ, ଯାଜ୍ଞସେନୀ ଦାସମଙ୍ଗରାଜ, ପୂଜା ପଟେଲ, ପ୍ରବୀଣ ମିଟ୍‌କର୍, ପ୍ରଦୀପ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମିଲିଅନ୍ ଡ୍ରିମ୍ସର ପ୍ରତିଷ୍ଠାତା ବିରଜା ପ୍ରସାଦ ନାୟକ ଏବଂ ଅର୍ଚ୍ଚିସା ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ ସଞ୍ଜୟ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ସନ୍ଧ୍ୟା ସମୟରେ ଆଇଟିଆର୍‌ର କର୍ମଜୀବୀ ମହିଳାମାନେ ଆର୍‌ସିଡ଼ିସିର ପିଲାମାନଙ୍କୁ ଉପହାର ସ୍ୱରୂପ ଶୀତବସ୍ତ୍ର ପ୍ରଦାନ ତଥା ମିଷ୍ଟାନ୍ନ ଦେଇ ଆପାୟିତ କରିଥିଲେ। ଆର୍‌ସିଡ଼ିସିର ପରିଚାଳକ ବିଭୁଦତ୍ତ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୋର ଗୋଶାଳାରେ ଗୋଷ୍ଠାଷ୍ଟମୀ

ସୋର, ୧୬।୧୧(ଡି.ଏନ.ଏ.)

ସୋର ଗୋଶାଳା ତରଫରୁ ୯୫ତମ ଗୋଷ୍ଠାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଗୋଶାଳା ପରିସରରେ ଥିବା ଗୋପାଳ ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହିତ, କଳସ ଶୋଭାଯାତ୍ରା, ଗାୟତ୍ରୀ ପତାକା ଉତ୍ତୋଳନ, ଯଜ୍ଞ ଓ ଗୋପୂଜନ କରାଯାଇଥିଲା। ସନ୍ଧ୍ୟାରେ ବିଷ୍ଣୁମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଉମାକାନ୍ତ ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ଦୈତାରି ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଡ. ବସନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ଗୋ ମହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଜିଲା ପ୍ରାଣି ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟର ଜୀବ ମଙ୍ଗଳ ଅଧିକାରୀ ବିଜୟ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବିଜୟ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।


**ଆଲ୍ଲାହାବାଦ ବ୍ୟାଙ୍କ**

**ଭୁବନେଶ୍ୱର ମୁଖ୍ୟ ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୫୯୮୦୪୪

**ଦଖଲ ନୋଟିସ୍**
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍- ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ରଣଗ୍ରହୀତା ରଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧମରେ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**"ଏତଦ୍‌ଦ୍ୱାରା ରଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।"**

| ରଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| **ରଣଗ୍ରହୀତା: ଶ୍ରୀ ପ୍ରଶାନ୍ତ କୁମାର ସ୍ୱାଇଁ,** ପିତା: ଶ୍ରୀ ଭଜବନ ସ୍ୱାଇଁ, ବୃନ୍ଦାବନ କଲୋନୀ, ମେନ୍ ରୋଡ୍, ଗାନ୍ଧୀ ଚୌକ, ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡା, ଓଡ଼ିଶା-୭୬୮୨୧୬ / **ଗ୍ୟାରେଣ୍ଟିଦାତା:ଶ୍ରୀ ଲକ୍ଷ୍ମୀଧର ପରିଡା,** ଏଲ୍‌ବି-୩୦୫, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୧୮ | ୧୨.୦୯.୨୦୧୮ ସୁଦ୍ଧା ଟ.୨୩,୮୬,୪୭୨/- + ସେବାବଦ ସୁଧ | ୧୨.୦୯.୨୦୧୮ / ୧୪.୧୧.୨୦୧୮ | ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ୧, ୨ୟ ମହଲା, ବ୍ଲକ୍-ବି ସହିତ ପାର୍କିଂ ସ୍ପେସ୍ ନଂ.: ଏ-୪, ମାଣିକ ଭିଲ୍ଲା, ସୁପର ବିଲ୍ଟ ଅପ୍ ଏରିଆ: ୧୦୫୦ବର୍ଗଫୁଟ, ଖାତା ନଂ.: ୪୨୩/୮୧୩, ପ୍ଲଟ୍ ନଂ.: ୧୦୮୯, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୩୭, ଗଡଗୋପିନାଥ ପ୍ରସାଦ, ଜିଲ୍ଲା: ଖୋର୍ଦ୍ଧା, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ଫ୍ଲାଟ୍ ନଂ.: ୧୦୮୯ (ଅଂଶ), ଦକ୍ଷିଣ: ଫ୍ଲାଟ୍ ନଂ.: ୨ (୨ୟ ମହଲା), ପୂର୍ବ: ଫ୍ଲାଟ୍ ନଂ.: ୪ (୨ୟ ମହଲା), ପଶ୍ଚିମ: ପ୍ଲଟ୍ ନଂ.: ୧୦୮୯ ଏବଂ ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୬.୧୧.୨୦୧୮ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ





## ବୋର୍ଡ ବୈଠକ ପରେ ଟାଟା ସନ୍ସର ସଷ୍ଟୋକ୍ତି

# ଜେଟ୍ ଏୟାରୱେଜକୁ ପ୍ରସ୍ତାବ ମିଳିନି



ମୁମ୍ବାଇ,୧୬ା୧୧

ସଙ୍କଟଗ୍ରସ୍ତ ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜକୁ କିଣିବା ନେଇ ଟାଟା ସନ୍ସ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ କମ୍ପାନୀ କିଣିବା ନେଇ ଜେଟ୍‌ରୁ କୌଣସି ପ୍ରସ୍ତାବ ଆସିନି ବୋଲି ବୋର୍ଡ ବୈଠକ ଶେଷରେ ଟାଟା ସନ୍ସ ପକ୍ଷରୁ କୁହାଯାଇଛି।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପୂର୍ଣ୍ଣ ସେବା ବିମାନ କମ୍ପାନୀ ବିସ୍ତାରା ଏବଂ ଏୟାର ଏସିଆ ଇଣ୍ଡିଆ ସହ ମିଶି ଟାଟା ସନ୍ସ ଯୌଥ ଭାବେ ଦୁଇଟି ବିମାନ କମ୍ପାନୀ ପରିଚାଳନା କରୁଛି। ତେବେ ଗ୍ରୁପ୍ ଦ୍ୱାରା ପରିଚାଳିତ ନିଜସ୍ୱ ଏକ ବିମାନ କମ୍ପାନୀ ପାଇଁ ଟାଟା ପକ୍ଷରୁ ଦୀର୍ଘଦିନ ହେଲା ଉଦ୍ୟମ ହୋଇଆସୁଛି। ସିଙ୍ଗାପୁର ଏୟାରଲାଇନ୍ସ ସହ ମିଶି ଟାଟା ସନ୍ସ ନରେଶ ଗୋଏଲଙ୍କ ମାଲିକାନାରେ ଥିବା ଜେଟ୍ ଏୟାରୱେଜକୁ କିଣିବାକୁ ଯାଉଛି ବୋଲି ଗତ କିଛି ଦିନ ହେବ ମିଡିଆରେ ବେଶ୍ ଚର୍ଚ୍ଚା ହେଉଥିଲା। ଏପରିକି ଏହି ଖବର ପ୍ରଚାରିତ ହେବା ପରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଜେଟ୍ ଏୟାରୱେଜ ଶେୟାର ମୂଲ୍ୟ ଇତିମଧ୍ୟରେ ୮ ପ୍ରତିଶତ ବୃଦ୍ଧି ପାଇ ୩୪୬.୮୫ଟଙ୍କାରେ ପହଞ୍ଚିଯାଇଛି। ଜେଟ୍‌କୁ ରକ୍ଷା କରିବା ଲାଗି ଟାଟାକୁ ହସ୍ତକ୍ଷେପ କରିବାକୁ କେନ୍ଦ୍ର ସରକାର ଅନୁରୋଧ କରିଥିବା ନେଇ ମିଡିଆରେ ଆଉ ଏକ ଚର୍ଚ୍ଚା ବେଶ୍ ଜୋର ଧରିଛି। ଅନ୍ୟପକ୍ଷରେ ବୋର୍ଡ ବୈଠକ ଶେଷରେ ଟାଟା ସନ୍ସ ପକ୍ଷରୁ କୁହାଯାଇଛି ଯେ, ଆଲୋଚନା ପ୍ରାରମ୍ଭିକ ସ୍ତରରେ ହୋଇଛି। ଏଥିପାଇଁ କୌଣସି ପ୍ରସ୍ତାବ ଆସିନି।

# ଶ୍ରୀମନ୍ଦିର ପ୍ରଶାସନ ଉପରେ ବର୍ଷିଲେ ଶଙ୍କରାଚାର୍ଯ୍ୟ


ପୁରୀ ଅଫିସ,୧୬ା୧୧

ବିଭିନ୍ନ ପ୍ରସଙ୍ଗକୁ ନେଇ ଗତ ୩ ବର୍ଷ ଧରି ବଦନାମ ହେବାରେ ଲାଗିଛି ଶ୍ରୀମନ୍ଦିର। ଦିନକୁ ଦିନ ଧାର୍ମିକ ଓ ପ୍ରଶାସନିକ ପ୍ରସଙ୍ଗକୁ ନେଇ ବିଭିନ୍ନ ବିବାଦ ମୁଣ୍ଡ ଟେକୁଛି। ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର, ସେବାୟତ ସମସ୍ତେ ବଦନାମ ହେଉଛନ୍ତି। ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ଗତ ଅକ୍ଟୋବର ୩ରେ ପୁରୀ ବନ୍ଦ ବେଳେ ଘଟିଥିବା ହିଂସା ସବୁ ସୀମା ସରହଦକୁ ଅତିକ୍ରମ କରିଛି।

### ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗ

■ ମୋ ସହ ଆଲୋଚନା କଲେ ବାହାରିବ ସମାଧାନର ସୂତ୍ର

ଏହି ପ୍ରସଙ୍ଗ ଥମି ନ ଥିବାବେଳେ ପୁଣି ପୁରୁଣା ବ୍ରହ୍ମ ବିଭ୍ରାଟ ଏବଂ ଦାରୁ ଚୟନ ପ୍ରସଙ୍ଗ ଏବେ ସତେଜ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ବ୍ରହ୍ମ ବିଭ୍ରାଟ ଘଟଣାରେ ନୋଟିସ ଜାରି କରିବା ପରେ ମହାରଣା ସେବକ କୃଷ୍ଣଚନ୍ଦ୍ର ମହାରଣା ଦାରୁ ଚୟନ ଏବଂ ମାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ଆରୋପ ପ୍ରତ୍ୟାରୋପ ଚଳାଇଥିବା ବେଳେ ଏ ସମ୍ପର୍କରେ ମତ ରଖିଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶୁକ୍ରବାର ଖବରଦାତାଙ୍କ ଏ ସମ୍ପର୍କିତ ପ୍ରଶ୍ନରେ ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ, ଧାର୍ମିକ, ଆଧାତ୍ମିକ କ୍ଷେତ୍ରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନ୍ୟାୟାଧୀଶ ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ତାଙ୍କ ସହ ଏହି ସମସ୍ୟା ନେଇ କୌଣସି ପ୍ରକାର ଆଲୋଚନା କରିନାହିଁ। ଯଦି ଏହି ସମସ୍ୟା ନେଇ ଆଲୋଚନା କରିବ ସମାଧାନର ସୂତ୍ର ନିଶ୍ଚିତ ବାହାରିବ। କ୍ଷୀର ପାଣି ସବୁ ଅଲଗା ହୋଇଯିବ। ଶ୍ରୀମନ୍ଦିର ପ୍ରଶାସନ ଦିଶାହୀନ ହୋଇପଡିଛି। ମନ୍ଦିର ପରିଚାଳନା କମିଟି କାହିଁକି ଶୋଇପଡିଛି ବୋଲି ପ୍ରଶ୍ନ କରିବା ସହ ଏହି ସମସ୍ୟା ମୋ ପାଖରେ ପହଞ୍ଚିଲେ ସମାଧାନର ସୂତ୍ର ନିଶ୍ଚିତ ବାହାରିବ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେତେ ଖାଇଲେ ନ ପୂରିଲା ପେଟ,**
**ବିରି ଓଳିଆରେ ମାଇଲା ଥଣ୍ଟ।**

ଯାହାର ଖାଦ୍ୟ ପ୍ରତି ଅଧିକ ଲୋଭ ରହିଥାଏ ସେ ଯେତେ ପେଟ ପୂରାଇ ଖାଇଥିଲେ ମଧ୍ୟ ଆହୁରି ଖାଦ୍ୟ ଖାଇବା ନେଇ ମନ ବଳାଇଥାଏ। ଖାଦ୍ୟଲୋଭୀ ବ୍ୟକ୍ତିଙ୍କୁ ଖାଦ୍ୟ ଛଡ଼ା ଆଉ କିଛି ବି ଦୃଶ୍ୟ ହୋଇ ନ ଥାଏ। ପେଟୁ ସ୍ୱଭାବ ବ୍ୟକ୍ତିଙ୍କର ଖାଦ୍ୟ ପ୍ରତି ରହିଥିବା ଅହେତୁକ ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଯାହାର ଲାଗି ଚୋରି କଲି,**
**ସେ ଡାକୁଛି ଚୋର ବୋଲି।**

ଯାହା ପ୍ରତି ମନରେ ସ୍ନେହ, ଆଦର ତଥା ଦରଦଭାବ ରହିଥାଏ ତା'ପ୍ରତି ମନରେ ସ୍ୱତଃପ୍ରବୃତଃ ଦୁର୍ବଳତା ରହିଥାଏ। ଏଭଳି ସ୍ଥିତିରେ ଉକ୍ତ ଆତ୍ମୀୟ ବ୍ୟକ୍ତିର ରୁକ୍ଷ ବ୍ୟବହାର ଭଲ ପାଉଥିବା ବ୍ୟକ୍ତିର ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ଯାହାକୁ ଖୁସି କରିବା ଲାଗି ଯିଏ ନାନା ବିପଦକୁ ଭ୍ରୂକ୍ଷେପ ନ କରି ବହୁ କଷ୍ଟ ସ୍ୱୀକାର କରି କାର୍ଯ୍ୟ କରେ ସେ ବାହାବା ବା ପ୍ରଶଂସା ବଦଳରେ ଯଦି ଲାଞ୍ଛନା ପାଏ ତା'ହେଲେ ମନର ବେଦନା ଦ୍ୱିଗୁଣିତ ହୋଇଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସରକାରଙ୍କୁ କାଠଗଡ଼ାକୁ ଟାଣିଲେ ଟ୍ୟାକ୍ସ ଆସୋସିଏଶନ

# ଆଇଟି କମିଶନରଙ୍କୁ ପ୍ରୋତ୍ସାହନ ଦେବାକୁ ବିରୋଧ

ନୂଆଦିଲ୍ଲୀ,୧୬ା୧୧

ଟିକସ ବିବାଦ କ୍ଷେତ୍ରରେ ସରକାରଙ୍କ ସପକ୍ଷରେ ରାୟ ଦେବା ପାଇଁ ଆୟକର ବିଭାଗ ପକ୍ଷରୁ ବିଚାରପତି କ୍ଷମତା ପାଇଥିବା ଆୟକର କମିଶନର(ଅପିଲ)ଙ୍କୁ ପ୍ରୋତ୍ସାହନ ରାଶି ଦେବାକୁ ବିରୋଧ କରିଛି ଅଲ୍ ଇଣ୍ଡିଆ ଟ୍ୟାକ୍ସ ପ୍ରାକ୍ଟିଶନର୍ସ ଆସୋସିଏଶନ। ଏହା ସେଣ୍ଟ୍ରାଲ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି) ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ମାମଲା ଦାଏର କରିଛି। ସରକାରଙ୍କ ସପକ୍ଷରେ ଯେତେ ଅଧିକ ରାୟ ପ୍ରକାଶ ପାଇବ ଆୟକର କମିଶନର(ଅପିଲ)ଙ୍କ ସେହି ଅନୁପାତରେ ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ସିବିଡିଟି ପକ୍ଷରୁ ଏକ ନୀତି ପ୍ରଣୟନ କରାଯାଇଛି। ଏହାଦ୍ୱାରା ଟିକସ ଆତଙ୍କବାଦ ବଢ଼ିବା ସହିତ ବିବାଦ ଅଧିକ ହେବ। ତେବେ ସରକାର ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଆୟକର ସମ୍ପର୍କିତ ବିବାଦର ପ୍ରଥମ ଶୁଣାଣି ଆୟକର କମିଶନର କରିଥାନ୍ତି। ଏଠାରୁ ଆବଶ୍ୟକ ମୁତାବକ ରାୟ ନ ମିଳିଲେ କମ୍ପାନୀ କିମ୍ବା ଟିକସଦାତା ଉପରିସ୍ଥ ଅଦାଲତକୁ ଯାଇପାରିବେ। ଅନ୍ୟପକ୍ଷରେ ଆସୋସିଏଶନ ପକ୍ଷରୁ କୁହାଯାଇଛି ଯେ, ସରକାରଙ୍କ ନୂଆ ନୀତି ଦ୍ୱାରା ନିରପେକ୍ଷତା ବଜାୟ ରହିବ ନାହିଁ ବୋଲି ଆସୋସିଏଶନ ଅଭିଯୋଗ କରିଛି।

## ନିୟମ ପରିବର୍ତ୍ତନ ପ୍ରସ୍ତାବ ଦେଲେ ସରକାର

# ଆର୍‌ବିଆଇ ବୋର୍ଡକୁ ମିଳିବ ଅଧିକ କ୍ଷମତା

ନୂଆଦିଲ୍ଲୀ,୧୬ା୧୧

ଏକାଧିକ ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ର ସରକାରଙ୍କ ମତଭେଦ ରହିଛି। ଏହାକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ଉପରେ ଅଧିକ ନଜର ରଖିବା ଉଦ୍ଦେଶ୍ୟରେ ନିୟମ ପରିବର୍ତ୍ତନ କରି ବୋର୍ଡକୁ ଅଧିକ କ୍ଷମତା ଦେବାକୁ ସରକାର ଚାହୁଁଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପରିଚାଳିତ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବରେ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କ ବୋର୍ଡ ଡ୍ରାଫ୍ଟ ରେଗୁଲେଶନ ମାଧ୍ୟମରେ କମିଟି ଗଠନ କରୁ। ଏହି କମିଟି କେନ୍ଦ୍ରୀୟ ବ୍ୟାଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯଥା ଆର୍ଥିକ ସ୍ଥିରତା, ମୁଦ୍ରା ସ୍ଥାନାନ୍ତର ନୀତି ଏବଂ ବୈଦେଶିକ ବିନିମୟ ପରିଚାଳନା ଭଳି କାର୍ଯ୍ୟଗୁଡିକୁ ତଦାରଖ କରିପାରିବ। ସରକାରଙ୍କ ଏହି ପ୍ରସ୍ତାବ ଦ୍ୱାରା ରିଜର୍ଭ ବ୍ୟାଙ୍କ ବୋର୍ଡକୁ ଅଧିକ କ୍ଷମତା ମିଳିଯିବ ଏବଂ କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟ ଉପରେ ନଜର ରଖିପାରିବ। ଏଭଳି କମିଟି ଗଠନ କରିବା ଦ୍ୱାରା ରିଜର୍ଭ ବ୍ୟାଙ୍କ ଆଇନରେ ସଂଶୋଧନ ଆଣିବାକୁ ପଡିବ ନାହିଁ ଏବଂ ସରକାରଙ୍କ କର୍ତ୍ତୃତ୍ୱ ବଜାୟ ରହିବ। ଏହି ନବୀନତମ ପ୍ରସ୍ତାବ ମତଭେଦକୁ ଆହୁରି ତୀବ୍ର କରିବ ବୋଲି କୁହାଯାଉଛି। ଆସନ୍ତା ସୋମବାର ହେବାକୁ ଥିବା ବୋର୍ଡ ବୈଠକରେ ଏହି ପ୍ରସ୍ତାବ ଉପରେ ଗରମାଗରମ ଆଲୋଚନା ହେବାର ସମ୍ଭାବନା ରହିଛି। ତେବେ ଏଭଳି ପ୍ରସ୍ତାବ ନେଇ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏବଂ ରିଜର୍ଭ ବ୍ୟାଙ୍କରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

■ ଗୋ ସେବା ସବୁଠୁ ପୁଣ୍ୟ ସେବା

# ଗୋ ମାଂସ ସେବନ ଜଘନ୍ୟ ଅପରାଧ

ପୁରୀ ଅଫିସ, ୧୬ା୧୧

ଗୋ ବଂଶ ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ। ଭଗବାନ ଶ୍ରୀକୃଷ୍ଣ ସର୍ବପ୍ରଥମେ ଗୋ ଚାରଣ ଲୀଳା ସମ୍ପନ୍ନ କରିଥିଲେ। ଗୋ ସେବା ହେଉଛି ସବୁଠୁ ପୁଣ୍ୟ ସେବା। ହେଲେ ବର୍ତ୍ତମାନ ଭାରତରେ ଗୋ ସମ୍ପଦ ଅସୁରକ୍ଷିତ ହୋଇପଡିଛନ୍ତି। ଏମାନଙ୍କ ସୁରକ୍ଷା ଜରୁରୀ ହୋଇପଡିଛି ବୋଲି କହିଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶୁକ୍ରବାର ଗୋବର୍ଦ୍ଧନ ମଠରେ ଗୋଷ୍ଠାଷ୍ଟମୀ ଉତ୍ସବ ପାଳନ ଅବସରରେ ଶଙ୍କରାଚାର୍ଯ୍ୟ କହିଥିଲେ ଯେ, ଗୋ ବଂଶକୁ ସୁରକ୍ଷା ଦେବାରେ ଦୃଢ଼ ଇଚ୍ଛାଶକ୍ତି ଦରକାର। ଭଗବତପାଦ ଆଦି ଶଙ୍କରାଚାର୍ଯ୍ୟ ଗୋ ବଂଶ ସୁରକ୍ଷା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପୀଠର ନାମ ଗୋବର୍ଦ୍ଧନ ମଠ ରଖିଥିଲେ। ଏଣୁ ଗୋ ସମ୍ପଦର ସୁରକ୍ଷା ଲାଗି ମଠର ଶଙ୍କରାଚାର୍ଯ୍ୟମାନେ ସମାଜକୁ ମାର୍ଗଦର୍ଶନ କରିବାର ଆବଶ୍ୟକତା ରହିଛି। ପୂର୍ବ ଶଙ୍କରାଚାର୍ଯ୍ୟ ନିରଞ୍ଜନ ଦେବ ତୀର୍ଥ ମହାରାଜ ୧୯୬୭ରେ ଗୋ ବଂଶର ରକ୍ଷା ଲାଗି ୭୨ ଦିନ ଅନଶନ କରିଥିଲେ। ଗୋ ହତ୍ୟା ସମ୍ପୂର୍ଣ୍ଣ ବନ୍ଦ ନ ହେବା ପର୍ଯ୍ୟନ୍ତ ସେ ଅନ୍ନ, ଜଳ ଗ୍ରହଣ କରିବେ ନାହିଁ ବୋଲି ସଂକଳ୍ପ କରିଥିଲେ। ଗୋ ବଂଶର ସୁରକ୍ଷା ପାଇଁ ୧୯୬୬-୬୭ରେ ମୁଁ ୫୨ ଦିନ ତିହାର ଜେଲରେ ରହିଥିଲି। ବର୍ତ୍ତମାନ ଏହି ମଠରେ ଗୋ ବଂଶଙ୍କ ସୁରକ୍ଷା ଲାଗି କାର୍ଯ୍ୟ ଚାଲିଛି ଏବଂ ଆଗକୁ ମଧ୍ୟ ଜାରି ରହିବ। କୃଷି ଏବଂ ବାଣିଜ୍ୟରେ ଗୋ ସମ୍ପଦଙ୍କ ବ୍ୟବହାର ବହୁଳ ଭାବେ କରାଯିବା ଦରକାର। କିନ୍ତୁ ଏବେ କୃଷିରେ ଟ୍ରାକ୍ଟର ବ୍ୟବହାର କରାଯାଉଛି। ସେହିପରି ବିଭିନ୍ନ ପ୍ରକାର କୀଟନାଶକ ପକାଯାଇ ଜମିର ଉର୍ବରତା ନଷ୍ଟ କରାଯାଉଛି। ଭାରତରେ ଦିନକୁ ଦିନ ଗୋ ହତ୍ୟା ବଢ଼ିବାରେ ଲାଗିଛି। ଗୋ ମାଂସ ସେବନ ଅତ୍ୟନ୍ତ ଜଘନ୍ୟ ଅପରାଧ ଏବଂ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତେଣୁ ଗୋ ସମ୍ପଦଙ୍କୁ ହତ୍ୟା ନୁହେଁ ସେମାନଙ୍କ ସୁରକ୍ଷା ଲାଗି ସମସ୍ତେ ଆଗେଇ ଆସିବା ଉଚିତ ବୋଲି ଶଙ୍କରାଚାର୍ଯ୍ୟ ଆହ୍ୱାନ ଦେଇଥିଲେ।

# ଅଜଣା ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

ପାତ୍ରପଡା, ୧୬ା୧୧
(ଡି.ଏନ.ଏ.)

ଅଜଣା ଗାଡି ଧକ୍କାରେ ଖଣ୍ଡଗିରି ଥାନା ନିକଟରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କର ପରିଚୟ ମିଳି ନ ଥିବାବେଳେ ମୃତଦେହ ପୋଲିସ ଜବତ କରି ସଂରକ୍ଷିତ ରଖିଛି। ପୋଲିସ ସୂଚନା ଅନୁଯାୟୀ ୧୬ ନଂ. ଜାତୀୟ ରାଜପଥରେ ଖଣ୍ଡଗିରି-ବରମୁଣ୍ଡା ରାସ୍ତାର ହନୁମାନ ମନ୍ଦିର ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଅଜଣା ଯୁବକଙ୍କୁ ଏକ ଗାଡି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଯୁବକ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୋଲିସ ହସ୍ପିଟାଲ ପଠାଇଥିବାବେଳେ ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village- Mahammadpur, Tehsil- Gogawa, Dist- Khargone, MP - 451335

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଭଡ଼ା ୨0,000, ଅଗ୍ରିମ ୨0,00,000 + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁଁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

## ସଂକ୍ଷେପରେ

### ପ୍ରତିଭା ଅନ୍ୱେଷଣ: ୨୪ ପ୍ରତିଯୋଗୀ ପୁରସ୍କୃତ

ତିହିଡ଼ି, ୧୬।୧୧ (ଡି.ଏନ.ଏ.): ତିହିଡ଼ି ବ୍ଲକର ଅଚକ ଓ ତାଳପଦା ପଞ୍ଚାୟତରେ 'ମୁଁ ହିରୋ ମୁଁ ଓଡ଼ିଶା' ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇ ପଞ୍ଚାୟତରେ ୨୪ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁବାର ଅପରାହ୍ନରେ ଅଚକ ଆଞ୍ଚଳିକ ସହଯୋଗ ହାଇସ୍କୁଲ ପରିସରରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନଶିକ୍ଷକ ଶିବଚରଣ ପଣ୍ଡା ପୌରୋହିତ୍ୟ କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ କମଳାକାନ୍ତ ଭୋଇ ମୁଖ୍ୟଅତିଥି, ଗଣେଶ ପ୍ରସାଦ ବିଶ୍ୱାଳ, ସାମାଜିକ କର୍ମୀ ଅକ୍ଷୟ କୁମାର ମଲ୍ଲିକ, ଗୌରହରି ଦୀକ୍ଷିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବବାହିନୀ ସଦସ୍ୟ ସୂର୍ଯ୍ୟନାରାୟଣ ଭୋଇଙ୍କ ସଞ୍ଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ରଙ୍ଗୋଲି, ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ତିହିଡି ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଯୋଗଦେଇଥିଲେ। ବିଜୁ ଯୁବବାହିନୀ ସଭାପତି ପ୍ରମୋଦ ମହାଳିକ, ସମ୍ପାଦକ ସୟଦ ହାପିଜ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁକ୍ରବାର ତାଳପଦା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୃପାସିନ୍ଧୁ ଖୁଣ୍ଟିଆ ପୌରୋହିତ୍ୟ କରିଥିଲେ। ଜିଲା ପରିଷଦ ସଭ୍ୟ ଚିନ୍ତାମଣି ଦାସ, ବାଣିକଲ୍ୟାଣ ମହାପାତ୍ର, ହରିଶ୍ଚନ୍ଦ୍ର ମିଶ୍ର, ବିଶ୍ୱରଞ୍ଜନ ମହାପାତ୍ର, ଚକ୍ରଧର ମହାନ୍ତି, ପ୍ରଶାନ୍ତ ଖଟୁଆ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପଞ୍ଚାୟତରେ ୧୨ ପ୍ରତିଭା ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା। ଯୁବବାହିନୀ ସଭାପତି ଅଜିତ୍ କୁମାର ଦାସ, ସମ୍ପାଦକ କୁଳମଣି ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଦେଶୀ ମଦ ଚାଲାଣ ବେଳେ ବେପାରୀ ଗିରଫ

ଭଣ୍ଡାରିପୋଖରୀ, ୧୬।୧୧ (ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ବଡ଼ ମାଳଦା ଛକଠାରେ ଏକ ବାଇକ୍‌ରେ ଚୋରା ବିଦେଶୀ ମଦ ନେଇଯାଉଥିବା ବେଳେ ଜଣେ ବେପାରୀଙ୍କୁ ପୋଲିସ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ମାଳଦା କଲ୍ୟାଣପୁର ଗ୍ରାମର ପ୍ରଦୀପ ଦାସ। ତାଙ୍କ ନିକଟରୁ ୩ଟି ବୋତଲ ବିଦେଶୀ ହ୍ୱିସ୍କି ମଦ ସମେତ ବାଇକ୍ (ନଂ. ଓଡି ୨୨ ଏଫ ୯୧୭୭) ଜବତ ହୋଇଛି। ଥାନା କନଷ୍ଟେବଳ ପ୍ରତାପ ରାଉତ ଏବଂ ସୁଶାନ୍ତ ସିଂ ଚଢ଼ାଉରେ ସାମିଲ ଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୧୯୫/୧୮) ରୁଜୁ ହୋଇଛି।

### ଏଡ୍‌ସ ସଚେତନତା ପ୍ରଦର୍ଶନୀ ଶିବିର



ବାସୁଦେବପୁର, ୧୬।୧୧ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁରରେ କଚେରି ବଜାର କାଳୀପୂଜା ମଣ୍ଡପ ନିକଟରେ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ସହାୟତାରେ ଏଡ୍‌ସ ସଚେତନତା ପ୍ରଦର୍ଶନୀ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହା ୩ ଦିନ ଧରି ଚାଲିବ। ବାସୁଦେବପୁରରେ କାର୍ଯ୍ୟରତ ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଂଘ(ନୁହାସ) ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ଶିବିରରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ମନୋଜ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ନାୟକ, ସମନ୍ୱିତ ପରାମର୍ଶ ଓ ରକ୍ତ ପରୀକ୍ଷାକେନ୍ଦ୍ରର ପରାମର୍ଶଦାତା ରଞ୍ଜନ କୁମାର ବେହେରା, ନୁହାସର ନିର୍ଦ୍ଦେଶକ ଗଣେଶ ଚନ୍ଦ୍ର ଦୀକ୍ଷିତ, ସମ୍ପାଦକ ପର୍ଶୁରାମ ନାୟକ, ଜଗନ୍ନାଥ ଯୁବକ ସଂଘ ସଭାପତି ପୀତାମ୍ବର ପାତ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ନୁହାସର ସଂଗଠନ ପ୍ରକଳ୍ପ ଅଧିକାରୀ ରବୀନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଶିବିରରେ ଏଡ୍‌ସ ସଚେତନତା ପୁସ୍ତିକା, ପ୍ରଚାରପତ୍ର ଲୋକଙ୍କୁ ବଣ୍ଟନ କରାଯାଇଥିଲା।

### ଲମ୍ବୋଦରଙ୍କ ପରଲୋକ

ଭଦ୍ରକ ଅଫିସ, ୧୬।୧୧: ଭଦ୍ରକ ପୌରାଞ୍ଚଳର ସନ୍ଥିଆ ନୀଳକଣ୍ଠପୁର ନିବାସୀ ସମାଜସେବୀ, ଖବରଦାତା ଲମ୍ବୋଦର ପଣ୍ଡା(୭୨)ଙ୍କ ପରଲୋକ ହୋଇଯାଇଛି। ସେ ଖବରଦାତା ସହ ଜଣେ ବିଦ୍ୱାନ, ଜ୍ୟୋତିର୍ବିଦ୍ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର ଖବରଦାତା ମନୋଜ, ଲକ୍ଷ୍ମୀଧର ଏବଂ ଏକମାତ୍ର ଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।







ଭସାଣି ଶୋଭାଯାତ୍ରା: ଭଦ୍ରକର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇଥିବା ମା' କାଳୀଙ୍କ ମେଢ଼କୁ ବିସର୍ଜନ ଲାଗି ଶୁକ୍ରବାର ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ଗହଣରେ ସହର ପରିକ୍ରମା କରି ଶୋଭାଯାତ୍ରାରେ ନିଆଯାଉଛି।

# ପାରମ୍ପରିକ ବାଦ୍ୟରେ କମ୍ପିଲା ରାସ୍ତାଘାଟ

## ▪ ଶୋଭାଯାତ୍ରାରେ ମେଲାଣି ନେଲେ ମା' କାଳୀ ▪ ରାସ୍ତାର ଦୁଇକଡ଼ରେ ଦେଖଣାହାରିଙ୍କ ଭିଡ଼





ମା' କାଳୀଙ୍କ ମେଲାଣି ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଗ୍ରାମୀଣ କଳାକାର ପାରମ୍ପରିକ ବାଦ୍ୟ ପରିବେଷଣ କରୁଛନ୍ତି।

ଭଦ୍ରକ ଅଫିସ,୧୬।୧୧

ଦୀର୍ଘ ୧୦ ଦିନ ଧରି ଭଦ୍ରକ ସହରର ଐତିହାସିକ କାଳୀପୂଜାର ଭସାଣି ଉତ୍ସବ ଶୁକ୍ରବାର ପୂର୍ବାହ୍ନରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ଚମକ ଖେଳାଇଥିଲା। ପ୍ରଶାସନର କଟକଣାକୁ ଦୃଷ୍ଟିରେ ରଖି ଡିଜେ ବାଦ୍ୟ ପରିବର୍ତ୍ତେ ଢୋଲ, ଢାପ, ଘଣ୍ଟଘଣ୍ଟା, ମହୁରୀ ଭଳି ବିଭିନ୍ନ ଦେଶୀ ବାଦ୍ୟଯନ୍ତ୍ର ବ୍ୟବହାର କରାଯାଇଥିଲା। ଗ୍ରାମୀଣ କଳାକାରମାନେ ପାରମ୍ପରିକ ବେଶଭୂଷା ହୋଇ ବାଦ୍ୟର ତାଳେ ତାଳେ ନୃତ୍ୟ କରି ଭସାଣି ଶୋଭାଯାତ୍ରାକୁ ବାଟ କଢ଼ାଇ ନେବା ଦେଖଣାହାରିଙ୍କ ଚିତ୍ତ ହରଣ କରିଥିଲା। ରାସ୍ତାର ଦୁଇକଡ଼ରେ ଅସଂଖ୍ୟ ଶ୍ରଦ୍ଧାଳୁ ଜମା ହୋଇ ସାଂସ୍କୃତିକ ଶୋଭାଯାତ୍ରାର ଆନନ୍ଦ ନେବା ସହ ମା' କାଳୀଙ୍କୁ ବିଦାୟ ଜଣାଇଥିଲେ। ପୋଲିସ କର୍ଡନ ମଧ୍ୟରେ ଶୋଭାଯାତ୍ରା ଆଗକୁ ଆଗକୁ ବଢିଥିଲା। ପରେ ସହରର ଭିନ୍ନ ଭିନ୍ନ ସ୍ଥାନରେ ମା'ଙ୍କ ମୂର୍ତ୍ତି ବିସର୍ଜିତ ହୋଇଥିଲା। ଷ୍ଟେଶନ ରୋଡ, ପିଡବ୍ଲ୍ୟୁଆଇ, ଡଗରାସାହି, ସ୍କୁଲରୋଡ, ବିଶାଣି ଖରିଦାଠାରେ ହୋଇଥିବା କାଳୀମେଢ ନିକଟସ୍ଥ ଧାମରା ରେଲୱେ ଓଭରବ୍ରିଜ ନିକଟସ୍ଥ ଏଲ ଆଣ୍ଡ ଟି ପୋଖରୀରେ ବିସର୍ଜନ କରାଯାଇଥିଲା। ଅନ୍ୟ ୨ ମେଢ ଚରମ୍ପା କେନାଲରେ ବିସର୍ଜିତ ହୋଇଥିଲା। ରାଜଘାଟ ଛକସ୍ଥିତ କାଳୀମେଢ ଶୋଭାଯାତ୍ରାରେ କଚେରି ବଜାର ପରିକ୍ରମା କରିବା ପରେ ଛପୁଲିଆ କେନାଲରେ ବିସର୍ଜନ କରାଯାଇଥିଲା। ଏରେଇଁ ନିକଟରେ ଥିବା ପୋଖରୀରେ ଆଉ କେତେକ ମୂର୍ତ୍ତି ବିସର୍ଜିତ ହୋଇଥିଲା। ଶୋଭାଯାତ୍ରାରେ ୧ ପ୍ଲାଟୁନ ପୋଲିସ ମୁତୟନ ରହିଥିଲେ।

ଗତ ୬ ତାରିଖରୁ ଆରମ୍ଭ ହୋଇଥିବା କାଳୀପୂଜାର ଶୁକ୍ରବାର ଭସାଣି ଉତ୍ସବ ଆଧ୍ୟାତ୍ମିକ ଓ ଭାବପୂର୍ଣ୍ଣ ପରିବେଶରେ ଉଦ୍‌ଯାପିତ ହୋଇଛି। ଚରମ୍ପା ବଜାର ଓ ଏହା ଆଖପାଖରେ ୯ଟି ସୁସଜ୍ଜିତ ମଣ୍ଡପରେ ମା' କାଳୀଙ୍କ ପୂଜାର୍ଚ୍ଚନା ଆକର୍ଷଣ ସାଜିଥିଲା। ଦୀର୍ଘ ୧୦ଦିନ ଧରି ପୂଜାମଣ୍ଡପ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହେଉଥିଲା। ଚଳିତବର୍ଷ ପାଗ ଭଲ ଥିବାରୁ ଜିଲା ଓ ଜିଲା ବାହାରର ଲକ୍ଷାଧିକ ଭକ୍ତ କାଳୀପୂଜା ମାହୋଲକୁ ମନଭରି ଉପଭୋଗ କରିଥିଲେ। ଲକ୍ଷାଧିକ ଭକ୍ତଙ୍କ ସମାଗମ ଯୋଗୁ ଚରମ୍ପା ଅଞ୍ଚଳ ଚଳଚଞ୍ଚଳ ରହିଥିଲା। ଶୁକ୍ରବାର ଏସବୁ ପୂଜା ମଣ୍ଡପରୁ ସମସ୍ତ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ ସକାଶେ ନିଆଯିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ପ୍ରତି ମେଢ ନିକଟରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଥିଲା।

### 'ଗଣପର୍ବରେ ପରିଣତ ହୋଇଛି କାଳୀପୂଜା'

ଭଦ୍ରକ ରାଜଘାଟ ଛକସ୍ଥିତ ସାର୍ବଜନୀନ କାଳୀପୂଜା କମିଟିର ସଭାପତି ଅଶୋକ ନାୟକ, ସମ୍ପାଦକ ବ୍ରଜଗୋପାଳ ଦାସ, କୋଷାଧ୍ୟକ୍ଷ ଆଶିଷ ଅମିତାଭ ମହାପାତ୍ର ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଭଦ୍ରକରେ କାଳୀପୂଜା ଗଣପର୍ବରେ ପରିଣତ ହୋଇଛି। ସମସ୍ତଙ୍କ ସହଯୋଗରେ ଉତ୍ସାହ ଉଦ୍ଦୀପନାର ସହ ଏଥର ପୂଜା ସମ୍ପନ୍ନ ହୋଇଛି। ମା' କାଳୀଙ୍କୁ ବିସର୍ଜନ ପରେ ଦୁଃଖ ଲାଗୁଛି। ବର୍ଷ ସାରା ମା' କିଭଳି ସମସ୍ତଙ୍କୁ ଖୁସିରେ ରଖିବେ ସେଥିଲାଗି ମଣ୍ଡପରେ ନିଷ୍ଠାର ସହ ପୂଜାର୍ଚ୍ଚନା କରାଯାଇଥିଲା। ସହରର ଲୋକଙ୍କ ଘରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ ଲାଗିରହିଥିଲା। ଭସାଣି ପରେ ସେମାନେ ଘର ବାହୁଡା ଆରମ୍ଭ କରିଛନ୍ତି।

### ଅସ୍ଥାୟୀ ବଜାରରେ ଗ୍ରାହକଙ୍କ ଭିଡ଼

କାଳୀପୂଜା ପାଇଁ ଚରମ୍ପା ବଜାରରେ ଖୋଲିଥିବା ଅସ୍ଥାୟୀ ଦୋକାନ ବଜାର ଶୁକ୍ରବାର ଖୋଲା ରହିଥିଲା। ଭସାଣି ପରେ ସେମାନେ ପ୍ରତ୍ୟାବର୍ତ୍ତନ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଭଦ୍ରକ କାଳୀପୂଜାର ସାଂସ୍କୃତିକ ମହତ୍ତ୍ୱ ଭଳି ବ୍ୟବସାୟିକ ଦିଗର ଗୁରୁତ୍ୱ ରହିଛି। ବିଭିନ୍ନ ସ୍ଥାନରୁ ଶଙ୍ଖ, ମାଟିପାତ୍ର ସମେତ ବିଭିନ୍ନ ଘରୋଇ ଉପକରଣ ଓ ଘର ସାଜସଜ୍ଜା ସାମଗ୍ରୀର ପସରା ମେଳାର ଶୋଭା ବଢାଇଥିଲା। ଶେଷ ଦୁଇଦିନ ବେଶ୍ କିଣାବିକା ଜମିଥିଲା। ଶୁକ୍ରବାର ଅସ୍ଥାୟୀ ଦୋକାନ ବଜାର ଖୋଲା ରହିଥିବାରୁ ସହରର ବିଭିନ୍ନ ଅଞ୍ଚଳରୁ ଲୋକେ ଆସି ଘରକରଣା ଉପକରଣ ମଧ୍ୟ କିଣିଥିଲେ। ସେହିପରି ଶୁକ୍ରବାର ଚରମ୍ପାରେ ଏକ ଯାତ୍ରା ଦଳ ପକ୍ଷରୁ ଶେଷଦିନର ଅପେରା ମଞ୍ଚସ୍ଥ ହେଉଥିବା ଜଣାପଡ଼ିଛି।

## ବେତଡ଼ା ବଜାରରେ ଦୋକାନୀଙ୍କୁ ଆକ୍ରମଣ

ବାସୁଦେବପୁର,୧୬।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ବେତଡ଼ା ବଜାରରେ ଜଣେ ଫଳ ଦୋକାନୀଙ୍କୁ ସ୍ଥାନୀୟ ଅଞ୍ଚଳର ୩ ଜଣ ଯୁବକ ଶୁକ୍ରବାର ଅପରାହ୍ନରେ ନିଘୁଞ୍ଚ ମାଡ଼ ମାରିଛନ୍ତି। ଏଥିସହ ତାଙ୍କ ଦୋକାନ ଭଙ୍ଗାରୁଜା କରି ଫଳଗୁଡ଼ିକୁ ଫୋପାଡ଼ି ଦେଇଛନ୍ତି। ଏଥିରେ ଦୋକାନୀ ଜଣଙ୍କ ଆହତ ହୋଇଛନ୍ତି। ଗଣ୍ଡଗୋଳ ସମ୍ପର୍କରେ ଖବର ପାଇ ସ୍ଥାନୀୟ ପୋଲିସ ବେତଡ଼ା ବଜାରରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଛି। ତେବେ ରିପୋର୍ଟ ଲେଖା ହେବା ସୁଦ୍ଧା ଏନେଇ ଥାନାରେ ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

## ଆମେ ଭଲ ମଣିଷ ହେବୁ




ଛାତ୍ରଛାତ୍ରୀ ଶପଥପାଠ କରୁଛନ୍ତି।

ଭଣ୍ଡାରିପୋଖରୀ, ୧୬।୧୧ (ଡି.ଏନ.ଏ.) ସ୍ଥାନୀୟ ପିରିପୁର ମଧ୍ୟଇଂରାଜୀ ଓ ପ୍ରାଥମିକ ବିଦ୍ୟାଳୟଠାରେ ବିଶ୍ୱ ସହନଶୀଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସହନଶୀଳତା ଗୁଣର ଅଧିକାରୀ ହୋଇ ଭଲ ମଣିଷ ହେବାକୁ ପିଲାମାନେ ଶପଥପାଠ କରିଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶଶିଭୂଷଣ ଦାସ ମୁଖ୍ୟଅତିଥି, ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା, ସ୍କୁଲ ପରିଚାଳନା କମିଟି ସଭାପତି ଅର୍ଜୁନ ଚରଣ ବାରିକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉତ୍ତମ ଆଚରଣ ପ୍ରଦର୍ଶନ ସହ କର୍ମଠ ହେବା ଏବଂ ସୃଜନଶୀଳ ହୋଇ କଠିନ ପରିସ୍ଥିତିକୁ ସାମ୍ନା କରିବା ଲାଗି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ଶ୍ରୀଧର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ସନ୍ତୋଷ ପଣ୍ଡା ଅତିଥି ପରିଚୟ ଓ ପ୍ରଧାନଶିକ୍ଷକ କାଶିନାଥ ପତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୀତାରାଣୀ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଡେଷ୍ଟିନି-୧୨୫ର ବଜାର ପ୍ରବେଶ

ଭଦ୍ରକ ଅଫିସ, ୧୬।୧୧

ଭଦ୍ରକର ଖ୍ୟାତନାମା ଟୁ ହୁଇଲର ବିକ୍ରେତା ସଞ୍ଜୀବ ହିରୋ ପକ୍ଷରୁ ହିରୋ ମୋଟୋକର୍ପର ନୂଆ ସ୍କୁଟର ଡେଷ୍ଟିନି-୧୨୫ ର ବଜାର ପ୍ରବେଶ କରାଯାଇଛି। ୧୨୫ ସିସିର ଏହି ସ୍କୁଟର ନୂତନ ଆଇ୩ଏସ୍ ଟେକ୍‌ନୋଲୋଜିରେ ନିର୍ମାଣ ହୋଇଛି। ଏହାବ୍ୟତୀତ ଏହାର ବଜାର ଦର ମଧ୍ୟ ମଧ୍ୟମ ବର୍ଗର ଲୋକଙ୍କୁ ସୁହାଇଲା ଭଳି ହୋଇଛି। ଆକର୍ଷଣୀୟ ରଙ୍ଗ ସହିତ ହାଇଡ୍ରୋଲିକ ସକ୍‌ଅବ୍‌ଜର ଚାଳକଙ୍କୁ ବିଶେଷ ଆନନ୍ଦ ଦେବ। ଏହା ଅନ୍ୟ ସ୍କୁଟି ତୁଳନାରେ ଗ୍ରାହକଙ୍କ ଅଧିକ ପସନ୍ଦ ହେବ ବୋଲି ବଜାର ପ୍ରବେଶ ଉତ୍ସବରେ ସଞ୍ଜୀବ ହିରୋର ମ୍ୟାନେଜିଂ ଡାଇରେକ୍ଟର ସଞ୍ଜୀବ ମଲ୍ଲିକ କହିଛନ୍ତି। ହିରୋ ମୋଟୋକର୍ପର ସିନିୟର ଏରିଆ ମ୍ୟାନେଜର ଅବ୍‌ଦୁଲ ଆହାଦ, ସେଲ୍‌ସ ମ୍ୟାନେଜର ମୋହିତ ଭଗତ, ଟେରିଟୋରିଆଲ ସେଲ୍‌ସ ମ୍ୟାନେଜର ପଲ୍ଲବୀ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ହିରୋ ମୋଟୋକର୍ପ ସବୁବେଳେ ଗ୍ରାହକଙ୍କ ପସନ୍ଦ ଓ ସନ୍ତୁଷ୍ଟି ଉପରେ ଗୁରୁତ୍ୱ ଦେଇ ଆସିଛି ବୋଲି କହିଥିଲେ। ସଞ୍ଜୀବ ହିରୋର ମ୍ୟାନେଜିଂ ପାର୍ଟନର ପ୍ରୀତିରଞ୍ଜନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ବଜାର ପ୍ରବେଶ ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା।

## ୪୮ ବର୍ଷ ପରେ ମିଳିଲା ଘରଡିହ ପଟ୍ଟା

ଚାନ୍ଦବାଲି, ୧୬।୧୧ (ଡି.ଏନ.ଏ.)



ଘରଡିହ ପଟ୍ଟା ମିଳିବା ପରେ ଗାନ୍ଧୀନଗରବାସୀଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

- ୧୯୭୧ ବାତ୍ୟା ସଜାଇଥିଲା ବାସହରା
- ଥଇଥାନ ବସ୍ତିରେ ମିଳିଥିଲା ଘର, ନ ଥିଲା ସ୍ୱୀକୃତି
- ପଟ୍ଟା ପାଇ ଖୁସି ମନାଇଲେ ଗାନ୍ଧୀନଗର ବାସିନ୍ଦା

୧୯୭୧ ମସିହାର ଘଟଣା। ପ୍ରଳୟଙ୍କରୀ ବାତ୍ୟା ଓ ସାମୁଦ୍ରିକ ଲୁଣାପାଣି ପ୍ରଭାବରେ ଅବିଭକ୍ତ ବାଲେଶ୍ୱର ଜିଲାର ବୈତରଣୀ ନଦୀ ତଟବର୍ତ୍ତୀ କନ୍ଧା ଓ ଘିକୋଇଲି ଗାଁର ଅଧିକାଂଶ ପରିବାର ବାସହରା ହୋଇଥିଲେ। ସେତେବେଳେ ଏହି ବାସହରା ଗରିବ ପରିବାରକୁ ଚାନ୍ଦବାଲି ସନ୍ନିକଟ ବାଲିଗାଁଠାରେ ଏକ ସରକାରୀ ଜମିରେ ଥଇଥାନ କରାଯାଇଥିଲା। ଉକ୍ତ ଥଇଥାନ ବସତିର ନାମ ରଖାଯାଇଥିଲା ଗାନ୍ଧୀନଗର। ଏହାମଧ୍ୟରେ ୪୮ ବର୍ଷ ବିତିଗଲାଣି। ଥଇଥାନ ବସ୍ତିବାସିନ୍ଦା ଘରଡିହ ପଟ୍ଟା ପାଇବାକୁ ବାରମ୍ବାର ଦାବି ଓ ଆନ୍ଦୋଳନ କରି ନିରାଶ ହୋଇଥିଲେ। ଏବେ ସରକାରଙ୍କ 'ଜାଗା ମିଶନ' ଯୋଜନାରେ ସେମାନଙ୍କୁ ଜମିପଟ୍ଟା ମିଳିଛି। ଭଦ୍ରକରୁ ଜମିପଟ୍ଟା ଧରି ଫେରିବା ପରେ ବସ୍ତିବାସିନ୍ଦା ଏକ ଶୋଭାଯାତ୍ରାରେ ଚାନ୍ଦବାଲି ସହର ପରିକ୍ରମା କରି ଆତସବାଜି ଫୁଟାଇ ଖୁସି ବ୍ୟକ୍ତ କରିଛନ୍ତି। ଘରଡିହ ପଟ୍ଟା ସହିତ ୫୪ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିବା ସେମାନେ ସୂଚନା ଦେଇଛନ୍ତି।

ଗୁରୁବାର ଭଦ୍ରକ ନେହେରୁ ଷ୍ଟାଡିୟମଠାରେ ଜମିପଟ୍ଟା ବଣ୍ଟନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ଗାନ୍ଧୀନଗର ୱାର୍ଡର ୭୮ ପରିବାରକୁ ଉତ୍ସବରେ ଘରଡିହ ପଟ୍ଟା ଯୋଗାଇ ଦିଆଯାଇଥିଲା। ଏ ସମ୍ପର୍କରେ ଗାନ୍ଧୀନଗର ବାସିନ୍ଦା କହିଛନ୍ତି ଯେ, ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ଘଟିଛି। ପୂର୍ବରୁ ଥଇଥାନ ବେଳେ ପ୍ରତି ପରିବାରକୁ ୨ ବଖରା ଟାଇଲ ଛପର ଘର ଯୋଗାଇ ଦିଆଯାଇଥିଲା। ସେମାନଙ୍କର ନିଜସ୍ୱ ଜମି ନ ଥିବାରୁ ଅଧିକାଂଶ ଲୋକେ ରାଜ୍ୟ ବାହାରକୁ ଯାଇ ଦାଦନ ଖଟୁଥିଲେ। ସରକାରଙ୍କ ପକ୍ଷରୁ ଘରଡିହର କାଗଜପତ୍ର ଓ ଚାନ୍ଦବାଲି ତହସିଲରୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ମିଳି ନ ଥିବାରୁ ସେମାନେ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିଲେ। ପିଲାଙ୍କ ଉଚ୍ଚଶିକ୍ଷା ଓ ବ୍ୟାଙ୍କ ଋଣ ପାଇଁ ସମସ୍ୟା ସୃଷ୍ଟି ହେଉଥିଲା। ଚାନ୍ଦବାଲି ଏନ୍‌ଏସିର ନିର୍ବାହୀ ଅଧିକାରୀ ପ୍ରଭୁକଲ୍ୟାଣ ଦାସ କହିଛନ୍ତି ଯେ, ଗାନ୍ଧୀନଗର ୱାର୍ଡର ଅନ୍ୟ ବାସିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ ଘର ଯୋଗାଇ ଦିଆଯିବ। ସଂଗ୍ରାମ ସେନାର ଆବାହକ ସଂଗ୍ରାମ ରାଉତ ବିଳମ୍ବ ହେଲେ ମଧ୍ୟ ବାତ୍ୟା ବିପନ୍ନଙ୍କୁ ଘରଡିହ ପଟ୍ଟା ମିଳିବା ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି।

## ସଂକ୍ଷେପରେ

### ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ



**ବଡ଼ସାହି,୧୬।୧୧(ସ୍ୱ.ପ୍ର):** ବଡ଼ସାହି ବ୍ଲକ ଡାହିସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘର ବିଭିନ୍ନ ଦାବିକୁ ନେଇ ଏକ ବୈଠକ ସଂଘର ସଭାପତି ସୁରେନ୍ଦ୍ର କୁମାର ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶତାଧିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପସ୍ଥିତିରେ ସଂଘର ମୁଖପାତ୍ର ଦେବବ୍ରତ ଶତପଥି ପ୍ରାରମ୍ଭିକ ସୂଚନା ଏବଂ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ଜିଲା ସଭାପତି ହରେକୃଷ୍ଣ ବାରିକ, ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ଉପଦେଷ୍ଟା ରାଜେନ୍ଦ୍ର କୁମାର ଜେନା, ଆବାହକ ସଚ୍ଚିଦାନନ୍ଦ ମହାନ୍ତି, ଓଷ୍ଟା ବ୍ଲକ ସମ୍ପାଦକ ପ୍ରଭାସ ଚନ୍ଦ୍ର ନାୟକ, ଦେବରାଜ ନାୟକ, ପ୍ରଶାନ୍ତ ବେହେରା ଓ ସମ୍ପାଦକ ରତିକାନ୍ତ ବେହେରା ଉପସ୍ଥିତ ରହି ଶିକ୍ଷକମାନଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ବିଇଓଙ୍କ ପ୍ରତିଶ୍ରୁତି ଅନୁଯାୟୀ ପ୍ରତିମାସ ପହିଲାରେ ବିଗତ ମାସର ଦରମା ପ୍ରଦାନ, ଦୁର୍ଗାପୂଜାଠାରୁ ବକେୟା ଥିବା ପୂଜା ଅଗ୍ରୀମ ତୁରନ୍ତ ପ୍ରଦାନ କରିବା, ଏକ ସହିତ ସମସ୍ତ ଶିକ୍ଷକଙ୍କୁ ଦରମା ପ୍ରଦାନ କରିବା, ବିଭିନ୍ନ ପ୍ରକାର ବକେୟା ଦେୟ ମଞ୍ଜୁର କରିବା ଆଦି ପ୍ରଦାନ କରାଯାଇ ନ ଥିବାରୁ ଅସନ୍ତୋଷ ଦେଖାଯାଇଛି । ଏହି ଦାବି ଗୁଡିକ ଯଥାଶୀଘ୍ର ପୂରଣ କରିବା ପାଇଁ ବିଭାଗୀୟ ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ସହ ଆଲୋଚନା କରାଯାଇ ଏହାର ସମାଧାନ ପାଇଁ ଦାବି କରିଥିଲେ। ବ୍ଲକ ସମ୍ପାଦକ କୃପାସିନ୍ଧୁ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ଶୀବାନୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

### ପଥର ଚାଲାଣ କରି ୪ ଗାଡି ଜବତ

**ଖୁଣ୍ଟା, ୧୬ ।୧୧(ଡି.ଏନ.ଏ.):** ବେଆଇନ ଭାବେ ବାଲି ଓ ପଥର ଚାଲାଣ କରୁଥିବା ୪ ଗାଡିକୁ ଜବତ କରାଯାଇ ଶୁକ୍ରବାର ଖୁଣ୍ଟା ଥାନାକୁ ଅଣାଯାଇଛି । ଖୁଣ୍ଟା ତହସିଲ, ପୋଲିସ ବିଭାଗ ଓ ସ୍କ୍ୱାର୍ଡ ପକ୍ଷରୁ ମିଳିତ ଭାବେ ଏହି ଚଢ଼ାଉ କରାଯାଇଥିଲା। ଭୋଲାଗଡ଼ିଆ ଅଞ୍ଚଳରୁ ଦୁଇ ଗୋଟି ଟ୍ରାକ୍ଟର ଯୋଗେ ମାଙ୍କଡା ପଥର ଓ ଗୋଟିଏ ଟ୍ରାକ୍ଟର ଯୋଗେ ମେଟାଲ ବୋଝେଇ ହୋଇ ଖୁଣ୍ଟା ଅଭିମୁଖେ ଆସୁଥିବା ବେଳେ ଡେଙ୍ଗାମ ଛକଠାରେ ଧରା ପଡିଥିଲା । ସେହିପରି ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରକୁ ମଧ ଉକ୍ତ ରାସ୍ତାରୁ ଧରାଯାଇ ଖୁଣ୍ଟା ଥାନାକୁ ଅଣାଯାଇଛି।

### ରେଡକ୍ରସ ତାଲିମ ଶିବିର ଲାଗି ପ୍ରସ୍ତୁତି ବୈଠକ



**କପ୍ତିପଦା,୧୬।୧୧(ଡି.ଏନ.ଏ):** କପ୍ତିପଦା ବ୍ଲକରେ ଆଗାମୀ ନଭେମ୍ବର ୨୭,୨୮ ଓ ୨୯ ତାରିଖ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଅଧୟନ ଓ ତାଲିମ ଶିବିର ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ତଥା ଜିଲା ରେଡକ୍ରସ ସଂସ୍ଥାରେ ସମ୍ପାଦକ ଭାଗିରଥୀ ମଲ୍ଲିକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ କପ୍ତିପଦା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସଙ୍ଗଠକ ବିଜୟ କୁମାର ମହାନ୍ତି, କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀ ବିନୋଦ ସିଂ, ଉଦଳା ଉଚ୍ଚ ବଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌତମ କୁମାର ପାତ୍ର, ବିଧାୟକ ପ୍ରତିନିଧି ପ୍ରବୀର ଚନ୍ଦ୍ର ସାଏ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଶରତ ଚନ୍ଦ୍ର ମିଶ୍ର ଓ ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ବୈଠକରେ କପ୍ତିପଦା ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସିଆରସିସି, ଖୁଣ୍ଟା, ଉଦଳା ଓ ଗୋପବନ୍ଧୁ ବ୍ଲକ୍‌ର ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଓଷ୍ଟାର କର୍ମକର୍ତ୍ତାଗଣ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ । ୨୬ ତାରିଖ ଅପରାହ୍ନରେ ଶିବିରାର୍ଥୀମାନେ ପହଞ୍ଚିବାକୁ ଥିବା ବେଳେ ୨୭ ତାରିଖରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ଉକ୍ତ ବୈଠକରେ ଜିଲା ଓଷ୍ଟାର ସମ୍ପାଦକ ଭରତ ଚନ୍ଦ୍ର ବରାଳ ସ୍ୱାଗତ ଅଭିଭାଷଣ ଓ ଦିଲୀପ କୁମାର ଚକ୍ରବର୍ତ୍ତୀ ଧନ୍ୟବାଦ ଦେଇଥିଲେ ।

# ଉଠବସ୍ ଘଟଣା ପୁଣି ଦୋହରାଇଲେ

**ବାରିପଦା ଅଫିସ,୧୬।୧୧**



ଖବରଦାତା ସମ୍ମିଳନୀରେ ଉପସ୍ଥିତ ତୁଷାର ଓ ତାଙ୍କ ସହଯୋଗୀ ।

- ପ୍ରତିଶ୍ରୁତି ଦେଇ ଠକିଦେଲେ, ଏଥର ବିରୋଧ-ତୁଷାର
- ବିରୋଧୀଙ୍କ କଥାରେ ପଡି ସେ ଏପରି କହୁଛନ୍ତି-ଅରୁଣ ବରାଡ

ମୟୂରଭଞ୍ଜ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଜଣେ ରାଜନେତାଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ଛାତ୍ର ନେତା ତଥା ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ତୁଷାର କୁମାର ନାୟକ ଦୀର୍ଘ ୪ ମାସ ପରେ ପୁଣି ମୁହଁ ଖୋଲିଛନ୍ତି। ଶୁକ୍ରବାର ସ୍ଥାନୀୟ ଗାନ୍ଧୀପାର୍କ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ଗତ ମେ ୨୯ ତାରିଖରେ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବିଧାୟକ ଡ. ଅରୁଣ କୁମାର ସାହୁ ବାରିପଦା ଗସ୍ତରେ ଆସିଥିଲେ। ବିଶ୍ୱବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସକାଶେ ତାଙ୍କୁ ଭେଟିବାକୁ ସେ ଯାଇଥିଲେ। ସେଠାରେ ତାଙ୍କ କଥା ନ ଶୁଣି ଜଣେ ଯୁବ ସଭାପତି ଓ ଅନ୍ୟ ନେତାଙ୍କ ଉପସ୍ଥିତିରେ ତାଙ୍କ ମୋବାଇଲ ଫୋନକୁ ଫିଙ୍ଗି ଦିଆଯାଇଥିଲା। ତାଙ୍କୁ ୭୦ ଥର ଉଠାବସା ହେବାକୁ ବାଧ କରାଯାଇଥିଲା। ଏହି ଘଟଣା ସୋସିଆଲ ମିଡିଆରେ ପ୍ରଚାରିତ ହୋଇଥିଲା। ଘଟଣାର ଗୁରୁତ୍ୱକୁ ଦେଖି ଏହାର ସମାଧାନ ଉଦ୍ୟମ କରାଯାଇଥିଲା। ଜିଲା ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକଙ୍କ ବଦଳି ଓ ବିଶ୍ୱବିଦ୍ୟାଳୟରେ ୧୦ ବିଭାଗକୁ ରେଗୁଲାର କରାଯିବା ଲାଗି ତାଙ୍କୁ ପ୍ରତିଶ୍ରୁତି ଦିଆଯିବାରୁ ସେ ନୀରବ ରହିଥିଲେ। ସେତେବେଳେ ରାଜ୍ୟସଭା ସଦସ୍ୟ ଡ.ଅଚ୍ୟୁତ ସାମନ୍ତଙ୍କୁ ମୟୂରଭଞ୍ଜ ବିଜେଡିର ସହ-ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟର ୧୦ ବିଭାଗକୁ ନିୟମିତ କରାଯାଇଥିବା ନେଇ ଏକ ସରକାରୀ ଚିଠି ମଧ ତାଙ୍କୁ ପ୍ରଦାନ କରାଯାଇଥିଲା। ହେଲେ ଏଯାଏ ଏସବୁ ପ୍ରତିଶ୍ରୁତି ପାଳନ ହୋଇ ନାହିଁ। ଏଣୁ ତାଙ୍କୁ ନିର୍ଯାତନା ଦେବା ଘଟଣାରେ ସମ୍ପୃକ୍ତ ଜିଲା ବିଜେଡି ପର୍ଯ୍ୟବେକ୍ଷକଙ୍କ ସମେତ ଉକ୍ତ ବିବାଦ ସମାଧାନରେ ମଧ୍ୟସ୍ଥତା କରିଥିବା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କୁ ସେ ଖୋଲାଖୋଲି ବିରୋଧ କରିବେ ବୋଲି କହିଛନ୍ତି। ସେମାନେ ବାରିପଦା ଗସ୍ତରେ ଆସି କୌଣସି ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଲେ ସେମାନଙ୍କୁ ଗଣତାନ୍ତ୍ରୀକ ଉପାୟରେ କଡା ଜବାବ ଦିଆଯିବ ବୋଲି ତୁଷାର ଖବରଦାତା ସମ୍ମିଳନୀରେ ସତର୍କ କରାଇ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ତୁଷାରଙ୍କ କେତେକ ସହଯୋଗୀ ଉପସ୍ଥିତ ଥିଲେ।

ଉଲ୍ଲେଖନୀୟ ଯେ, ଏହି ଛାତ୍ର ନେତାଙ୍କୁ ଉଠାବସା କରାଯିବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପର୍ଯ୍ୟବେକ୍ଷକ ସାହୁ ଗଣମାଧ୍ୟମ ସମ୍ମୁଖରେ ଏହି ନିର୍ଯାତନା ଅଭିଯୋଗ ଘଟଣାକୁ ଅସ୍ୱୀକାର କରିଥିଲେ। ଦୀର୍ଘ ୪ ମାସ ପରେ ଛାତ୍ର ନେତା ତୁଷାର ଉକ୍ତ ପ୍ରସଙ୍ଗ ପୁଣି ଉଠାଇବା ଏଠାରେ ଚର୍ଚ୍ଚାର କାରଣ ହୋଇଛି। ଏ ସମ୍ପର୍କରେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଅରୁଣ ବରାଡ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି , ରାଜ୍ୟ ସରକାର ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ସବୁବେଳେ ପଦକ୍ଷେପ ନେଉଛନ୍ତି। ଆସନ୍ତା ଶିକ୍ଷାବର୍ଷ ସୁଦ୍ଧା ସମସ୍ତ ବିଷୟ ନିୟମିତ ହେବ। ତୁଷାର ଅନ୍ୟ ବିରୋଧୀ ରାଜନୈତିକ ଦଳର ନେତୃବୃନ୍ଦଙ୍କ କଥାରେ ପଡି ଏଭଳି ମତାମତ ଦେଉଛନ୍ତି। ଜିଲା ବିଜେଡି ସମ୍ପାଦକ ପ୍ରଭାତ ନାୟକ କହିଛନ୍ତି ତୁଷାରଙ୍କ ଖବରଦାତା ସମ୍ମିଳନୀ ଏକ ହାସ୍ୟାସ୍ପଦ ଘଟଣା। ଦୀର୍ଘ ୪ ମାସ ପରେ ସେ ପୁରୁଣା କଥାକୁ ପୁଣି ଦୋହରାଇଛନ୍ତି। ଏଥିରେ କିଛି ନୂତନତ୍ୱ ନାହିଁ।



ତୀରନ୍ଦାଜ ପ୍ରତିଯୋଗିତାରେ ସାମିଲ ପ୍ରତିଯୋଗୀ ।

## ଆନ୍ତଃମହାବିଦ୍ୟାଳୟ ତୀରନ୍ଦାଜ ପ୍ରତିଯୋଗିତା
# ସାମିଲ ହେଲେ ୧୫୦ ପ୍ରତିଯୋଗୀ

**ବାରିପଦା ଅଫିସ,୧୬।୧୧**

ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ବାରିପଦା ମହାବିଦ୍ୟାଳୟ ସହଯୋଗରେ ଯୁକ୍ତ ଦୁଇ ରାଜ୍ୟସ୍ତରୀୟ ଆନ୍ତ ମହାବିଦ୍ୟାଳୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡିଶାରୁ ବିଭିନ୍ନ ମହାବିଦ୍ୟାଳୟର ୧୫୦ କ୍ରୀଡାବିତ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଇଣ୍ଡିଆନ ରାଉଣ୍ଡର ବାଳକ ବିଭାଗରେ କରଞ୍ଜିଆ କଲେଜର ଅଭିରାମ ପାଲାୟା ଓ ବାଳିକା ବିଭାଗରେ କିସ୍ କଲେଜ ଭୁବନେଶ୍ୱରର ଜୟଲକ୍ଷ୍ମୀ ମଳିକ ପ୍ରଥମ ହୋଇଥିଲେ। ସେହିପରି କମ୍ପାଉଣ୍ଡ ରାଉଣ୍ଡରେ ବାଳକ ବିଭାଗରେ ସୁନାବେଡା କଲେଜର କିଶୋର କୁମାର ଗଣ୍ଡ ଏବଂ ବାଳିକା ବିଭାଗରେ ସୁନ୍ଦରଗଡ ବେଢ଼ାବାହାଲ ପଞ୍ଚାୟତ ସମିତି ମହାବିଦ୍ୟାଳୟର ନାମସି ମୁଣ୍ଡା ପ୍ରଥମ ହୋଇଥିଲେ। ରିକ୍ୟୁର୍ଭ ରାଉଣ୍ଡରେ ସୁନ୍ଦରଗଡ ଭେଷଜା ପଟେଲ ମହାବିଦ୍ୟାଳୟର ମିଥୁନ ବର୍ମନ ପ୍ରଥମ ଓ ବାଳିକା ବିଭାଗରେ ଯଶିପୁର ମହାବିଦ୍ୟାଳୟର ସାଲଗେ ସୋରେନ ପ୍ରଥମ ହୋଇଥିଲେ। ଉଦଯାପନୀ ଉତ୍ସବରେ ବାରିପଦା ମହାବିଦ୍ୟାଳୟର ଅଧକ୍ଷ ରଞ୍ଜନ ଗିରିଙ୍କ ଅଧକ୍ଷତାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା।



ବଡସାହି ବ୍ଲକ ମାଧପୁର ଗ୍ରାମରେ ଆୟୋଜିତ କୃଷକ ସମାବେଶରେ ଉପସ୍ଥିତ ଚାଷୀମାନେ।

# କ୍ଷତିପୂରଣ ଦାବି କଲେ ଚାଷୀ

**ବଡ଼ସାହି,୧୬।୧୧(ସ୍ୱ.ପ୍ର)**

ବଡ଼ସାହି ବ୍ଲକ ଅଧୀନ ମାଧପୁର ଗ୍ରାମରେ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଯୁବ ମୋର୍ଚ୍ଚା ଉପସଭାପତି ଯୋଗେନ୍ଦ୍ର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ଦଳେଇ ଉପସ୍ଥିତ ରହି ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟତଃ ମାଧପୁର ପଞ୍ଚାୟତର ବିଭିନ୍ନ ଚାଷ ଜମିରେ ଚକଡା ପୋକ ଲାଗି ଧାନ ଫସଲ ନଷ୍ଟ ହୋଇଥିବା ନେଇ ଚାଷୀ କାଳିଚରଣ ମହାନ୍ତ, ଉମ୍ବରୁଧର ମହାନ୍ତ, ନୀଳକଣ୍ଠ ମହାନ୍ତ, ଜଗନ୍ନାଥ ମହାନ୍ତ ସୁମନ୍ତ ସିଂ, ଭୀମ ଚରଣ ମହାନ୍ତ ପ୍ରମୁଖ ଦୃଷ୍ଟି ଆକର୍ଷଣ କରିଥିଲେ । ଚକଡା ପୋକରେ କ୍ଷୟକ୍ଷତି ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଉପଯୁକ୍ତ କ୍ଷତି ପୂରଣ ଦେବା ସହ ଖୁବଶୀଘ୍ର ଧାନ ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ ବୋଲି ଶ୍ରୀ ଦଳେଇ ପ୍ରକାଶ କରିଛନ୍ତି ।

## ପ୍ରାଥମିକ ଶିକ୍ଷକ ସଂଘର ଶପଥ ଗ୍ରହଣ ଉତ୍ସବ

**ବଡ଼ସାହି,୧୬।୧୧(ସ୍ୱ.ପ୍ର)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ବଡ଼ସାହି ବ୍ଲକ ଶାଖା ପକ୍ଷରୁ ନବନିର୍ବାଚିତ ସାଙ୍ଗଠନିକ ପଦାଧିକାରୀଙ୍କ ଶପଥ ଗ୍ରହଣ ଉତ୍ସବ ମାଣତ୍ରୀଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସମସ୍ତ କର୍ମକର୍ତ୍ତା ମାଣତ୍ରୀ ବାବା କଖାରୁଆ ବୈଦ୍ୟନାଥ ଶୈବପୀଠ ପରିସରରେ ଏକତ୍ରିତ ହୋଇଥିଲେ । ସମୂହ ପୂଜାପାଠ ଦିଅଁ ଦର୍ଶନ କରିବା ପରେ ପ୍ରାକ୍ତନ ଜିଲାସ୍ତରୀୟ ସଂଘୀୟ ପଦାଧିକାରୀ ଜୟନ୍ତ କୁମାର ପଟ୍ଟନାୟକ ଶପଥ ପାଠ କରାଇଥିଲେ । ଅପରାହ୍ନରେ ମାଣତ୍ରୀ ଡାକବଙ୍ଗଳା ପରିସରରେ ଏକ ବୈଠକ ସଂଘର ସଭାପତି ପଞ୍ଚାନନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ସମ୍ମାନିତ ଅତିଥି ଭାବେ ବିଇଓ ଦେବବ୍ରତ ବାରିକ, ଏବିଇଓ ପଦ୍ମଲୋଚନ ଦାସ ଓ ସୋମନାଥ ଦାସ ଉପସ୍ଥିତ ରହି ଏକତା ହିଁ ବଳ ବୋଲି କହିଥିଲେ । ସହ ସମ୍ପାଦକ ଶିକ୍ଷକ ଲଳିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଉପଖଣ୍ଡସ୍ତରୀୟ ଜାତୀୟ ପ୍ରେସ୍ ଦିବସ

**ଉଦଳା, ୧୬।୧୧ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡସ୍ତରୀୟ ଜାତୀୟ ପ୍ରେସ୍ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଶୁକ୍ରବାର ଦିନ ଉପଖଣ୍ଡର ସଦର ମହକୁମା ଉଦଳା ଉପଜିଲାପାଳଙ୍କ ସଭାଗୃହରେ ଏହି ଉପଖଣ୍ଡସ୍ତରୀୟ ପ୍ରେସ୍ ଦିବସ ପାଳନ କରାଯାଇଥିଲା। ଏହି ଦିବସରେ ଉଦଳା, କପ୍ତିପଦା, ଗୋପବନ୍ଧୁନଗର, ଖୁଣ୍ଟା ବ୍ଲକ ସମେତ ସ୍ଥାନୀୟ ଏନଏସି ଅଧୀନରେ କାର୍ଯ୍ୟରତ ଥିବା ବିଭିନ୍ନ ଗଣମାଧମ ପ୍ରତିନିଧୀ ଯୋଗ ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସହକାରୀ ଜିଲାପାଳ ଗୌରହରି ମହାନ୍ତ, ମୁଖ୍ୟବକ୍ତା ଭାବେ ଉଦଳା କଲେଜର ଅଧାପକ କରୁଣାକର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକ, ତହସିଲଦାର ରାଜେନ୍ଦ୍ର ନାରାୟଣ କର ପ୍ରମୁଖ ଯୋଗ ଦେଇଥିଲେ । ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ଚଳିତ ବର୍ଷର ପ୍ରେସ୍ ଦିବସରେ ଆଲୋଚ୍ୟର ବିଷୟ 'ସାମ୍ବାଦିକତା ନୀତିଶାସ୍ତ୍ର ଓ ଡିଜିଟାଲ ଯୁଗର ଆହ୍ୱାନ' ଉପରେ ଉପସ୍ଥିତ ଥିବା ପତ୍ରକାରମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ତାଛଡା ଉପସ୍ଥିତ ଅତିଥି ଏବଂ ବକ୍ତା ଆଜିର ସମାଜରେ ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ଗଣମାଧମର ପ୍ରମୁଖ ଭୂମିକା ଉପରେ ଆଲୋକପାତ କରିଥିଲେ।

ସତ୍ୟ, ନିଷ୍ଠା ଏବଂ ନିର୍ଭୟ ଭାବେ ସାମ୍ବାଦିକତାର ଦାୟିତ୍ୱ ତୁଲାଇବା ନେଇ ଉପସ୍ଥିତ ଖବରଦାତାମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । କବି ଇନ୍ଦ୍ରମଣି ବିନ୍ଧାଣୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପତ୍ରକାର ରଞ୍ଜନ ମଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ । ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର କର୍ମଚାରୀ ସରୋଜ କୁମାର ପ୍ରଧାନ, ଅଜିତ ମହାପାତ୍ର, କରୁଣାକର ମହାନ୍ତଙ୍କ ସମେତ ଚିତ୍ରଶିଳ୍ପୀ ରାଜାରାମ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଚିହ୍ନଟ ହେଲା ଜବରଦଖଲ ରାସ୍ତା

**କପ୍ତିପଦା,୧୬।୧୧(ଡି.ଏନ୍.ଏ)**

କପ୍ତିପଦା ବ୍ଲକ୍ ପିଙ୍ଗୁ ପଞ୍ଚାୟତରେ ଏକ ରାସ୍ତା ଜବରଦଖଲକୁ ନେଇ ବାରମ୍ବାର ଅଭିଯୋଗ ହେବା ପରେ ପ୍ରଶାସନ ଦ୍ୱାରା ଏହାକୁ ଚିହ୍ନଟ କରାଯାଇଛି। କପ୍ତିପଦା ଅତିରିକ୍ତ ତହସିଲଦାର ଲକ୍ଷ୍ମୀଧର ନାୟକ, ସୁପରଭାଇଜର ଭୀମ ମୁଖୀ, ନୁଦୁଡିହା ରାଜସ୍ୱ ନିରୀକ୍ଷକ ସ୍ୱପ୍ନା ବେହେରା ଓ ଅମିନ ଦୀପକ କୁମାର ନାଏକ ପୋଲିସ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି ବିବାଦୀୟ ରାସ୍ତାର ଚିହ୍ନଟ କରିଛନ୍ତି । ଉକ୍ତ ପଞ୍ଚାୟତର ଖାତା ନମ୍ବର-୩୨୨, ପ୍ଲଟ୍ ନମ୍ବର-୧୪୮ ରାସ୍ତାକୁ କେତେକ ଗ୍ରାମବାସୀ ଜବରଦଖଲ କରିଥିବା ବେଳେ ଏହାକୁ ଜବରଦଖଲ ମୁକ୍ତ କରିବା ପାଇଁ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଏପରିକି ବହୁବାର ସମ୍ପୃକ୍ତ ବିଭାଗ ପକ୍ଷରୁ ଚିହ୍ନଟ ପାଇଁ ଚିଠି ହୋଇ ମଧ ତାହା ବାତିଲ ହୋଇଥିଲା । ଫଳରେ ଏଥିଯୋଗୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଏପରିକି ଉଚ୍ଛେଦ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରା ନ ଗଲେ ଗ୍ରାମବାସୀ ଆଗାମୀ ଦିନରେ କୋର୍ଟ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଥିଲେ। ଏ ସଂକ୍ରାନ୍ତରେ ଗ୍ରାମବାସୀଙ୍କ ପକ୍ଷରୁ ଆରଡିସି, ଜିଲାପାଳ, ଉପ ଜିଲାପାଳ କପ୍ତିପଦା ଓ ତହସିଲଦାର କପ୍ତିପଦାଙ୍କ ନିକଟରେ ମଧ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତି କରି କପ୍ତିପଦା ତହସିଲ ପକ୍ଷରୁ ନୁଦୁଡିହା ରାଜସ୍ୱ ନିରୀକ୍ଷକଙ୍କୁ ସ୍ଥାନ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଫଳରେ ଉକ୍ତ ସ୍ଥାନରେ ଚିହ୍ନଟିକରଣ ପାଇଁ ଜୁଲାଇ ୨୬ ତାରିଖ ଦିନ ଧାର୍ଯ୍ୟ କରିଥିଲେ। ଏ ସଂକ୍ରାନ୍ତରେ ସେ କପ୍ତିପଦା ଆଇଆଇସି, ତହସିଲଦାରଙ୍କୁ ମଧ ଅବଗତ କରିଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ଏହା ବାତିଲ ହୋଇଥିଲା। ଗଣ୍ଡଗୋଳ ଆଶଙ୍କା କରି ବିଭାଗ ପକ୍ଷରୁ ଏହାକୁ ସ୍ଥଗିତ ରଖାଯାଇଥିବା ଜଣାଯାଇଥିଲା। ଏ ସମ୍ପର୍କରେ କପ୍ତିପଦା ଅତିରିକ୍ତ ତହସିଲଦାର ଲକ୍ଷ୍ମୀଧର ନାୟକଙ୍କୁ ପଚାରିବାରୁ ସେ କହନ୍ତି, ମାପ ହୋଇଛି, ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



ଜବରଦଖଲ ରାସ୍ତାର ମାପଚୁପ କରାଯାଉଛି ।

# 'ସମବାୟ ଯୋଜନାକୁ ଲୋକାଭିମୁଖୀ କର'

**ବାରିପଦା ଅଫିସ,୧୬।୧୧**




ଠାକୁରମୁଣ୍ଡା ଏମସିସି ବ୍ରାଞ୍ଚକୁ ଶ୍ରେଷ୍ଠ ବ୍ରାଞ୍ଚ ଭାବେ ପୁରସ୍କୃତ କରାଯାଉଛି ।

ସମବାୟ ବିଭାଗ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନାରୁ କୃଷକ, କ୍ଷୁଦ୍ର ଉଦ୍ୟୋଗପତି ଏବଂ ବ୍ୟବସାୟୀ ତଥା ବିଭିନ୍ନ ବର୍ଗର ଲୋକେ ସୁଯୋଗ ଉଠାଇ ପାରିବେ। ନିଜର ଆର୍ଥିକ ତଥା ସାମାଜିକ ବିକାଶରେ ସେମାନେ ଏହାକୁ ସାମିଲ କରିପାରିବେ । ସେଥିପାଇଁ ଏହି ଯୋଜନାଗୁଡିକୁ ଲୋକାଭିମୁଖୀ କରିବାକୁ ମୟୂରଭଞ୍ଜ ଜିଲା ସମବାୟ ୟୁନିୟନର ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ଅତିଥିମାନେ ଉପଦେଶ ଦେଇଛନ୍ତି। ପରିଚାଳନା କେନ୍ଦ୍ର ପରିସରରେ ଆୟୋଜିତ ଜିଲାସ୍ତରୀୟ ସମବାୟ ଉତ୍ସବରେ ଜିଲା ସମବାୟ ୟୁନିୟନ ସଭାପତି ଦେବିଦତ୍ତ ଦାଶ ଅଧକ୍ଷତା କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି, ମୁଖ୍ୟବକ୍ତା ଭାବେ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରାଜକିଶୋର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ସୁବ୍ରମଣ୍ୟମ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ବାରିପଦା ଡିଭିଜନର ଡିଆରଏସଏସ ଦମୟନ୍ତୀ ସିଂ, ରାଇରଙ୍ଗପୁର ଓ କରଞ୍ଜିଆ ସର୍କଲ ଏଆରସିଏସ ଶୁଭ୍ରକାନ୍ତି ତୁଙ୍ଗ, କପ୍ତିପଦା ସର୍କଲର ଦୁଃଖିଆ ଟୁଡୁ ପ୍ରମୁଖ ଯୋଗଦେଇଥିଲେ। ମୟୂରଭଞ୍ଜ ଜିଲା ସମବାୟ ୟୁନିୟନର ସମ୍ପାଦକ ଶିବ କୁମାର ଦେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଉପସଭାନେତ୍ରୀ ଲକ୍ଷ୍ମୀ ସାହୁ ଧନ୍ୟବାଦ ଦେଇଥିଲେ। ଜିଲା ମଧରେ ଥିବା ବିଭିନ୍ନ ସମବାୟ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କୁ ସମବାୟ କ୍ଷେତ୍ରରେ ସଫଳତା ଏବଂ ଲୋକାଭିମୁଖୀ କାର୍ଯ୍ୟକମ୍ରର ସଫଳ ରୂପାୟନ କରିଥିବାରୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା।

- ମିଳିଲା ପ୍ରତିଶ୍ରୁତି: କୃଷି, ରାଜସ୍ୱ ବିଭାଗ କରିବେ ତଦନ୍ତ

# ଧାରଣାରେ ବସିଲେ କ୍ଷତିଗ୍ରସ୍ତ ଚାଷୀ

**କପ୍ତିପଦା,୧୬।୧୧(ଡି.ଏନ୍.ଏ.)**

ଚଳିତ ଖରିଫ୍ କପ୍ତିପଦା ବ୍ଲକରେ ଧାନ ଫସଲ ଅମଳ ପୂର୍ବରୁ ଚକଡ଼ା ରୋଗର ପ୍ରାଦୁର୍ଭାବ ନେଇ ଚାଷୀ ହତାଶ ହୋଇପଡ଼ିଛି । ବ୍ଲକ୍‌ର ବହୁ ଧାନ ଗଛରେ ମାଟିଆଗୁଣ୍ଡି, ପଚା ରୋଗ ଦେଖା ଦେବାରୁ ଚାଷୀମାନେ ହତାଶ ହୋଇ ପଡ଼ିଛନ୍ତି କ୍ଷତିପୂରଣ ଦାବୀରେ କ୍ଷତିଗ୍ରସ୍ତ ଚାଷୀ ଶୁକ୍ରବାର କପ୍ତିପଦା ତହସିଲ ସମ୍ମୁଖରେ ଧାରଣାରେ ବସିଛନ୍ତି ।

ଜୟ ଜବାନ ଜୟ କିଷାନ କୃଷକ ସଂଘ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ଧାରଣାରେ ପୂର୍ବତନ ପ୍ରଶାସନିକ ଅଧିକାରୀ ଜଗନ୍ନାଥ ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ବାରିକ, ବାଇଧର ବେହେରା, ରାମଚନ୍ଦ୍ର ସାହାଣୀ, ମନୋରଞ୍ଜନ ମିଶ୍ର ଓ ସୀତକଣ୍ଠ ରାଉତ ପ୍ରମୁଖ ସାମିଲ ହୋଇଥିଲେ । କପ୍ତିପଦା ତହସିଲଦାର ଧାରଣାସ୍ଥଳରେ ପହଞ୍ଚି କୃଷକଙ୍କ ସହିତ ଆଲୋଚନା କରିଥିଲେ। ତୁରନ୍ତ କୃଷି ଓ ରାଜସ୍ୱ ବିଭାଗର ମିଳିତ ତଦନ୍ତ କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ କ୍ଷତିପୂରଣର ବ୍ୟବସ୍ଥା କରାଯିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ତେବେ ଚକଡ଼ାରେ କ୍ଷତିଗ୍ରସ୍ତ ଜମିକୁ ତଦନ୍ତ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ଦିଆ ନ ଗଲେ ଚାଷୀ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଦୃଢ଼ ଚେତାବନୀ ଜଣାଇଛନ୍ତି । ସେହିପରି ସୁଦୁସୁଡିଆ ଗ୍ରାମର ଭାସ୍କର ବେହେରା, ଲୋକନାଥ ପାଣ୍ଡିଆ, ପୂର୍ଣ୍ଣଚନ୍ଦ୍ର ପାଣ୍ଡିଆ ଓ ଶ୍ରୀଧର ବେହେରାଙ୍କ ସମେତ ବହୁ ଲୋକ ଏହି ରୋଗ ପୋକ ସମ୍ପର୍କରେ ଲିଖିତ ଅଭିଯୋଗ କରି ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।



କ୍ଷତିଗ୍ରସ୍ତ ଚାଷୀ ମଲା ଧାନ ଗଛ ଧରି ତହସିଲ ସମ୍ମୁଖରେ ଧାରଣାରେ ବସିଛନ୍ତି ।

## ସଂକ୍ଷେପରେ

### ବାଲି ବୋଝେଇ ୨ ଟ୍ରାକ୍ଟର ଜବତ

**ଆନନ୍ଦପୁର, ୧୬।୧୧(ସ୍ୱ.ପ୍ର.):** ଆନନ୍ଦପୁର ତହସିଲ ପକ୍ଷରୁ ଶୁକ୍ରବାର ଚଢାଉ କରାଯାଇ ବେଆଇନ ଭାବେ ବାଲି ବୋଝେଇ ହେଉଥିବା ୨ ଟ୍ରାକ୍ଟର ଜବତ ହୋଇଛି। ଜବତ ଟ୍ରାକ୍ଟର ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ତହସିଲ ଅଧୀନ କନ୍ତୋ ଆରଆଇ ସର୍କଲ ମୂଷଳ ଘାଟରେ ବେଆଇନ୍ ବାଲି ଚୋରା ଚାଲାଣ ସମ୍ପର୍କରେ ଖବର ମିଳିଥିଲା। ଫଳରେ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ଅଚାନକ ଚଢାଉ କରିଥିଲେ। ୨୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାଯାଇଛି।

### ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

**ପାଟଣା, ୧୬।୧୧(ସ୍ୱ.ପ୍ର.):** ପାଟଣା ତହସିଲରେ ନୂତନ ତହାସିଲଦାର ଭାବେ ଶିବ ପ୍ରସାଦ ମୁର୍ମୁ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପାଟଣା ତହସିଲଦାର ଧନେଇ ଚରଣ ଟୁଡୁଙ୍କ ବଦଳି ପରେ ଦୀର୍ଘ ଦୁଇ ମାସ ହେବ ଉକ୍ତ ଦାୟିତ୍ୱରେ ସାହାରପଡା ତହସିଲଦାର ଲୋମ୍ବୋଦର ଖୁଣ୍ଟିଆ ରହିଥିଲେ। ଲୋମ୍ବୋଦରଙ୍କଠାରୁ ନୂତନ ତହସିଲଦାର ଶିବପ୍ରସାଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶିବପ୍ରସାଦ ଓଡ଼ିଶା ପ୍ରଶାସନିକ ସେବା ୨୦୧୬ ବ୍ୟାଚର। ପାଟଣା ତହସିଲଦାର ଭାବେ ତାଙ୍କର ପ୍ରଥମ ନିଯୁକ୍ତି। ସ୍ଥାନୀୟ ତହସିଲ କର୍ମଚାରୀଙ୍କ ପକ୍ଷରୁ ସୁପରଭାଇଜର ପ୍ରଫୁଲ ସେଠୀ, ମୁଖ୍ୟ ଅମଲା ସୁଭ୍ରାଂଶୁ ଶେଖର ଦାଶ, ବିଭୀଷଣ ସେଠୀ, ସୁନୀତ ତ୍ରିପାଠୀ, ବେଣୁଧର ମହାନ୍ତ, ଲୋଙ୍ଗରାଜ ଦାଶ ଓ ରତିରଞ୍ଜନ ଦାଶ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ନୂତନ ତହସିଲଦାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ଜୟନ୍ତୀରେ ମନେପଡ଼ିଲେ ବିର୍ସାମୁଣ୍ଡା

**ରାଇସୁଆଁ, ୧୬।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ଅଞ୍ଚଳରେ ବିର୍ସାମୁଣ୍ଡାଙ୍କ ୧୦୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଦର ଅଞ୍ଚଳର ମହାଦେଇଯୋଡା ମୁଣ୍ଡା ସାହି, ସିଲିଯୋଡାଠାରେ ବିର୍ସାମୁଣ୍ଡା ଜୟନ୍ତୀ ଅବସରରେ ପୂର୍ବତନ ବିଧାୟକ ମୋହନ ଚରଣ ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଲିଯୋଡାଠାରେ ମୁଖ୍ୟ ଅତିଥି ଭାବେ ଶିବ ମାର୍ଡି, ଦିଲ୍ଲୀପ ବେହେରା, ଅଙ୍କିତ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିର୍ସାମୁଣ୍ଡାଙ୍କୁ ମନେ ପକାଇଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ହୋ ଭାଷାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ନେଇ ପ୍ଲାଷ୍ଟି ମୁକ୍ତ ପରିବେଶ ସୃଷ୍ଟି ପାଇଁ ଅତିଥିମାନେ ଜନସାଧାରଣଙ୍କୁ ସଚେତନତା କରାଇ ଥିଲେ।

### ରାସ୍ତା ଉପରେ ଲଟାବୁଦା

**ଆନନ୍ଦପୁର, ୧୬।୧୧(ସ୍ୱ.ପ୍ର.):** ଜଣେ ବିଧାୟକଙ୍କ ଅନୁଦାନ ପାଣ୍ଠିରେ ଆନନ୍ଦପୁର ବୈତରଣୀ କଡେରେ ଥିବା ରାସ୍ତା କାର୍ଯ୍ୟ ହୋଇଥିଲା। ଏବେ ସେହି ରାସ୍ତା ଲଟାରେ ଭର୍ତ୍ତି ହୋଇଗଲାଣି। ଲୋକଙ୍କ କାର୍ଯ୍ୟରେ ରାସ୍ତା ଲାଗି ପାରୁନି। ସେହି ଅଞ୍ଚଳରେ ୭ରୁ ୮ଟି କଂକ୍ରିଟ୍ ରାସ୍ତା କାର୍ଯ୍ୟ ହୋଇଛି। ନିର୍ମାଣ ହୋଇଥିବା ସେହି କଂକ୍ରିଟ୍ ରାସ୍ତା ଉପରେ ଲୋକେ ଯାତାୟତ କରି ପାରୁନାହାନ୍ତି। ରାସ୍ତା ଉପରେ ଆଣ୍ଠୁଏ ବହଳର ଗଛ ଲଟାମାଡି ଯାଇଛି। ରାସ୍ତା ପୁଣି ଜଙ୍ଗଲ ଭିତରେ ରହିଛି। ସେହି ରାସ୍ତା ଦେଇ କେହି କେବେ ଯିବା ଆସିବା କରିବା ଦେଖାଯାଇନି। ବିଧାୟକ ପାଣ୍ଠି ଅର୍ଥ କାହା ସ୍ୱାର୍ଥରେ ଓ କିପରି ଖର୍ଚ୍ଚ କରାଗଲା ତାହାକୁ ନେଇ ଏବେ ପ୍ରଶନବାଚୀ ସୃଷ୍ଟି କରିଛି।

### ଘସିପୁରା ଥାନାରେ ସମ୍ବର୍ଦ୍ଧନାସଭା

**ଆନନ୍ଦପୁର, ୧୬।୧୧(ସ୍ୱ.ପ୍ର.):** ଘସିପୁରା ଥାନା ପରିସରରେ ଆମ ପୋଲିସ ସମିତି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଘସିପୁରା ଥାନାର ପୂର୍ବତନ ଆଇଆଇସି ମାଧବାନନ୍ଦ ନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନ ଭାବେ ଯୋଗଦେଇଥିବା ଆଇଆଇସି ବିରଞ୍ଚି ନାରାୟଣ ବାଗ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ଆମ ପୋଲିସ ସମିତି ପକ୍ଷରୁ ଆଇନଜୀବୀ ହୃଦାନନ୍ଦ ଦ୍ୱିବେଦୀ, ସମାଜସେବୀ ବୁଲୁ ପଟ୍ଟନାୟକ, ପ୍ରଫୁଲ୍ଲ ବଳ, ଗୋବିନ୍ଦ ଚନ୍ଦ୍ର ବାରିକ, ରତ୍ନାକର ଜେନା, ସୁମତୀ ସାହୁ, ଶୁକଦେବ ସାହୁ, ଗୋପିନାଥ ମଲ୍ଲିକ, ଭରତ ଚନ୍ଦ୍ର ସାହୁ, ନିରଞ୍ଜନ ବାରିକ, ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଉନ୍ନୟନ କାମରେ ଅର୍ଥ ହଡ଼ପ

- ଆନନ୍ଦପୁର ରିଂ ରୋଡ୍ ଶୋଚନୀୟ
- ମରଣଯନ୍ତା ପାଲଟିଛି ଚିକିତ୍ସାଳୟ ମୁଖ୍ୟରାସ୍ତା
- ମରାମତି ନେଇ ପଦକ୍ଷେପ ନିଆଯାଉନି

**ଆନନ୍ଦପୁର/ ଘସିପୁରା, ୧୬।୧୧(ସ୍ୱ.ପ୍ର.)**

ମନଇଛା ଚାଲିଛି ଦୁର୍ନୀତି। ସରକାରୀ କାଗଜକଲମରେ କଳାକୁ ଧଳା କରି ବହୁ ଟଙ୍କା ଆତ୍ମସାତ୍ ହେଉଛି। ଜଗିବାକୁ କେହି ନାହିଁ। ଏପରି ସ୍ଥଳେ ଏକ ବଡ ଧରଣର ଦୁର୍ନୀତି ନଜରକୁ ଆସିଛି। ଉନ୍ନୟନମୂଳକ କାର୍ଯ୍ୟ ନାଁରେ କେତେକ ସରକାରୀ କର୍ମଚାରୀ ଆଖିବୁଜା ଅର୍ଥ ହଡପ କରିଛନ୍ତି। ଗୋଟିଏ ଆର୍ଥିକ ବର୍ଷରେ କେବଳ ପ୍ରକଳ୍ପର ନାମକୁ ଓଲଟାଇ ବା ବଦଳାଇ ଗୋଟିଏ ସ୍ଥାନରେ ୪ରୁ ୫ ଥର କାର୍ଯ୍ୟ ହେଉଥିବା ଦର୍ଶାଯାଉଛି। ଅଭିନବ ଉପାୟରେ ରାସ୍ତା କାର୍ଯ୍ୟରେ ଦୁର୍ନୀତି ହୋଇଛି। ସ୍ଥାନୀୟ ଜଳସେଚନ ବିଭାଗର କେତେକ ସରକାରୀ ବାବୁ ଓ ଠିକାଦାର ଅର୍ଥ ଲୁଟ୍ କରି ମାଲାମାଲ୍ ହେଉଛନ୍ତି। ଏଭଳି ଅବସ୍ଥା ଆନନ୍ଦପୁର ରିଙ୍ଗ ରୋଡ୍‌ରେ ଦେଖିବାକୁ ମିଳିଛି। ରାସ୍ତା ମରାମତି ନାମରେ ପ୍ରତିବର୍ଷ ବହୁ ଟଙ୍କା ଲୁଟ୍ ହୋଇଛି। ରାସ୍ତାର ଅବସ୍ଥାରେ ସୁଧାର ଆସୁନି। ରାସ୍ତା ଉପରେ ସ୍କୁଲ, କଲେଜର ଛାତ୍ରୀଛାତ୍ର ନର୍ଭରଶୀଳ।


ଉପଖଣ୍ଡ ଚିକିତ୍ସାଳୟକୁ ଯାଇଥିବା ମୁଖ୍ୟରାସ୍ତା।

କୋର୍ଟ କଚେରିକୁ ଯାତାୟାତ କରିବାରେ ଲୋକେ ନିର୍ଭର କରିଆସୁଛନ୍ତି। ଦୈନିକ ଛୋଟବଡ ଦୁର୍ଘଟଣା ଘଟି ଚାଲିଛି। ମରାମତି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ନ ଦେଇ ଠିକାଦାର ପୋଷିବା ନୀତି ଅବଲୋମନ କରାଯାଉଛି। ହେଲେ ରାସ୍ତାର ଅବସ୍ଥାରେ ସୁଧାର ଆସିପାରୁନି। ଆନନ୍ଦପୁର ସହରବାସୀଙ୍କ ଲାଇଫ୍ ଲାଇନ୍ କୁହାଯାଉଥିବା ଏହି ରିଙ୍ଗ ରେଡ୍ ଏବେ ମରଣଯନ୍ତା ପାଲଟିଛି। ମରାମତି ଆଳରେ ଖର୍ଚ୍ଚ ହେଉଥିବା ଟଙ୍କାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ସେହିପରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଯାଇଥିବା ମୁଖ୍ୟରାସ୍ତା ପୌରପରିଷଦ ଅଧୀନରେ ରହିଛି। ୫ ବର୍ଷ ଛକାପଞ୍ଝା ରାଜନୀତିକୁ ନେଇ ରାସ୍ତା କାର୍ଯ୍ୟ ହୋଇ ପାରୁନି। କୌଣସି ପଦକ୍ଷେପ ନିଆଯାଉନି। ଉପଖଣ୍ଡ ଡାକ୍ତରଖାନା ଉପରେ ଦୈନିକ ଯାଜପୁର, କେନ୍ଦୁଝର, ଭଦ୍ରକ, ଆନନ୍ଦପୁର ପ୍ରମୁଖ ଅଞ୍ଚଳର ରୋଗୀ ନିର୍ଭର କରୁଛନ୍ତି। ରାସ୍ତା କାର୍ଯ୍ୟ ବିଳମ୍ବ ଘଟିଛି। ରାଜନେତାମାନେ ରାସ୍ତାର ଦୁରାବସ୍ଥା ପ୍ରତି ନଜର ଦେଉ ନାହାନ୍ତି। ଆନନ୍ଦପୁର ଦଧିବାମନଜୀଉ ମନ୍ଦିର ନିକଟ ଓ ବ୍ରଜଛକ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ବିଭାଗୀୟ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସମିର ଅଧିକାରୀଙ୍କୁ ପଚରିବାରୁ ରାସ୍ତା ମରାମତି କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି। ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁଙ୍କୁ ପଚରାଯିବାରୁ ଖୁବ୍ ଶିଘ୍ର ବିଭାଗୀୟ ଅଧିକାରୀଙ୍କୁ ଡକାଇ ଆଲୋଚନା କରି ପଦକ୍ଷେପ ନେବି ବୋଲି କହିଛନ୍ତି। ଆନନ୍ଦପୁର ତହସିଲଦାର ତପନ ନାୟକଙ୍କୁ ପଚାରିବାରୁ ରାସ୍ତା ଗୁଡ଼ିକ ମରାମତି କାର୍ଯ୍ୟ ହେବା ନେଇ ସର୍ଭେ କାର୍ଯ୍ୟ ଶେଷ ହୋଇଥିବା ସେ କହିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**କେନ୍ଦୁଝର, ୧୬।୧୧(ସ୍ୱ.ପ୍ର.)**

ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ୧୦ ଦଫା ଦାବିରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏକ ଶୋଭାଯାତ୍ରାରେ ଶତାଧିକ ଚାଷୀ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଦରଦାମ ବୃଦ୍ଧି ରୋକିବା ସହ ବେକାରିଙ୍କୁ କାମ ଯୋଗାଇଦେବା, ବିଦ୍ୟୁତକାଟ ବନ୍ଦ, ତୈଳ ଦର ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ନେଉଥିବା ଟିକସ ପ୍ରତ୍ୟାହାର, ଦଖଲୀକୃତ ଜମିକୁ ପଟ୍ଟା ପ୍ରଦାନ ଆଦି ଦାବିରେ ଆନ୍ଦୋଳନ ହୋଇଥିଲା।

ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସଭା ହୋଇଥିଲା। ଚାଷୀଙ୍କ ସମସ୍ୟା, କେନ୍ଦୁଝର ପୌରାଞ୍ଚଳରେ ରାସ୍ତାଘାଟ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଓ ଡ୍ରେନେଜ ସମସ୍ୟା, ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଓ ଆଇନ ଶୃଙ୍ଖଳା ପରିସ୍ଥିତି, ମାଦକ ଦ୍ରବ୍ୟର ବହୁଳ ପ୍ରସାର ଆଦି ନେଇ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଏଥିରେ ଅଲ ଇଣ୍ଡିଆ କୃଷକ କ୍ଷେତ ମଜଦୂର ସଙ୍ଗଠନ ଓଡ଼ିଶାର ସମ୍ପାଦକ ତଥା ଏସୟୁସିଆଇ ରାଜ୍ୟ କମିଟି ସଦସ୍ୟ କମ୍ରେଡ ରଘୁନାଥ ଦାସ, କମ୍ରେଡ ପ୍ରକାଶ ମଲ୍ଲିକ, ନକୁଳ ଚନ୍ଦ୍ର ପାତ୍ର, ସଞ୍ଜିତା ସାମଲ, ବନ୍ଦନା ଓରାମ, ଖଗେଶ୍ୱର ମହାନ୍ତ, ବିଜୟାନନ୍ଦ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

**କେନ୍ଦୁଝର, ୧୬।୧୧(ସ୍ୱ.ପ୍ର.)**

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ କେନ୍ଦୁଝର ପରିସରରେ ଇଂରାଜୀ ବିଭାଗରେ ପାଶ୍ଚାତ୍ୟ ଓ ଦକ୍ଷିଣ ଏସିଆ ସାହିତ୍ୟରେ ଉପନ୍ୟାସ ଶୀର୍ଷକ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଇଂରାଜୀ ବିଭାଗର ପ୍ରଫେସର ତଥା ମୁଖ୍ୟ ଅସୀମରଞ୍ଜନ ପାଢୀ ଯୋଗଦେଇ ଇତିହାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଟଲଷ୍ଟଏ, ଦସ୍ତୋଏଭସ୍କିଙ୍କ ଠାରୁ ଆରମ୍ଭ କରି ଫକୀରମୋହନ ସେନାପତି ସମେତ ଅନେକ ସାହିତ୍ୟ ଓ ଔପନାସିକଙ୍କ ଦୃଷ୍ଟାନ୍ତ ଦେଇ ଉପନ୍ୟାସରେ କିପରି ଉଭୟ ଆସ୍ଥେଟିକ ଆପିଲ ଓ ପଲିଟିକାଲ କମିଟମେଣ୍ଟ ରହିଛି ସେ ବିଷୟରେ ଆଲୋଚନା କରାଯାଇଥିଲା। ଇଂରାଜୀ ବିଭାଗର ସହକାରୀ ପ୍ରାଧ୍ୟାପକ ଶାଶ୍ୱତ ପଣ୍ଡା ସଭା ପରିଚାଳନା କରିଥିଲେ। ରେଣୁକା ଖଣ୍ଡେଲୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି

**ଚମ୍ପୁଆ, ୧୬।୧୧(ଡି.ଏନ.ଏ.)**

ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ଚମ୍ପୁଆ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକ ଅଧ୍ୟକ୍ଷତା କରିଥିଲେ। ରିମୁଳି ଉଚ୍ଚ ବିଦ୍ୟାଳୟରେ ୨୦ ତାରିଖରେ ବିଜ୍ଞାନ ମେଳା ଅନୁଷ୍ଠିତ ହେବା ନେଇ ସ୍ଥିର ହୋଇଛି। ପ୍ରସ୍ତୁତି ବୈଠକରେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ, ନରେନ୍ଦ୍ର ନାଏକ, ମହତାବ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିଳାମ୍ବର ମହାନ୍ତ, ଜୀବନ କିଶୋର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ହନୁମାନ ମନ୍ଦିରରେ ବାର୍ଷିକ ଉତ୍ସବ

**ହାଟଡ଼ିହୀ,୧୬।୧୧**

ହାଟଡିହୀ ବ୍ଲକ ସଡ଼ା ଗ୍ରାମର ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଛି। ବ୍ରାହ୍ମଣ ରଙ୍ଗାଧର ପଣ୍ଡା, ସୁରେନ୍ଦ୍ର ଦାଶ ପୂଜାପାଠ ହୋଇଥିଲା। କର୍ତ୍ତା ଭାବେ ନିତ୍ୟାନନ୍ଦ ବେହେରା ସଙ୍କଳ୍ପ କରିଥିଲେ। ପ୍ରଫୁଲ୍ଲ ବେହେରା, ବାଳକୃଷ୍ଣ ବେହେରା, କରୁଣାକର ବେହେରା, ପ୍ରଦୀପ ସାମଲ, ରବୀନ୍ଦ୍ର ଜେନା, ଧ୍ରୁବ ପହି, ଚିତ୍ତରଞ୍ଜନ ଭୂୟାଁ, କାର୍ତ୍ତିକ ସ୍ୱାଇଁ, ଉମାକାନ୍ତ ସ୍ୱାଇଁ, ନରହରି ବଳ, ସୁଦର୍ଶନ ପହି, ଶ୍ୟାମସୁନ୍ଦର ସାମଲ, ଅକ୍ଷୟ ଦାସ, ବ୍ରହ୍ମାନନ୍ଦ ଧଳ, ବୈଦ୍ୟନାଥ ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ।

# ଜିଲାରେ ଅଘୋଷିତ ବିଦ୍ୟୁତ୍ କାଟ

**କେନ୍ଦୁଝର, ୧୬।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ବିବାଦ ଦେଖା ଦେଉଛି। ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରାଞ୍ଚଳରେ ଅପେକ୍ଷା ଗ୍ରାମାଞ୍ଚଳରେ ବିଦ୍ୟୁତ୍ କାଟ ସମସ୍ୟା ଅଧିକ ଜଟିଳ କରୁଛି। ମନଇଛା ବିଦ୍ୟୁତ୍ କାଟ ହେଉଛି। ଏ ନେଇ ଜନ ଅସନ୍ତୋଷ କୁହୁଳୁଛି। ପୁରୁଣା ଖୁଣ୍ଟ, ତାର ଓ ଟ୍ରାନ୍ସଫର୍ମର ବଦଳାଯାଉ ନ ଥିବାରୁ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଅନେକ ସମୟରେ ସଜଡା ଯାଉଥିବା କହି ବିଦ୍ୟୁତ୍ କାଟ କରାଯାଉଥିବାରୁ ପ୍ରକୃତ କାରଣକୁ ନେଇ ସାଧାରଣରେ ସନ୍ଦେହ ଉପୁଜିଛି। ବିଦ୍ୟୁତ୍ କାଟ ଯୋଗୁ ପିଲାଙ୍କ ପାଠପଢା ସମସ୍ୟା ଦେଖା ଦେଉଛି। ଛୋଟ ବ୍ୟବସାୟୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏପରିକି ଜିଲା ମୁଖ୍ୟାଳୟକୁ ଲାଗିଥିବା ସଦର ବ୍ଲକ ଅଞ୍ଚଳରେ ମଧ୍ୟ ଘନଘନ ବିଦ୍ୟୁତ୍ କାଟ ହେଉଛି। ଅନେକ ସମୟରେ ନିଜ ଦୋଷ ଦୁର୍ବଳତା ଲୁଚାଇବା ପାଇଁ ଆଇନଗତ ପେଞ୍ଚ ଭୟରେ ଦୁର୍ଘଟଣା ଆଶଙ୍କା କରି ହାତୀ ଉପଦ୍ରବ ଅଞ୍ଚଳରେ ଜାଣିଶୁଣି ବିଦ୍ୟୁତ୍ କାଟ କରାଯାଉଛି।

# ବାର୍ଷିକ କ୍ରୀଡ଼ା ଉତ୍ସବରେ ୧୦୫୫ ଛାତ୍ରୀଛାତ୍ର


ଛାତ୍ରୀଛାତ୍ର ଶପଥପାଠ କରୁଛନ୍ତି।

**ବଡ଼ବିଲ, ୧୬।୧୧(ସ୍ୱ.ପ୍ର.)**

ବଡ଼ବିଲସ୍ଥିତ ଉତ୍ସବ ପଡ଼ିଆରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ କ୍ରୀଡ଼ା ଉତ୍ସବର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ନୀଳମଣି ମହାନ୍ତ, ସମ୍ମାନିତ ଅତିଥି ଗିରିଧାରୀ ଲାଲ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ହିମାଂଶୁ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ବିଗତ ବର୍ଷର ସର୍ବଶ୍ରେଷ୍ଠ ଖେଳାଳି ହୃଦାନନ୍ଦ ମହାନ୍ତ ସମସ୍ତ କ୍ରୀଡାବିତଙ୍କୁ ଶପଥପାଠ କରାଇଥିଲେ। କିଶୋର ବିଭାଗର ୧୦୦ ମିଟର ଦୌଡକୁ ମୁଖ୍ୟ ଅତିଥି ନୀଳମଣି ଶୁଭାରମ୍ଭ କରିଥିଲେ। ବାର୍ଷିକ କ୍ରୀଡାର ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟର ଶିଶୁ, ବାଳ ଓ କିଶୋର ବିଭାଗରେ ମୋଟ ୧୦୫୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶାରୀରିକ ପ୍ରମୁଖ ଜନାର୍ଦ୍ଦନ ମହାନ୍ତଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଡମ୍ବରୁଧର ମହାନ୍ତ ଓ ଶିକ୍ଷୟିତ୍ରୀ ନିନ୍ଦିନୀ ମହାନ୍ତି ପରିଚାଳନାରେ ସହଯୋଗ କରିଛନ୍ତି।

# ମନୋରମ ପରିବେଶରେ କ୍ୟାଣ୍ଟିନ



ସଜେଇ ହେଉଥିବା କ୍ୟାଣ୍ଟିନ।

**କେନ୍ଦୁଝର, ୧୬।୧୧(ସ୍ୱ.ପ୍ର.)**

ସ୍ଥାନୀୟ ରିଜର୍ଭ ପୋଲିସ ପରିସରରେ ଉଦ୍‌ଘାଟନ ହେବାକୁ ଯାଉଛି ନିଆରା ପୋଲିସ କ୍ୟାଣ୍ଟନ। ଯାହାର ନାମ ରହିଛି କପସ ବଲିଉଡ କ୍ୟାଣ୍ଟନ। ଏକ ମନୋରମ ପରିବେଶରେ କ୍ୟାଣ୍ଟିନ ନିର୍ମାଣ ଜୋରଦାର ଚାଲିଛି। ସେଠାରେ ପୂର୍ବରୁ ଥିବା କ୍ୟାଣ୍ଟିନକୁ ଅଧିକ ସୌନ୍ଦର୍ଯ୍ୟମୟ କରାଯାଇ ନିର୍ମାଣ ହେଉଛି। କ୍ୟାଣ୍ଟିନ କାନ୍ଥରେ ବିଭିନ୍ନ ବଲିଉଡ ସିନେମାରେ ପୋଲିସ ଭୂମିକାରେ ଅଭିନୟ କରିଥିବା ହିରୋ ଓ ହିରୋଇନଙ୍କ ତୈଳ ଚିତ୍ର ଅଙ୍କନ କରାଯାଇଛି। ସେଠାରେ ଶିଶୁମାନେ ସ୍କୁଲ ଯିବାର ଦୃଶ୍ୟ ମଧ୍ୟ ଅଙ୍କନ ଯାଇଛି। ତାହା ନିକଟରେ ଏକ ପୋଖରୀର ପୁନରୁଦ୍ଧାର କରାଯାଇ ବୋଟିଂ ବ୍ୟବସ୍ଥା, ପିଲାଙ୍କ ପାଇଁ ପାର୍କ ଓ ଦୋଳୀ ନିର୍ମାଣ କରାଯାଇଛି। ମନ୍ଦିର ନିକଟରେ ଥିବା ପୋଖରୀରେ ବହୁ ମାଛ ରହିଛନ୍ତି। ସେମାନଙ୍କୁ ଖାଦ୍ୟ ଦେବାର ଦୃଶ୍ୟ ବେଶ ମନୋରମ। ଉକ୍ତ କ୍ୟାଣ୍ଟିନରେ ବଲିଉଡ ବ୍ୟତୀତ ଓଲିଉଡର ହିରୋ ଓ ହିରୋଇନଙ୍କ ଫଟୋ ଚିତ୍ରିତ କରିବା ସହ ତାଙ୍କର ନାମ କରଣ ଓଡ଼ିଆରେ ଲେଖାଗଲେ ଆମେ ଓଡ଼ିଆ ଓ ଆମ ଭାଷା ଓଡ଼ିଆକୁ ସୁଦୃଢ କରିପାରିବ ବୋଲି ଭାଷାବିତମାନେ ମତବ୍ୟକ୍ତ କରିଛନ୍ତି।

# ‘ଖବରଦାତାଙ୍କୁ ସୁରକ୍ଷା ଦିଆଯାଉ’

- ଜାତୀୟ ପ୍ରେସ୍ ଦିବସ ଏକ ପ୍ରେରଣା
- ଶୃଙ୍ଖଳିତ ସମାଜ ଗଠନରେ ଗଣମାଧ୍ୟମ

**କେନ୍ଦୁଝର, ୧୬।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଦର ମହକୁମାଠାରେ ଶୁକ୍ରବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ମିନି କନ୍‌ଫରେନ୍ସ ହଲଠାରେ ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ କମଳିନୀ ପାତ୍ର ଯୋଗଦେଇ ଗଣମାଧ୍ୟମର ମର୍ଯ୍ୟାଦା ବୃଦ୍ଧି କରିବା ପାଇଁ ଖବରଦାତା ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ଗଣମାଧ୍ୟମର ଗାରିମା ବଜାୟ ରଖିବା ଦିଗରେ ଜାତୀୟ ପ୍ରେସ୍ ଦିବସ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଥିଲା। ଏହି ସମାରୋହରେ ବରିଷ୍ଠ ଖବରଦାତା ସତ୍ୟନାରାୟଣ ମିଶ୍ର, ସୁରେଶ ଚନ୍ଦ୍ର ପଟ୍ଟନାୟକ, ଧୀରେନ୍ଦ୍ର ରାଉତ, ସୁବ୍ରତ ସ୍ୱାଇଁ, ଶରତ ଚନ୍ଦ୍ର ଦାସ, ସତ୍ୟଜିତ୍ ମିଶ୍ର ସମେତ ଜାତୀୟ ପ୍ରେସ୍ ଦିବସ ପାଳନର ତାତ୍ପର୍ଯ୍ୟ, ଚଳିତ ବର୍ଷର ଶୀର୍ଷକ ‘ଖବରଦାତାର ନୀତିଶାସ୍ତ୍ର ଓ ଡିଜିଟାଲ୍ ଯୁଗରେ ଆହ୍ୱାନ’ ଏବଂ ଖବରଦାତାଙ୍କ ସୁରକ୍ଷା, ନିରାପତା ଓ ବିଭିନ୍ନ ସମସ୍ୟା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିବ ବାରିକ ସଂଯୋଜନା କରିଥିଲେ।

**ବଡ଼ବିଲ, (ସ୍ୱ.ପ୍ର.)**

ବଡବିଲସ୍ଥିତ ଲକି ଇଣ୍ଡିଆରେ ଶୁକ୍ରବାର ବଡବିଲ ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା, ସମ୍ମାନିତ ଅତିଥି ପୂର୍ବତନ ପୌରାଧ୍ୟକ୍ଷ ଦିଲ୍ଲିପ ମିଶ୍ର, ଅତିରିକ୍ତ ତହସିଲଦାର ମନୋରଞ୍ଜନ ଦେଓ ଓ ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ ଉପସଭାପତି ବଳରାମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଦେବକାନ୍ତ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଶାନ୍ତନୁ ଦାଶ ସଭା ପରିଚାଳନା କରିଥିଲେ। ନିର୍ମଳ ପତିଙ୍କ ପରିଚାଳନାରେ ‘ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନରେ ଗଣମାଧ୍ୟମର ଭୂମିକା’ ଶୀର୍ଷକର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ରମେଶ ଚନ୍ଦ୍ର ମିଶ୍ର, ବିଜୟ ମହାନ୍ତ, ବସନ୍ତ ସାହୁ, ଇନ୍ଦ୍ରମଣି ବେହେରା, ବିଜୟ ମହାନ୍ତି, ଦେବରଞ୍ଜନ ନାଏକ, ଯଦୁମଣି ବାରିକ, ପ୍ରତାପ କିଶୋର ଦାସ, ଶୁଭଶ୍ରୀ ବେକ୍, ଶୈଳେଶ କର୍ମକାର, ବ୍ରଜ କିଶୋର ପଣ୍ଡା, ଜୟକୃଷ୍ଣ ଦାସ, ମନମୋହନ ବଳିୟାର ସିଂହ, ସୁବୋଧ ଦାସ, ଶାନ୍ତନୁ ଦାଶ ଓ ଦେବପ୍ରିୟ ରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ଆନନ୍ଦପୁର, (ସ୍ୱ.ପ୍ର.)**

ଆନନ୍ଦପୁର ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ଶାଳପଡା ଜଗନ୍ନାଥ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବ ସଭାପତି ଗୋପାଳ କୃଷ୍ଣ ରାଉତଙ୍କ ଅଧ୍ୟକ୍ଷତାରେ ପୂର୍ବତନ ସଭାପତି ଲୋକନାଥ ସିଂହ ସଭାପତିତ୍ୱ କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ରାଉତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର ସାହୁ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସାଇଁକୁଳ ପତିତ ପାବନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି, ଆନନ୍ଦପୁର ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡଃ. ଦିଲ୍ଲୀପ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଖବରଦାତା ସୁବାସ ଚନ୍ଦ୍ର ମହାପାତ୍ର, ନାରାୟଣ ପଣ୍ଡା, କୁଞ୍ଜବନ ମହାପାତ୍ର, ପ୍ରଦୀପ ହଜାରୀ, ଅନିଲ ସାହୁ, ଆଇନଜୀବୀ ଭାଗୀରଥି ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ମିଶ୍ର, ସରୋଜ ପରିଡା, ଶ୍ରୀକୁମାର ମିଶ୍ର, ଶୁଭକାନ୍ତ ନାୟକ, ରାଜୀବ ଲୋଚନ ଜେନା, ଲିଟୁ ହଜାରୀ, ବ୍ରଜ କିଶୋର ଓଝା, ଶୁଭାଶିଷ ପାଢୀ, ଗୋପିନାଥ ପାତ୍ର, ଅନନ୍ତ ଚରଣ ପହି, ସ୍ୱପ୍ନେଶ୍ୱର ପଣ୍ଡା, ରାଜେନ୍ଦ୍ର ପ୍ରସାଦ ଦାଶ, ଘନଶ୍ୟାମ ଜେନା, ଜଗନ୍ନାଥ ଧଡା, ପ୍ରକାଶ ହଜାରୀ, ଭରତ ମିଶ୍ର, ନାରାୟଣ ସାହୁ, ସୁବୋଧ ଦାସ, ହାଡିବନ୍ଧୁ ଖୁଂଟିଆ, ମକରଧ୍ୱଜ ଯେନା, ସମାଜସେବୀ ଅନ୍ନଦା ଶଙ୍କର ମହାନ୍ତି, ଶିବେନ ପଟ୍ଟନାୟକ, ଶାରଦା ଦାଶ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

**ତେଲକୋଇ, (ଡି.ଏନ.ଏ.)**

ତେଲକୋଇରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରେସ କ୍ଲବର ରଣଜିତ ବିଶ୍ୱାଳଙ୍କ ସମେତ ବାଂଶପାଳ ବ୍ଲକର ପ୍ରତିନିଧି ଧନଜୟ ଦାଶ, ସିରିଗିଡା ପ୍ରତିନିଧି ସିପୁନ ପଟନାୟକ, ଅନୁକୁଳ ବିଶ୍ୱାଳ, ଡିଲେଶ୍ୱର ସାହୁ, ଚିନ୍ମୟ ସାହୁ, ପ୍ରଦୀପ ମିଶ୍ର, ବିରଞ୍ଚି ନାରାୟଣ ବେହେରା, ଲୋକନାଥ ସାହୁ, ଅକ୍ଷୟ ପ୍ରଧାନ, ଅମରେଷ ପ୍ରଧାନ, ରୁତମ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

**ଘସିପୁରା**

ଆନନ୍ଦପୁର ପ୍ରେସ ପରିଷଦ ପକ୍ଷରୁ ସ୍ଥାନୀୟ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପ୍ରେସ ପରିଷଦର ସମ୍ପାଦକ ନିରାକାର ଦଳେଇଙ୍କ ସଂଯୋଜନାରେ ଖବରଦାତା ସତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ତ୍ୱ କରିଥିଲେ। ଏଥିରେ ଖବରଦାତା ରତିକାନ୍ତ ସାହୁ, ଲଲାଟେନ୍ଦୁ ଧିର, ସତ୍ୟଜିତ୍ ସାହୁ, ନାରାୟଣ ସାହୁ, ହରେକୃଷ୍ଣ ପାତ୍ର, ମକରଧ୍ୱଜ ଜେନା, ରଣଜିତ୍ ରଣା, ନିର୍ମଳ ରାଉଳ, ମକରଧ୍ୱଜ ସାହୁ, ପ୍ରଫୁଲ୍ଲ ଦାଶ, ବିଭୁତି ଭୂଷଣ ଜେନା, ସଞ୍ଜୀବ କୁମାର ମହାନ୍ତି, ମନମୋହନ ନାୟକ, ଉପେନ୍ଦ୍ର ସାହୁ, ଭରତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଖବରଦାତାଙ୍କ ସୁରକ୍ଷା ଓ ସୁବିଧା ପ୍ରତି ସରକାର ଧ୍ୟାନ ଦେଉନଥିବାରୁ ଆଲୋଚନାରେ ଅସନ୍ତୋଷ ପ୍ରକାଶ ପାଇଥିଲା।


ପ୍ରେସ୍ ଦିବସରେ ଉପସ୍ଥିତ ଖବରଦାତା ଓ ଅତିଥି।





ଆୟୋଜିତ ସଭାରେ ଯୋଗ ଦେଇଥିବା ଅତିଥିଙ୍କ ସହ ଅନ୍ୟମାନେ।

**ସଂକ୍ଷେପରେ**

## ପୋଲିସ, ଏମଭିଆଇଙ୍କ ମିଳିତ ଚଢ଼ାଉ ୧୭ ଗାଡ଼ିର ଭିସିଆର କଟାଗଲା



**ରେମୁଣା, ୧୬।୧୧(ଡି.ଏନ.ଏ.):** ଶାଳବଣୀଠାରୁ ବାମପଦା ପର୍ଯ୍ୟନ୍ତ ଜାତୀୟ ରାଜପଥ ପାର୍ଶ୍ୱରେ ଟ୍ରକ୍ ଓ ଅନ୍ୟ ଭାରିଯାନଗୁଡ଼ିକୁ ବେଆଇନ ପାର୍କିଂ କରାଯିବା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏନେଇ ବାରମ୍ବାର ଅଭିଯୋଗ, ରାସ୍ତାରୋକୋ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ ପୋଲିସ ଓ ଏମ୍‌ଭିଆଇଙ୍କ ପକ୍ଷରୁ ପୁଣି ମିଳିତ ଚଢ଼ାଉ କରାଯାଇଛି। ଏମ୍‌ଭିଆଇ ଶୁଖରାମ ସୋରେନ, ଜୁନିୟର ଏମଭିଆଇ ପି. କେ. ମହାନ୍ତି, ପି.କେ. ଦାସ, ଶିଳ୍ପାଞ୍ଚଳ ଥାନା ଏଏସ୍‌ଆଇ ଫକୀର ଚରଣ ପ୍ରଧାନ, ଗୋଲେଇ ଫାଣ୍ଡି ଅଧିକାରୀ ଧିରେନ୍ଦ୍ର ପ୍ରସାଦ ମହାନ୍ତି ପ୍ରମୁଖ ବେଆଇନ୍ ପାର୍କିଂ ତଦାରଖ କରିଥିଲେ। ବେଆଇନ ଭାବେ ପାର୍କିଂ ଉପରେ ଅନଲାଇନ୍ ମାଧମରେ ଭେଇକିଲ୍ ଚେକିଂ ରିପୋର୍ଟ (ଭିସିଆର) କଟାଯାଇଛି। ଏହି ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ୧୭ଟି ଗାଡି ଉପରେ ଭିସିଆର କଟାଯାଇଥିବା ଏମଭିଆଇ ସୋରେନ କହିଛନ୍ତି।

## ବିଷ ପିଇ ୱାର୍ଡସଭ୍ୟାଙ୍କ ଆତ୍ମହତ୍ୟା

**ରେମୁଣା, ୧୬।୧୧(ଡି.ଏନ.ଏ.):** ରେମୁଣା ବ୍ଲକ ଖରିଦମୁଖୁରା ପଞ୍ଚାୟତ ୯ନମ୍ବର ୱାର୍ଡର ୱାର୍ଡସଭ୍ୟା ସବିତା ଜେନା(୩୭) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ରାତିରେ ସବିତା ହଠାତ୍ ତଳେ ପଡିଯାଇ ଚିତ୍କାର କରିବା ପରେ ତାଙ୍କ ସ୍ୱାମୀ ରାମଚନ୍ଦ୍ର ପଡୋଶୀଙ୍କ ସହାୟତାରେ ରେମୁଣା ଡାକ୍ତରଖାନା ଆଣିଥିଲେ। ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା।

## ଶୃଙ୍ଖଳିତ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ



**ରେମୁଣା, ୧୬।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ରେମୁଣା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି। ରେମୁଣା ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଭାପତି ଲକ୍ଷ୍ମୀଧର ଗାଁଣ ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷ ସୁଶାନ୍ତ ପଟ୍ଟନାୟକ ଉଦ୍‌ଘାଟକ ଏବଂ ବିଡିଓ ସଞ୍ଜୟ କୁମାର ରାଉତ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶୃଙ୍ଖଳିତ ସମାଜ ଗଠନରେ ଗଣମାଧମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜାତୀୟ ପ୍ରେସ ଦିବସ ପାଳନ ଆଭିମୁଖ୍ୟ ସମ୍ପର୍କରେ ସଂଘର ସମ୍ପାଦକ ସୁରେଶ ଦାସ ସୂଚନା ଦେଇଥିଲେ। ରେମୁଣା ସାମ୍ବାଦିକ ସଂଘର ଆବାହକ ରବୀନ୍ଦ୍ର ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।


## ବାଲିଆ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା

**ବାଲେଶ୍ୱର ଅଫିସ, ୧୬।୧୧:** ବାଲେଶ୍ୱର ବୃନ୍ଦାବତୀ ବିହାରସ୍ଥ ବାଲିଆ ଶିଶୁ ମନ୍ଦିରରେ ଶୁକ୍ରବାର ଷୋଡ଼ଶ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ପରିଚାଳନା ସମିତିର ଉପଦେଷ୍ଟା ଉପେନ୍ଦ୍ର ନାଥ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେଇ ଶିଶୁର ସର୍ବାଙ୍ଗୀନ ବିକାଶ ଦିଗରେ କ୍ରୀଡ଼ା ନିଶ୍ଚିତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ସୁଧୀର କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ଧୀରେନ୍ଦ୍ର ଜେନା କୃତଜ୍ଞତା ଜ୍ଞାପନ କରିଥିଲେ। ଆଚାର୍ଯ୍ୟା ମହାଶ୍ୱେତା ଶତପଥୀ ସଂଯୋଜନା କରିଥିଲେ। ସମସ୍ତ ଗୁରୁମା, ଗୁରୁଜୀ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

## ଝାଡ଼ଖଣ୍ଡ ହାତୀଙ୍କ ଉପଦ୍ରବ ଜାରି

# ଭୟରେ ଗାଁ ଛାଡ଼ିଲେ ଲୋକେ

**ଅଘୋଷିତ ବିଦ୍ୟୁତକାଟ, ବନାଞ୍ଚଳବାସୀ ହଇରାଣ**



ଜଙ୍ଗଲରେ ହାତୀପଲ।

**ସଜନାଗଡ଼, ୧୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ପାଦଦେଶରେ ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ୫୮ରୁ ଉର୍ଦ୍ଧ୍ୱ ଝାଡ଼ଖଣ୍ଡ ହାତୀ ଫେରିବାର ନାଁ ନେଉନାହାନ୍ତି। ଦଳରେ ଥିବା ପାଇଲଟ ଦନ୍ତାଗୁଡ଼ିକ ସୌରବାଡ ଓ ଟ୍ରେଞ୍ଚକୁ ମାନୁ ନାହାନ୍ତି। ଫଳରେ ସେମାନେ ଗ୍ରାମମଧ୍ୟକୁ ସହଜରେ ପ୍ରବେଶ କରୁଛନ୍ତି। ୩ଦିନ ହେଲା ହାତୀପଲ ଉପଦ୍ରବ ଜାରି ରଖିଛନ୍ତି। ଏଥିରେ ବ୍ୟାପକ ଫସଲ ନଷ୍ଟ ହେବା ସହ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଭୟରେ କେତେକ ବନାଞ୍ଚଳବାସୀ କିଛି ଗାଁ ଛାଡ଼ି ପଳାଉଥିବା ବେଳେ ଆଉ କେତେକ ଗଛ ଉପରେ ମଞ୍ଚା ବାନ୍ଧି ରହୁଛନ୍ତି। ସେମାନେ ରାତି ଉଜାଗର ରହି ପାଳି କରି ନିଆଁ ଲଗାଇ ଜଗି ରହୁଛନ୍ତି। ହାତୀ ଆସିବା ଦିନଠାରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଅଘୋଷିତ ବିଦ୍ୟୁତ୍ କାଟ୍ କରାଯାଉଛି। ଲୋକମାନଙ୍କ ନିକଟରେ ଆବଶ୍ୟକ ପରିମାଣର କିରୋସିନ ମଧ୍ୟ ନାହିଁ। ବିଗତବର୍ଷଗୁଡିକରେ ହାତୀ ଆସିବା ପୂର୍ବରୁ ବନାଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ କିରୋସିନ, ଖାଦ୍ୟ ଆଦି ବ୍ୟବସ୍ଥା କରାଯାଉଥିଲା। ଚଳିତବର୍ଷ ସେସବୁ ବ୍ୟବସ୍ଥା ନ ଥିବାରୁ ବନାଞ୍ଚଳବାସୀଙ୍କ ମଧ୍ୟରେ ଆନ୍ଦୋଳନ ଦାନା ବାନ୍ଧୁଛି।

ଝାଡ଼ଖଣ୍ଡୀ ହାତୀପଲ ଗତ ୨୦୧୦ମସିହାରୁ ଚିରାଚରିତ ରାସ୍ତାରେ ଆସି ଧାନଫସଲ ସମୟରେ ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ରହିଥାନ୍ତି। ଏଥିପାଇଁ ବନାଞ୍ଚଳବାସୀ ଗତ ୮ବର୍ଷ ହେବ ଧାନ ଅମଳ ସମୟରେ ହାତୀଙ୍କ ଲାଗି ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ହାତୀଙ୍କୁ ଘଉଡାଇବା ଲାଗି ବନବିଭାଗ କୌଣସି ଠୋସ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅଶାନ୍ତି ବୃଦ୍ଧି ପାଉଛି। ବନବିଭାଗ କୋଟି କୋଟି ଟଙ୍କା ବ୍ୟୟ କରି ସୌରବାଡ଼ ଓ ଟ୍ରେଞ୍ଚ ନିର୍ମାଣ କରିଥିଲେ ମଧ୍ୟ ଫଳ ଶୂନ। ହାତୀପଲ ଆସିବା ପୂର୍ବରୁ ପ୍ରତିବର୍ଷ ଉପଦ୍ରବ ପଞ୍ଚାୟତର ପ୍ରତିନିଧି, ବିଧାୟକ, ଜଙ୍ଗଲବିଭାଗ, ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଏକ ପ୍ରସ୍ତୁତି ବୈଠକ ହୋଇଥାଏ। ଚଳିତବର୍ଷ ଏହା ହୋଇନାହିଁ। ଶୁକ୍ରବାର କିଛି ସ୍ଥାନରେ ପୂର୍ବାହ୍ନ ୮ଟାରୁ ମଧ୍ୟାହ୍ନ ୨ଟା ମଧ୍ୟରେ ହାତୀ ପିଛୁ ରାସ୍ତା ପାର୍ ହେଉଥିବା ଦେଖିବାକୁ ମିଳିଥିଲା। ହାତୀଙ୍କୁ ଦେଖିବା ପାଇଁ ଦୂରଦୁରାନ୍ତରୁ ଲୋକେ ଆସି ଭିଡ ଜମାଉଛନ୍ତି। ସେମାନେ ହାତୀଙ୍କୁ ଦେଖିବା ସହ ସେଲ୍‌ଫି ନେବା ଏବଂ ବିଭିନ୍ନ ପ୍ରକାର ଶବ୍ଦ କରି ବିଶୃଙ୍ଖଳିତ କରୁଥିବାର ଦେଖାଯାଇଛି। ତିନିକୋଶିଆ ଜଙ୍ଗଲକୁ ଲାଗିଥିବା ୧୯ନଂ. ରାଜ୍ୟ ରାଜପଥ ଦେଇ ପଥିକ ଭଗବାନଙ୍କ ଭରସାରେ ଯା'ଆସ କରଛନ୍ତି। ନୀଳଗିରି ପ୍ରଶାସନ ଓ ବନବିଭାଗ ଏସବୁ ବିଷୟକୁ ଗରୁତ୍ୱ ଦେବା ଆବଶ୍ୟକ ବୋଲଇ ସାଧାରଣରେ ଚର୍ଚ୍ଚା ହେଉଛି।





ପ୍ରଦର୍ଶିତ ଗାନ୍ଧିଜୀଙ୍କ ବିରଳ ଫଟୋ।

## ଗାନ୍ଧିଜୀଙ୍କ ବିରଳ ଫଟୋ ପ୍ରଦର୍ଶନୀ

**ରେମୁଣା, ୧୬।୧୧(ଡି.ଏନ.ଏ.)**

ସ୍ଥାନୀୟ ବିଜୟାଞ୍ଜଳି ବିଜ୍ଞାନ ଆବାସିକ କଲେଜରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୨୯ତମ ଜୟନ୍ତୀ ଓ ଶିଶୁ ଦିବସ ପାଳନ ଅବସରରେ ମହାତ୍ମା ଗାନ୍ଧୀଙ୍କ ବିରଳ ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ଶିଳ୍ପୀ ସର୍ବେଶ୍ୱର ଦାସ ସଂଗ୍ରହ କରିଥିବା ୨ ହଜାରରୁ ଉର୍ଦ୍ଧ୍ୱ ବିରଳ ଫଟୋଚିତ୍ର ଓ ଗାନ୍ଧିବାଣୀ ପ୍ରଦର୍ଶନ କରିଥିଲେ। କଲେଜ ପ୍ରତିଷ୍ଠାତା ଇଂ ବିଦ୍ୟୁବେନ୍ଦୁ ପାତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ 'ଧ୍ୱନି ପ୍ରତିଧ୍ୱନି'ର ସମ୍ପାଦକ ସୃଷ୍ଟିଧର ପରିଡା ମୁଖ୍ୟଅତିଥି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲ ମୁଖ୍ୟବକ୍ତା, ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ମହାପୁରୁଷଙ୍କ ଜୀବନାଦର୍ଶକୁ ଅନୁସରଣ କଲେ ଜୀବନ ଉଜ୍ଜ୍ୱଳମୟ ହେବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଛାତ୍ରୀ ଆକାଙ୍କ୍ଷା ଦାସ, ମାନସୀ ମହାନ୍ତ, ଶୁଭଲକ୍ଷ୍ମୀ ମହାନ୍ତ, ନିଲମ ଗିରି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ଡ. ପ୍ରାଣକୃଷ୍ଣ ସାହୁ ଧନ୍ୟବାଦ ଦେଇଥିଲେ। ରମେଶ ବିଶ୍ୱାଳ, ଅନନ୍ତ ସାମଲ, ଗୌରୀଶଙ୍କର ଶତପଥୀ, ମହେଶ ପଟ୍ଟନାୟକ, ସତ୍ୟଜିତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।





ଜାତୀୟ ପ୍ରେସ୍ ଦିବସରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

## ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ

# ଗଣମାଧ୍ୟମ ଜାଗ୍ରତ ପ୍ରହରୀ

**ବାଲେଶ୍ୱର ଅଫିସ, ୧୬।୧୧**

ବାଲେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନ ୧୧ଟାରେ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ 'ଖବରଦାତାର ମୂଲ୍ୟବୋଧ ଓ ଡିଜିଟାଲ ଯୁଗର ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ ଜାତୀୟ ପ୍ରେସ ଦିବସ ପାଳନର ଆଭିମୁଖ୍ୟ ଏବଂ ଆଲୋଚନାଚକ୍ରର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଥିବା ଜିଲାପାଳ ପ୍ରକାଶ କରିଥିଲେ। ଗଣମାଧ୍ୟମ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରି ପ୍ରଶାସନକୁ ନିଜ ଦାୟିତ୍ୱ ନିର୍ବାହ ଲାଗି ଯେଭଳି ସଚେତନ କରାଇଥାଏ ତାହାର ସେ ଉଚ୍ଚପ୍ରଶଂସା କରିଥିଲେ। ଆଲୋଚକ ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ ଯୋଗଦେଇ ମୂଲ୍ୟବୋଧର ରକ୍ଷା ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କିଭଳି ବିଭିନ୍ନ ସମୟରେ ବହୁ ମୂଲ୍ୟ ଦେବାକୁ ପଡ଼ିଛି ତାହା ଉପରେ ଆଲୋକପାତ କରିଥିଲେ। ଗଣମାଧ୍ୟମର ଗଠନମୂଳକ କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହିତ ଡିଜିଟାଲ ଯୁଗରେ ଗଣମାଧ୍ୟମର ଦାୟିତ୍ୱ କିଭଳି ବହୁଗୁଣ ବଢ଼ିଯାଇଛି ତାହା ଉପରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚକ ଭାବେ ଲକ୍ଷ୍ମୀଧର ବେହେରା ଯୋଗଦେଇ ଖବରଦାତାଙ୍କ ବୃତ୍ତିଗତ ଓ ସାମାଜିକ ସୁରକ୍ଷା ତଥା ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଖବରଦାତା ସତ୍ୟପ୍ରିୟ ମହାନ୍ତି, ସର୍ବେଶ୍ୱର ଦାସ ପ୍ରମୁଖ ସାମ୍ପ୍ରତିକ ଗଣମାଧ୍ୟମର ସ୍ଥିତି, ଆହ୍ୱାନ ଏବଂ ସମସ୍ୟା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବିଭାଗୀୟ ଅଧିକାରୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

## ଜାତୀୟ ପ୍ରେସ୍ ଦିବସ

**ବସ୍ତା, ୧୬।୧୧(ସ୍ୱ.ପ୍ର.)**


ବସ୍ତା ପ୍ରେସ୍ କ୍ଲବ ପକ୍ଷରୁ 'ଜାତୀୟ ପ୍ରେସ୍ ଦିବସ' କ୍ଲବ ଗୃହ ପରିସରରେ ସଭାପତି ରାମଚନ୍ଦ୍ର ଦେବଙ୍କ ପୌରୋହିତ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସଞ୍ଜୟ କୁମାର ସାମଲ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଉପସଭାପତି ପୃଥୁନାଥ ମଣ୍ଡଳ, କୋଷାଧ୍ୟକ୍ଷ ଦୀପକ କୁମାର ପରିଡ଼ା, ପ୍ରସନ୍ନ କୁମାର ପାତ୍ର, ବିଷ୍ଣୁପଦ ପତି, ହରିଶଙ୍କର ପାଢ଼ୀ, ତ୍ରିଲୋଚନ ରାଉତ, ସୁରେନ୍ଦ୍ର କୁମାର ପତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ପ୍ରେସ୍ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଶେଷରେ କାର୍ଯ୍ୟାଳୟ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଗ୍ନୋ ଶାଖାର ପ୍ରବେଶ ଉତ୍ସବ

**ଖଇରା, ୧୬।୧୧(ଡି.ଏନ.ଏ.):** ଖଇରା କଲେଜ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) କେନ୍ଦ୍ରର ସାରସ୍ୱତ ଏବଂ ପଦୋନ୍ନତି କାର୍ଯ୍ୟକ୍ରମର ପ୍ରବେଶ ଉତ୍ସବ ମୁଖ୍ୟ ସଂଯୋଜକ ପ୍ରଫେସର ଯୁଗଳ କିଶୋର ଗାହାଣଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ସଂଯୋଜକ ପ୍ରଫେସର ବନମାଳୀ ବାରିକ ଇଂରାଜୀ, ବାଣିଜ୍ୟ, ଅର୍ଥନୀତି ଓ ଇତିହାସର ପ୍ରୋଗ୍ରାମର ପାଠ୍ୟକ୍ରମ, ମାର୍କ, ଅନ୍ୟ ପାଠ୍ୟକ୍ରମରୁ ଏହାର ବିବିଧତା, ଅପେକ୍ଷାକୃତ ଶ୍ରେଷ୍ଠତା ଉପରେ ଶିକ୍ଷାର୍ଥୀମାନଙ୍କୁ ବୁଝାଇଥିଲେ। କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ ଓ ମୁକ୍ତିକାନ୍ତ ଶତପଥି, ପ୍ରାକ୍ତନ ଅଧ୍ୟାପକ ଛାୟାକାନ୍ତ ମାଝୀ, ଡ.ଉଦୟ କୁମାର ଦାସ ପ୍ରମୁଖ ଇଗ୍ନୋର ଆନ୍ତର୍ଜାତୀୟ ମାନ୍ୟତା ଏବଂ ଚାକିରି କ୍ଷେତ୍ରରେ ଏହାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଆଲିଶା ମହାନ୍ତି, ଜିନ ସାଇମନ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ବଜାରରେ ହିରୋର ନୂଆ 'ଡେଷ୍ଟିନି'

**ବାଲେଶ୍ୱର ଅଫିସ, ୧୬।୧୧**



ହିରୋ ମୋଟୋକର୍ପର ନୂଆ ୧୨୫ ସିସି ସ୍କୁଟର ଡେଷ୍ଟିନିକୁ ବାଲେଶ୍ୱର ସହରସ୍ଥିତ 'ନିଲମ ମୋଟର୍ସ' ଶୋ'ରୁମ ଉନ୍ମୋଚନ କରାଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ରାୟଚୌଧୁରୀ ଏହି ମଡେଲକୁ ବଜାର ପ୍ରବେଶ କରାଇଛନ୍ତି। ନିଲମ ମୋଟର୍ସର ମୁଖ୍ୟ ପରିଚାଳକ ନନ୍ଦ କିଶୋର ସରୱାଗି ,ନିର୍ଦ୍ଦେଶକ ମନୀଷ ସରୱାଗି, ବିକ୍ରି ପ୍ରବନ୍ଧକ ଦେବକାନ୍ତ ସାହୁ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ପ୍ରିମିୟମ ସେଗମେଣ୍ଟ ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି କମ୍ପାନୀ ଏହି ମଡେଲଟିକୁ ବଜାରକୁ ଛାଡିଛି। ଏହା ଦୁଇଟି ଭାରିଆଣ୍ଟରେ ଉପଲବ୍ଧ। ଏଲ୍‌ଏକ୍ସ ଭାରିଆଣ୍ଟର ବଜାର ଦର ୫୬,୯୯୦ ଟଙ୍କା ରହିଥିବା ବେଳେ ଭିଏକ୍ସର ମୂଲ୍ୟ ୬୦,୦୦୦ ଟଙ୍କା ରହିଛି। ସେହିଭଳି ଏଥିରେ ଆଇ ୩ ଏସ୍ ଆଇଡିଲ୍ ଷ୍ଟାର୍ଟ ଷ୍ଟପ୍ ସିଷ୍ଟମ, ଆକର୍ଷଣୀୟ ଷ୍ଟାଇଲ, ପାୱାର ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଛି। ଏହା ନୋବେଲ ରେଡ୍, ଚେଷ୍ଟନଟ୍ ବ୍ରୋଞ୍ଜ, ପାନ୍ଥର ବ୍ଲାକ, ପର୍ଲ ସିଲଭର ହ୍ୱାଇଟ ଭଳି ୪ଟି ରଙ୍ଗରେ ଆସୁଛି ବୋଲି କଷ୍ଟମର କେୟାର ଏବଂ ପାର୍ଟସ ବିଜନେସ ସେଲସ୍ ମୁଖ୍ୟ ସଞ୍ଜୟ ଭାନ୍ ସୂଚନା ଦେଇଛନ୍ତି।

# ତ୍ରିପାକ୍ଷିକ ଆଲୋଚନା ପରେ ରେଳରୋକୋ ସ୍ଥଗିତ

**ଏଥର ବି ପ୍ରତିଶ୍ରୁତି**

**ରୂପ୍‌ସା, ୧୬।୧୧(ଡି.ଏନ.ଏ.)**



ତ୍ରିପାକ୍ଷିକ ବୈଠକରେ ଉପସ୍ଥିତ ପ୍ରଶାସନିକ ଓ ରେଳବିଭାଗ ଅଧିକାରୀ।

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରାଜଘାଟ ପାସେଞ୍ଜର ହଲ୍ଟଠାରେ ଆସନ୍ତା ୧୯ତାରିଖରେ ହେବାକୁ ଥିବା ରେଳରୋକୋ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଜିଲାପାଳଙ୍କ ପ୍ରକୋଷ୍ଠରେ ଗୁରୁବାର ଅନୁଷ୍ଠିତ ତ୍ରିପାକ୍ଷିକ ଆଲୋଚନା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଷ୍ଟେଶନ ଡେଭେଲପ୍‌ମେଣ୍ଟ କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟିର ୧୦ ଦଫା ଦାବି ପୂରଣ ଦିଗରେ ବିଭାଗୀୟ ଅଧିକାରୀ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ପାସେଞ୍ଜର ହଲ୍ଟକୁ ଯଦି ଷ୍ଟେଶନ ମାନ୍ୟତା ନ ମିଳେ ତା'ହେଲେ ଜୋରଦାର ଆନ୍ଦୋଳନ ହେବ ବୋଲି କମିଟି କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

ଗମନାଗମନ କ୍ଷେତ୍ରରେ ଏହି ପାସେଞ୍ଜର ହଲ୍ଟ ଗୁରୁତ୍ୱ ବହନ କରି ଆସୁଥିଲେ ହେଁ ରେଳବିଭାଗର ଉଦାସୀନତା ଯୋଗୁ ଏଯାବତ୍ ସେଭଳି ବିକାଶ ହୋଇପାରିନାହିଁ। ଏହାକୁ ସମ୍ପୂର୍ଣ୍ଣ ଷ୍ଟେଶନ ମାନ୍ୟତା ପ୍ରଦାନ, ଜଗନ୍ନାଥ, ଉତ୍କଳ ଓ ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ ଟ୍ରେନ୍‌ର ରହଣି, ରିଜର୍ଭେଶନ କାଉଣ୍ଟର ଖୋଲାଯିବା, ସାଲିମାର-ବାରିପଦା-ଶିମିଳିପାଳ ଏକ୍ସପ୍ରେସ ରହଣି, ପ୍ଲାଟଫର୍ମର ଆବଶ୍ୟକ ସେଡ଼ ନିର୍ମାଣ, ଅଧିକ ଲୋକାଲ ଟ୍ରେନ୍ ଚଳାଚଳ, ଫୁଟ ଓଭରବ୍ରିଜ୍ ନିର୍ମାଣ ଆଦି ୧୦ ଦଫା ଦାବି ପୂରଣ ପାଇଁ ଗତ ଅକ୍ଟୋବର ୩୦ ତାରିଖରେ ରେଳପଥ ଜିଏମ୍, ଡିଆରଏମ୍, ଏମ୍‌ପି, ବିଧାୟକ, ଜିଲାପାଳ ପ୍ରମୁଖଙ୍କୁ ଡେଭେଲପମେଣ୍ଟ କମିଟି ପକ୍ଷରୁ ଲିଖିତ ଭାବେ ଅବଗତ କରାଯାଇଥିଲା। ପ୍ରତିବାଦରେ ନଭେମ୍ବର ୧୯ ତାରିଖରେ ୧୨ଘଣ୍ଟିଆ ରେଳରୋକୋ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଜିଲାପାଳଙ୍କ ଚିଠି ନଂ. ୮୧୧୪ ତା୯।୧୧।୧୮ ରିଖ ଅନୁଯାୟୀ ୧୫ ତାରିଖରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ପୌରୋହିତ୍ୟ କରିଥିଲେ। କମିଟି ସଭାପତି ଦୀପ୍ତିମାନ ପତି, ସମ୍ପାଦକ ବିଶ୍ୱଜିତ୍ ବେହେରା, ଡ. ପଙ୍କଜ କୁମାର ଜେନା, ଅଧକ୍ଷ ଆଦିକାନ୍ତ ପ୍ରଧାନ, ପୂର୍ବତନ ସରପଞ୍ଚ ଅନାଦି ଦାସ ପ୍ରମୁଖଙ୍କ ସହ ବିଭାଗୀୟ ଅଧିକାରୀ ଆଲୋଚନା କରିଥିଲେ। ଏଡ଼ିଏମ୍ ମାନସ ରଞ୍ଜନ ପାଢ଼ୀ, ଡେପୁଟି କଲେକ୍ଟର ସ୍ନିଗ୍ଧା ଆଛାୟା ମହାପାତ୍ର, ଉପଜିଲାପାଳ ନୀଲୁ ମହାପାତ୍ର, କ୍ରାଇମ ଡିଏସ୍‌ପି ସୁଦର୍ଶନ ଦାସ, ରେଳବିଭାଗ କମର୍ସିଆଲ ଇନ୍ସପେକ୍ଟର ଅନୀଲ ଜରାଇ ଓ ବିଜୟ କୁମାର ସେନାପତି, ଡିସିଏମ୍ ଦୀନେଶ କୁମାର ଗୋଣ୍ଡ, ଯନ୍ତ୍ର ମହମ୍ମଦ ଉଆସିମ, ମନୋଜ କୁମାର ପ୍ରମୁଖଙ୍କ ଉପସ୍ଥିତିରେ ଦାବିପୂରଣ ପାଇଁ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା।

# ଧାନଚାଷରେ ଅଜଣା ରୋଗ

**ଜଳେଶ୍ୱର, ୧୬।୧୧(ଡି.ଏନ.ଏ.)**



ଅଜଣା ରୋଗ ପ୍ରଭାବରେ ଧାନଗଛ ଶୁଖିଯାଇଛି।

ଉତ୍ତର ବାଲେଶ୍ୱର ଚାଷୀଙ୍କ ମୁଖ୍ୟ ଚାଷ ହେଉଛି ଧାନ। ଚଳିତ ଖରିଫ ଋତୁରେ ଧାନଚାଷ ଭଲ ହୋଇଥିଲେ ହେଁ ଅଜଣା ପୋକ ଓ ରୋଗ ଯୋଗୁ ଧାନକ୍ଷେତ ଉଜୁଡ଼ିଯିବାକୁ ବସିଛି। ପୋକଗୁଡ଼ିକ ଧାନ ଗଛରୁ ରସ ଶୋଷିନେବା ସହ ଗଛଗୁଡ଼ିକ ଶୁଖି ନଡ଼ା ପାଲଟିଯାଉଛି। ଗୋଟିଏ ଜମିରୁ ଅନ୍ୟ ଜମିକୁ ରୋଗ ପୋକ ହୁ ହୁ ହୋଇ ମାଡ଼ିଚାଲିଛି। କୃଷିବିଭାଗର ବୈଜ୍ଞାନିକ, ଅଧିକାରୀ ଓ କର୍ମଚାରୀମାନଙ୍କୁ ଉକ୍ତ ସମସ୍ୟା ସମ୍ପର୍କରେ ଚାଷୀମାନେ ଅବଗତ କରିଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ଚାଷୀମାନଙ୍କୁ ହେକ୍ଟର ପିଛା ୭୫ହଜାର ଟଙ୍କା କ୍ଷତି ସହିବାକୁ ପଡ଼ିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ବିଭିନ୍ନ ବ୍ୟାଙ୍କରୁ ଋଣ ଓ ଧାର କରଜ କରି ଚାଷ କରିଥିବା ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି ବୋଲି ଚାଷୀ କାର୍ତ୍ତିକ ଗିରି, ଜଗନ୍ନାଥ ରାଉଳ, ସତ୍ୟରଞ୍ଜନ ପତି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ କହିଛନ୍ତି।

# ମଦ ବିରୋଧୀ ମହିଳାଙ୍କ ଏସ୍‌ପି ଅଫିସ୍ ଘେରାଉ

**ବାଲେଶ୍ୱର ଅଫିସ, ୧୬।୧୧**



ଏସ୍‌ପି ଅଫିସ୍ ଘେରାଉରେ ସାମିଲ ମହିଳା।

ବାଲେଶ୍ୱର ବସ୍ତା ବ୍ଲକର ଶତାଧିକ ମହିଳା ନ୍ୟାୟ ପାଇଁ ଆଇନଜୀବୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କ ଅଫିସ୍ ଘେରାଉ କରି ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ।

ଗତ ଅକ୍ଟୋବର ୧୯ ତାରିଖରେ ଦୁର୍ଗାପୂଜା ପାଇଁ ଅଞ୍ଚଳରୁ ବିଭିନ୍ନ ସରକାରୀ ଓ ବେସରକାରୀ ମଦ ଦୋକାନ ବନ୍ଦ କରାଯାଇଥିବା ବେଳେ ବସ୍ତା ବ୍ଲକ ଗାନ୍ଧୀଛକରେ ଚୋରାମଦ କାରବାରକୁ ମହିଳାମାନେ ବିରୋଧ କରିଥିଲେ। ପରେ ଉକ୍ତ ଘଟଣାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ମଦ ବେପାରୀ ମହିଳାମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ୩ରୁ ୪ ଜଣ ମହିଳା ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏହାର ପ୍ରତିବାଦରେ ମହିଳା ସ୍ୱେଚ୍ଛାସେବୀ ମଣ୍ଡଳୀର ଜଣେ ସକ୍ରିୟ ସଦସ୍ୟ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆକ୍ରମଣକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶୁକ୍ରବାର ଶତାଧିକ ମହିଳା ଏହି ଘେରାଉ କରିଥିଲେ। ଦାବି ପୂରଣ ନ ହେଲେ ମହିଳାମାନେ ଏକାଠି ହୋଇ ଜିଲାପାଳଙ୍କ ଅଫିସ୍ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୁକାନ୍ତିଲତା ଭକ୍ତା, ସୁଭଦ୍ରା ରାଉତ, କନକ ମଲିକ, ବାସନ୍ତୀ ସେନ, ମିନି ଦଳେଇ, ଲକ୍ଷ୍ମୀ ବେହେରା ପ୍ରମୁଖଙ୍କ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

ବାହାନଗା,୧୬।୧୧(ଡି.ଏନ୍.ଏ.): ବାହାନଗା ବ୍ଲକ ପଣ୍ଡାଶୁଣି ଗ୍ରାମର ରମାକାନ୍ତ ପଣ୍ଡାଙ୍କ ସ୍ତ୍ରୀ ସୁଶାନ୍ତି ପାରିବାରିକ କଳହକୁ କେନ୍ଦ୍ର କରି ଆତ୍ମହତ୍ୟା କରିଛନ୍ତି। କେହି ନ ଥିବା ବେଳେ ସେ ଏଭଳି କାଣ୍ଡ ଘଟାଇଥିଲେ। ରମାକାନ୍ତ ଘରକୁ ଫେରିବା ପରେ ଘରଭିତରେ ସୁଶାନ୍ତିଙ୍କ ମୃତଦେହ ଝୁଲୁଥିବା ଦେଖି ଲୋକଙ୍କୁ ଡାକିଥିଲେ। ପଡୋଶୀମାନେ ଘଟଣା ସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ହାଟୁଆଣି-ଗିଳିଦା ଛକ ପର୍ଯ୍ୟନ୍ତ ରାସ୍ତା ଶିଳାନ୍ୟାସ

ବାହାନଗା,୧୬।୧୧(ଡି.ଏନ୍.ଏ.): ବାହାନଗା ବ୍ଲକ କଲ୍ୟାଣି ପଞ୍ଚାୟତରେ ୨କୋଟି ୬୫ଲକ୍ଷ ୪୯୦ ଟଙ୍କା ବ୍ୟୟରେ ଏକ ରାସ୍ତା ପ୍ରକଳ୍ପକୁ ବୁଧବାର ସୋର ବିଧାୟକ ପର୍ଶୁରାମ ଧଡା ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପଞ୍ଚାୟତର ହାଟୁଆଣି ଛକଠାରୁ ଗିଳିଦା ଛକ ପର୍ଯ୍ୟନ୍ତ ୬ କି.ମି. ରାସ୍ତା ପାଇଁ ଅନୁଦାନ ଦିଆଯାଇଛି। ପଞ୍ଚାୟତବାସୀ ସୋର ବିଧାୟକଙ୍କୁ ଶୋଭାଯାତ୍ରାରେ ଗ୍ରାମକୁ ପାଛୋଟି ନେଇଥିଲେ। ଗ୍ରାମ ପରିକ୍ରମା ପରେ ହାଟୁଆଣି ଛକଠାରେ ବିଧାୟକ ପର୍ଶୁରାମ ଧଡାଙ୍କ ଦ୍ୱାରା ରାସ୍ତା ଶିଳାନ୍ୟାସ କରାଯାଇଥିଲା। ପରେ ଏକ ସାଧାରଣ ସଭା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ପ୍ରଭାକର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଧଡା ଯୋଗଦେଇ ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆରୁହାବାଡ ସରପଞ୍ଚ ଶିଶିର ଅଗସ୍ତି, ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, କଲ୍ୟାଣି ପଞ୍ଚାୟତର ପୂର୍ବତନ ସରପଞ୍ଚ ନିଳାମ୍ବର ମହାଲିକ, ବିଜେଡି ବ୍ଲକ ସଭାପତି ଅଜୟ କୁମାର ପଣ୍ଡ, ମହିଳା ମୋର୍ଚ୍ଚାର ଜିଲା ସାଧାରଣ ସମ୍ପାଦିକା ସବିତା ଅଗସ୍ତି, ଗୌରୀ ସାହୁ, ପର୍ଶୁରାମ ଦାସ, ମହେନ୍ଦ୍ର ମହାକୁଡ, ପଦ୍ମଲୋଚନ ସାହୁ, ମୁକ୍ତିକାନ୍ତ ପଣ୍ଡା, ରତ୍ନାକର ମହାଲିକ, ଓଡଶାଳ ସରପଞ୍ଚ ଆରତୀ ଦଳେଇ, ଲକ୍ଷ୍ମୀକାନ୍ତ ଶିଅଳ, ମେଘମାଳା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସୁଚିସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପାର ବନ୍ଧୁମିଳନ

ସିମୁଳିଆ,୧୬।୧୧(ଡି.ଏନ୍.ଏ.): ଭାଜପାର ବନ୍ଧୁ ମିଳନ ଶୁକ୍ରବାର ମଧାହ୍ନରେ ମାର୍କୋଣାରେ ଅନୁଷ୍ଠିତ ହୋଇଥିଲା। ସିମୁଳିଆ ପ୍ରଭାରୀ ଈଶ୍ୱର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସିମୁଳିଆର ବିଭିନ୍ନ ଅଞ୍ଚଳରୁ ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ। ଦଳୀୟ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ପଦ୍ମଲୋଚନ ପଣ୍ଡାଙ୍କ ସହିତ ଦଳୀୟ କଂଗ୍ରେସର କର୍ମୀ ଓ ଜନସାଧାରଣଙ୍କୁ ଆନୁଷ୍ଠାନିକ ଭାବେ ଭାଜପାରେ ମିଶ୍ରଣ କରାଯାଇଥିଲା। ଆଗାମୀ ନିର୍ବାଚନରେ ପଣ୍ଡାଙ୍କ ଅନୁଗାମୀମାନେ ତାଙ୍କ ସହିତ ମିଶି କାର୍ଯ୍ୟ କରିବା ସହିତ କଂଗ୍ରେସକୁ ମୂଳପୋଛ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ଭାଜପାର ରାଜ୍ୟ ଉପ-ସଭାପତି ବିଷ୍ଣୁ ସେଠୀ, ନୀଳଗିରିର ପୂର୍ବତନ ବିଧାୟକ ପ୍ରତାପ ଷଡଙ୍ଗୀ, ନୀଳମାଧବ ପଣ୍ଡା, ରମେଶଚନ୍ଦ୍ର ସାହୁ, ଦୀପକ ଖିଲାର, ବିକାଶ ନାୟକ, ପ୍ରଶାନ୍ତ କୁମାର ପଣ୍ଡା, ମାୟାଧର ପାଣିଗ୍ରାହୀ, ଜାମୁଝାଡ଼ି ମଣ୍ଡଳ ସଭାପତି ରତିକାନ୍ତ ପାଢ଼ୀ, ଅକ୍ଷୟ କୁମାର ବିଶ୍ୱାଳ, ଭାରତୀ ମଲିକ, ରାଦାକାନ୍ତ ମିଶ୍ର, କୈଳାସ ଚନ୍ଦ୍ର ବାରିକ, କୈଳାସ ମାଝୀ, ନମିତା ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନୀଳଗିରିର ପୂର୍ବତନ ବିଧାୟକ ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଷଡ଼ଙ୍ଗୀ ଆତ୍ମ ସମ୍ମାନର ସହିତ ବଞ୍ଚିବାର ସ୍ୱାଭିମାନ କେବଳ ଭାଜପାର ରହିଛି ବୋଲି କହିଥିଲେ।

### ରାଧାକୃଷ୍ଣ ମନ୍ଦିରର ପ୍ରାଣପ୍ରତିଷ୍ଠା ସମାରୋହ

ବହଳଦା,୧୬।୧୧ (ଡି.ଏନ.ଏ): ବହଳଦା ବ୍ଲକ ରତିଖିଆ-ଜାମବଣିଠାରେ ରାଧାକୃଷ୍ଣ ମନ୍ଦିରର ପ୍ରାଣପ୍ରତିଷ୍ଠା ସମାରୋହ ଓ ମନ୍ଦିର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଧାତ୍ମିକ ଗୁରୁ ସ୍ୱାମୀ ଶ୍ରୀ ମୁକୁନ୍ଦାନନ୍ଦଜୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ତିଖିଆ ଗ୍ରାମ ପୋଖରୀ ନିକଟରୁ ବହୁ ଶ୍ରଦ୍ଧାଳୁ ଏକ କଳସ ଶୋଭାଯାତ୍ରା ରେ ମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ବିଭିନ୍ନ ବୈଦିକ ରୀତିନୀତିରେ ରାଧାକୃଷ୍ଣ ଙ୍କ ମହାସ୍ନାନ,ଷୋଡଶ ଉପଚାର , ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶ୍ରୀକ୍ଷେତ୍ର ପୁରୀ ଓ ବିରଜାପୀଠ ଯାଜପୁରରୁ ବୈଦିକ ବ୍ରାହ୍ମଣ ଉପସ୍ଥିତ ରହି ଯଜ୍ଞାଦି କାର୍ଯ୍ୟ କରିଥିଲେ। ଏହି ଅବସରରେ ୪୩ଜଣ ନିସହାୟ, ଭିନ୍ନକ୍ଷମ ମହିଳାପୁରୁଷଙ୍କୁ ଶୀତବସ୍ତ୍ର ଓ କମ୍ବଳ ବଣ୍ଟନ କରାଯାଇଥିଲା

## 'ସତ୍ୟ ଲୋକଲୋଚନକୁ ଆଣୁ ଗଣମାଧ୍ୟମ'



ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୧୬।୧୧

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ସାମ୍ବାଦିକତାରେ ନୈତିକତା ଏବଂ ଡିଜିଟାଲ ଯୁଗର ଆହ୍ୱାନମାନ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ଗଠନ ଦିଗରେ ଓ ସତ୍ୟ ଖବରକୁ ଲୋକଲୋଚନକୁ ଆଣିବାରେ ଖବରଦାତାଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଗଣତାନ୍ତ୍ରିକ ରାଷ୍ଟ୍ରରେ ସାମାଜିକ ସୁଧାର କ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଯୋଗଦେଇ ବର୍ତ୍ତମାନ ସମୟରେ ଗଣମାଧ୍ୟମର ଦ୍ରୁତ ଅଗ୍ରଗତି ଘଟିଥିବା କହିଥିଲେ। ମୁଖ୍ୟବକ୍ତା ଭାବେ 'ବେଦପୀୟୁଷ'ର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। ଭଦ୍ରକର ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ୫ ଦିନ ଧରି ଅନ୍ଧାରରେ
## ନେସ୍କୋ କାର୍ଯ୍ୟାଳୟରେ ତାଲା ପକାଇଲେ ଲୋକେ

ତିହିଡ଼ି, ୧୬।୧୧ (ଡି.ଏନ୍.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତ ପଇତିପୁର ଗ୍ରାମବାସୀ ୫ ଦିନ ଧରି ଅନ୍ଧାରରେ ରହିଛନ୍ତି। ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଥିବାରୁ ଏଭଳି ସ୍ଥିତି ଉପୁଜିଛି। ଏହାର ପ୍ରତିବାଦରେ ଶୁକ୍ରବାର ଗ୍ରାମର ବିଦ୍ୟୁତ୍ ଉପଭୋକ୍ତାମାନେ ନନ୍ଦପୁରସ୍ଥିତ ନେସ୍କୋ କାର୍ଯ୍ୟାଳୟରେ ତାଲା ପକାଇ ଘେରାଉ କରିଥିଲେ। ପରେ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁ ଟେଲିଫୋନ ଯୋଗେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯିବା ସହ କାର୍ଯ୍ୟକ୍ଷମ ହୋଇ ନ ଥିବା ୧୦୦ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ସଚଳ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।


ତିହିଡ଼ି ନନ୍ଦପୁରସ୍ଥିତ ନେସ୍କୋ କାର୍ଯ୍ୟାଳୟକୁ ଉପଭୋକ୍ତାମାନେ ଘେରିଛନ୍ତି।

ଉଲ୍ଲେଖନୀୟ ଯେ, ପଇତିପୁର ଗ୍ରାମରେ ୨ଟି ୱାର୍ଡରେ ୨ଟି ୧୬ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲାଗିଛି। ଗ୍ରାମରେ ୭୫ ପରିବାର ଉପଭୋକ୍ତା ଥିବାରୁ ଲୋଭୋଲ୍‌ଟେଜ ସମସ୍ୟା ଦେଖାଦେଉଛି। ଏହାଛଡ଼ା ବାରମ୍ବାର ବିଦ୍ୟୁତ୍ କାଟ୍ ମଧ ହେଉଛି। ୫ବର୍ଷ ହେଲା ଗ୍ରାମରେ ୧୦୦ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିଥିଲେ ମଧ ତାହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ୫ ଦିନ ତଳେ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ ଶୁକ୍ରବାର ନେସ୍କୋ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ନନ୍ଦକିଶୋର ଦାସ, ଲକ୍ଷ୍ମୀଧର ବଳ, ହେମନ୍ତ କୁମାର ଦାସ, ନୀଳମଣି ଦାସ, ବ୍ରଜବନ୍ଧୁ ଦାସ, ମିନତି ଦାସ, ମୀରା ଦାସ, କୌଶଲ୍ୟା ଦାସ, ସବିତା ଦାସ, ମାମିନା ଦାସ, ସୁକାନ୍ତ ଦାସ, ବୃନ୍ଦାବନ ଦାସ ପ୍ରମୁଖ ଉପଭୋକ୍ତା ଘେରାଉରେ ସାମିଲ ହୋଇଥିଲେ।

## 'ଚାଷୀ ଆତ୍ମହତ୍ୟା ବୃଦ୍ଧି ଅର୍ଥନୈତିକ ସଙ୍କଟର ନିଦର୍ଶନ'

ବାଲେଶ୍ୱର ଅଫିସ,୧୬।୧୧

ବାଲେଶ୍ୱରରେ ପହଞ୍ଚିଥିବା 'ସମ୍ବିଧାନ ସମ୍ମାନ ଯାତ୍ରା'ର ଅଭିଯାତ୍ରୀ ଦଳଙ୍କୁ ଶୁକ୍ରବାର ସନ୍ଧ୍ୟାରେ ବିଚାରଗଞ୍ଜି ଫାଣ୍ଡିଛକରେ ଜିଲା ଅଭ୍ୟର୍ଥନା କମିଟି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ବରିଷ୍ଠ ଆଇନଜୀବୀ ମନୋଜ କୁମାର ନାୟକ ସଭାପତିତ୍ୱ କରିଥିଲେ। ଦେଶପ୍ରେମ ଏବଂ ସମ୍ବିଧାନ ନିରାପତ୍ତା ଓ ସୁରକ୍ଷା ବାର୍ତ୍ତା ନେଇ ଆସିଥିବା ଅଭିଯାତ୍ରୀ ଦଳର କାର୍ଯ୍ୟକ୍ରମକୁ ସେ ସ୍ୱାଗତ ଜଣାଇଥିଲେ। ସଭାରେ ବରିଷ୍ଠ ଆଇନଜୀବୀ ସତ୍ୟରଞ୍ଜନ ମହାନ୍ତି, ଭାଗବତ ପ୍ରତିହାରୀ, ଉର୍ମିଳା ମାଝୀ, ପଞ୍ଚାନନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ, ଅରୁଣ ଜେନା, ରାଧାରମଣ ଷଡ଼ଙ୍ଗୀ, ଆଇନଜୀବୀ ଶାନ୍ତନୁ ଦାସ, ବସନ୍ତ ସ, ରୋଜି ପଟ୍ଟନାୟକ, ସରସ୍ୱତୀ ପଣ୍ଡା ପମୁଖ ବକ୍ତବ୍ୟ ରଖିଥିଲେ। ସାରା ଦେଶ ଭ୍ରମଣ କରୁଥିବା ଅଭିଯାତ୍ରୀଦଳ ପକ୍ଷରୁ ପଥପ୍ରାନ୍ତ ସଭାରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାଆନ୍ତରା, ମିରା ସଂଘମିତ୍ରା, ସୁନିତା ଏସ୍.ଆର, ଲିଙ୍ଗରାଜ ଆଜାଦ୍, ଭୂପେନ୍ଦ୍ର ରାଓତ, ବିକ୍ରମ ପଣ୍ଡା ପ୍ରମୁଖ ସମ୍ବିଧାନର ନିରାପତ୍ତା ଓ ସୁରକ୍ଷା ଦିଗରେ ପ୍ରତ୍ୟେକ ନାଗରିକ ସଚେତନ ରହିବା ଆବଶ୍ୟକ ବୋଲି କହିଥିଲେ। ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇ ପଡିଥିବା ବେଳେ ଋଣଭାରରେ ଅତିଷ୍ଠ ହୋଇ ୧୨ହଜାର ଚାଷୀ ଗୋଟିଏ ବର୍ଷରେ ଆତ୍ମହତ୍ୟା କରିବା ଘଟଣା ଦେଶର ସଙ୍କଟକୁ ଘନୀଭୂତ କରିଛି ବୋଲି ସେମାନେ କହିଥିଲେ।


'ସମ୍ବିଧାନ ସମ୍ମାନ ଯାତ୍ରା'ର ଅଭିଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭାରତର ସମ୍ବିଧାନର ମହତ୍ୱ ଓ ଏଥିରେ ନାଗରିକଙ୍କୁ ମିଳିଥିବା ଅଧିକାର ସମ୍ପର୍କରେ ବିଭିନ୍ନ ବକ୍ତା ଆଲୋକପାତ କରିଥିଲେ। ବର୍ତ୍ତମାନର ଶାସନ ବ୍ୟବସ୍ଥା ଉପରେ ମତ ରଖି ସେମାନେ କହିଥିଲେ, ଦେଶର ସୁପ୍ରିମକୋର୍ଟ, ରିଜର୍ଭ ବ୍ୟାଙ୍କ, ସିବିଆଇ ଭଳି ସ୍ୱୟଂଶାସିତ ସଂସ୍ଥାମାନେ ରାଜନୈତିକ ହସ୍ତକ୍ଷେପର ଶିକାର ହେବା ଏକ ବିଡମ୍ବନା। ଭାଜପା ସରକାରର ବିମୁଦ୍ରିକରଣ, ଜିଏସ୍‌ଟି ପ୍ରଚଳନ ପରେ ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ବ୍ୟାଙ୍କଗୁଡ଼ିକ ଦେବାଳିଆ ହେବାରେ ଲାଗିଛନ୍ତି। ବିଭିନ୍ନ ବ୍ୟବସାୟୀ ଦେଶକୁ ସାମଗ୍ରିକ ଭାବେ ଲୁଣ୍ଠନ କରି ପଳାତକ ସାଜୁଛନ୍ତି। ରାଫେଲ ଦୁର୍ନୀତିର ତଥ୍ୟ ଲୋକଲୋଚନକୁ ଆସିବା ପରେ ସିବିଆଇକୁ ପ୍ରଭାବିତ କରିବା ପାଇଁ ଅପଚେଷ୍ଟା କରାଯାଉଛି। ଫଳରେ ଭାରତବର୍ଷ ଭଳି ମହାନ ଦେଶର ଗରିମା ନଷ୍ଟ ହୋଇଛି। କୃଷି କ୍ଷେତ୍ର ପ୍ରତି ଅବ,ହଳା ଓ ଅଣଦେଖା କରାଯାଉଛି। ଶିକ୍ଷା ବ୍ୟବସ୍ଥାରେ ବଜେଟ୍ ହ୍ରାସ, ବିଭିନ୍ନ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ଅନିୟମିତତା ଏବଂ ଧର୍ମ, ଜାତି ଓ ସମ୍ପ୍ରଦାୟ ନାମରେ ଶାସନତାନ୍ତ୍ରିକ ବ୍ୟବସ୍ଥା ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରିଛି। ବିଦେଶରେ ଥିବା କଳାଟଙ୍କା ୧୦୦ଦିନରେ ଫେରାଇ ଆଣି ଗରିବଙ୍କ ମଧରେ ବିତରଣ କରାଯିବ ଏବଂ ବର୍ଷକରେ ଦୁଇକୋଟି ବେକାରଙ୍କୁ କର୍ମନିଯୁକ୍ତି ଦିଆଯିବା ଲାଗି ପ୍ରଧାନମନ୍ତ୍ରୀଙ୍କ କଥା ପାଣିର ଗାର ହୋଇଛି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ।

■ 'ସମ୍ବିଧାନ ସମ୍ମାନ ଯାତ୍ରା'ର ଅଭିଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧନା, ପଥପ୍ରାନ୍ତ ସଭା

## ସ୍କୁଲ ଫାଟକରେ ତାଲା

ଭୋଗରାଇ,୧୬।୧୧(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଖଇର୍ଦ୍ଦା ନୋଡ଼ାଲ ସ୍କୁଲରେ ପ୍ରଧାନଶିକ୍ଷକ ଓ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ପୂର୍ବାହ୍ନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ସ୍କୁଲ ମୁଖ୍ୟ ଫାଟକରେ ଅନିର୍ଦ୍ଦିଷ୍ଟ କାଳ ତାଲା ପକାଇ ଧର୍ମଘଟ କରିଛନ୍ତି।


ଖଇର୍ଦ୍ଦା ନୋଡ଼ାଲ ସ୍କୁଲ ମୁଖ୍ୟ ଫାଟକରେ ଛାତ୍ରୀଛାତ୍ର ତାଲା ପକାଇଛନ୍ତି।

ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀରେ ୧୯୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ୪ଜଣ ଶିକ୍ଷକଙ୍କୁ ନେଇ ଏହି ସ୍କୁଲରେ ପାଠ ପଢ଼ା ଚାଲୁଥିବା ବେଳେ ସମସ୍ତ ବିଷୟ ପ୍ରତି ଶିକ୍ଷକଙ୍କ ସମୟ ଭାବରୁ ପାଠପଢ଼ାରେ ବ୍ୟାଘାତ ହେଉଛି। ବହୁ ଦିନରୁ ଉକ୍ତ ସ୍କୁଲରେ ପ୍ରଧାନଶିକ୍ଷକ ଏବଂ ବିଜ୍ଞାନଶିକ୍ଷକ ନିଯୁକ୍ତି ନ ଥିବାରୁ ଶିକ୍ଷା ବାତାବରଣ ବାଧାପ୍ରାପ୍ତ ହେଉଛି। ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ବାରମ୍ବାର ଶିକ୍ଷା ବିଭାଗକୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବାରୁ ସ୍କୁଲ ଗେଟ୍‌ରେ ତାଲା ବନ୍ଦ ଧର୍ମଘଟ କରି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପାଠପଢ଼ାରେ ବ୍ୟାଘାତ ଯୋଗୁ ଉକ୍ତ ସ୍କୁଲରେ ଷାଣ୍ମାସିକ ପରୀକ୍ଷାରେ ଛାତ୍ରୀଛାତ୍ରମାନେ ଅଧାପ୍ରଶ୍ନର ଉତ୍ତର ଦେଇପାରି ନାହାନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଦାବି ଅବିଳମ୍ବେ ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଗ୍ରାମବାସୀ ଜଣାଇଛନ୍ତି।

## ପ୍ରକଳ୍ପ ଚୟନରେ ଅନିୟମିତତା: ଜନପ୍ରତିନିଧିଙ୍କ ଧାରଣା

ଧାମନଗର, ୧୬।୧୧ (ଡି.ଏନ୍.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକରେ ଜିଜିୱାଇ(ଗୋପବନ୍ଧୁ ଗ୍ରାମୀଣ ଯୋଜନା) ପ୍ରକଳ୍ପ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। ଧାମନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ ଓ ସମିତିସଭ୍ୟମାନେ ଶୁକ୍ରବାର ଧାରଣାରେ ବସି ଏହାର ପ୍ରତିବାଦ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୨୦୧୮-୧୯ ଆର୍ଥିକ ବର୍ଷରେ ଧାମନଗର ବ୍ଲକ ପାଇଁ ମଞ୍ଜୁର ହୋଇଥିବା ଗୋପବନ୍ଧୁ ଗ୍ରାମୀଣ ଯୋଜନା ପ୍ରକଳ୍ପରେ ବ୍ୟାପକ ଅନିୟମିତତା କରାଯାଇଛି। ପଞ୍ଚାୟତିରାଜ ଆଇନ ଅନୁଯାୟୀ ଜିଜିୱାଇ ନିମନ୍ତେ ପଲ୍ଲୀସଭାରୁ ଅନୁମୋଦିତ ପ୍ରକଳ୍ପକୁ ପଞ୍ଚାୟତ ଗ୍ରାମସଭାରେ ପାରିତ କରାଯାଇ ବ୍ଲକକୁ ପଠାଯାଇଥାଏ। ପଞ୍ଚାୟତ ସମିତି ଗ୍ରାମସଭାରୁ ଆଗତ ପ୍ରକଳ୍ପକୁ ଅନୁମୋଦନ କରି ଡିପିସିଙ୍କୁ ପଠାଇବା ନିୟମ ରହିଛି। ଧାମନଗର ବ୍ଲକର ୩୧ ପଞ୍ଚାୟତର ଜିଜିୱାଇ ପ୍ରକଳ୍ପ ଦିଆଯାଇଥିଲା। ପଞ୍ଚାୟତ ସମିତିରୁ ଅନୁମୋଦନ ପାଇ ଜିଲା ଯୋଜନା କମିଟିକୁ ପଠାଯାଇଥିବା ପ୍ରକଳ୍ପ ତାଲିକାରେ ହେର୍‌ଫେର କରାଯାଇଛି। ଗତ ସେପ୍ଟେମ୍ବର ୨୨ ତାରିଖରେ ଡିପିସିଙ୍କ ଅନୁମୋଦନ ଲାଭ କରି ଧାମନଗର ବ୍ଲକକୁ ଆସିଥିବା ଚିଠିରେ ପ୍ରକଳ୍ପଚୟନରେ ଚଞ୍ଚକତା କରାଯାଇଥିବା ଜଣାଯାଇଥିଲା। ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତୃତ୍ୱଙ୍କ ପ୍ରରୋଚନାରେ ପ୍ରକଳ୍ପ ଚୟନ କରାଯାଇ କାର୍ଯ୍ୟକାରୀ ଲାଗି ଆସିଥିବା ଅଭିଯୋଗ ହୋଇଛି।


ବ୍ଲକ କାର୍ଯ୍ୟାଳୟ ଆଗରେ ସରପଞ୍ଚ, ସମିତିସଭ୍ୟମାନେ ଧାରଣାରେ ବସିଛନ୍ତି।

ଶୁକ୍ରବାର ଜିଲା ପରିଷଦ ସଭ୍ୟ, ସରପଞ୍ଚ ଏବଂ ସମିତିସଭ୍ୟମାନେ ଧାମନଗର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ସଭାଗୃହରେ ଅନୁଷ୍ଠିତ ସୂଚନା ଅଧିକାର କର୍ମଶାଳାକୁ ବର୍ଜନ କରିଥିଲେ। ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ସୁରଥ ସେଠୀ, ସଭ୍ୟା ଉମାମଣି ସାହୁ, ସରପଞ୍ଚ ନିମାଇଁ ନାୟକ, ରାଜେନ୍ଦ୍ର ସାହୁ, ପ୍ରମୋଦ ସୂତାର, ଗୋପାଳ ବେହେରା, ସୁଜାତା ପୁହାଣ, ସରସ୍ୱତୀ ବେହେରା, ଜୟନ୍ତୀ ନାୟକ, ବୀରେନ୍ଦ୍ର ବାରିକ, ରାଜୀବ ନାୟକ, ମନୋଜ ରାୟ ମହାପାତ୍ର, ଗୟାଧର ନାୟକ, ଅନିରୁଦ୍ଧ ସାହୁ, ପ୍ରଫୁଲ୍ଲ ପାତ୍ର, ରୀତାରାଣୀ ଜେନା, ଝରଣା ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷା ବିଳାସିନୀ ଘୋଷ, ସମିତିସଭ୍ୟ ସ୍ମୃତିରଞ୍ଜନ ପଣ୍ଡା, ମାନସ ବାରିକ ଓ ମିନାକ୍ଷୀ ଶତପଥୀ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

## 'ବୈଜ୍ଞାନିକ ମାର୍ଗ ଅନୁସରଣ କର'

କପ୍ତିପଦା,୧୬।୧୧(ଡି.ଏନ୍.ଏ)

ଜିଲା ପ୍ରଶାସନର ନିଷ୍ପତି ମୁତାବକ ଶୁକ୍ରବାର କପ୍ତିପଦା ବ୍ଲକ ଜଡିଦା ପଞ୍ଚାୟତ ବଡସିମୁଳିଆଠାରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବ୍ଲକରେ ମୋଟ ୭୦ ପ୍ରକଳ୍ପ ସ୍ଥାନ ପାଇଛି। ପ୍ରାଥମିକ ସ୍ତରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୬ଟି ଓ ଉଚ୍ଚ ପ୍ରାଥମିକ ସ୍ତରରେ ୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। କପ୍ତିପଦା ବ୍ଲକ୍ ଅଧକ୍ଷା ସୁଶିଳା ବାନରା ଏହି ମେଳାକୁ ଉଦ୍‌ଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀ ବିନୋଦ ସିଂ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କପ୍ତିପଦା ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଧାନ ଚନ୍ଦ୍ର ରାୟ, ସମ୍ମାନୀତ ଅତିଥି ଭାବେ ଜଡିଦା ପଞ୍ଚାୟତ ସମିତି ସଭ୍ୟ ସୋମନାଥ ସିଂ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଶତ୍ରୁଘ୍ନ ସ୍ୱାଇଁ, ବଡସିମୁଳିଆ ପ୍ରଧାନ ଶିକ୍ଷୟିତ୍ରୀ ମନୁମଣି ପାଢୀ ପ୍ରମୁଖ ଯୋଗ ଦେଇ ବିଜ୍ଞାନକୁ ନେଇ ବାଟ ଚାଲିବାକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ।

**ଖୁଣ୍ଟା, (ଡି.ଏନ୍.ଏ.)**–ଖୁଣ୍ଟା ବ୍ଲକ ଅଧୀନ ଶାନ୍ତିନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ମୁଖ୍ୟ ଅତିଥି ଭାବେ ବାହାନଡା ସରପଞ୍ଚ ଧନେଶ୍ୱର ଟୁଡୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଖୁଣ୍ଟା ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ଚୈତନ୍ୟ ପ୍ରସାଦ ବାରିକ, ସମ୍ମାନିତ ଅତିଥି ଭାବେ ଆୟୋଜକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ବେହେରା ଯୋଗ ଦେଇଥିଲେ । ଶେଷରେ ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ସୁକୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଉଦଳା ଆଇ ଟି ଡ଼ି ଏ ର ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟ , ସମ୍ମାନିତ ଅତିଥି ଭାବେ ଖୁଣ୍ଟା ବ୍ଲକ ଅଧକ୍ଷ ପୁଷ୍ପଲତା ମାର୍ଣ୍ଡି , ଶାନ୍ତିନିକେତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୁବନେଶ୍ୱର କର ପ୍ରମୁଖ ଯୋଗ ଦେଇଥିଲେ। ଏହି ବିଜ୍ଞାନ ମେଳା ରେ ମୋଟ ୬୪ ଗୋଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲ। ସେଥିମଧ୍ୟରୁ ୫ ଗୋଟି ପ୍ରକଳ୍ପ ଜିଲା ସ୍ତରକୁ ମନୋନୀତ ହୋଇଛି ।

**ବିଶୋଇ, :** ବିଶୋଇ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଲୁହାକାନୀ ପଞ୍ଚାୟତ ସ୍ଥିତ ଲୁହାକାନୀ ଠାରେ ଥିବା ଡକ୍ଟର ହରେକୃଷ୍ଣ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ବିଶୋଇ ବ୍ଲକ ଗୋଷ୍ଠୀଶିକ୍ଷା ଅଧିକାରୀ ହରେକୃଷ୍ଣ ନାଏକ ଙ୍କ ସଭାପତିତ୍ୱ ରେ ପ୍ରଥମେ ଏକ ଉଦଘାଟନି ସଭା ଆୟଜିତ କରାଯାଇଥିଲା। ଏଥିରେ ବିଶୋଇ ବିଡ଼ିଓ ବିବୁଧ ଗଡ଼ନାୟକ, ଗୌରୀ ଶଙ୍କର ମହାବିଦ୍ୟାଳୟ ଅଧକ୍ଷ ରାମକୃଷ୍ଣ ଦାସ ଓ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ନାୟକ, ଜଗନ୍ନାଥ ସାହୁ ଯୋଗ ଦେଇଥିଲେ। ଏଥିରେ ମୋଟ ୬୨ ଗୋଟି ପ୍ରକଳ୍ପ ସ୍ଥାନ ପାଇଥିଲା।


ବିଶୋଇଠାରେ ଜଣେ ଛାତ୍ରୀ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ଠାକୁରମୁଣ୍ଡା,୧୬।୧୧(ଡି.ଏନ୍.ଏ)

ଠାକୁରମୁଣ୍ଡା ବ୍ଲକ ପରିସରରେ ଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ୨୦୧୮ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଠାକୁରମୁଣ୍ଡା ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିବା ବେଳେ ଠାକୁରମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ନାୟକ ଉପସ୍ଥିତ ଥିଲେ। ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରୁ ଭିନ୍ନକ୍ଷମ ଭତ୍ତା ପାଇବାକୁ ଯୋଗ୍ୟ ଥିବା ହିତାଧିକାରୀ ପ୍ରମାଣପତ୍ର ଲାଗି ଆବେଦନ କରିଥିଲେ। ଏହି ଶିବିରରେ ମୋଟ ୭୪୯ ଜଣ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୩୮ ଜଣଙ୍କୁ ବିଭିନ୍ନ ବିଭାଗର ପ୍ରମାଣ ପତ୍ର, ୧୭୮ ଦିବ୍ୟାଙ୍ଗଙ୍କୁ ବସ୍‌ପାସ ଏବଂ ୧୩୯ଜଣଙ୍କୁ ଆୟ ପ୍ରମାଣ ଦିଆଯାଇଛି।

## ବାଳିକା ହାଇସ୍କୁଲରେ ସଚେତନତା କର୍ମଶାଳା

ଧାମନଗର, ୧୬।୧୧ (ଡି.ଏନ୍.ଏ.)

ଧାମନଗର କୋର୍ଟ ଆନୁକୂଲ୍ୟରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ଧାମନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧାମନଗର କୋର୍ଟ ବିଚାରପତି ଜିତେନ୍ଦ୍ରିୟ ପାଣିଗ୍ରାହୀ ଯୋଗଦେଇ ଉପସ୍ଥିତ ଶତାଧିକ ବାଳିକାଙ୍କୁ ସମ୍ବିଧାନ ପ୍ରଣିତ ବଳିଷ୍ଠ ଆଇନ ସେବା ବିନା ମୂଲ୍ୟରେ କିପରି ପାଇପାରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ବାଳିକାମାନେ ନିର୍ଯାତନାର ଶିକାର ହୋଇ ମଧ ସେମାନେ ଅଭିଯୋଗ କରିବାକୁ ପଛଘୁଞ୍ଚା ଦେବାର କାରଣ ଏବଂ ବିଚାର ଦ୍ୱାରା ସେମାନଙ୍କୁ କିପରି ନ୍ୟାୟ ମିଳିବ ସେନେଇ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ପାଣିଗ୍ରାହୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ।

## ସମୂହ ଛୁଟିରେ ଜିଆର୍‌ଏସ୍

ବଡ଼ସାହି,୧୬।୧୧(ସ୍ୱ.ପ୍ର)

ରାଜ୍ୟସଂଘର ନିଷ୍ପତ୍ତି କ୍ରମେ ବଡ଼ସାହି ବ୍ଲକରେ କାର୍ଯ୍ୟରତ ସମସ୍ତ ଗ୍ରାମ ରୋଜଗାର ସେବିକାସେବକ ଆନ୍ଦୋଳନ ପାଇଁ ସମୂହ ଛୁଟିରେ ଯାଇଛନ୍ତି। ବଡସାହି ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ସେବକ ଓ ସେବିକା ସେମାନଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ଆନ୍ଦୋଳନ କରିବା ପାଇଁ ବଡ଼ସାହି ବିଡିଓଙ୍କୁ ସାମୁହିକ ଛୁଟି ପ୍ରଦାନ ପାଇଁ ଆବେଦନ କରିଛନ୍ତି। ୧୨ବର୍ଷ ଧରି ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରୁଥିଲେ ମଧ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆ ନ ଯିବାରୁ ରାଜ୍ୟସଂଘର ନିଷ୍ପତ୍ତି କ୍ରମେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସେବକ ସେବିକା କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବାକୁ ଏପରି ପଦକ୍ଷେପ ନେଇଛନ୍ତି। ଏଥିଯୋଗୁ ବ୍ଲକର ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ କାମରେ ବାଧା ଉପୁଜିବା ଆଶଙ୍କା ଥିବା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି। ଗ୍ରାମରୋଜଗାର ସେବକମାନେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଜନହିତକର ଯୋଜନାଗୁଡିକ ସୁଚାରୁ ରୂପେ ତୁଲାଇ ଆସୁଛନ୍ତି। ହେଲେ ସ୍ୱଳ୍ପ ବେତନ ଭୋଗୀ ଜିଆରଏସ୍‌ମାନଙ୍କର ମୌଳିକ ଦାବିଗୁଡିକୁ ପୂରଣ ଦିଗରେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଅଣଦେଖା କରି ଆସୁଛନ୍ତି। ଦାବି ପୂରଣ ପାଇଁ ରାଜ୍ୟସଂଘର ଆହ୍ୱାନ କ୍ରମେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବା ପାଇଁ ଜିଆରଏସ୍‌ମାନେ ସମୁହ ଛୁଟି ନେଇ କାର୍ଯ୍ୟବନ୍ଦ ଡାକରା ଦେଇଛନ୍ତି। ଫଳରେ ବ୍ଲକର ବିଭିନ୍ନ ପଞ୍ଚାୟତର କାର୍ଯ୍ୟକ୍ରମ ପ୍ରଭାବିତ ହେବା ସହ ଉନ୍ନତିମୂଳକ କାର୍ଯ୍ୟରେ ବାଧା ଉପୁଜିଥିବାର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବିଜେଡି ଆଇଟି ସେଲ୍ ଗଠିତ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ଭାବେ ଏକ ଆଇଟି ସେଲ୍ ଗଠନ କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଆଇଟି ସେଲ୍ ଗଠିତ ହୋଇଛି। ସେଲ୍‌ର ଅଧକ୍ଷ ଭାବେ ଅମର ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡିର ଆଭିମୁଖ୍ୟ, ବାର୍ତ୍ତା ଓ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଏହି ସେଲ୍ ଠିକ୍ ଏବଂ ତ୍ୱରିତ ବାର୍ତ୍ତା ପ୍ରଦାନ କରିବ ବୋଲି କୁହାଯାଇଛି। ସେହିପରି ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର, ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ର, ମୁଖପାତ୍ର ସସ୍ମିତ ପାତ୍ର ଓ ସୁଲୋଚନା ଦାସ ଏବଂ ପ୍ରସନ୍ନଜିତ୍ ପତିଙ୍କୁ ଆଇଟି ସେଲ୍‌ର ସଦସ୍ୟଭାବେ ମନୋନୀତ କରାଯାଇଛି।

### ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଖଟୁଆ ନିଲମ୍ବିତ

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ):** ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଖଟୁଆଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଶୁକ୍ରବାର ନିଲମ୍ବନ କରିଛନ୍ତି। ଦଳର ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟକଳାପ ପାଇଁ ତାଙ୍କୁ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବିତ କରାଯାଇଛି। ଏହାସହ ନୂତନ ମଣ୍ଡଳ ସଭାପତି ଭାବେ ଲକ୍ଷ୍ମୀକାନ୍ତ ବେହେରା, କମଳାକାନ୍ତ ମହାକୁଡ଼, କରୁଣାକର ପଣ୍ଡା, ତାପସ ମହାନ୍ତି, ଅଭୟ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

### ଫାର୍ମାସିଷ୍ଟଙ୍କ ଘରେ ଭିଜିଲାନ୍ସ ଯାଞ୍ଚ
#### ୧.୬୨ କୋଟିର ସମ୍ପତ୍ତି ଠାବ

**କଟକ ଅଫିସ/ବାରିପଦା ଅଫିସ୍, ୧୬।୧୧:** ମୟୂରଭଞ୍ଜ ଜିଲାର ବାରିପଦା ସଦର ଅଧୀନ ରଙ୍ଗମାଟିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ସଞ୍ଜୀବ କୁମାର ପତିଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗ ଆସିଥିଲା। ଅଭିଯୋଗକୁ ଆଧାର କରି ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ପତିଙ୍କ ଘର, ଅଫିସ ସମେତ ୩ ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ବାରିପଦା ସହରର ତୁଳସୀଚଉରା ନିକଟରେ ଥିବା ଚାରି ମହଲା କୋଠା, ବାରିପଦା ସହରରେ ଥିବା ଆଉ ଏକ ଘର ଓ ରଙ୍ଗମାଟିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଉପରୋକ୍ତ ସ୍ଥାନଗୁଡ଼ିକୁ ଯାଞ୍ଚ କରିବା ପରେ ଭିଜିଲାନ୍ସ ପତିଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ହିସାବ କରିଛି। ଏହି ଅନୁଯାୟୀ ପତି ଓ ତାଙ୍କ ପରିବାରର ମୋଟ ୧ କୋଟି ୬୨ ଲକ୍ଷ ୪୪ହଜାର ୯୯୬ ଟଙ୍କା ମୂଲ୍ୟର ସମ୍ପତ୍ତି ଥିବା ଭିଜିଲାନ୍ସ ସୂଚନା ଦେଇଛି। ସମ୍ପତ୍ତିଗୁଡ଼ିକ ମଧ୍ୟରେ ବାରିପଦା ସହରରେ ଥିବା ଚାରି ମହଲା କୋଠାର ମୂଲ୍ୟକୁ ୧ କୋଟି ୨୮ ଲକ୍ଷ ୫ହଜାର ୭୮୪ ଟଙ୍କାରେ ମୂଲ୍ୟାୟନ କରାଯାଇଥିବା ବେଳେ ବାରିପଦା ସହରରେ ଥିବା ଏକ ପ୍ଲଟର ମୂଲ୍ୟ ୧ ଲକ୍ଷ ୯୮ହଜାର ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ସେହିପରି ବିଭିନ୍ନ ବ୍ୟାଙ୍କରେ ପତି ୨୮ ଲକ୍ଷ ୯୨ ହଜାର ୯୦୮ ଟଙ୍କା ଜମା ରଖିଥିବା ବେଳେ ଭିଜିଲାନ୍ସ ଯାଞ୍ଚ ସମୟରେ ଘରୁ ନଗଦ ୬୪ହଜାର ୩୦୫ ଟଙ୍କା ଠାବ କରାଯାଇଛି।

### ଭାଜପାର ମିଶ୍ରଣ ସମାବେଶ

**କଟକ ଅଫିସ, ୧୬।୧୧:** ବିଜୁପଟ୍ଟନାୟକ ଛକ ନିକଟ ଖ୍ରୀଷ୍ଟିୟାନ ପଡ଼ିଆରେ ଶୁକ୍ରବାର ଆୟୋଜିତ ହୋଇଛି ଭାଜପାର ମିଶ୍ରଣ ପର୍ବ। ଏଥିରେ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ଯୋଗଦେଇଛନ୍ତି। ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ ସେମାନଙ୍କୁ ଗୈରିକ ଟୋପି ଓ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଭାଜପାରେ ସାମିଲ ହୋଇଥିବା ବ୍ୟକ୍ତିମାନେ ହେଲେ ସେକ୍ ସିରାଜ, ଜବିର ଖାନ, ଜାକିର ଖାନ, ସେକ୍ ଜଲିଲ, ମହମ୍ମଦ ଆସିକ, ସେକ୍ ଇସ୍ରାଏଲ, ଡୋମନିକ ବିଲୁଙ୍ଗ, ଶିବ ସେଠୀ, ଗୋରାକବର ପୂଜା କମିଟି ସମ୍ପାଦକ ସୁରେଶ ଚନ୍ଦ୍ର ସେଠୀ ପ୍ରମୁଖ। ଏହି ମିଶ୍ରଣ ପର୍ବ କଟକରେ ଭାଜପାକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଦେ କହିଛନ୍ତି।

# ମାଲକାନଗିରି, ପୋଲସରା ନିର୍ବାଚନ ମଣ୍ଡଳୀ ବହୁକର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ବିଧାୟକ ମାନସ ମାଡକାମୀ ଓ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ଏବଂ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଆୟୋଜିତ ମିଶ୍ରଣ ପର୍ବରେ ଏହି କର୍ମୀମାନେ ବିଜେଡିରେ ସାମିଲ ହୋଇଛନ୍ତି। ଦଳ ପ୍ରତି ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ଯୋଗଦେଇଥିବା ସମସ୍ତ କର୍ମୀଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି। ସେହିପରି ଉଭୟ ନିର୍ବାଚନ ମଣ୍ଡଳୀର ଶତାଧିକ କର୍ମୀଙ୍କ ଯୋଗଦାନ ସ୍ଥାନୀୟ ଅଞ୍ଚଳରେ ବିଜେଡିର ଶକ୍ତି ବୃଦ୍ଧି କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ବିଜେଡିରେ ସାମିଲ ହୋଇଥିବା କର୍ମୀମାନଙ୍କ ମଧ୍ୟରେ ମାଲକାନଗିରି ଜିଲା ତମସା ସରପଞ୍ଚ ଭୀମା ମାଡକାମୀ, ତଣ୍ଡାପାଲି ସରପଞ୍ଚ ନନ୍ଦ ଆଜମିରା, ଚାଲାଣଗୁଡ଼ା ସରପଞ୍ଚ ପୁଷ୍ପାରାଣୀ ପଡ଼ିଆମୀ, ପୂର୍ବତନ ସରପଞ୍ଚ ଇର୍ମା ପଡ଼ିଆମୀ, ମୋଟୁ ସରପଞ୍ଚ ମୁନା ସଢ଼ି, ପୁସୁଗୁଡ଼ା ସରପଞ୍ଚ ରାବା ରାମା, ମହାରାଜପାଲି ପଞ୍ଚାୟତ ସମିତି ସଭ୍ୟ ମଟର୍ନକିଟାୟା, ତେଲରାଇ ନାଏବ ସରପଞ୍ଚ ଆଡମା କବାସୀ ଏବଂ ପଦ୍ମଗିରି ନାଏବ ସରପଞ୍ଚ ସୁନାଧାର ମାଡକାମୀ, କାଲିମେଲା ପୂର୍ବତନ ସରପଞ୍ଚ ମୁକୁନ୍ଦ ନାୟକ ପ୍ରମୁଖ।

ସେହିପରି ପୋଲସରା ନିର୍ବାଚନ ମଣ୍ଡଳୀର ନିମିଣା ସରପଞ୍ଚ ହରପ୍ରିୟା ସାହୁ, ସମିତିସଭ୍ୟ ଦେବରାଜ ସେଠୀ, ୱାର୍ଡମେମ୍ବର ରେଣୁକା ସାହୁ, ତପନ ସାହୁ, ପ୍ରଣବ ଗୌଡ଼, ଲକ୍ଷ୍ମୀ ଗୌଡ଼, ଶରତ ଚନ୍ଦ୍ର ଗୌଡ଼, ରଞ୍ଜିତା ଗୌଡ଼, ସୁରଥ ସ୍ୱାଇଁ, ଝୁଲତା ଗୌଡ଼, ସଂଗୀତା ଗୌଡ଼, ଜୟନ୍ତୀ ସାହୁ, ଜେ. ଡେଙ୍ଗାପଦର ସରପଞ୍ଚ ସୂର୍ଯ୍ୟ ଜେନା ବିଜେଡିରେ ସାମିଲ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ଭୂୟାଁ, ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଜେନା, ୱାର୍ଡମେମ୍ବର ରୀନା ନାୟକ, ଭାଗା ଜେନା, ମଞ୍ଜୁ ବିଶୋୟୀ, ମୋଚିରାମ ଭୂୟାଁ, ପ୍ରମିଳା ଗୌଡ଼, ଝୁନୁ ବିଶୋୟୀ, ରେଣୁ ବେହେରା, ରମେଶ ବେହେରା, ଦେବରାଜ ପ୍ରଧାନ ଏବଂ କୈଳାସ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।


ନବୀନ ନିବାସରେ ମାଲକାନଗିରି, ପୋଲସରା ନିର୍ବାଚନ ମଣ୍ଡଳୀର ବହୁ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

# ଧାର୍ଯ୍ୟଲକ୍ଷ୍ୟ ପୂରଣ ପାଇଁ କୃଷିମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

**ରବି କର୍ମଶାଳା ୨୦୧୮-୧୯**
- ୧୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ଲକ୍ଷ୍ୟ

ଚଳିତ ରବି ଋତୁରେ ଧାର୍ଯ୍ୟ ଉତ୍ପାଦନ ଲକ୍ଷ୍ୟ ହାସଲ କରିବା ପାଇଁ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ବିଭାଗୀୟ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ସ୍ଥାନୀୟ କୃଷି ଭବନରେ ଶୁକ୍ରବାର ରାଜ୍ୟସ୍ତରୀୟ ତିନିଦିନିଆ ପ୍ରାକ୍ ରବି କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଏହି କଥା କହିଛନ୍ତି। ମହାରଥୀ କହିଛନ୍ତି ଯେ, ଚଳିତ ରବି ଋତୁରେ ଅନ୍ୟୁନ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଏବଂ ୭.୩ ଲକ୍ଷ ମେଟ୍ରିକ୍ ଟନ୍ ଡାଲିକୁ ମିଶାଇ ମୋଟ ୧୮.୭୨ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୫.୨୭ ଲକ୍ଷ ମେଟ୍ରିକ୍ ଟନ୍ ତୈଳବୀଜ, ୭୦.୮୩ ଲକ୍ଷ ମେଟ୍ରିକ୍ ଟନ୍ ପନିପରିବା, ୧.୪୦ ଲକ୍ଷ ମେଟ୍ରିକ୍ ଟନ୍ ମସଲା ଏବଂ ୨୨.୫୦ ଲକ୍ଷ ମେଟ୍ରିକ୍ ଟନ୍ ଆଖୁ ଉତ୍ପାଦନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ନିକଟ ଅତୀତରେ ସଂଘଟିତ ତିତ୍‌ଲି ବାତ୍ୟା ଓ ମରୁଡ଼ିଜନିତ କୃଷି-କ୍ଷୟକ୍ଷତିର ପୁନଃ ଥଇଥାନ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦିଆଯାଉଛି। ପ୍ରଭାବିତ ଅଞ୍ଚଳରେ ସମସ୍ତ ଉଠା ଜଳସେଚନ ପ୍ରକଳ୍ପକୁ ମରାମତି ଓ ବିଦ୍ୟୁତ୍ ସଂଯୋଗ କରାଯିବାକୁ ପଦକ୍ଷେପ ନିଆଯାଇଛି । ଏଥିସହିତ ପ୍ରଭାବିତ ଚାଷୀଙ୍କୁ ପାଣିପମ୍ପ ଓ ସୌରଚାଳିତ ପାଣିପମ୍ପ ସ୍ୱତନ୍ତ୍ର ରିହାତି ଦରରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ଅପରପକ୍ଷରେ ମରୁଡ଼ି ଯୋଗୁ ସୁଧ ହାରରେ ସ୍ୱଳ୍ପ ମିଆଦି ଋଣକୁ ମଧ୍ୟମ ଅବଧି ଋଣରେ ପରିବର୍ତ୍ତନ କରାଯିବାକୁ ସ୍ଥିର କରାଯାଇଛି । ପୁନଶ୍ଚ ପ୍ରଭାବିତ ଚାଷୀମାନଙ୍କୁ ଏହି ରବି ଚାଷ ପାଇଁ ନୂତନ ଭାବେ କୃଷିଋଣ ଯୋଗାଇଦେବାର ମଧ୍ୟ ବ୍ୟବସ୍ଥା କରାଯାଇଛି । ଚକଡ଼ା ପୋକ ଆକ୍ରାନ୍ତ କୃଷିକ୍ଷେତ୍ର ପରିଦର୍ଶନ କରି ଏହାର ନିରାକରଣ ପାଇଁ କୃଷି ଅଧିକାରୀମାନେ ତୁରନ୍ତ ପଦକ୍ଷେପ ନେଉଛନ୍ତି। ଚାଷୀମାନଙ୍କୁ ଠିକ୍ ସମୟରେ ରବି ବିହନ ଯୋଗାଇଦେବାକୁ କୃଷି ଅଧିକାରୀମାନେ ଧ୍ୟାନ ଦେବାକୁ ମନ୍ତ୍ରୀ ମହାରଥୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

**ଓଡିଶାରେ ଡାଲି ଜାତୀୟ ଶସ୍ୟ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା**

# କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ରାଜ୍ୟ ଭାଜପା

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ଓଡିଶାରେ ଡାଲି ଜାତୀୟ ଶସ୍ୟ କିଣା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ହେବା ପ୍ରସଙ୍ଗରେ ରାଜ୍ୟ ଭାଜପା କେନ୍ଦ୍ର କୃଷିମନ୍ତ୍ରୀ ରାଧାମୋହନ ସିଂଙ୍କୁ ଧନ୍ୟବାଦ ଜଣାଇଛି । ୨୦୧୮-୧୯ ଖରିଫ ଋତୁ ପାଇଁ ଓଡିଶାରୁ ୮୩୫୦ ମେଟ୍ରିକ ଟନର ମୁଗକିଣା ପାଇଁ କେନ୍ଦ୍ର ସରକାର ୫୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ସେହିଭଳି ୫୯୫୦ମେଟ୍ରିକ ଟନର ବିରିକିଣା ପାଇଁ ୩୩ କୋଟି ଟଙ୍କା, ୪୩୭୫ମେଟ୍ରିକ ଟନର ବାଦାମ କିଣା ପାଇଁ ୨୧କୋଟି ଟଙ୍କା, ୨୬,୭୦୦ ମେଟ୍ରିକ ଟନ ହରଡଡାଲି ପାଇଁ ୧୫୧କୋଟି ଟଙ୍କା କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି । ଉପା ସରକାର ସମୟରେ ଡାଲି ଜାତୀୟ ଶସ୍ୟ କିଣିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଓଡିଶାକୁ ସେପରି କିଛି ସୁବିଧା ମିଳୁ ନ ଥିଲା । ମାତ୍ର ମୋଦି ସରକାର ସମୟରେ ଓଡିଶା ପାଇଁ ବିଶେଷଭାବେ ସୁବିଧା ମିଳୁଛି । ପ୍ରଥମଥର ପାଇଁ ଦେଶରେ ମୋଦି ସରକାର ଲାଗୁ କରିଥିବା ପିଏସଏସ(ପ୍ରାଇସ ସପୋର୍ଟ ସ୍କିମ)ରେ ଏହି ତୈଳବିଜ ସବୁ ଚାଷୀଙ୍କଠାରୁ କେନ୍ଦ୍ରୀୟ ଏଜେନ୍ସିମାନଙ୍କ ମାଧ୍ୟମରେ କିଣାଯିବ । ଏହାଦ୍ୱାରା ଚାଷୀମାନେ ସିଧାସଳଖ ନିଜବ୍ୟାଙ୍କ ଆକାଉଣ୍ଟରେ ପଇସା ପାଇବା ସହ ଆହୁରି କିଛି ସହାୟତା ରାଶି ମଧ୍ୟ ପାଇପାରିବେ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର କହିଛନ୍ତି ।

# ଭିନ୍ନକ୍ଷମଙ୍କ ପାଇଁ ସୁଗମ ହେବ ୫୦ପ୍ରତିଶତ ସରକାରୀ ଭବନ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୧୨,୪୪,୪୦୨ଜଣ ଭିନ୍ନକ୍ଷମ ଅଛନ୍ତି। ଏମାନଙ୍କ ମଧ୍ୟରୁ ୩,୬୮,୨୧୨ଜଣ ବ୍ୟକ୍ତି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ୟୁଡିଆଇଡି ପ୍ରମାଣପତ୍ର ପାଇଁ ଦରଖାସ୍ତ କରିଛନ୍ତି। ଏଥିରୁ ୧,୪୯,୬୩୯ଜଣ ପ୍ରମାଣପତ୍ର ପାଇସାରିଛନ୍ତି। ଭିନ୍ନକ୍ଷମମାନଙ୍କ ଗମନାଗମନର ସୁବିଧା ଲାଗି କେନ୍ଦ୍ର ସରକାରଙ୍କ ଅନୁଦାନରେ ୫୦ଗୋଟି ଭବନର କାର୍ଯ୍ୟ ହାତକୁ ନିଆଯାଇଛି। ଏହାଛଡା ରାଜଧାନୀର ୨୦୮ଗୋଟି ସରକାରୀ ଭବନକୁ ସୁଗମ୍ୟ କରିବା ପାଇଁ ତ୍ୱରିତ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ ବୋଲି ଜଣାପଡିଛି। ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି ଯେ, ଖୁବ୍‌ଶୀଘ୍ର ପୁରୀ, କଟକ, ବ୍ରହ୍ମପୁର, ବାଲେଶ୍ୱର, ବାରିପଦା, ଝାରସୁଗୁଡା, ଜୟପୁର, ରାଉରକେଲା, ବଲାଙ୍ଗୀର ଏବଂ ସମ୍ବଲପୁର ସହରର ୫୦ପ୍ରତିଶତ ସରକାରୀ ଭବନଗୁଡିକୁ ୨୦୧୯ ଡିସେମ୍ବର ସୁଦ୍ଧା ସୁଗମ୍ୟ କରାଯିବା ଲାଗି ବ୍ୟବସ୍ଥା ହେଉଛି। ରାଜ୍ୟ ସରକାର ଭିନ୍ନକ୍ଷମ କଲ୍ୟାଣ ପାଇଁ ଭୀମଭୋଇ ସାମର୍ଥ୍ୟ ଅଭିଯାନ ମାଧ୍ୟମରେ ଚିହ୍ନଟ, ଅସ୍ତ୍ରୋପଚାର, ସହାୟକ ଉପକରଣ ବଣ୍ଟନ ଇତ୍ୟାଦିର ବ୍ୟବସ୍ଥା କରିବା ସହ ଭିନ୍ନକ୍ଷମ ଭତ୍ତା, ସ୍ୱତନ୍ତ୍ର ଶିକ୍ଷା, ପ୍ରଶିକ୍ଷଣ, ଛାତ୍ରବୃତ୍ତି, ଭୌତିକ ଚିକିତ୍ସା ଏବଂ ଅର୍ଥନୈତିକ ତଥା ସାମାଜିକ ପୁନର୍ବାସ ବ୍ୟବସ୍ଥା କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ କାର୍ଯ୍ୟକାରୀ କରୁଛନ୍ତି।


ଭଦ୍ରକରେ ଏକ ଅସ୍ଥାୟୀ ପୋଖରୀରେ ମା' କାଳୀଙ୍କ ବିସର୍ଜନ କରାଯାଉଛି।

# ଆନ୍ଧ୍ର ହାତକୁ ଟେକିଦେଲେ ସ୍ୱାସ୍ଥ୍ୟକେନ୍ଦ୍ର
## ସ୍ୱାସ୍ଥ୍ୟକେନ୍ଦ୍ର ଘେରି ତାଲା ମାରିଲେ ଶତାଧିକ ଗ୍ରାମବାସୀ

ଲମତାପୁଟ/ଅନକାଡେଲି, ୧୬।୧୧(ଡି.ଏନ୍.ଏ.)

ମାଓବାଦୀ ପ୍ରବଣ ତଥା ଆଦିବାସୀ ବହୁଳ କୋରାପୁଟ ଜିଲାର ଲମତାପୁଟ ବ୍ଲକ ଅନକାଡେଲି ସ୍ଥିତ ପ୍ରୋଜେକ୍ଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ତାଲା ପକାଇଛନ୍ତି ଗ୍ରାମବାସୀ। ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ପକ୍ଷରୁ ଆନ୍ଧ୍ରର ଏକ ଘରୋଇ ମେଡିକାଲକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରୁ କର୍ମଚାରୀଙ୍କ ବଦଳି ସହ ଏହାକୁ ବନ୍ଦ ରଖାଯାଇଥିଲା। ଏହାର ପ୍ରତିବାଦରେ ଅନକାଡେଲି ଅଞ୍ଚଳର ଶତାଧିକ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇଛନ୍ତି।

ସୂଚନା ଅନୁଯାୟୀ, ଅନକାଡେଲି ପ୍ରୋଜେକ୍ଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା ଦାୟିତ୍ୱ ନଭେମ୍ବର ୧ରୁ ଆନ୍ଧ୍ରପ୍ରଦେଶର ଏକ ଘରୋଇ ହସ୍‌ପିଟାଲକୁ ଦେବା ପାଇଁ ଚୁକ୍ତି ହୋଇଥିଲା। ଏହି ଘରୋଇକରଣ ପ୍ରକ୍ରିୟାରେ ସ୍ୱାସ୍ଥ୍ୟକେନ୍ଦ୍ରର ନିୟମିତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଗଲା। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ କୌଣସି ଡାକ୍ତର କିମ୍ବା କର୍ମଚାରୀ ନାହାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩ଟି ପଞ୍ଚାୟତ ସମେତ ମାଛକୁଣ୍ଡ, ଡିକେନପୁଟ, ବାଦିଗଡ଼, ଅନକାଡେଲି, ଯୋଡ଼ାମ୍ବ, ଗୋଡ଼ିପୁଟ, ରିଡାଲ, ଗୁଟାଲପୁଟ, ବଡ଼ଡୁରାଲ, ହନ୍ତାଲପୁଟ ତଥା ମାଲକାନଗିରି ଜିଲା ଖଇରପୁଟ ବ୍ଲକର କେତେକ ଗ୍ରାମବାସୀ ଭରସା କରିଥାନ୍ତି। ଗତ ନଭେମ୍ବର ୧ରୁ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି କର୍ମଚାରୀ ନଥିବା ହେତୁ କେନ୍ଦ୍ର ଖୋଲାଯାଇ ନାହିଁ। ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନକାଡେଲିରୁ ଲମତାପୁଟ ୨୭ କିଲୋମିଟର ବାଟ ହୋଇଥିବା ବେଳେ ବାଧହୋଇ ରୋଗୀ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆସୁଛନ୍ତି। ଫଳରେ ବୁଧବାର ଅଞ୍ଚଳବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଘେରାଉ କରିଥିଲେ। ଏହାସତ୍ତ୍ୱେ କୌଣସି ଅଧିକାରୀ ଆସି ନଥିବା ଯୋଗୁଁ ଶୁକ୍ରବାର ଅଞ୍ଚଳର ଶତାଧିକ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଘେରାଉ କରିଛନ୍ତି। ପ୍ରୋଜେକ୍ଟ ସୁପରିଣ୍ଟେଣ୍ଡେଣ୍ଟ ହାଇଦ୍ରାବାଦରେ ରହୁଥିବା ହେତୁ କୌଣସି ଆଲୋଚନା ହୋଇପାରି ନାହିଁ। ଶୁକ୍ରବାର ସନ୍ଧ୍ୟାରେ ଇଞ୍ଜିନିୟର ଜେ. ସତ୍ୟନାରାୟଣ ପହଞ୍ଚି ବହୁ ସମୟ ଆଲୋଚନା କରିଥିଲେ ମଧ୍ୟ କୌଣସି ଫଳ ମିଳିନାହିଁ। କର୍ମଚାରୀ ନିଯୁକ୍ତି ଓ ସ୍ୱାସ୍ଥ୍ୟକେନ୍ଦ୍ର ନିୟମିତ ନ ଚାଲିବା ପର୍ଯ୍ୟନ୍ତ ତାଲା ଖୋଲିବନି କି ଘେରାଉ ବନ୍ଦ ହେବନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି। ଅଞ୍ଚଳର ପି.ଏସ୍.ଏନ୍. ମୂର୍ତ୍ତି, ଦଇତାରି ହନ୍ତାଳ, ଦୟା ହନ୍ତାଳ, ଡମ୍ବୁ ଖିଲଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଘେରାଉରେ ସାମିଲ ଥିଲେ।


ମାଛକୁଣ୍ଡ ପ୍ରକଳ୍ପ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

**ଘରୋଇକରଣ ପ୍ରତିବାଦରେ ଦାବିପତ୍ର**

# ବେଲପାହାଡ଼ ବନ୍ଦ, ୪ ଘଣ୍ଟା ରେଳରୋକୋ

**ବେଲପାହାଡ଼,୧୬।୧୧ (ଡି.ଏନ୍.ଏ.):** ଅଞ୍ଚଳବାସୀଙ୍କ ପ୍ରତି ରେଳ ବିଭାଗର ଅବହେଳା ପ୍ରତିବାଦରେ ଶୁକ୍ରବାର ବେଲପାହାଡ଼ ନାଗରିକ ମଞ୍ଚ ପକ୍ଷରୁ ବେଲପାହାଡ଼ ବନ୍ଦ ଓ ରେଳରୋକୋ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଅପରାହ୍ନ ୪ଟା ପର୍ଯ୍ୟନ୍ତ ବେଲପାହାଡ଼ ବନ୍ଦ ରହିଥିଲା। ସମସ୍ୟା ସମାଧାନ କରିବାକୁ ଜିଲାପାଳ ଓ ରେଳ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ରେଳରୋକୋ ଆନ୍ଦୋଳନ ୪ ଘଣ୍ଟା ପରେ ପ୍ରତ୍ୟାହାର କରି ନିଆଯାଇଥିଲା।

# ସୌଭାଗ୍ୟ ମିଶ୍ର ପାଇବେ ସାରଳା ସମ୍ମାନ

କଟକ ଅଫିସ, ୧୬।୧୧

ଖ୍ୟାତନାମା କବି ପ୍ରଫେସର ଡ. ସୌଭାଗ୍ୟ କୁମାର ମିଶ୍ର ଚଳିତବର୍ଷର ମର୍ଯ୍ୟାଦାଜନକ ସାରଳା ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ୨୨ ତାରିଖ ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦର ୩୭ତମ ବାର୍ଷିକୋତ୍ସବ ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଡ. ମିଶ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରିବେ। ପୁରସ୍କାର ସ୍ୱରୂପ ୫୦ହଜାର ଟଙ୍କା ଅର୍ଥରାଶି, ତାମ୍ରଫଳକ ଓ ଉପଢୌକନ ଦିଆଯିବ ବୋଲି ସଂସଦର ପ୍ରତିଷ୍ଠାତା ତଥା ସଭାପତି ଇଂ ପ୍ରଭାକର ସ୍ୱାଇଁ ଏବଂ ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ପ୍ରଫେସର ସୌଭାଗ୍ୟ ମିଶ୍ରଙ୍କ ସୃଷ୍ଟିସମ୍ଭାର ମଧ୍ୟରେ ଆତ୍ମନେପଦୀ, ଚରାଚର, ଅନ୍ଧ ମହୁମାଛି, ଦ୍ୱାସୁପର୍ଣ୍ଣା, ମାତ୍ରାସ୍ପର୍ଶ, ଉତ୍ତାନପାଦ ପ୍ରଭୃତି କବିତା ସଂକଳନ ଏବଂ କଥା ଚାରିପଦ ଗଳ୍ପ ସଂକଳନ ପ୍ରଭୃତି ଉଲ୍ଲେଖନୀୟ। ସେ ପୂର୍ବରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଗଙ୍ଗାଧର ମେହେର ଜାତୀୟ କବିତା ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ତାଙ୍କର ଜନ୍ମ ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ଶାସନରେ ୧୯୪୧ ସେପ୍ଟେମ୍ବର ୫ରେ ହୋଇଥିଲା। ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ପଦରୁ ଅବସର ଗ୍ରହଣ କରିଛନ୍ତି।

# ଲାଞ୍ଚ ନେଇ ଧରାପଡ଼ିଲେ କିରାଣି, ଅବସରପ୍ରାପ୍ତ ପିଅନ

କେନ୍ଦ୍ରାପଡା ଅଫିସ, ୧୬।୧୧

**କେନ୍ଦ୍ରାପଡା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ**

କେନ୍ଦ୍ରାପଡା ଉପଜିଲାପାଳ କାର୍ଯ୍ୟାଳୟରେ ଶୁକ୍ରବାର ଭିଜିଲାନ୍ସ ଚଢ଼ାଉ କରି ଲାଞ୍ଚ ନେଉଥିବା ବେଳେ ବରିଷ୍ଠ କିରାଣି ଓ ଅବସରପାପ୍ତ ପିଅନଙ୍କୁ ଗିରଫ କରିଛି। ସେମାନେ ହେଲେ ବରିଷ୍ଠ କିରାଣି ପରିକ୍ଷିତ ଜେନା ଓ ଅବସରପ୍ରାପ୍ତ ପିଅନ ଅଲେଖ ଚନ୍ଦ୍ର ବାରିକ। ସେମାନଙ୍କ ନାମରେ ମାମଲା (ନଂ-୪୯/୧୮)ରୁଜୁ କରାଯାଇଛି। ଶନିବାର ସେମାନଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବ ବୋଲି ଡିଏସପି ସୁରେନ୍ଦ୍ର ନାଥ ରାୟଗୁରୁ ସୂଚନା ଦେଇଛନ୍ତି। ସଦର ଥାନା ଅନ୍ତର୍ଗତ ଶ୍ରୁତିପୁରଠାରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ଓ ବାଲିଯାତ୍ରା ୪ ଦିନ ଧରି ଅନୁଷ୍ଠିତ ହୁଏ । ଏଥିପାଇଁ କମିଟି ସଦସ୍ୟ ତପନ କୁମାର ରାଉତ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଅନୁମତି ମାଗିଥିଲେ। ତେବେ ଏହି ଅନୁମତି ପାଇଁ ୨୦୦୦ ଟଙ୍କା ଲାଞ୍ଚ ଦେବାକୁ ପଡିବ ବୋଲି ପରିକ୍ଷିତ ଦାବି କରିଥିଲେ । ଏହି ସମୟରେ ପରିକ୍ଷିତଙ୍କ ଅଗୋଚରରେ ତପନ ଏହାର ଭିଡିଓ ରେକର୍ଡିଂ କରି ତାଙ୍କୁ ୧୦୦୦ ଟଙ୍କା ଦେଇଥିଲେ। ଏନେଇ ସେ ଭିଜିଲାନ୍ସ ବିଭାଗରେ ସୂଚନା ଦେଇଥିଲେ। ପୂର୍ବ ଯୋଜନା ଅନୁଯାୟୀ, ପୂର୍ବାହ୍ନରେ ଅବସରପ୍ରାପ୍ତ ପିଅନ ବାରିକଙ୍କୁ ଅବଶିଷ୍ଟ ୧୦୦୦ ଟଙ୍କା ଦେଇ ଅନୁପତି ପତ୍ର ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ହୋଇଥିଲା। ଲାଞ୍ଚ ନେବା ଅଭିଯୋଗରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କଟକସ୍ଥିତ ଭିଜିଲାନ୍ସ ଏସପିଙ୍କ କାର୍ଯ୍ୟାଳୟକୁ ନିଆଯାଇଛି ବୋଲି କେନ୍ଦ୍ରାପଡା ଡିଏସପି ରାୟଗୁରୁ ସୂଚନା ଦେଇଛନ୍ତ। ଏହି ଚଢ଼ାଉରେ ରାୟଗୁରୁଙ୍କ ସମେତ ଇନ୍ସପେକ୍ଟର ବିଜୟ କୁମାର ସେଠୀ ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JHARSUGUDA

Phone/Fax: 06645 - 273104, E-mail: cdmojharsuguda@gmail.com
Order No. 7562 Dated 16.11.18

### NOTICE

The data base of the applications prepared for the post of **Radiographer, Lab. Tech & Attendant** have been published herewith for inviting objection if any in the database.

The candidates those have any objection in the database may submit their objection only if any by **Regd. Post / Speed Post** on or before **30.11.2018** to put up before the committee for final decision. No fresh documents or personal contact will be allowed along with the objection.

The candidates are hereby instructed to verify the district website **www.jharsuguda.nic.in**.

**Sd./- Chief District Medical & Public Health Officer, Jharsuguda**

NANDANKANAN

## NANDANKANAN ZOOLOGICAL PARK

### PROCUREMENT OF ANIMALS

**NOTICE NO.13 OF 2018-19** **Date: 15.11.2018**

Deputy Director, Nandankanan Zoological Park invites sealed tender in prescribed form from interested firms / proprietor for the following tender of Nandankanan Zoological Park during the year 2018-19.

| Sl. No. | Name of the tender | Last date of submission of sealed tender | Opening of sealed tender |
|---|---|---|---|
| 1 | Procurement of Animals | **5.00 PM of 15.12.2018** | **11.30 AM of 18.12.2018** |

The detailed tender notice and the format for use in offer along with the terms and conditions for procurement of Animals to Nandankanan Zoological Park for the year 2018-19 will be available at (**www.nandankanan.org**) w.e.f **20.11.2018** for information of all concerned. Interested firms should submit their offers in sealed covers superscribed **"PROCUREMENT OF ANIMALS"** and addressed to Deputy Director, Nandankanan Zoological Park.

**Sd./- Deputy Director
Nandankanan Zoological Park**

## GOVERNMENT OF ODISHA DEPARTMENT OF WATER RESOURCES

### "e" Procurement Notice-BAID 06 OF 2018-19

No.783-A:- **BID IDENTIFICATION NO. BAID 06 OF 2018-19**

| | | |
|---|---|---|
| 1. | Name of the Work | River Embankment Road for the year 2018-19 |
| 2. | Total No. of Package | 1 No. |
| 3. | Tender Cost | 43.77 Lakhs as per DTCN |
| 4. | Bid Security (Online) | Rs 43800/- as per DTCN |
| 5. | Cost of Tender Paper (Online) | Rs. 6000/- as per DTCN |
| 6. | Period of Completion | 120 Days |
| 7. | Availability of Tender online for bidding | From 20.11.2018 at 12.00 Noon to 29.11.2018 upto 5.00 PM |
| 8. | Date and Place of opening | Dt. 30.11.2018 at 11.00 AM in the office of the Executive Engineer, Baitarani Division, Salapada |
| 9. | Tender Inviting Authority | Executive Engineer, baitarani Division, Salapada, Keonjhar, Odisha |

Further details can be seen from the website http.//www.tendersorissa.gov.in / www.dowrodisha.gov.in. Any addendum/ Corrigendum/ Cancellation to the above notice will be published in this website only.

**Sd./- Executive Engineer
Baitarani Division, Salapada**

**32006/11/0009/1819**

## GOVERNMENT OF ODISHA DEPARTMENT OF WATER RESOURCES

### OFFICE OF THE EXECUTIVE ENGINEER, MINOR IRRIGATION DIVISION, RAYAGADA

**Phone No.(06856)-222081(Off.), E-mail:- eemirgd@ymail.com**

**No.772-A:-** **e-PROCUREMENT NOTICE**

**BID IDENTIFICATION NO. ONLINE - 07/MID RGD/2018-19**

| | | |
|---|---|---|
| Name of work | : | Renovation of Canal & Embankment Roads (RCER) and Imp. to Tanks and MIPS |
| No. of works | : | 4 (Four ) Nos. |
| Estimated cost | : | Varies Approximately from Rs. 16.71 lakh to Rs. 61.15 lakh. |
| Tender paper cost | : | Refer DTCN. |
| Period of completion | : | Refer DTCN. |
| Availability of bid documents | : | From 11.00AM on 22.11.2018 to 05.00PM on 04.12.2018 in website (www.tendersorissa.gov.in) |
| Period of receipt of bid through online | : | From 11.00AM on 22.11.2018 to 05.00PM on 04.12.2018 through online. |
| Date of receipt of Bid cost & Bid security through On-line payment mode. | : | From 11.00AM on 22.11.2018 to 05.00PM on 04.12.2018 through online |
| Date of opening of bid documents | : | From 11.00AM on 05.12.2018 |
| Date of Transpararant lottery ( If Case arises ) | : | 17.12.2018 at 11.00AM onwards |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| The detail tender call notice can also be seen in the DOWR website-http://dowrorissa.gov.in | | |
| Name & Address of the OIT | : | Executive Engineer, M.I. Division, Rayagada, Dist:-Rayagada. PIN-765001, Ph-06856-222081, E-mail ID-eemirgd@ymail.com |
| Further details can be seen from the e-Procurement market place. | : | http://tendersorissa.gov.in |

**Executive Engineer,
M.I. Division, Rayagada**

**32056/11/0007/1819**

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS CIRCLE, BALASORE

E-Mail:- serw_balasore@yahoo.in Tel/FAX:- 06782-260318

### NOTICE

### FOR PRADHAN MANTRI GRAM SADAK YOJANA (PMGSY)

**NATIONAL COMPETITIVE BIDDING THROUGH "e"-Procurement**

**Bid identification No. PMGSY On-line N.C.B. No.- 242**

No.1021-O: **The Superintending Engineer, Rural Works Circle, Balasore on behalf of Odisha State Rural Road Agency invites the percentage** rate bids in electronic tendering system for construction of Roads under Pradhan Mantri Gram Sadak Yojana in the districts of Balasore for 4 (Four) number of packages with estimated cost totalling to **Rs .7.66 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd. **20.11.2018**.

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB at **Three places** i.e. **O/O Chief Engineer, PMGSY, Rural Works, Odisha, Bhubaneswar // Superintending Engineer, Rural Works Circle, Balasore// Executive Engineer of the Concerned divisions** on a date not later than three working days after the opening of technical qualification part of the Bid, either by registered post or by hand (i.e 13.12.2018 up-to 3.00 P.M), failing which the bids shall be declared non-responsive.

**Last Date/ Time for receipt of bids through e-procurement: 10.12.2018 upto 3.00 P.M.**

For further details and corrigendum (if any) please log on to **www.pmgsytenders.gov.in**.

**Sd./- Superintending Engineer
R.W.Circle, Balasore**

25105/11/0030/1819

## GOVT. OF ODISHA DEPARTMENT OF WATER RESOURCES

No.786-A

OFFICE OF THE SUPERINTENDING ENGINEER, CENTRAL IRRIGATION CIRCLE, BHUBANESWAR

**'e' Procurement Notice No. SECIC - 08 / 2018-19**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractors | Bid documents available online for bidding From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| SECIC/Bhubaneswar | SECIC/ NGR-06 of 2018-19 | Road on Ring Bundh of Lunijhara Left Embankment near Champatipur. | 110.48 | 110500/- (On-line) | 10000/- On-line) | "B" Class & "A" Class | 20.11.2018 at 11.00 A.M. | 05.12.2018 up to 5.00 P.M | 06.12.2018 at 11.00 A.M. | 06 (Six) Calendar Months |
| | SECIC/ NGR-07 of 2018-19 | Service Road on Mahanadi Right Embankment from Manitri to Badabara. | 141.07 | 141100/- (On-line) | 10000/- (On-line) | "B" Class & "A" Class | 20.11.2018 at 11.00 A.M. | 05.12.2018 up to 5.00 P.M | 06.12.2018 at 11.00 A.M. | 06 (Six) Calendar Months |
| | SECIC/ NGR-08 of 2018-19 | Service Road on Left & Right Embankment of Duanto River from Barasahi bridge of Sikharpur. | 115.04 | 115500/- (On-line) | 10000/- (On-line) | "B" Class & "A" Class | 20.11.2018 at 11.00 A.M. | 05.12.2018 up to 5.00 P.M | 06.12.2018 at 11.00 A.M. | 06 (Six) Calendar Months |
| | SECIC/ NGR-09 of 2018-19 | Service Road on Right Embankment of Kusumi River from P.WD. road to Nuapalli. | 166.73 | 166800/- (On-line) | 10000/- (On-line) | "B" Class & "A" Class | 20.11.2018 at 11.00 A.M. | 05.12.2018 up to 5.00 P.M | 06.12.2018 at 11.00 A.M. | 06 (Six) Calendar Months |
| | SECIC/ NGR-10 of 2018-19 | Improvement to Road on Left Bank of Panchirida Distributary of Budhabudhiani Irrigation Project. | 199.11 | 200000/- (On-line) | 10000/- (On-line) | "B" Class & "A" Class | 20.11.2018 at 11.00 A.M. | 05.12.2018 up to 5.00 P.M | 06.12.2018 at 11.00 A.M. | 06 (Six) Calendar Months |
| | SECIC/ NGR-11 of 2018-19 | Improvement to Road on Left Bank of Itamati Distributary from Bayapalli to Ghaduala of Dahuka Irrigation Project. | 194.58 | 194600/- (On-line) | 10000/- (On-line) | "B" Class & "A" Class | 20.11.2018 at 11.00 A.M. | 05.12.2018 up to 5.00 P.M | 06.12.2018 at 11.00 A.M. | 06 (Six) Calendar Months |

e-mail ID:- secic_dowr@yahoo.com
Further details conditions can be seen from Govt. website **www.tenderorissa.gov.in**.
32160/11/0019/1819

**Sd./- Superintending Engineer, Central Irrigation Circle**

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**RDM-LAC-ANG-0029-2017- 45185 / R&DM- ତାରିଖ 29.12.17**

**No.XXIX-21:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ତାଳଚେର-ସମ୍ବଲପୁର (ସମ୍ବଲପୁର-ବାମୁର ସେକସନ) ରେଳପଥ ଦୋହରିକରଣ ନିମନ୍ତେ ମୌଜା-ମଝୀକା, ଥାନା-ଅନୁଗୁଳ, ତହସିଲ-ବଅଁରପାଳ, ଜିଲ୍ଲା-ଅନୁଗୁଳରେ ନିମ୍ନ ତଫସିଲ ମତେ ପ୍ରାୟ ୦.୩୧୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ତାଳଚେର-ସମ୍ବଲପୁର ରେଳପଥର ଦୋହରିକରଣ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ ନିର୍ମାଣ, ଅନୁଗୁଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ସଂଖ୍ୟା- ୨୯୭୩୧ ତା-୦୬।୦୯।୨୦୧୭ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପ-ଜିଲ୍ଲାପାଳ, ଅନୁଗୁଳ।
୬. ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୁଳ | ବଅଁରପାଳ | ମଝୀକା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୩୧୦ ଏକର | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ତାଳଚେର-ସମ୍ବଲପୁର ରେଳପଥ ଦୋହରିକରଣ ପ୍ରକଳ୍ପ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୁଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୁଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଯୁଗ୍ମ ଶାସନ ସଚିବ**

### ଭୂମି ଅନୁସୂଚୀ

**ମୌଜା: ମଝୀକା, ତହସିଲ: ବଅଁରପାଳ, ଥାନା: ଅନୁଗୁଳ ନଂ.୨୬, ଜିଲ୍ଲା: ଅନୁଗୁଳରେ ସମ୍ବଲପୁର-ତାଳଚେର ଦୋହରା ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ**

| କ୍ର. ନଂ. | ଖାତା ନମ୍ବର | ପ୍ରଜାଙ୍କର ନାମ ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| | ୨୧ | କାର୍ତ୍ତିକ ଦେହୁରୀ, ପି: ମଙ୍ଗୁଳି ଦେହୁରୀ, ଜା: କନ୍ଧ, ବା: ନିଜଗାଁ | ୨୭ | ଦେଉଳ ଡିପ | ୦.୨୫୦ | ୦.୦୪୦ |
| | ୪୪ | ଗୋଲେଖ ପ୍ରସାଦ ସିଂସାମନ୍ତ, ପି: ଉଦୟନାଥ ସିଂହ, ଜା: କ୍ଷତ୍ରିୟ, ବା: ନିଜଗାଁ | ୨୦ | ଘରବାରି | ୦.୨୮୦ | ୦.୦୧୦ |
| | ୬୯ | ନିଳମଣୀ ସାହୁ, କୁଳମଣି ସାହୁ, ପି: ବାଳକୃଷ୍ଣ ସାହୁ, ବେଦ ପ୍ରଧାନ, ପି: ଗୌତମ ପ୍ରଧାନ, ବିଛନ୍ଦ ପ୍ରଧାନ, ପି: ସୁଲି ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ, ପି: ଧନୁ ପ୍ରଧାନ, ଭିକାରୀ ମହାପାତ୍ର, ପି: ଗାଡୁ ମହାପାତ୍ର, ଜୟ ମହାପାତ୍ର, ଅନ୍ତର୍ଯ୍ୟାମୀ ମହାପାତ୍ର, ଶାନ୍ତନୁ ମହାପାତ୍ର, ନବୀନ ମହାପାତ୍ର, ପି: ମଙ୍ଗଳୁ ମହାପାତ୍ର, ଶୀତ ମହାପାତ୍ର, ପି: ବେଣୁ ମହାପାତ୍ର, ବଣି ମହାପାତ୍ର, ସ୍ୱା: ବେଣୁ ମହାପାତ୍ର, ପାଣୁ ମହାପାତ୍ର, ପି: ଅର୍ଜୁନ ମହାପାତ୍ର, ଅରକ୍ଷିତ ବେହେରା, ଧରମୁ ବେହେରା, ପି: କୁଲେଇ ବେହେରା, ଜାତି: ତଅଁଳା, ବା: ନିଜଗାଁ | ୩୯ | ଦେଉଳ ଡିପ | ୦.୨୦୦ | ୦.୦୪୦ |
| | ୧୬୩ | ସାହେବ ସାହୁ, ସଦା ସାହୁ, ସ୍ୱା: ବାଞ୍ଛାନିଧି ସାହୁ, ଜା: କୌଶଲ୍ୟା ସାହୁ, ସ୍ୱା: ବାଞ୍ଛାନିଧି ସାହୁ, ଜା: ଚଷା, ବା: ନିଜଗାଁ | ୨୨ | ଦେଉଳ ଡିପା | ୧.୦୫୦ | ୦.୧୧୦ |
| | ୧୯୪/୫ | ବିଜୟ କୁମାର ସାହୁ, ସ୍ୱା: ଅଲେଖ ଚରଣ ସାହୁ, ଅନୁଗୁଳ ଟାଉନ (ହାତୀଶାଳପଡ଼ା) | ୪୧ | ଦେଉଳ ଡିପା | ୦.୪୬୦ | ୦.୧୧୦ |
| | | | | ମୋଟ | | ୦.୩୧୦ |

**ସ୍ୱା./-ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ,
ତାଳଚେର-ସମ୍ବଲପୁର ଦୋହରା ରେଳପଥ, ସମ୍ବଲପୁର**

**24001/14/0388/1819**

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No.- RDM-LAC-ANG-0033-2017-45213/R&DM** ତାରିଖ: 29.12.17

No.: VI-05: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତାଳଚେର-ସମ୍ବଲପୁର (ସମ୍ବଲପୁର-ବାମୁର ସେକ୍ସନ) ରେଳପଥ ଦୋହରୀକରଣ ନିମନ୍ତେ ମୌଜା- ଜାମୁଣ୍ଡା, ଥାନା- ଜରପଡ଼ା, ତହସିଲ- ବଅଁରପାଳ, ଜିଲ୍ଲା- ଅନୁଗୁଳରେ ନିମ୍ନ ତଫସିଲ ମତେ ପ୍ରାୟ ୧.୮୨୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ତାଳଚେର-ସମ୍ବଲପୁର ରେଳପଥ ଦୋହରୀକରଣ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ ନିର୍ମାଣ, ଅନୁଗୁଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ସଂଖ୍ୟା- ୨୯୭୩୧ ତା୦୬।୦୯।୨୦୧୭ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଅନୁଗୁଳ।
୬. ଜମିର ବିବରଣୀ :

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୁଳ | ବଅଁରପାଳ | ଜାମୁଣ୍ଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୧.୮୨୦ ଏକର | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ସମ୍ବଲପୁର ରେଳପଥ ଦୋହରୀକରଣ ପ୍ରକଳ୍ପ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୁଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ଅନୁଗୁଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଯୁଗ୍ମ ଶାସନ ସଚିବ**

### ଭୂମି ଅନୁସୂଚୀ

**ମୌଜା- ଜାମୁଣ୍ଡା, ତହସିଲ- ବଅଁରପାଳ, ଥାନା- ଜରପଡ଼ା ନଂ.୩୪, ଜିଲ୍ଲା- ଅନୁଗୁଳରେ ସମ୍ବଲପୁର-ତାଳଚେର ଦୋହରା ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ**

| କ୍ରମିକ ନମ୍ବର | ଖାତା ନମ୍ବର | ରୟତଙ୍କର ନାମ ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୪ | କାଳନ୍ଦି ସାଉ, ବାଞ୍ଛା ସାଉ, ପି.- ଭରତ ସାଉ, ଭୁବନ ସାଉ, ବିଟି ସାଉ, ପି. କେଶବ ସାଉ, ଜା: ଚଷା, ବା: ନିଜଗାଁ | ୧୬୯<br>୪୪୦<br>୪୭୪<br>୧୨୦୦ | ତଇଲା-୧<br>ବାଜେଫସଲ<br>ଶାରଦ-୩<br>ଶାରଦ-୨ | ୦.୧୦୦<br>୦.୦୯୦<br>୦.୧୬୦<br>୦.୦୬୦ | ୦.୦୨୦<br>୦.୦୨୦<br>୦.୦୭୦<br>୦.୦୫୦ |
| ୨ | ୨୮ | କୁଆଁ ସାଉ, ପି.- ନରସିଂହ ସାହୁ, ଧୁବେଇ ସାଉ, ପି.- ସାନ୍ତରା ସାହୁ, ମଧୁ ସାଉ, ପି.- ଗାଉଗୁରା ସାହୁ, ଜା: ଚଷା, ବା: ନିଜଗାଁ | ୪୩୭<br>୪୩୯<br>୧୦୨୮ | ବାଜେଫସଲ<br>ଶାରଦ-୩<br>ଶାରଦ-୨ | ୦.୦୩୦<br>୦.୦୯୦<br>୦.୧୦୦ | ୦.୦୩୦<br>୦.୦୩୦<br>୦.୦୩୦ |
| ୩ | ୩୧ | କୁହୁ ସାଉ, ରଂତ ସାଉ, ପି.- ସଛ ସାଉ, ଜା: ଚଷା, ବା: ନିଜଗାଁ | ୪୨୮ | ବାଜେଫସଲ | ୦.୦୯୦ | ୦.୦୧୦ |
| ୪ | ୩୩ | କୃତିବାସ ପଧାନ, ପି.- କାଶି ପଧାନ, ଜା: ଚଷା, ବା: ନିଜଗାଁ, କିସିମତ ଟ.୦.୫୦ ନୁ.ପ.ବା, ପଦିଆ ପଧାନ, ଫିରିଂଗି ପଧାନ, ପି.- ଅନନ୍ତ ପଧାନ, ଜା: ଚଷା, ବା: ନିଜଗାଁ, କିସ୍ମତ ୦.୦୫୦ ପ.ନୁ.ପ. | ୪୦୭<br>୭୭୭<br>୧୨୦୭ | ବାଜେଫସଲ<br>ଶାରଦ-୨<br>ଶାରଦ-୧ | ୦.୦୧୦<br>୦.୨୮୦<br>୦.୦୫୦ | ୦.୦୧୦<br>୦.୦୯୦<br>୦.୦୫୦ |
| ୫ | ୩୭ | ଗୋପାଳ ପଧାନ, ପି.- ଦଇତାରି ପଧାନ, ଏକାଦଶୀ ପଧାନ, ମଦନ ପଧାନ, ବିଟି ପଧାନ, ଟିହିରୁ ପଧାନ, ପି.- ମୁରାରି ପଧାନ, ଫକିର ପଧାନ, ପି.- ମାଧବ ପଧାନ, କୁଳମଣି ପଧାନ, ପି.- ପର୍ଶୁରାମ ପଧାନ, ଜା: ଚଷା, ବା: ନିଜଗାଁ | ୧୬୬<br>୧୨୦୮ | ତଇଲା-୧<br>ଶାରଦ-୧ | ୧.୨୩୦<br>୦.୦୭୦ | ୦.୦୩୦<br>୦.୦୬୦ |
| ୬ | ୪୦ | ଚକ୍ରଧନ ଜେନା, ପି.- ସାତୁକ ଜେନା, ଜା: ଚଷା, ବା: ନିଜଗାଁ | ୪୪୫<br>୭୮୦ | ଶାରଦ-୩<br>ଶାରଦ-୩ | ୦.୦୮୦<br>୦.୦୩୦ | ୦.୦୬୦<br>୦.୦୩୦ |
| ୭ | ୪୬ | ଚୈତନ୍ୟ ସାଉ, ସଂଖାଳି ସାଉ, କହ୍ନେଇ ସାଉ, ପି.- ବିଦୁର ସାଉ, ବାବନ ସାଉ, ବିଶୋଇ ସାଉ, ସାର୍ଥୁକ ସାଉ, ପି.- ଘୁସୁରା ସାଉ, ରଥି ସାଉ, ପି.- ନନ୍ଦ ସାଉ, ବାଞ୍ଛା ସାଉ, ଅର୍ଜୁନ ସାଉ, ନିରାକାର ସାଉ, ପଂଡ଼ିତ ସାଉ, ପି.- ନାରଣ ସାଉ, ଆସିଲି ବେବା, ସ୍ୱା.- ଭାଇଗ ସାଉ, ଜା: ଚଷା, ବା: ନିଜଗାଁ | ୪୨୦<br>୪୨୧ | ବାଜେଫସଲ<br>ବାଜେଫସଲ | ୦.୦୫୦<br>୦.୦୪୦ | ୦.୦୨୦<br>୦.୦୧୦ |
| ୮ | ୪୯ | ଜୟ ସାଉ, ପି.- ଶଙ୍କର ସାଉ, ଜା: ଚଷା, ବା: ନିଜଗାଁ | ୭୮୪ | ଶାରଦ-୩ | ୦.୦୬୦ | ୦.୦୧୦ |
| ୯ | ୫୨ | ଦ୍ୱାରି ପଧାନ, ପି.- କାଠି ପଧାନ, ଜା: ଚଷା, ବା: ନିଜଗାଁ | ୧୫୨<br>୧୫୩ | ତଇଲା-୧<br>ତଇଲା-୧ | ୦.୩୪୦<br>୧.୫୭୦ | ୦.୦୪୦<br>୦.୧୩୦ |
| ୧୦ | ୫୮ | ଦ୍ୱାରି ପଧାନ, ଶ୍ରୀଧର ପଧାନ, ପି.- କାଠି ପଧାନ, ଜା: ଚଷା, ବା: ନିଜଗାଁ | ୧୨୦୧ | ଶାରଦ-୨ | ୦.୧୧୦ | ୦.୦୬୦ |
| ୧୧ | ୫୯ | ଦ୍ୱାରି ପଧାନ, ଶ୍ରୀଧର ପଧାନ, ପି.- କାଠି ପଧାନ ଓ ଦାଶରଥି ପଧାନ, ନହିଁଆ ପଧାନ ଓ ବାଜି ପଧାନ, ପି.- ବୃନ୍ଦାବନ ପଧାନ, ବିଦ୍ୟାଧର ପଧାନ, ଲୋଚନ ପଧାନ, ଅରକ୍ଷିତ ପଧାନ, ପି.- ଦୟା ପଧାନ, ଜା: ଚଷା, ବା: ନିଜଗାଁ | ୧୬୫<br>୨୧୧<br>୨୧୨<br>୩୩୫<br>୩୩୬ | ତଇଲା-୧<br>ତଇଲା-୧<br>ବାଜେଫସଲ<br>ଶାରଦ-୨<br>ବାଜେଫସଲ | ୦.୨୯୦<br>୦.୧୧୦<br>୦.୧୦୦<br>୦.୦୯୦<br>୦.୧୮୦ | ୦.୦୩୦<br>୦.୦୧୦<br>୦.୦୨୦<br>୦.୦୩୦<br>୦.୦୪୦ |
| ୧୨ | ୬୩ | ଦୀନବନ୍ଧୁ ଖିଲାର, ଗୌରାଙ୍ଗ ଖିଲାର, ପି.- ଡମ୍ବରୁ ଖିଲାର, ଜା: ଗୌଡ଼, ବା: ନିଜଗାଁ | ୧୫୧ | ତଇଲା-୧ | ୦.୯୭୦ | ୦.୧୧୦ |
| ୧୩ | ୮୨ | ନାରାୟଣ ପଧାନ, ପି.- ବନମାଳି ପଧାନ, ବାସୁଦେବ ପଧାନ, ପି.- ଅଚ୍ୟୁତ ପଧାନ, ମଧୁସୁଦନ ପଧାନ, ପି.- ଡମ୍ବୁର ପଧାନ, ବାବନ ପଧାନ, ଶୁକଦେବ ପଧାନ, ପି.- ଚକ୍ରଧର ପଧାନ, ଏକାଦଶି ପଧାନ, ମଦନ ପଧାନ, ବିଟି ପଧାନ, ଟିହିଲୁ ପଧାନ, ପି.- ମୁରାରି ପଧାନ, ଫିକିର ପଧାନ, ପି.- ମାଧବ ପଧାନ, କୁଳମଣି ପଧାନ, ପି.- ପର୍ଶୁରାମ ପଧାନ, ଗୋପାଳ ପଧାନ, ପି.- ଦଇତାରି ପଧାନ, ଦ୍ୱାରି ପଧାନ, ଶ୍ରୀଧର ପଧାନ, ପି.- କାଠି ପଧାନ, ଜା: ଚଷା, ବା: ନିଜଗାଁ | ୪୪୮<br>୨୦୦<br>୨୦୧<br>୪୦୮<br>୪୦୯<br>୧୨୦୬<br>୧୨୦୫ | ଶାରଦ-୩<br>ତଇଲା-୧<br>ତଇଲା-୧<br>ଶାରଦ-୩<br>ଶାରଦ-୩<br>ଶାରଦ-୧<br>ଶାରଦ-୧ | ୦.୦୩୦<br>୦.୩୩୦<br>୦.୩୩୦<br>୦.୦୪୦<br>୦.୦୧୦<br>୦.୦୭୦<br>୦.୦୧୦ | ୦.୦୩୦<br>୦.୦୧୦<br>୦.୦୨୦<br>୦.୦୩୦<br>୦.୦୧୦<br>୦.୦୩୦<br>୦.୦୧୦ |
| ୧୪ | ୧୦୩ | ବଂଶୀଧର ସାଉ, ବିଦ୍ୟାଧର ସାଉ, ଶ୍ରୀଧର ସାଉ, ସୁରେନ୍ଦ୍ର ସାଉ, ପି.- ଭରତ ସାଉ, ଦ୍ୱାରି ପଧାନ, ଶ୍ରୀଧର ପଧାନ, ପି.- କାଠି ପଧାନ, ଜା: ଚଷା, ବା: ନିଜଗାଁ | ୯୯୪ | ଶାରଦ-୨ | ୦.୦୪୦ | ୦.୦୨୦ |
| ୧୫ | ୧୧୩ | ବିକ୍ରମ ସାହୁ, ନୀଳ ସାହୁ, କସ୍ତୁ ସାହୁ, ଦିବାକର ସାହୁ, ପିତା- ଉତ୍ସବ ସାହୁ, କମାର ସାଉ, ପି.- ଗଇନ ସାଉ, ଜଗ ସାଉ, ପି.- ଅନନ୍ତ ସାଉ, ସୋମନାଥ ସାଉ, ଆକୁଳ ସାଉ, ନକୁଳ ସାଉ, ପି.- କେଶବ ସାଉ, ଚଂଦ୍ରି ମୁସମାତ, ପି.- ଶାମ ସାଉ, ଜା: ଚଷା, ବା: ନିଜଗାଁ | ୪୨୯<br>୭୮୩<br>୯୯୩ | ବାଜେଫସଲ<br>ଶାରଦ-୩<br>ଶାରଦ-୧ | ୦.୦୫୦<br>୦.୦୭୦<br>୦.୦୪୦ | ୦.୦୫୦<br>୦.୦୨୦<br>୦.୦୩୦ |
| ୧୬ | ୧୧୭ | ବିଟି ସାଉ, ପି.- କେଶବ ସାଉ, ଦ୍ୱାରି ପଧାନ, ଶ୍ରୀଧର ପଧାନ, ପି.- କାଠି ପଧାନ, ଜା: ଚଷା, ବା: ନିଜଗାଁ | ୧୨୬/ ୧୬୧୦ | ତଇଲା-୧ | ୦.୪୫୧୦ | ୦.୦୪୦ |
| ୧୭ | ୧୨୨ | ବିପିନ ପଧାନ, ପି.- ପାହାଡିଆ ପଧାନ, ଅର୍ଜୁନ ପଧାନ, ନିରଂଜନ ପଧାନ, ପି.- ମାର୍କଂଡ ପଧାନ, ଜା: ଚଷା, ବା: ନିଜଗାଁ | ୪୧୯ | ବାଜେଫସଲ | ୦.୦୫୦ | ୦.୦୩୦ |
| ୧୮ | ୧୨୭ | ଭାଇଗ ଜେନା, ଉପେନ୍ଦ୍ର ଜେନା, ପି.- ହରି ଜେନା, ଜା: ଚଷା, ବା: ନିଜଗାଁ | ୪୩୮<br>୧୦୨୪ | ଶାରଦ-୩<br>ଶାରଦ-୨ | ୦.୦୭୦<br>୦.୦୪୦ | ୦.୦୫୦<br>୦.୦୪୦ |
| ୧୯ | ୧୩୧ | ଭୁବନ ସାଉ, ବିଟି ସାଉ, ପି.- କେଶବ ସାଉ, ଜା: ଚଷା, ବା: ନିଜଗାଁ | ୯୯୨ | ଶାରଦ-୨ | ୦.୧୩୦ | ୦.୦୩୦ |
| ୨୦ | ୧୩୭ | ମାଗୁଣି ଜେନା, ପି.- ପାଇକେରା ଜେନା, ଶିବ ଜେନା, ପି.- ଗୋବିନ୍ଦ ଜେନା, ନଟ ଜେନା, ମହାଦେବ ଜେନା, ସହଦେବ ଜେନା, ପି.- ଅଧିକାରୀ ଜେନା, ଜା: ଚଷା, ବା: ନିଜଗାଁ | ୪୩୦ | ଶାରଦ-୩ | ୦.୦୧୦ | ୦.୦୧୦ |
| ୨୧ | ୧୪୪ | ଶଂକର ପଧାନ, ପି.- ସିଂଧୁ ପଧାନ, ଜା: ଚଷା, ବା: ନିଜଗାଁ, ବାଳକୃଷ୍ନ ପଧାନ, ପି.- ଜନକ ପଧାନ, ଜା: ଚଷା, ବା: ଟୁକୁଡ଼ା | ୧୬୮<br>୨୧୩<br>୨୧୪ | ତଇଲା-୧<br>ଶାରଦ-୩<br>ତଇଲା-୧ | ୦.୩୦୦<br>୦.୦୪୦<br>୦.୦୨୦ | ୦.୦୭୦<br>୦.୦୨୦<br>୦.୦୨୦ |
| ୨୨ | ୧୪୬ | ଶରଦି ବେବା, ବାସୁ ସାଉ, ତଇନ୍ଦ୍ର ସାଉ ଓ ସାଧୁ ସାଉ, ପି.- କାଶି ସାଉ, ଜା: ଚଷା, ବା: ନିଜଗାଁ | ୭୭୭<br>୭୮୧ | ଶାରଦ-୩<br>ଶାରଦ-୩ | ୦.୦୮୦<br>୦.୧୭୦ | ୦.୦୩୦<br>୦.୦୪୦ |
| ୨୩ | ୧୫୬/୨୭ | ବଂଶୀଧର ସାହୁ, ବିଦ୍ୟାଧର ସାହୁ, ଶ୍ରୀଧର ସାହୁ, ସୁରେନ୍ଦ୍ର ସାହୁ, ପି.- ଭରତ ସାହୁ, ଜା: ଚଷା, ବା: ଜାମୁଂଡା | ୯୮୯ | ଶାରଦ-୨ | ୦.୧୨୦ | ୦.୦୩୦ |
| ୨୪ | ୧୫୬/୫୬ | ଭରତ ପ୍ରଧାନ, ପି.- ନଟବର ପ୍ରଧାନ, ଜା: ଚଷା, ବା: ନିଜଗାଁ | ୪୭୮ | ଶାରଦ-୩ | ୦.୦୭୦ | ୦.୦୫୦ |
| | | | | ମୋଟ | | ୧.୮୨୦ |

**ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ତାଳଚେର-ସମ୍ବଲପୁର ଦୋହରା ରେଳପଥ, ସମ୍ବଲପୁର**

**24001/14/0383/1819**

# ଜୁଏଲେରୀ ଡିଜାଇନରେ କ୍ୟାରିୟର



ଗହଣା ପିନ୍ଧିବାକୁ କିଏ ଅବା ଭଲ ନ ପାଏ। ବିଶେଷ କରି ଆମ ଦେଶ ଭାରତରେ ଏହାର ବହୁଳ ପ୍ରୟୋଗ କରାଯାଏ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ,ଭାରତ ଏଭଳି ଏକ ଦେଶ, ଯେଉଁଠି ଆଜି ମଧ୍ୟ ଗହଣାକୁ ହାତରେ ତିଆରି କରାଯାଏ। ଏଥିଲାଗି ମେଶିନ ଅଥବା କୌଣସି ଡାଇ ପ୍ରୟୋଗ କରାଯାଏନି। ଏହି କାରଣରୁ ଭାରତୀୟ ଗହଣାର ଆଦର ସାରା ବିଶ୍ୱରେ ରହିଛି। ଭାରତ ଗହଣାର ରପ୍ତାନି କରି ପ୍ରଚୁର ଡଲାର ଅର୍ଜନ କରୁଛି। ମହାନଗରଠାରୁ ଆରମ୍ଭ କରି ଛୋଟ ସହର ପର୍ଯ୍ୟନ୍ତ ଗହଣା ବ୍ୟବସାୟ କାୟାବିସ୍ତାର କରିଛି। ଏଠାରେ ଦୈନିକ ନୂଆ ନୂଆ ଡିଜାଇନ ଦେଖିବାକୁ ମିଳେ। ଏହି ଡିଜାଇନରେ ରହିଥିବା କଳାତ୍ମକତା ଏବଂ ଗଢ଼ଣରୁ ଯେକେହି ପ୍ରଭାବିତ ହେବେ। ଗହଣା ପ୍ରତି ମହିଳାଙ୍କ ଦୁର୍ବଳତା ସର୍ବଜନବିଦିତ ହୋଇଥିଲେ ହେଁ ଆଜିର ଦୁନିଆରେ ପୁରୁଷମାନେ ମଧ୍ୟ ଡିଜାଇନଯୁକ୍ତ ଗହଣା ପ୍ରତି ଆକର୍ଷିତ ହେଉଛନ୍ତି। ମୁଦି, ଚେନ୍, କଡ଼ା ଆଦିର ନୂଆ ଡିଜାଇନ ମଧ୍ୟ ବଜାରରେ ଉପଲବ୍ଧ ହେଲାଣି। କେହି କେବେ ଭାବିଛନ୍ତି କି ଏହି ନୂଆ ନୂଆ ଡିଜାଇନ ଆସୁଛି କେଉଁଠୁ ? ଦେଶରେ ଏଭଳି କିଛି ନାମୀଦାମୀ ଡିଜାଇନର ରହିଛନ୍ତି ସେମାନେ ଏବଂ ଅଜଣା ଗାଁଗଣ୍ଡାରେ ରହିଥିବା ଡିଜାଇନରମାନେ ହିଁ ଗ୍ରାହକଙ୍କୁ ନୂଆ ନୂଆ ଡିଜାଇନ ପରଷି ଦେଉଛନ୍ତି। ସେମାନଙ୍କ ପରିଶ୍ରମ କାରଣରୁ ଆଜି ଏହି କ୍ଷେତ୍ରରେ ଦୈନିକ ନୂଆ ଇତିହାସ ରଚନା କରାଯାଉଛି।

ଗହଣା ପିନ୍ଧୁଥିବା ପୁରୁଷ ହୁଅନ୍ତୁ ଅଥବା ମହିଳା କେବଳ ଗହଣା ଦୋକାନକୁ ମନେ ରଖନ୍ତି। ସେହି ଶୋ'ରୁମ୍‌ରେ ଭଳିକି ଭଳି ଡିଜାଇନର ଗହଣାକୁ ନେଇ ବେଶ୍ ଚର୍ଚ୍ଚା ମଧ୍ୟ କରନ୍ତି। ତେବେ ବାସ୍ତବରେ ଏହି ଡିଜାଇନକୁ ସେହି ଡିଜାଇନର ମାନେ ହିଁ ତିଆରି କରନ୍ତି ଯେଉଁମାନେ ପରଦା ଆଢୁଆଳରେ ରହିଯାଆନ୍ତି। ବର୍ଷସାରା ଗହଣାର ଚାହିଦା ଲାଗିରହିଛି। ଏହା ମଧ୍ୟ କୁହାଯାଇପାରେ ଯେ, ଚାହିଦା ବଢ଼ି ବଢ଼ି ଚାଲିଛି। କ୍ୟାରିୟର ଲାଗି ଏହା ଏକ ଭଲ କ୍ଷେତ୍ର କୁହାଯାଇପାରେ। କଳାତ୍ମକତା ପ୍ରଦର୍ଶନ ସହ ରୁଚିକର ତଥା ଯୁଗ ସହ ତାଳ ଦେଇ ଆଧୁନିକ ଡିଜାଇନର ଗହଣା ତିଆରି କରିବାର ଆହ୍ୱାନ ଏ କ୍ଷେତ୍ରରେ ରହିଛି। ଯେକୌଣସି ଇନଷ୍ଟିଚ୍ୟୁଟ୍‌ରୁ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ଆପଣ ନିଜର କର୍ମକ୍ଷେତ୍ରରେ ପାଦ ଥାପି ପାରିବେ।

### ଜୁଏଲେରୀ ଡିଜାଇନିଂର ଇତିହାସ

ଗହଣା ନିର୍ମାଣ ଜଗତରେ ଜୁଏଲେରୀ ଡିଜାଇନ ପାଠ୍ୟକ୍ରମ ସମ୍ପୂର୍ଣ୍ଣ ନୂଆ ହୋଇଥିଲେ ହେଁ ଗହଣା ଓ ଏହାର ନିର୍ମାଣ



କୌଶଳର ଉପଯୋଗ ପ୍ରାଚୀନ କାଳରୁ ହୋଇଆସୁଛି। ନିଜର ଉତ୍ପତ୍ତି ସମୟରୁ ମଣିଷ ଗହଣା ପ୍ରତି ଆକର୍ଷିତ ହୋଇଛି। ପ୍ରାରମ୍ଭରେ ପତ୍ରରେ ତିଆରି ମାଳ ଓ ମୁକୁଟ ପିନ୍ଧାଯାଉଥିଲା। ପରେ ପଥର ଓ ଏହା ପରେ ଧାତୁର ବ୍ୟବହାର ଆରମ୍ଭ ହେଲା। ସମୟକ୍ରମେ ସଭ୍ୟତା ବିକଶିତ ହେବା ସହିତ ସୁନା-ରୁପା ତଥା ହୀରା ଏବଂ ମୂଲ୍ୟବାନ ପଥର ଆବିଷ୍କାର ପରେ ଏହାକୁ ବ୍ୟବହାର କରି ଗହଣା ପ୍ରସ୍ତୁତ ହେବା ଆରମ୍ଭ ହେଲା। ଏଭଳି ଦେଖିଲେ ଜୁଏଲେରୀ ଡିଜାଇନ କାମ ହଜାର ହଜାର ବର୍ଷ ପୂର୍ବରୁ ଆରମ୍ଭ ହୋଇଯାଇଥିଲା।

ଧୀରେ ଧୀରେ ସମୟ ଅତିବାହିତ ହେଲା ଓ ବର୍ତ୍ତମାନ ଯୁଗର ଟେକ୍‌ନିକର ପ୍ରୟୋଗ ଆରମ୍ଭ ହେଲା। ଜୁଏଲେରୀ ଡିଜାଇନର ନୂଆ ନୂଆ କ୍ଷେତ୍ର ବିକଶିତ ହେବାକୁ ଲାଗିଲା ଏବଂ ସାରା ଦେଶରେ ଲକ୍ଷ ଲକ୍ଷ କାରିଗର ଏଦିଗରେ ଲାଗି ପଡିଲେ। ଦୈନିକ ନୂଆ ନୂଆ ଡିଜାଇନ ସାମ୍ନାକୁ ଆସିଲା। ଡିଜାଇନର ପ୍ରଚଳନ ଯୋଗୁ ଗହଣା ବ୍ୟବସାୟରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିଛି ଏବଂ ବର୍ତ୍ତମାନ ଏହା ସବୁଠାରୁ ମହଙ୍ଗା ବ୍ୟବସାୟରେ ପରିଣତ ହେଲାଣି। ଏହାର ଆଦର ବିଦେଶରେ ପହଞ୍ଚିଗଲାଣି ଏବଂ ବିଦେଶୀମାନେ ଭାରତୀୟ ଗହଣା ପ୍ରତି ଆକୃଷ୍ଟ ହେଲେଣି।

ଆଜିକାଲି ସୁନା, ରୁପାର ଗହଣା ମେଶିନରେ ତିଆରି ହେଲାଣି। ଯାହାକୁ କଷ୍ଟ୍ୟୁମ ଜୁଏଲେରୀ କୁହାଯାଉଛି। ଏହାଛଡା କମ୍ ମୂଲ୍ୟର ଧାତୁ ଅଥଚ ଦେଖିବାକୁ ସୁନ୍ଦର ଏଭଳି ଶସ୍ତା ସୁନ୍ଦର ମଜଭୁତ ଗହଣା ତିଆରି ହେବାରେ ଲାଗିଛି। ଏହାକୁ ସେମି ପ୍ରେସିୟସ ଜୁଏଲେରୀ କୁହାଯାଉଛି। ଏଥିରେ ଆର୍ଟ-କାରାଟ ଭଳି ଗହଣା ରହିଛି ଯେଉଁଥିରେ ନିଳମ, ମୋତି, ଶଙ୍ଖ, ସୁନ୍ଦର ପଥରକୁ ବ୍ୟବହାର କରାଯାଉଛି।

### ଜୁଏଲେରୀ ଡିଜାଇନ କୋର୍ସ

ଏହି କୋର୍ସରେ ସୁନା-ରୁପା ତଥା ଅନ୍ୟ ମୂଲ୍ୟବାନ ଧାତୁ ଗହଣାର ସୁନ୍ଦର ତଥା ଆକର୍ଷଣୀୟ ଡିଜାଇନ ପ୍ରସ୍ତୁତ କରିବା ଶିଖାଯାଏ। ଏହାଛଡା ମୁଙ୍ଗା, ମୋତି, ପାନ୍ନା, ନିଳମ ଆଦି ଗ୍ରହପଥରକୁ ଚିହ୍ନି ଏହାକୁ ତିଆରି କରିବା ଏବଂ ଧାତୁରେ ଏହାକୁ ଲଗାଇବା ଶିଖା ଯାଏ। ଏହାଛଡ଼ା ଗହଣାରେ ବ୍ୟବହୃତ ହେଉଥିବା ଅନେକ ପ୍ରକାର ଧାତୁ ସମ୍ପର୍କରେ ଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଏ। କାରଣ ଗହଣା କେବଳ ସୁନା ଓ ରୁପାର ତିଆରି ହୁଏ ନାହିଁ ବରଂ ପିତ୍ତଳ, ଆଲୁମିନିୟମ, ତମ୍ବା, ଷ୍ଟିଲ୍, ନିକେଲ, ଗିଲଟ ଆଦିର ତିଆରି କରାଯାଏ। ସିଲାବସ ଅନୁଯାୟୀ ପାଠ ପଢ଼ାଯିବା ସହ ପ୍ରୋଜେକ୍ଟ ଆସାଇନ୍‌ମେଣ୍ଟ ଦିଆଯାଏ ଏବଂ କ୍ରାଫ୍ଟ ଡକ୍ୟୁମେଣ୍ଟେଶନ ଦ୍ୱାରା ପ୍ରଶିକ୍ଷଣ ଦିଆଯାଏ। ବଡ଼ ସଂସ୍ଥାରେ ପ୍ରଶିକ୍ଷଣର ଅନ୍ତିମ ଚରଣରେ କୌଣସି ଗହଣା ନିର୍ମାତାଙ୍କ ନିକଟରେ ଛାତ୍ରୀଛାତ୍ରଙ୍କୁ ବ୍ୟବହାରିକ ଜ୍ଞାନ ମଧ୍ୟ ଦିଆଯାଏ। କୋର୍ସ ସମ୍ପୂର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଡିଜାଇନ ହୋଇଥିବା ଗହଣାକୁ କୌଣସି ବଡ଼ ଗହଣା ନିର୍ମାତାଙ୍କ ସହଯୋଗରେ ହୋଇଥିବା ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଏ।

### କିପରି ଡିଜାଇନ ହୁଏ

ଜଣେ ଜୁଏଲେରୀ ଡିଜାଇନର ଗହଣା ଡିଜାଇନ କରିବା ପୂର୍ବରୁ ପ୍ରଥମେ କଳ୍ପନାରେ ଏହାର ଏକ ସ୍କେଚ୍ ପ୍ରସ୍ତୁତ କରି କାଗଜରେ ରୂପ ଦେଇଥାନ୍ତି। ପରେ ଏଥିରେ ଯୋଡିବା ଅବା ବାଦ୍ ଦେବା ପ୍ରକ୍ରିୟା ଚାଲେ। ଏହି କାରଣରୁ ଜଣେ ଡିଜାଇନର ଭଲ ସ୍କେଚ୍ ଆର୍ଟିଷ୍ଟ ହେବାକୁ ପଡିବ। ଆଜିକାଲି କମ୍ପ୍ୟୁଟରରେ ମଧ୍ୟ ଡିଜାଇନ ତିଆରି କରାଯାଉଛି। ଏହାଛଡା ଗହଣା ନିର୍ମାତା ଏବଂ କିଛି ଅନ୍ୟ ଲୋକଙ୍କୁ ଦେଖାଇ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହେବା ପରେ ହି ଗୋଟିଏ ଡିଜାଇନକୁ ଫାଇନାଲ କରାଯାଏ।

## ଜୁଏଲେରୀ ଇନଷ୍ଟିଚ୍ୟୁଟ୍

୧) ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଫ୍ୟାଶନ ଟେକ୍ନୋଲୋଜି, ହୌସ୍‌ଖାସ୍, ନୂଆଦିଲ୍ଲୀ
୨) ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ, ପାଲଡି, ଅହମ୍ମଦାବାଦ
୩) ଜେଡି ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି, ୩୯, ଦର୍ୟାଚା ବିଲଡିଂ, ହୌସ୍‌ଖାସ୍ ଭିଲେଜ, ନୂଆଦିଲ୍ଲୀ
୪) ଆପିଜେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ, ନୂଆଦିଲ୍ଲୀ
୫) ସାଉଥ ଦିଲ୍ଲୀ ପଲିଟେକ୍ନିକ୍ ଫର୍ ଓମେନ, ନୂଆଦିଲ୍ଲୀ
୬) ଏକାଡେମୀ ଅଫ୍ ଫ୍ୟାଶନ ଷ୍ଟଡିଜ, ନୂଆଦିଲ୍ଲୀ
୭) ଜୁଏଲେରୀ ଡିଜାଇନ ଆଣ୍ଡ୍ ଟେକ୍ନୋଲୋଜି ଇନଷ୍ଟିଚ୍ୟୁଟ୍, ନୋଇଡା, ୟୁପି
୮) ଜେମ୍ସ ଆଣ୍ଡ୍ ଜୁଏଲେରୀ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍ , ଜୟପୁର, ରାଜସ୍ଥାନ
୯) ଜେ.କେ. ଡାଏମଣ୍ଡସ ଇନଷ୍ଟିଚ୍ୟୁଟ୍ ଅଫ୍ ଜେମ୍ସ ଆଣ୍ଡ୍ ଜୁଏଲେରୀ, ମୁମ୍ବାଇ, ମହାରାଷ୍ଟ୍ର

### ପ୍ରବେଶ

ଜୁଏଲେରୀ ଡିଜାଇନିଂରେ ପ୍ରବେଶ ଲାଗି ବଡ଼ ଏବଂ ଖ୍ୟାତିପ୍ରାପ୍ତ ସଂସ୍ଥାରେ ମାନସିକ ଦୃଢ଼ତା ପରୀକ୍ଷା ତଥା କ୍ରିଏଟିଭ ଆବିଲିଟି ସିଚ୍ୟୁଏଶନ ଟେଷ୍ଟ ଦେବାକୁ ପଡେ। ଏହା ପରେ ଇଣ୍ଟରଭ୍ୟୁରେ ସଫଳ ହେବା ପରେ ହିଁ ଜଣଙ୍କୁ ପାଠ ପଢ଼ିବା ଲାଗି ପ୍ରବେଶ ମିଳେ। ଏହି ପାଠ୍ୟକ୍ରମରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ହୋଇଥାଏ। ଏହାଛଡା ଘରୋଇ ଇନଷ୍ଟିଚ୍ୟୁଟ୍‌ରୁ ପାଠ ପଢ଼ି ଜଣେ ସଫଳ ବ୍ୟବସାୟୀ ହୋଇପାରିବ। ଏଥିରେ ପ୍ରବେଶ ଲାଗି ଜଣେ ଛାତ୍ରୀ/ଛାତ୍ରଙ୍କୁ ଦ୍ୱାଦଶ ଶ୍ରେଣୀରେ ୫୫ରୁ ୬୦ ପ୍ରତିଶତ ମାର୍କ ରଖିବାକୁ ପଡିବ।

### କୋର୍ସ ଅବଧି

ଜୁଏଲେରୀ ଡିଜାଇନ ସମ୍ପର୍କିତ ପାଠ୍ୟକ୍ରମର ଅବଧି ଭିନ୍ନ ଭିନ୍ନ ହୋଇଥାଏ। କାରଣ ବିଭିନ୍ନ ସଂସ୍ଥା ଏଥିପାଇଁ ନିଜସ୍ୱ ଅବଧି ଚୟନ କରିଥାନ୍ତି। ଏହା ୪ ମାସରୁ ଆରମ୍ଭ ହୋଇ ୪ ବର୍ଷ ଯାଏ ଶିକ୍ଷା ନିଆଯାଇପାରେ।

### ଆୟ

ଭଲ ଇନଷ୍ଟିଚ୍ୟୁଟ୍‌ରୁ ଉକ୍ତ କୋର୍ସ କରିଥିଲେ ଆରମ୍ଭରୁ ୭ ହଜାରରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ବେତନ ମିଳିଥାଏ। ଏହା ପରେ ଯୋଗ୍ୟତା ଓ ଅଭିଜ୍ଞତା ଆଧାରରେ ଦରମା ବଢ଼େ। ଅଭିଜ୍ଞତା ଆଧାରରେ ୫୦ ହଜାର ବା ତତୋଽଧିକ ବେତନ ମିଳିବାର ସମ୍ଭାବନା ରହିଛି। ଏହା ଏଭଳି ଏକ କ୍ଷେତ୍ର ଯେଉଁଠି ଅଭିଜ୍ଞତା ହାସଲ ପରେ ପ୍ରଚୁର ଅର୍ଥ ରୋଜଗାର କରିବାର ସୁଯୋଗ ରହିଛି। ଜୁଏଲେରୀ ଡିଜାଇନିଂ ଗହଣା ବ୍ୟବସାୟର ମେରୁଦଣ୍ଡ କୁହାଯାଏ। କିଛି ଡିଜାଇନର ସ୍ୱତନ୍ତ୍ର ଭାବେ କାମ କରନ୍ତି। ସେମାନେ ଗୋଟିଏ ଷ୍ଟାର ପରେ ଲକ୍ଷ ଲକ୍ଷ ଟଙ୍କା ଆୟ କରନ୍ତି।

**WANTED**
VIGEN INDIA required Male/ Female candidates for office Job in Nayapalli and Lewis Road Branch. **Age:** 20-30. **Edu:** 10th to Graduate.
Contact: 9348916882

**SALES MAN WANTED**
A reputed Shoe Show Room at Puri requires Salesman.
**Qualification:** 10th above.
Contact: 9040199889

**DRIVER REQUIRED**
12/14 ଚକିଆ Truck ଏବଂ Fly Ash Bulker/Tanker ଚଳାଇବା ପାଇଁ ଅନ୍ୟୁନ 5 ବର୍ଷର Experience ଥିବା Driver ଆବଶ୍ୟକ। Salary best in Industries.
Contact: 9090848325

**WANTED**
ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କଲେଜ ନିମନ୍ତେ ବସ୍ ଡ୍ରାଇଭର/ କାର ଡ୍ରାଇଭର/ ପିଅନ ଓ ହାଉସକିପିଂ Staff ଆବଶ୍ୟକ। ରହିବା ବ୍ୟବସ୍ଥା ଅଛି।
**BIMSR,** 1480, IRC Village, Bhubaneswar.
9040009727, 8456845313

**RALLIS INDIA LTD**
REQUIRED
Post : CROP ADVISOR(03)
Job Profile : Sales & Marketing (Agrochemicals)
Salary : Rs.12,000 - 14,000
Send Biodata : ajayk.singh@rallis.co.in
Last Date : 22.11.18.
Contact: 9439511339, 6370377100

**GRAPHIC DESIGNER**
**DTP OPERATOR**
**OFFICE ASST.** | **PEON**
Walk in Interview
( 23.11.2018 , 11am to 2pm )
MCPL ,#31 Gautam Nagar ,1st Floor, BBSR. Ph : 8249416516
*need only male candidates*

**REQUIRED**
• **SALES BOY** for Office & Godown work (Undermatric)
• **DRIVER** for private vehicles.
**H.R. Trading Co.,** 57, Budha Nagar, Near Kalpana Sqr., BBSR - 06, Ph : 0674-2310921

**WANTED TEACHERS**
A leading Play School in Sisupalagarh, Bhubaneswar requires Pre-Primary Teachers (Female) 03 (Three Numbers). Freshers may apply.
Contact
9178086321, 9348487933

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
**Rs. 18000/-** ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

ଓଡ଼ିଶାର ବିଭିନ୍ନ ହାଇସ୍କୁଲ ପାଇଁ କମ୍ପ୍ୟୁଟର ଶିକ୍ଷକ ଆବଶ୍ୟକ। ଯୋଗ୍ୟତା: +3, PGDCA, ଦରମା: ଟ.୧୨,୦୦୦/-। ବିଭିନ୍ନ କମ୍ପାନୀ ପାଇଁ ITI, Diploma, Degree ପ୍ରାର୍ଥୀ ଆବଶ୍ୟକ।
India Jobs & Services.
8117853127, 7992880344, 9090409265

**EXIDE LIFE INSURANCE IS HIRING !**
We invite you to be part of a winning performance culture
**ROLE : BRANCH MANAGER & AGENCY DEVELOPMENT MANAGER**
Eligibility : Graduate with min. 3 years of Experience in Life Insurance.
Salary : As per the Industry + Variable
Location : Puri, Kendrapara, Angul, Baripada, Jajpur, Jharsuguda, Aska (Near Berhampur)
Interested Candidates can call on
**8908022111/ 9748686600**
**Email : jayati.basu@exidelife.in**
Exide Life Insurance Company Limited (Formerly known as ING Vysya Life Insurance Company Limited), CIN: U66010KA2000P-LC028273. Registered office: 3rd floor, JP Techno Park, No.3/1, Millers Road, Bengaluru- 560001, India. Toll Free : 18004198228, visit : exidelife.in

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

ଭୁବନେଶ୍ୱରରେ ରହି କାମ କରିବା ପାଇଁ **Computer Operator** ସହିତ **Screen Printing** ଜାଣିଥିବା ମହିଳା ପ୍ରାର୍ଥିନୀ ଆବଶ୍ୟକ। ଆକର୍ଷଣୀୟ ଦରମା ସହିତ ରହିବାର ସୁବିଧା ଅଛି।
Walk in Interview
( 19 & 23 Nov.'18 , 11am to 2pm )
MCPL ,#31 Gautam Nagar ,1st Floor, BBSR. Ph : 8249416516

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**WANTED**
ଧରିତ୍ରୀ DHARITRI Oriya daily is looking for
**OFFICE ASSISTANTS**
• Required Intermediate male candidates having 1-2 yrs. experience in assisting administration team.
Apply immediately to :
recruitment@dharitri.com
Attractive salary commensurate with experience

REQUIRES
**SALES EXECUTIVE**
Graduates having smart and dynamic personality with 2 to 3 years experience in sales and collection for Bhubaneswar location may apply.
Salary: (Negotiable+TA+Incentive)
Mobile : 7077799953, Email : rs.jagannath@gmail.com

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ବାଲେଶ୍ୱର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319945331

**URGENTLY REQUIRED**
SAVhome.in (A Unit of SAVson Solutions Pvt. Ltd)
**Marketing Executive** for Bhubaneswar
**Qualification:** Any Graduate
**Salary:** 5,000/- to 10,000/- + Incentive
Walk In Interview
17.11.2018 (Sunday), 10 A.M. to 5 P.M.
E-mail: career@savhome.in
Plot-75, Saptasati Vihar, Near Saptasati Temple, Palasuni, BBSR-25, Phone: 8117-8118-13

# ADVERTISEMENT

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH

### DISTRICT HEALTH SOCIETY, BARGARH

**No.: 10086/NHM/2018** **Date: 15.11.2018**

**Walk-in-Interview** will be conducted as mentioned below for **empanelment of Part Time Specialists - O&G/Paediatric/Medicine/Psychiatric/Nutritionist/ Ophthalmology/Dental/ENT/Skin & VD** to be engaged in **AMA CLINIC at UPHC** in Bargarh Municipality area on part time basis and subject to approval as per terms & conditions of OSH&FWS, Odisha or Zilla Swasthya Samiti, Bargarh.

| Name of the Post | No. of Vacancy | Remuneration | Date of Registration / Interview |
|---|---|---|---|
| Part Time O&G Specialist | 2 | Rs.1250/- per Session (First or Second Session) Rs.2500/- per Day | Walk-in-Interview on Dt.28.11.2018 at 10.00 A.M. |
| Part Time Paediatric Specialist | 2 | | |
| Part Time Medicine Specialist | 2 | | |
| Part Time Ophthalmology Specialist | 2 | | |
| Part Time Dental Specialist | 2 | | |
| Part Time ENT Specialist | 2 | | |
| Part Time SKIN & VD Specialist | 2 | | |
| Part Time Psychiatric Specialist | 1 | For Psychiatric Specialist Rs.1250/- per Session (First or Second Session) Rs.2500/- per Day; For Clinical Psychologist Rs.1000/- per Day | |
| Part Time Nutritionist Specialist | 1 | Rs.1000/- per Day | |

** Days & Time of Service: Fixed day assured specialist service will be provided in the UPHC OPD/Outreach services (when required). OPD will be opened once in a week from 8 A.M. to 11 A.M. and 5 P.M. to 8 P.M. (6 hours a day), 4 days in a month per UPHC. Separate OPD register will be maintained for specialist service.

The interested candidates for the aforesaid posts may attend the **Walk-in-Interview at Office of the CDM&PHO, Bargarh on Dt.28.11.2018 at 10.00 A.M.** (registration for the same will be started from 10.00 A.M. to 12.00 Noon) along with their bio-data in specified format (same as application form) and attested photocopies of required testimonials along with original documents for verification. After due time no registration will be accepted. The details of eligibility criteria, remunerations & application form can be downloaded from the official website of Bargarh district i.e. **www.bargarh.nic.in**. Incomplete application in any form will be summarily rejected. The undersigned reserves the right to cancel any or all applications without assigning any reason thereof. No personal inquiry shall be entertained.

**Sd./- Chief District Medical & Public Health Officer, Bargarh**

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

**REQUIRED**
• **MARKETING BOY** for BATHROOM FITTINGS.
• **ACCOUNTANT** with exp. of Tally 9.
**H.R. Trading Co.,** 57, Budha Nagar, Near Kalpana Sqr., BBSR - 06, Ph : 0674-2310921, mail : hrtrading.co.in@gmail.com

ଭୁବନେଶ୍ୱରରେ ଘରୋଇ ରୋଷେଇ ପାଇଁ ରୋଷେୟା(COOK) ପୁରୁଷ / ମହିଳା ଆବଶ୍ୟକ ଏବଂ ଘରୋଇ ବଗିଚା ପାଇଁ ଭୁବନେଶ୍ୱରରେ PART TIME ମାଳୀ ଆବଶ୍ୟକ।
ଯୋଗାଯୋଗ: ୯୯୩୭୨୦୩୧୭୮

**WANTED**
**SALES / MARKETING EXECUTIVE**
**For Sales & Marketing of Industrial Products**
**LOCATION – GANJAM & BALANGIR, ODISHA**
**Job Responsibilities:** Increasing customer base, identity and develop new opportunities, service existing clients, market monitoring.
**Candidate's Requirements:**
• Minimum Qualification Required – Graduate in any Stream.
• Experience in Marketing of Industrial Product & field visit will be preferred.
• Only local candidate with own bike will be preferred.
• Possess Marketing & Communication Skills & hard worker.
• Language should be known Hindi, English & Oriya.
Please Contact: **7631999639, 7631999266** Or Interested Candidates send their CV with recent photograph on
**hr@purohitconveyor.com**

## PARADIP PORT TRUST

PARADIP - 754142, ODISHA (INDIA) SAGARMALA

(An autonomous body under Ministry of Shipping, Govt. of India)

**No. AD/RSC-I-21/66/2011/3976** **Dated, the 5th Nov., 2018**

**ADVERTISEMENT**

Applications are invited from Indian Nationals for filling up following **Class-I posts** on **absorption / deputation** basis in Paradip Port Trust.

1. Dy. C.M.O (Surgery)
2. Dy. C.M.O. (Obstetrics & Gynaecology)
3. Dy. C.M.O. (Pediatrics)
4. Dy. C.M.O. (Orthopaedic)
5. Dy. C.M.O. (Pathology)
6. Dy. C.M.O. (Anesthesiology)

For further details, refer to our website **www.paradipport.gov.in**

*PPT/PR/462/18-19 Dt.12.11.2018* **Secretary**

**SWETA SUPER BAZAR**
required experienced Cashier/ Computer Operator, Salesman.
7008731441

**ଆବଶ୍ୟକତା।**
**ଶିପିଂ କମ୍ପାନୀରେ**
ଦଶମ, ଦ୍ୱାଦଶ ଏବଂ ସ୍ନାତକ ପ୍ରାର୍ଥୀଙ୍କର ତାଲିମ ପରେ କ୍ୟାରିୟର ଆରମ୍ଭ କରନ୍ତୁ
25,000ରୁ 35,000 ଦରମା + ଅନ୍ୟାନ୍ୟ ସୁବିଧା ସହିତ
ବୟସ:- 18 ରୁ 25 ବର୍ଷ
ଯୋଗାଯୋଗ- 08766655532
ଇମେଲ୍: careerpoint821@gmail.com

## OFFICE OF THE CHAIRMAN, DLSA, DHENKANAL

**Dated, 15th day of November, 2018**

**Walk-In-Interview**

Willing and eligible retired Court/ Govt. Employees are required to attend Walk-In-Interview for engagement in the Post of one Stenographer and one Head Clerk on contract basis and **may attend on 01.12.2018 at 3.00 PM in the Civil Court Premises, Dhenkanal.** The candidate(s) is/are required to remain present **before 1.00 PM** on the said date with the original and other requisite documents in the **ADR, Building near old S.P. office, Dhenkanal** for verification of documents for the purpose of interview. **N.B.: For Format of Application, Eligibilities of the candidates, Age, List of Documents and other details may visit the link below. https://districts.ecourts.gov.in/dhenkanal and www.dhenkanal.nic.in.**

**Sd./- Sri Taraprasad Rath**
**Chairman**
**District Legal Services Recruitment Committee, Dhenkanal**

**SWIGGY REQUIRES**
Work Full Time/ Part Time with Swiggy as a
**DELIVERY EXECUTIVE**
(Bike and DL) and
**earn up to 12000 - 25000 / month**
(Incentives and Insurance worth 6 lakhs extra).
**Walk-in at Swiggy office at**
**Gulmohar Building,** Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012
or give a missed call or call us on
**011 30017619**

## ଭାରତୀୟ ରିଜର୍ଭ ବ୍ୟାଙ୍କ୍ ସର୍ଭିସେସ୍ ବୋର୍ଡ, ମୁମ୍ବାଇ

www.rbi.org.in

**ବିଜ୍ଞାପନ ସଂଖ୍ୟା. ୪/୨୦୧୮-୧୯**

୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| ପଦବୀ | ଖାଲିଥିବା ସ୍ଥାନ |
|---|---|
| ଗବେଷକ ପଦବୀ ନିମନ୍ତେ ପି.ଏଚ୍‌ଡି. (Ph.D.) ଗ୍ରେଡ୍ 'ବି' | ୧୪ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in) ରେ ଅକ୍ଟୋବର ୩୦, ୨୦୧୮ରେ ପ୍ରକାଶିତ ବିଶଦ ବିଜ୍ଞାପନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀ ଗୁଡିକ ପାଇଁ କେବଳ ଅନଲାଇନ୍ ରେ ବ୍ୟାଙ୍କର ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।


୩. ଗୁରୁତ୍ୱପୂର୍ଣ୍ଣ ତାରିଖ :

| | |
|---|---|
| ୱେବସାଇଟ୍ ଲିଙ୍କ ଉନ୍ମୁକ୍ତ-ଅନଲାଇନ୍ ଦରଖାସ୍ତ ରେଜିଷ୍ଟ୍ରେସନ ଓ ଫିସ୍ (fees)/ସୂଚନା ଦେୟ ପ୍ରଦାନ ନିମନ୍ତେ | ଅକ୍ଟୋବର ୩୦, ୨୦୧୮ ରୁ ନଭେମ୍ବର ୩୦, ୨୦୧୮ |
| ନିର୍ଦ୍ଧାରିତ ଫିସ୍ (fees) ସହିତ ଅନଲାଇନ୍ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ | ନଭେମ୍ବର ୩୦, ୨୦୧୮ |

ଦ୍ରଷ୍ଟବ୍ୟ : ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟ୍ ରେ ପ୍ରକାଶିତ ହେବ।

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



“ କମ୍ ଖର୍ଚ୍ଚରେ ଭଲ ସଡ଼କ ନିର୍ମାଣ ନେଇ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।
– ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ



“ ଗ୍ରାହକମାନେ ଦିନକୁ ଦିନ ସ୍ୱାସ୍ଥ୍ୟ ସଚେତନ ହେଉଥିବାରୁ ଆମେ ଖାଦ୍ୟ ତଥା ପାନୀୟ ସେଗ୍‌ମେଣ୍ଟରେ ଭଲ ଅଭିବୃଦ୍ଧି କରୁଛୁ।
– ଟାଟା ସନ୍ସ, ବ୍ରାଣ୍ଡ କଷ୍ଟୋଡିଆନ୍

## ସଂକ୍ଷେପରେ

### ପିଏନ୍‌ବିର ପୂର୍ବତନ ଅଧିକାରୀଙ୍କ ବିରୋଧରେ ମାମଲା

**ନୂଆଦିଲ୍ଲୀ,୧୬-୧୧:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ପୂର୍ବତନ ଡେପୁଟି ମ୍ୟାନେଜର ଗୋକୁଳନାଥ ସେଟ୍ଟିଙ୍କ ବିରୋଧରେ ସିବିଆଇ ପକ୍ଷରୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ଦାଏର କରାଯାଇଛି। ସେ ନୀରବ ମୋଦି ମହାଦୁର୍ନୀତି ମାମଲାରେ ଅନ୍ୟତମ ଅଭିଯୁକ୍ତ ରହିଛନ୍ତି। ମୁମ୍ବାଇସ୍ଥିତ ସିବିଆଇର ଦୁର୍ନୀତି ବିରୋଧୀ ଶାଖା ପକ୍ଷରୁ ସେଟ୍ଟି, ତାଙ୍କ ପତ୍ନୀ ଆଶାଲତାଙ୍କ ବିରୋଧରେ ମାମଲା ଦାଏର କରାଯାଇଛି। ଏହି ଦମ୍ପତି ୨୦୧୧ ଏପ୍ରିଲ ପହିଲାରୁ ୨୦୧୭ ମେ ୩୧ ମଧ୍ୟରେ ୨.୬୩ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ ବୋଲି ସିବିଆଇ ଅଭିଯୋଗ କରିଛି।

### ମିଶିଯିବେ ମିନ୍ତ୍ରା-ଜବଙ୍ଗ

**ନୂଆଦିଲ୍ଲୀ,୧୬-୧୧:** ଅନଲାଇନ ଫ୍ୟାଶନ ରିଟେଲର ମିନ୍ତ୍ରା ଏହାର ସହଯୋଗୀ କମ୍ପାନୀ ଜବଙ୍ଗକୁ ନିଜ ସହ ମିଶାଇ ଦେବ ବୋଲି ଶୁକ୍ରବାର ପ୍ରକାଶ କରିଛି। ତେବେ ଦୁହେଁ ସ୍ୱତନ୍ତ୍ର ଭାବେ ବ୍ୟବସାୟ କରିବେ। ଅନ୍ୟପକ୍ଷରେ ମିନ୍ତ୍ରାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନନ୍ତ ନାରାୟଣନ ମିଶ୍ରଣ ପରେ ଏହାର ନେତୃତ୍ୱ ନେବେ। ସୂଚନାଥାଉ କି, ୨୦୧୪ରେ ଫ୍ୟାଶନ ପୋର୍ଟାଲ ମିନ୍ତ୍ରାକୁ ଫ୍ଲିପ୍‌କାର୍ଟ ଅଧିଗ୍ରହଣ କରିଥିଲା। ଏହା ପରେ କମ୍ପାନୀ ୨୦୧୬ରେ ଜବଙ୍ଗକୁ ନିଜର ସହଯୋଗୀ କମ୍ପାନୀ ଭାବେ ନେଇଥିଲା। ଏହି ମିଶ୍ରଣ ପରେ ମିନ୍ତ୍ରା ଓ ଜବଙ୍ଗ ନିଜର ବ୍ୟବସାୟରେ ପରିବର୍ତ୍ତନ ଆଣିବେ ଏବଂ ବ୍ୟବସ୍ଥାକୁ ସୁଦୃଢ଼ କରିବେ ବୋଲି ମିନ୍ତ୍ରା ପକ୍ଷରୁ କୁହାଯାଇଛି।

### ଟେଲିଫୋନ ବିଲ୍‌ର ପ୍ରିଣ୍ଟଆଉଟ୍ ବିକଳ୍ପ ଖୋଜୁଛି ଟ୍ରାଇ

ନୂଆଦିଲ୍ଲୀ,୧୬-୧୧: ଟେଲିଫୋନ ଉଦ୍ୟୋଗର ନିୟନ୍ତ୍ରକ କୁହାଯାଉଥିବା ଭାରତୀୟ ଦୂରସଞ୍ଚାର ବିନିୟାମକ ପ୍ରାଧିକରଣ(ଟ୍ରାଇ) ପୋଷ୍ଟପେଡ୍ ଟେଲିଫୋନ ବିଲ୍ ଛପାର ବିକଳ୍ପ ଖୋଜିବା ଆରମ୍ଭ କରିଛି। ଏହାକୁ ନେଇ ଲୋକଙ୍କଠାରୁ ପରାମର୍ଶ ମଗାଯାଇଛି। ଇଲେକ୍ଟ୍ରୋନିକ ମାଧ୍ୟମରେ ବିଲ୍ ପଠାଇବାର ବ୍ୟବସ୍ଥା ଆପଣାଇବା ଉଦ୍ଦେଶ୍ୟରେ ନିୟମ ପ୍ରଣୟନ କରିବାକୁ ଟ୍ରାଇ ଚାହୁଁଛି। ଏହାଦ୍ୱାରା କାଗଜ ସଞ୍ଚୟ ହେବା ସହିତ ଦୈନିକ ଲକ୍ଷ ଲକ୍ଷ ଗଛ କଟାକୁ ରୋକାଯାଇପାରିବ। ଫଳରେ ପରିବେଶ ସନ୍ତୁଳନକୁ ରକ୍ଷା କରାଯାଇପାରିବ। ଆଜିକାଲି ସ୍ମାର୍ଟଫୋନରେ ଡାଟା ଉପଯୋଗ ଯେଭଳି ଭାବେ ବଢ଼ିଚାଲିଛି ଇଲେକ୍ଟ୍ରୋନିକ ବିଲ୍ ପଠାଇବା ବ୍ୟବସ୍ଥା ଅଧିକ ତର୍କସଙ୍ଗତ ଲାଗୁଛି। ଏଥିପୂର୍ବରୁ ପୋଷ୍ଟପେଡ ଉପଭୋକ୍ତାଙ୍କୁ ବିଲ୍ ଦେବା ଲାଗି ଟ୍ରାଇ ଟେଲିକମ ଅପରେଟରଙ୍କୁ ନିର୍ଦ୍ଦେଶ ଦେଇଥିଲା।

# କଟିଯିବ କୋଟିଏ ଏଲ୍‌ପିଜି ସଂଯୋଗ

ନୂଆଦିଲ୍ଲୀ,୧୬-୧୧




- ବାଧ୍ୟତାମୂଳକ ଥିଲେ ସୁଦ୍ଧା ଗ୍ରାହକ ଦେଇନାହାନ୍ତି କେୱାଇସି
- ଦାଖଲ ଲାଗି ଚଳିତ ମାସ ୩୦ ପର୍ଯ୍ୟନ୍ତ ସୁଯୋଗ
- ଡିସେମ୍ବର ପହିଲାରୁ ଗ୍ରାହକଙ୍କୁ ମିଳିବନି ଗ୍ୟାସ୍
- କେୱାଇସି ଦେବେ ସଂଯୋଗ ଛାଡିଥିବା ଗ୍ରାହକ

ପେଟ୍ରୋଲିୟମ ମନ୍ତ୍ରଣାଳୟ ଚଳିତ ବର୍ଷ ଡିସେମ୍ବର ପହିଲାରୁ ୧ କୋଟି ଏଲ୍‌ପିଜି ଗ୍ରାହକଙ୍କ ସଂଯୋଗ କାଟିବାକୁ ସ୍ଥିର କରିଛନ୍ତି। ଅଭିଯୋଗ ଯେ, ବହୁ ଗ୍ରାହକ ଡିଲରଙ୍କ ନିକଟରେ ସେମାନଙ୍କ 'ନୋ ୟୋର କଷ୍ଟମର' ବା କେୱାଇସି ଦାଖଲ କରିନାହାନ୍ତି। ସରକାର ଏଥିପାଇଁ ଏଲ୍‌ପିଜି ଗ୍ରାହକଙ୍କୁ ଚଳିତ ବର୍ଷ ନଭେମ୍ବର ୩୦ ଯାଏ ସମୟ ଦେଇଛନ୍ତି। ଏହି ତାରିଖ ସୁଦ୍ଧା କେୱାଇସି ଦାଖଲ ହୋଇ ନ ଥିଲେ ଡିସେମ୍ବର ପହିଲାରୁ ଗ୍ରାହକଙ୍କୁ ଆଉ ଗ୍ୟାସ୍ ଦିଆଯିବ ନାହିଁ।

ଉଲ୍ଲେଖଥାଉ କି, ଡିସେମ୍ବର ପହିଲା ସୁଦ୍ଧା କେୱାଇସି ଅନ୍ତର୍ଗତରେ ଆଧାର ନମ୍ବର ଜମା କରି ନ ଥିବା ଗ୍ରାହକଙ୍କ ସମ୍ପର୍କରେ ତଥ୍ୟ ଦେବାକୁ କେନ୍ଦ୍ର ସରକାର ସମସ୍ତ ତୈଳ ବିପଣନ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି। ଏହାଛଡ଼ା 'ଗିଭ୍ ଇଟ୍ ଅପ୍' ସ୍କିମ୍‌କୁ ଆପଣାଇଥିବା ଗ୍ରାହକଙ୍କ ସମ୍ପର୍କରେ ମଧ୍ୟ ସରକାର ଜାଣିବାକୁ ଚାହିଁଛନ୍ତି। ସେମାନେ କେୱାଇସି ଦାଖଲ କଲେ ଜାଲ୍ ଗ୍ରାହକଙ୍କୁ ସହଜରେ ଧରିହେବ। ସେମାନେ ସବ୍‌ସିଡିରୁ ବାଦ୍ ପଡିବେ। ସରକାରଙ୍କ ଅର୍ଥ ବାଟମାରଣା ହୋଇପାରିବ ନାହିଁ। ଏହାଦ୍ୱାରା ପ୍ରକୃତ ହିତାଧିକାରୀଙ୍କୁ ଏଲ୍‌ପିଜି ଗ୍ୟାସ୍ ସଂଯୋଗ ମିଳିପାରିବ। ସୂଚନାଥାଉ କି, ୩ ବର୍ଷ ପୂର୍ବେ ସରକାର ଗ୍ୟାସ୍ ସଂଯୋଗ ଲାଭାର୍ଥୀଙ୍କୁ ବ୍ୟାଙ୍କ ଖାତା ସହ ଯୋଡିବା ଯୋଜନା ଆରମ୍ଭ କରିଥିଲେ। ଏହାଦ୍ୱାରା ସବ୍‌ସିଡିକୁ ସିଧାସଳଖ ସେମାନଙ୍କ ଖାତାରେ ପହଞ୍ଚାଇ ଦେଇହେଉଛି। ତେବେ ଦେଖିବାକୁ ମିଳିଛି ଯେ, ଏଲ୍‌ପିଜି ଗ୍ୟାସ ସଂଯୋଗ ନେଇଥିବା ଅଧିକାଂଶ ଗ୍ରାହକ ସେମାନଙ୍କ କେୱାଇସି ଡିଲରଙ୍କ ନିକଟରେ ଦାଖଲ କରିନାହାନ୍ତି। ଫଳରେ ସେମାନେ ଗ୍ୟାସ୍ ସବ୍‌ସିଡିରୁ ବଞ୍ଚିତ ହେଉଛନ୍ତି। ଏହାଛଡା ବାର୍ଷିକ ୧୦ ଲକ୍ଷ ଟଙ୍କା ବା ଏହାଠାରୁ ଅଧିକ ଆୟକାରୀ ମଧ୍ୟ ଏଲପିଜି ସବ୍‌ସିଡିର ଫାଇଦା ନେଉଛନ୍ତି। ସେମାନେ ନିଜର କେୱାଇସିର ଅପ୍‌ଡେଟ ବା ସଂଶୋଧନ କରିନାହାନ୍ତି। ଏଭଳି ଗ୍ରାହକଙ୍କ ସଂଖ୍ୟା ଦିଲ୍ଲୀ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରରେ ଅଧିକ ଦେଖିବାକୁ ମିଳିଛି। କେୱାଇସି ଲାଗି ଗ୍ରାହକ ତାଙ୍କର ଆଧାର, ଡ୍ରାଇଭିଂ ଲାଇସେନ୍ସ, ଲିଜ୍ ଏଗ୍ରିମେଣ୍ଟ, ଭୋଟର ଆଇକାର୍ଡ,ଟେଲିଫୋନ/ବିଦ୍ୟୁତ୍ /ପାଣି ବିଲ୍, ପାସପୋର୍ଟ, ରାଶନ କାର୍ଡ, ଫ୍ଲାଟ୍ ଆଲଟମେଣ୍ଟ ଏବଂ ପଜେସନ ଲେଟର, ଏଲ୍‌ଆଇସି ପଲିସି, ବ୍ୟାଙ୍କ/କ୍ରେଡିଟ କାର୍ଡର ଷ୍ଟେଟ୍‌ମେଣ୍ଟ ଆଦି ଦେଇପାରିବେ।

## ଟାଇଟନର ଇକୋ ଅଭିଯାନ



ଭୁବନେଶ୍ୱର,୧୬-୧୧

ଟାଟା ଗ୍ରୁପ ସହଯୋଗରେ ଟାଇଟନ କମ୍ପାନୀ ପକ୍ଷରୁ ଇକୋ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ଲାଟଫର୍ମରେ ଟାଇଟନର ବିଜନେସ ଆସୋସିଏଟ୍ ତଥା ଅନ୍ତର୍ଜାତୀୟ ସ୍କେଟର ରାଣା ଉପାଲପତି ଯୋଡି ହୋଇଛନ୍ତି। ଏହି ଅବସରରେ ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅଭିଯାନ ଅନ୍ତର୍ଗତ ରାଣା ୯୦ ଦିନର ନିଜର ସ୍କେଟିଂ ଦ୍ୱାରା ଭାରତର ସ୍ୱର୍ଣ୍ଣିମ ଚତୁର୍ଭୁଜ ଯାତ୍ରାରେ ବାହାରିଛନ୍ତି। ହୋସୁର ଘଣ୍ଟା କାରଖାନାରୁ ସେ ଯାତ୍ରା ଆରମ୍ଭ କରିଥିଲେ। ବିଭିନ୍ନ ସହର ପରିଭ୍ରମଣ କରିବା ପରେ ସେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ୪ ହଜାର କିମି ଅତିକ୍ରମ କରି ସାରିଛନ୍ତି। ୯,୦୦୦ରୁ ଅଧିକ ବାଳିକାଙ୍କ ଶିକ୍ଷା ଲାଗି ସେ ପାଣ୍ଠି ଯୋଗାଡ କରିବେ। ପ୍ରାୟ ୬ ଲକ୍ଷ ବାଳିକାଙ୍କ ସୁରକ୍ଷା ଲାଗି ସେ ସଚେତନତା ସୃଷ୍ଟି କରିବେ। ଏଭଳି ଅଭିଯାନ ଅତି ରୋମାଞ୍ଚକର ହୋଇଥିବା ଏହା ପ୍ରକୃତି ସହ ଯୋଡି ରଖିବାରେ ସହାୟତା କରୁଥିବା କମ୍ପାନୀର ଏମ୍‌ଡି ଭାସ୍କର ଭଟ୍ଟ ସୂଚନା ଦେଇଛନ୍ତି। ଏଭଳି ଅଭିଯାନ ବାଳିକାଙ୍କ ଶିକ୍ଷା ନିମନ୍ତେ ବିଶେଷ ଭାବେ ସହାୟକ ହେବ ବୋଲି କମ୍ପାନୀର କର୍ପୋରେଟ ସଷ୍ଟେନେବିଲିଟି ଏଭିପି ଓ ମୁଖ୍ୟ ଏନ୍.ଇ. ଶ୍ରୀଧର ସୂଚନା ଦେଇଛନ୍ତି। ଏହି ଅଭିଯାନ ସହ ଯୋଡି ହୋଇ ବହୁତ ଖୁସି ବୋଲି ରାଣା କହିଛନ୍ତି।

# ଏମ୍‌ଏମ୍‌ଇଙ୍କୁ ଏସ୍‌ବିଆଇର ୨୫୬୭୨ କୋଟି ଋଣ

ଭୁବନେଶ୍ୱର,୧୬-୧୧




ଭାରତୀୟ ଷ୍ଟେଟ ବ୍ୟାଙ୍କ ରାଜ୍ୟରେ ୩.୨୫ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡିକୁ ମୋଟ୍ ୩୨୪୮.୩୧ କୋଟି ଟଙ୍କାର ଋଣ ଦେଇଛି। ସେହିଭଳି ବ୍ୟାଙ୍କ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗଗୁଡିକୁ ୨୫,୬୭୨ କୋଟି ଟଙ୍କାର ଋଣ ଯୋଗାଇ ଦେଇଛି। ଏହି ସମୟରେ ବ୍ୟାଙ୍କର କାସା ଅନୁପାତ ୫୦.୩୩% ରହିଛି। ସେହିଭଳି ଜମା ପରିମାଣ ୯୬,୩୩୦ କୋଟି ଟଙ୍କା ରହିଛି। କୃଷି କ୍ଷେତ୍ରକୁ ୩୨୮୯ କୋଟି ଟଙ୍କାର ଅଗ୍ରୀମ ପ୍ରଦାନ କରାଯାଇଛି। ଅପରପକ୍ଷରେ ଅଗ୍ରାଧିକାର କ୍ଷେତ୍ରକୁ ଏହା ୪୪.୭୬% ରହିଛି ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟଠାରେ ଏହି ସୂଚନା ଦେଇଛନ୍ତି। ରାଜ୍ୟରେ ବ୍ୟାଙ୍କର ୩୯୯୧ ସର୍ଭିସ ପଏଣ୍ଟ ରହିଛି। ଏହା ନିୟମିତ ଶାଖା, କ୍ଷୁଦ୍ର ଶାଖା ଦ୍ୱାରା ସେବା ଯୋଗାଇ ଦେଉଛି। ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ ବ୍ୟାଙ୍କ କାର୍ଯ୍ୟ କରୁଛି। ଓଡିଶାରେ ଏସ୍‌ବିଆଇର ୨୮୫୪ ଏଟିଏମ୍ ରହିଛି ବୋଲି କୁମାର ସୂଚନା ଦେଇଛନ୍ତି। ଓଡିଶାରେ ବ୍ୟାଙ୍କର ୮୮୩ ଶାଖା ରହିଛି। ଏହା ମଧ୍ୟରେ ୫୨୨ ରୁରାଲ ସେଣ୍ଟର, ୧୮୪ ଅର୍ଦ୍ଧ ସହରାଞ୍ଚଳ, ସହରାଞ୍ଚଳରେ ୧୭୭ ଶାଖା ସ୍ଥାନିତ ହୋଇଛି। କାର୍ଯ୍ୟକ୍ରମ ଅବସରରେ ଏସ୍‌ବିଆଇ ସିଜିଏମ୍ ପ୍ରବିଣା କାଲା, ସିଜିଏମ୍ ଗିରିଧର କିନି, ଡିଜିଏମ୍ ଏସ୍.ଟି ଲାମା ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟାଇଲ ସ୍ପା ପକ୍ଷରୁ ବେଡ୍‌ରୁମ୍ ମ୍ୟାରେଜ୍ ଅଫର

ଭୁବନେଶ୍ୱର,୧୬-୧୧

STYLESPA Live Smart

ଷ୍ଟାଇଲ ସ୍ପା ପକ୍ଷରୁ ବେଡ୍‌ରୁମ ମ୍ୟାରେଜ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଦ୍ୱାରା ଗ୍ରାହକ ୪୦% ପର୍ଯ୍ୟନ୍ତ ରିହାତି ପାଇ ପାରିବେ। ୱେଡିଂ ଅଫର ଅନ୍ତର୍ଗତ କମ୍ପାନୀ ନୂଆ ବେଡରୁମ କମ୍ବୋ ପ୍ୟାକେଜ କଲେକ୍ସନ ପ୍ରଦାନ କରୁଛି। ନିଜସ୍ୱ ମାନୁଫାକଚରିଂ ଏବଂ ଲାଇଫ ଲଙ୍ଗ ସର୍ଭିସ ଦ୍ୱାରା ଏଭଳି ଅଫର ପ୍ରଦାନ କରୁଥିବା କମ୍ପାନୀ ପ୍ରକାଶ କରିଛି। ସାରା ଦେଶରେ କମ୍ପାନୀ ୯୦ ଅଧିକୃତ ଆଉଟଲେଟ ବର୍ତ୍ତମାନ ରହିଛି। ୟୁରୋପିଆନ ଟେକ୍ନୋଲୋଜି ଆଧାରରେ ଅନ୍ତର୍ଜାତୀୟ ମାନର ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ ଏହା କାର୍ଯ୍ୟରତ। ଏହା ବର୍ତ୍ତମାନ ହୋମ ଫର୍ନିଚର, ମଡ୍ୟୁଲାର କିଚେନ, ଅଫିସ ଫର୍ନିଚର, ଇଣ୍ଟେରିଅର ସଲ୍ୟୁଶନ ଯୋଗାଣ କରୁଛି। ଫେଷ୍ଟିଭ ଅଫର ଦ୍ୱାରା ୦% ସୁଧହାରରେ ଗ୍ରାହକ ବିଭିନ୍ନ ପ୍ରଡକ୍ଟ ପାଇ ପାରିବେ। ବଜାଜ ଫାଇନାନ୍ସ କାର୍ଡଧାରୀଙ୍କ ପାଇଁ ନଭେମ୍ବରରେ ରିହାତି ସୁବିଧା ରହିଛି। କଟକ, ଭୁବନେଶ୍ୱର, ପୁରୀ, ଯାଜପୁରରୋଡ ଗ୍ରାହକଙ୍କ ଲାଗି ବଜାଜ କାର୍ଡରେ ଫାଇନାନ୍ସ ସୁବିଧା ଉପଲବ୍ଧ। ସେହିଭଳି ୦% ସୁଧହାର, ୦% ଡାଉନପେମେଣ୍ଟ ବ୍ୟବସ୍ଥା ମଧ୍ୟ ରହିଛି। ସୋଫା, ବେଡ୍, ଡାଇନିଂ ବର୍ଗର ନୂଆ ପ୍ରଡକ୍ଟ କମ୍ପାନୀ ବଜାରକୁ ଆଣିଛି। ଶୋ'ରୁମ ରବିବାର ମଧ୍ୟ ଖୋଲା ରହୁଛି ବୋଲି କମ୍ପାନୀର ଏଏସ୍‌ଏମ୍ ଇନ୍ଦ୍ରଜିତ ମହାନ୍ତି ସୂଚନା ଦେଇଛନ୍ତି।

## ଇଞ୍ଜିନବିହୀନ ଟ୍ରେନର ଟ୍ରାଏଲ ଆଜିଠୁ

ନୂଆଦିଲ୍ଲୀ,୧୬-୧୧

ଦେଶର ପ୍ରଥମ ଇଞ୍ଜିନବିହୀନ ଟ୍ରେନ ୧୮ର ଟ୍ରାଏଲ ଶନିବାରଠାରୁ ଆରମ୍ଭ ହୋଇଯିବ। ଭାରତୀୟ ରେଳୱେ ପକ୍ଷରୁ ଏହାର ଟ୍ରାଏଲ ବରେଲି-ମୋରଦାବାଦ୍ ସେକ୍ସନର ଷ୍ଟାଣ୍ଡାର୍ଡ ଟ୍ରାକ୍‌ରେ ଆରମ୍ଭ କରାଯିବ। ଏଥିପାଇଁ ରିସର୍ଚ୍ଚ ଡିଜାଇନ ଆଣ୍ଡ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେଶନ(ଆର୍‌ଡିଏସ୍‌ଓ)ର ଏକ ଦଳ ମୋରଦାବାଦ ପହଞ୍ଚି ଯାଇଛନ୍ତି। ଏଥିପୂର୍ବରୁ ମଙ୍ଗଳବାର ସନ୍ଧ୍ୟାରେ ଟ୍ରେନ-୧୮କୁ ଚେନ୍ନାଇସ୍ଥିତ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରିରୁ ଅଣାଯାଇ ନୂଆଦିଲ୍ଲୀର ସଫଦରଜଙ୍ଗ ଷ୍ଟେଶନରେ ରଖାଯାଇଥିଲା। ବୁଧବାର ଏହା ଉପରୁ ପରଦା ହଟାଯିବା ପରେ ସେଠାରେ ଉପସ୍ଥିତ ଦର୍ଶକ ଓ ଯାତ୍ରୀ ନିଜ ମୋବାଇଲ କ୍ୟାମେରାରେ ଏହାକୁ ଧରି ରଖିଥିଲେ।



ଉଲ୍ଲେଖ କରାଯାଇ ପାରେ ଯେ, ଟି-୧୮ ଦେଶର ଅତ୍ୟାଧୁନିକ ଟ୍ରେନଗୁଡିକ ମଧ୍ୟରେ ପରିଗଣିତ ହେଉଛି। ରେଳୱେ ଅଧିକାରୀଙ୍କ କହିବାନୁଯାୟୀ ଯାତ୍ରୀଙ୍କ ସ୍ଥାନରେ ବାଲି ବସ୍ତା ଭର୍ତ୍ତି କରି ଟ୍ରାଏଲ କରାଯିବ। ବରେଲି-ମୋରଦାବାଦ ରୁଟ୍‌ରେ ଦ୍ରୁତଗତିରେ ଯିବା ବେଳେ ଟ୍ରେନ-୧୮ର ପ୍ରତିକ୍ରିୟାକୁ ଲକ୍ଷ୍ୟ କରାଯିବ। ସେହିପରି ଘଣ୍ଟାକୁ ୧୬୦ କିମି ବେଗରେ ଗତି କରୁଥିବା ବେଳେ ହଠାତ୍ ବ୍ରେକ୍ ମାରିଲେ ଏହା କେତେ ଦୂରରେ ଯାଇ ରହୁଛି ତାହା ମଧ୍ୟ ଲକ୍ଷ୍ୟ କରାଯିବ। ଏହିସବୁ ଟେକନିକାଲ ଦିଗକୁ ଯାଞ୍ଚ କରାଯିବା ପରେ ଟ୍ରେନ-୧୮କୁ ବିଧିବଦ୍ଧ ଚଳାଚଳ ଲାଗି ରେଳୱେ ସେଫ୍ଟି କମିଶନର ଅନୁମତି ପ୍ରଦାନ କରିବେ। ସୂଚନାଥାଉ କି, ଏହି ଅତ୍ୟାଧୁନିକ ଟ୍ରେନରେ ଯାତ୍ରୀଙ୍କୁ ଅନ୍ତର୍ଜାତୀୟ ମାନର ସୁବିଧା ଯୋଗାଇ ଦିଆଯିବ। ଏଥିରେ ଯାତ୍ରା କରୁଥିବା ଯାତ୍ରୀ ନିଜ ଆସନକୁ ୩୬୦ଡିଗ୍ରୀ ପର୍ଯ୍ୟନ୍ତ ବୁଲାଇପାରିବେ।

## ପୂର୍ବତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟରର ନୂତନ ବ୍ଲକ ଉଦଘାଟିତ




ଭୁବନେଶ୍ୱର,୧୬-୧୧

ପୂର୍ବତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟରେ ନୂତନ ବ୍ଲକ ଉଦଘାଟିତ ହୋଇ ଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଉମେଶ ସିଂ, ଅତିରିକ୍ତ ମହାପ୍ରବନ୍ଧକ ରାଜୀବ ଶର୍ମା, ଚିକିତ୍ସା ନିର୍ଦ୍ଦେଶକ ଡ. ସୁକାନ୍ତ କୁମାର ମହାନ୍ତି, ଖୋର୍ଦ୍ଧା ରୋଡ ମଣ୍ଡଳର ପ୍ରବନ୍ଧକ ବ୍ରିଜ ମୋହନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଏହି ବ୍ଲକକୁ ଉଦଘାଟନ କରିଛନ୍ତି। ଅତି ସମ୍ବେଦନଶୀଳ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ବ୍ଲକରେ ୧୪ ଶଯ୍ୟା ସହ ପାଥୋଲୋଜି, ରେଡିଓଲୋଜି, ଅଲ୍ଟ୍ରାସାଉଣ୍ଡ ଭଳି ସୁବିଧା ଉପଲବ୍ଧ ହେଉଛି।

## ଟାଟା ପାୱାର ସୋଲାରର ଆବାସିକ ରୁଫ୍‌ଟପ୍ ସଲ୍ୟୁଶନ

ଭୁବନେଶ୍ୱର,୧୬-୧୧

ଟାଟା ପାୱାର ସୋଲାର ପକ୍ଷରୁ ଭୁବନେଶ୍ୱର ଠାରେ ସମ୍ପୂର୍ଣ୍ଣ ରେସିଡେନସିଆଲ୍ ରୁଫ୍‌ଟପ୍ ସଲ୍ୟୁଶନର ଶୁଭାରମ୍ଭ ହୋଇଛି। ସେସୁର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏମ୍‌ଡି.ସିଦ୍ଦିକି ଆଲାମ,ସାଉଥ୍‌କୋର ପୂର୍ବତନ ସିଇଓ ସୁରେଶ ଚୌଧୁରୀ, ଶକ୍ତି ବିଭାଗର ଇଞ୍ଜିନିୟରିଂ ମୁଖ୍ୟ ରାଜ କୁମାର ମିଶ୍ର ଏହାକୁ ଉଦଘାଟନ କରିଥିଲେ। ଦିଲ୍ଲୀ, ମୁମ୍ବାଇ, ଆଜମେର ଭଳି ସ୍ଥାନଗୁଡିକରେ ସଫଳ ଭାବେ ଲାଗୁ ପରେ ଏହାକୁ ଓଡ଼ିଶାରେ ଆରମ୍ଭ ହୋଇଛି ବୋଲି କମ୍ପାନୀର ଏମ୍.ଡି ତଥା ସିଇଓ ପ୍ରବୀର ସିହ୍ନା ସୂଚନା ଦେଇଛନ୍ତି।




**PARADIP PORT TRUST**
File No.CMO/OE/A/GL-84/2014(Pt.II)/2171 Dt.12.11.2018
**e-TENDER CALL NOTICE**
Name of the work : **"Establishment of 400 bedded super speciality hospital with an option to further develop a medical college and further expand the capacity of hospital on PPP basis"**. Last Date & time of submission of tender is **18.12.2018 upto 14.00 Hrs.** For details please refer our Website : https://eprocure.gov.in/eprocure/app
Chief Medical Officer
PPT/PR/479/18-19 Dt-14/11/18

**ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ**
**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବଶିକ୍ଷା ଅଭିୟାନ, ନବରଙ୍ଗପୁର**
ODISHA PRIMARY EDUCATION PROGRAMME AUTHORITY (OPEPA)
DISTRICT PROJECT OFFICE, RTE-SSA, NABARANGPUR - 764059
Phone: (06858) - 222568(Off), E-mail: dpcnawrangssa.opepa@nic.in
No. 5063/2018 Dated.15.11.2018
**NOTICE**
In pursuance to the Advertisement No.2847, Dtd.30.04.2018 & No.2848, Dtd.30.04.2018 of this office for recruitment of MIS-cum-Planning Coordinator, Accountant-cum-Support Staff and Part Time Instructor (Both Physical & Art) under RTE-SSA, Nabarangpur, it is informed that, the draft eligible and reject list of candidates of the above-mentioned posts is hereby published. The applicants are hereby required to go through the draft eligible and reject list which is hosted at www.nabarangpur.nic.in and OPEPA website i.e. www.opepa.odisha.gov.in. Applicants having any objection to the concerned post is hereby submit their objection through postal i.e. (Speed/ Registered Post) /e-mail i.e. dpcnawrangssa.opepa@nic.in / by hand by **23.11.2018**. Objections received after due date shall not be entertained.
**Sd./- District Project Coordinator**
**RTE-SSA, Nabarangpur**

**ODISHA STATE AGRICULTURAL MARKETING BOARD**
Plot No.1800(P), Baramunda, Post-Khandagiri, Near Indian Oil Petrol Pump Bhubaneswar
Ph. No.0674-2351311, Fax : 0674-2351310, Email : osamboard99@yahoo.com, Website : osamboard.org
No. 3452 / Estt-79/2018 Dated 16.11.2018
**QUOTATION CALL NOTICE**
The Odisha State Agricultural Marketing Board, Bhubaneswar invites sealed quotation from reputed, registered and experienced Services Providers firms for providing services of 2(two) nos. accountant and 01(one) Establishment Officer on outsourcing basis for day to day official works of OSAM Board, Bhubaneswar.
The interested eligible services providers firms are requested to visit our website **www.osamboard.org** for detailed terms and conditions & to download the application format & submit the same duly filled & signed along with attested copies of all documents in support of their eligibility by Speed Post / Courier in a cover super-scribed **"QUOTATION TO PROVIDE TWO NOS. ACCOUNTANT AND ONE ESTABLISHMENT OFFICER ON OUTSOURCING BASIS"** so as to reach the Odisha State Agricultural Marketing Board, Bhubaneswar by **dtd. 24.11.2018 upto 05:00 PM** positively with a Bank Draft of Rs.1,000.00 (Rupees One thousand) only in favour of OSAM Board, Bhubaneswar in shape of Demand Draft payable at Bhubaneswar towards processing fee charges (non-refundable). Quotations received after the last date due to delay in postal / courier or any other reason shall not be entertained and will be rejected. The quotation shall be opened on date: **26.11.2018 at 11.30 AM** in the Conference of OSAM Board in presence of all quotationers.
The undersigned reserves the right to accept or reject any or all quotations without assigning any reason thereof.
**Sd./- General Manager, OSAM Board, Bhubaneswar**

**OFFICE OF THE SUPERINTENDING ENGINEER, RURAL WORKS CIRCLE, BERHAMPUR**
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287 (E-Mail / E-Despatch)
No. E-Tender // 4409 // RWC// BAM // Dated. 14.11.2018
**Corrigendum to Bid identification No. Online Tender/21-2018-19/BPR**
**No. 1027-O:-** Due to change of Labour Rate vide Odisha Gazette Notification S.R.O. No. 431/2018 dtd. 30.10.2018 of Labour & ESI Department, Odisha, Bhubaneswar. The following changes has been made vide this office Bid Identification No. Online Tender/21-2018-19/BPR dtd. 27.10.2018.

(1)

| | | | |
|---|---|---|---|
| 1. | Availability of tender | : | 22.11.2018 at 10.00 AM to 06.12.2018 upto 3.00 PM instead of 02.11.2018 at 10.00 AM to 22.11.2018 upto 3.00 PM. |
| 2. | Last date of seeking tender clarification | : | 04.12.2018 upto 2.00 PM instead of 20.11.2018 upto 2.00 PM |
| 3. | Date of opening of Technical Bid | : | 07.12.2018 at 3.00 PM instead of 24.11.2018 at 3.00 PM |
| 4. | Date of opening of Financial Bid | : | 15.12.2018 at 11.00 AM instead of 30.11.2018 at 11.00 AM |

(2)

| Sl No of NIT | Name of the Work | Earlier: Approx. Estimated cost (Exclusive of GST) (in Rs.) | Earlier: EMD Required (in Rs.) to be submitted online | Earlier: Class of Con-tractor | Now Changed to: Approx. Estimated cost (Exclusive of GST) (in Rs.) | Now Changed to: EMD Required (in Rs.) to be submitted online | Now Changed to: Class of Con-tractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Impvt to Nuatangan to Kepiti via Pochalundi road under State Plan completion of incomplete road and bridges for the year 2018-19 | 2,08,65,062/- | 2,08,700/- | "B" Class or "A" Class | 2,22,88,717/- | 2,22,900/- | "B" Class or "A" Class |
| 2 | Impvt to Raipalli to Gopinathpur via Netapalli Dhananjaypur road under State Plan completion of incomplete road and bridges for the year 2018-19 | 2,92,62,543/- | 2,92,700/- | "B" Class or "A" Class | 3,09,85,130/- | 3,09,900/- | "A" Class or "Special" Class |
| 3 | Impvt to Kalamba-Gahangu road under State Plan improvement to existing RD road for the year 2018-19 | 1,59,30,760/- | 1,59,400/- | "B" Class or "A" Class | 1,64,76,158/- | 1,64,800/- | "B" Class or "A" Class |

All other contents will remain unchanged.
25071/11/0034/1819
*Sd./- Superintending Engineer, R.W.Circle, Berhampur*

# ଏସିଆନ୍ ପେଟାନ୍କ୍ୟୁ ଚାମ୍ପିୟନଶିପ୍ ଆରମ୍ଭ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ): କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ୧୨ରେ ଶୁକ୍ରବାର ଆରମ୍ଭ ହୋଇଛି ଏସିଆନ୍ ବୋଉଲ୍ସ ସ୍ପୋର୍ଟ୍ସ କନଫେଡେରେଶନ ପେଟାନ୍କ୍ୟୁ ଚାମ୍ପିୟନଶିପ୍। ପେଟାନ୍କ୍ୟୁ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ସିଙ୍ଗଲ୍, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଖେଳାଯାଉଛି। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, ପେଟାନ୍କ୍ୟୁ ଫେଡେରେଶନ ଅଫ୍ ଇଣ୍ଡିଆ ସମ୍ପାଦକ ଭରତ କେ.ଚୌହାନ, ଇନ୍‌କମ୍‌ଟାକ୍ସ କମିଶନର ଦେବେନ୍ଦ୍ର କର, କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତା ଆୟୋଜନ ପାଇଁ ପୂର୍ଣ୍ଣ ସହଯୋଗ କରିଥିବାରୁ ଅତିଥିମାନେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରିଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ ପ୍ରତିଯୋଗିତା ମଧ୍ୟରେ ଭାରତ-୨ ମହିଳା ଡବଲ୍ସ ଗ୍ରୁପ-୧ରେ ୮-୧୩ ପଏଣ୍ଟରେ କାମ୍ବୋଡିଆଠାରୁ ହାରି ଯାଇଛି। ଅନ୍ୟ ମ୍ୟାଚରେ ବିଜୟୀ ହୋଇ କାମ୍ବୋଡିଆ ହ୍ୟାଟ୍ରିକ କରିଥିଲା। ଏହି ଦଳ ୧୩-୨ରେ ଇରାନ ଏବଂ ୧୩-୧୦ରେ ମାଲେସିଆକୁ ପରାସ୍ତ କରିଥିଲା। ପରେ ମାଲେସିଆ ୧୩-୩ରେ ଭାରତ-୨ ଓ ୧୩-୧ରେ ଇରାନକୁ ହରାଇ ଦେଇଥିଲା। ଇରାନ ୧୩-୯ରେ ଭାରତ-୨କୁ ପରାସ୍ତ କରିଥିଲା। ପୁରୁଷ ଡବଲ୍ସ ଗ୍ରୁପ-୧ରେ ଥାଇଲାଣ୍ଡ ୧୩-୧ରେ ଭାରତ-୧କୁ, ୧୩-୧ରେ ନେପାଳକୁ ଏବଂ ୧୩-୦ରେ ମାଲେସିଆକୁ ହରାଇ ହ୍ୟାଟ୍ରିକ ବିଜୟ ହାସଲ କରିଥିଲା। ପରେ ମାଲେସିଆ ୧୩-୯ରେ ନେପାଳ-୧ ଏବଂ ୧୩-୨ରେ ନେପାଳକୁ ହରାଇଥିବାବେଳେ ଭାରତ-୧ ନେପାଳକୁ ୧୩-୩ରେ ପରାସ୍ତ କରିଥିଲା।



ଏସିଆନ୍ ବୋଉଲ୍ସ ସ୍ପୋର୍ଟ୍ସ କନଫେଡେରେଶନ ପେଟାନ୍କ୍ୟୁ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

■ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର

# ଜିମ୍ନାଷ୍ଟିକ୍ସରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ, ରୌପ୍ୟ

କଟକ ଅଫିସ,୧୬।୧୧: ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୬୭ତମ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତାର ପୁରୁଷ ଜିମ୍ନାଷ୍ଟିକ ଇଭେଣ୍ଟ ଶୁକ୍ରବାର ଶେଷ ହୋଇଛି। ୬ଟି ବିଭାଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ଦଳ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛି। ପୁରୁଷ ପାରାଲାଲ ବାର୍ ଇଭେଣ୍ଟରେ ସୀତାକାନ୍ତ ଓଝା ସ୍ୱର୍ଣ୍ଣ ବିଜୟୀ ହୋଇଥିବା ବେଳେ ପୁରୁଷ ଫ୍ଲୋରରେ ଉମାକାନ୍ତ ଓଝାଙ୍କୁ ରୌପ୍ୟ ମିଳିଛି।

ଫ୍ଲୋର ଇଭେଣ୍ଟରେ ସିଆଇଏସ୍‌ଏଫ୍‌ର ଅନୁଜ ରଥ ସ୍ୱର୍ଣ୍ଣ, ଓଡ଼ିଶା ପୋଲିସର ଉମାକାନ୍ତ ରୌପ୍ୟ, ଏସ୍‌ଏସ୍‌ବିର କପିଳ, ଉତ୍ତରପ୍ରଦେଶର ଏସ୍ ପ୍ରଭାସ, ଏସ୍‌ଏସ୍‌ବିର ଅଙ୍କିତ କୁମାର ବ୍ରୋଞ୍ଜ ଜିତିଛନ୍ତି। ସେହିପରି ପୋମେଲ ହର୍ସରେ ଉତ୍ତରାଖଣ୍ଡର କ୍ରିପାଲ ସିଂ ସ୍ୱର୍ଣ୍ଣ, ବିଏସ୍‌ଏଫ୍‌ର ସି ମେହିରାନ ରୌପ୍ୟ, ମହାରାଷ୍ଟ୍ରର ସୌରଭ କୋକଟେ, ସିଆର୍‌ପିଏଫ୍‌ର ଅଜିତ ପ୍ରସାଦ୍, ଉତ୍ତରପ୍ରଦେଶର ମନୋହର ସିଂ ବ୍ରୋଞ୍ଜ, ରିଙ୍ଗ୍‌ସରେ ବିଏସ୍‌ଏଫ୍‌ର ଆନନ୍ଦ ସିଂ ବିଷ୍ଟ ସ୍ୱର୍ଣ୍ଣ, ସିଆଇଏସ୍ ଗୁରୁମିତ ସିଂ ଓ ହରିୟାଣାର ପରବୀନ ସାଇନି ମିଳିତ ରୌପ୍ୟ, ଉତ୍ତରାଖଣ୍ଡର ସୁମିତ କୁମାର, ଉତ୍ତରପ୍ରଦେଶର ବିକ୍ରାନ୍ତ ସିଂ, ଆଇଟିବିପିର ମଦନ ଲାଲ ବ୍ରୋଞ୍ଜ, ଭଲ୍ଟରେ ଏସ୍‌ଏସ୍‌ବିର କୁଲଦୀପ ସିଂ ସ୍ୱର୍ଣ୍ଣ, ପଞ୍ଜାବର ଅରୁଣ କୁମାର ରୌପ୍ୟ, ଉତ୍ତରପ୍ରଦେଶର ରବୀନ କନୌଜିଆ, ଆଇଟିବିପିର ଚନ୍ଦ୍ରକେଶ କୁମାର, ଉତ୍ତରାଖଣ୍ଡର ଆଶୁତୋଷ ରାୱତ ବ୍ରୋଞ୍ଜ, ପାରାଲାଲ ବାର୍‌ରେ ଓଡ଼ିଶାର ସୀତାକାନ୍ତ ଓଝା ସ୍ୱର୍ଣ୍ଣ, ସିଆଇଏସ୍‌ଏଫ୍‌ର ହୀରା ଲାଲ ଓ ଉତ୍ତରାଖଣ୍ଡର ସୁନୀଲ ରାମୋଲା ମିଳିତ ରୌପ୍ୟ, ବିଏସ୍‌ଏଫ୍‌ର ନିଖିଲ ଭଟ୍ଟ, ଆଇଟିବିପିର ଅନୀଲ କୁମାର ବ୍ରୋଞ୍ଜ, ହୋରିଜେଣ୍ଟାଲ ବାର୍‌ରେ ପଞ୍ଜାବର ବିକ୍ରମ ମାନରୋ ସ୍ୱର୍ଣ୍ଣ, ସିଆଇଏସ୍‌ଏଫ୍‌ର ସୁରେନ୍ଦ୍ର ଶର୍ମା ରୌପ୍ୟ, ସିଆର୍‌ପିଏଫ୍‌ର ରାଷ୍ଟ୍ର କୁମାର, ମନପ୍ରୀତ ସିଂ, ଆଇଟିବିପିର ଆଇ ବୋମଚା ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ନାଲକୋ ସିଏମ୍‌ଡି ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଡିଜି ବିନୟତୋଷ ମିଶ୍ର ଉପସ୍ଥିତ ଥିଲେ।



ଜଣେ ପ୍ରତିଯୋଗୀ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

# ଭାରତ ସେମିରେ

## ମହିଳା ଟି୨୦ ବିଶ୍ୱକପ୍

ଗୁୟାନା, ୧୬।୧୧(ପି.ଟି.) ଚଳିତ ମହିଳା ଟି୨୦ ବିଶ୍ୱକପ୍‌ରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ କ୍ରମାଗତ ତୃତୀୟ ବିଜୟ ହାସଲ କରି ୨୦୧୦ ପରେ ପ୍ରଥମଥର ପାଇଁ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନକୁ ହରାଇବା ପରେ ସ୍ପିନରଙ୍କ ଦମ୍‌ଦାର ବୋଲିଂ ପ୍ରଦର୍ଶନ ବଳରେ ଭାରତ ଗୁରୁବାର ତୃତୀୟ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ବୃହତ୍ ୫୨ ରନରେ ପରାସ୍ତ କରି ଏହି ମେଗା ଇଭେଣ୍ଟରେ ଦ୍ୱିତୀୟ ଦଳ ଭାବେ ସେମି ଟିକେଟ ହାସଲ କରିଛି। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ଆୟର୍ଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲା। ଜବାବରେ ଆୟର୍ଲାଣ୍ଡ ୨୦ ଓଭରରେ ୮ ଉଇକେଟ ହରାଇ ୯୩ ରନରେ ସୀମିତ ରହିଥିଲା। ଶନିବାର ଭାରତ ତା'ର ଅନ୍ତିମ ତଥା ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଭେଟିବ। ୫୧ ରନ (୫୬ ବଲ, ୪ ଚୌକା, ୧ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଭାରତୀୟ ଓପନର ମିଥାଲି ରାଜ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୪୬ ରନ ଟାର୍ଗେଟର ପିଛା କରି ଆୟର୍ଲାଣ୍ଡ ଭଲ ଆରମ୍ଭ କରିଥିଲା। ଏକଦା ୨ ଉଇକେଟ ହରାଇ ୭୦ ରନ କରି ଆୟର୍ଲାଣ୍ଡ ଭଲ ସ୍ଥିତିରେ ଥିଲା। କିନ୍ତୁ ଭାରତୀୟ ସ୍ପିନରଙ୍କ ସମ୍ମୁଖୀନ ହୋଇ ନ ପାରି ଆୟର୍ଲାଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ଆବଶ୍ୟକ ହାରରେ ରନ୍ ସଂଗ୍ରହ କରିପାରି ନ ଥିଲା। ଓପନର କ୍ଲେୟାର ଶିଲିଂଟନ ୨୩ ଓ ଇସୋବେଲ ଜୋଏସ ୩୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ରାଧା ଯାଦବ ସର୍ବାଧିକ ୩, ଦୀପ୍ତି ଶର୍ମା ୨, ପୁନମ ଯାଦବ ଓ ହରମନପ୍ରୀତ କୌର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଭାରତ ଭଲ ଆରମ୍ଭ କରିଥିଲା। କିନ୍ତୁ ଏହାପରେ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା କାରଣରୁ ଭାରତ ଭଲ ହାରରେ ରନ୍ ସଂଗ୍ରହ କରିପାରି ନ ଥିଲା। ଫଳରେ ଭାରତ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ପ୍ରାରମ୍ଭିକ ଯୋଡିରେ ଦୁଇ ଓପନର ମିଥାଲି ରାଜ ଓ ସ୍ମୃତି ମନ୍ଧାନା ୬୭ ରନ ସଂଗ୍ରହ କରିଥିଲେ। ମନ୍ଧାନା ୨୯ ବଲରୁ ୪ ଚୌକା ଓ ୧ ଛକା ସହ ୩୩ ରନ କରି ଆଉଟ ହେବା ପରେ ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଓପନିଂ କରିବାକୁ ଆସିଥିବା ମିଥାଲି ୫୬ଟି ବଲ ଖେଳି ୪ ଚୌକା ଓ ୧ ଛକା ସହ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୪୫/୬ (ମିଥାଲି- ୫୧, ମନ୍ଧାନା- ୩୩, ରୋଡ୍ରିଗୁଏଜ- ୧୮, ଗାର୍ଥ- ୨/୨୨)।

ଆୟର୍ଲାଣ୍ଡ ୨୦ ଓଭରରେ ୯୩/୮ (ଜୋଏସ୍- ୩୩, ଶିଲିଂଟନ- ୨୩, ରାଧା- ୩/୨୫, ଦୀପ୍ତି- ୨/୧୫)।



# କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. କେନ୍ଦୁଝର

## ୬୫ତମ ବାର୍ଷିକ ସାଧାରଣ ସଭା ନୋଟିସ

ନୋଟିସ ନଂ ୨୭୯୬ ତା ୧୩.୧୧.୨୦୧୮ ରିଖ

ଏତଦ୍ୱାରା କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମସ୍ତ ସଭ୍ୟ ଏବଂ ସଭ୍ୟା ମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୬୫ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା ୨୮.୧୧.୨୦୧୮ ରିଖ (ବୁଧବାର) ପୂର୍ବାହ୍ନ ୧୧ଘଟିକା ସମୟରେ ବ୍ୟାଙ୍କର ସଭାଗୃହ, କେନ୍ଦୁଝରଠାରେ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଅଛି। ଉକ୍ତ ସଭାରେ ଆପଣମାନେ ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ।

**ସଭାର କାର୍ଯ୍ୟକ୍ରମ**

୧. ବ୍ୟାଙ୍କର ୬୪ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ।
୨. ବ୍ୟାଙ୍କର ୬୫ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ।
୩. ବ୍ୟାଙ୍କର ୨୦୧୭-୧୮ ଆର୍ଥିକ ବର୍ଷର ସମୀକ୍ଷା ଫର୍ଦ୍ଦ ଓ ତତ୍ ସଂଲଗ୍ନ ଆୟ, ବ୍ୟୟ, ପ୍ରାପ୍ୟ, ଦେୟ ହିସାବ ପଠନ ଓ ଅନୁମୋଦନ।
୪. ବ୍ୟାଙ୍କର ୨୦୧୮-୧୯ ଆର୍ଥିକ ବର୍ଷର ଆୟ ବ୍ୟୟ ଅଟକଳ (ବଜେଟ) ଓ କାର୍ଯ୍ୟକାରୀ ଉନ୍ନୟନ ଯୋଜନାକୁ ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ଅନୁମୋଦିତ ସମ୍ବନ୍ଧରେ ଆଲୋଚନା ଓ ଅନୁମୋଦନ।
୫. ବ୍ୟାଙ୍କର ପ୍ରାଧିକୃତ ଅଂଶ ଧନର ପରିମାଣ ୩୭ କୋଟି ଟଙ୍କାରୁ ୬୦ କୋଟି ଟଙ୍କାକୁ ବୃଦ୍ଧି ନିମନ୍ତେ ଅନୁମୋଦନ ସମ୍ବନ୍ଧରେ।
୬. ବ୍ୟାଙ୍କର ୨୦୧୭-୧୮ ଆର୍ଥିକ ବର୍ଷରେ ହୋଇଥିବା ନିଟ୍ ଲାଭାଂଶ ବଣ୍ଟନ।
୭. ଅନ୍ୟାନ୍ୟ (ବ୍ୟାଙ୍କର ସଭାପତିଙ୍କ ଅନୁମତି କ୍ରମେ)।

**ସଭାପତିଙ୍କ ଅନୁମୋଦନ କ୍ରମେ**

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

ବି.ଦ୍ର.: ପ୍ରତ୍ୟେକ ପ୍ରତିନିଧିମାନଙ୍କୁ ବ୍ୟାଙ୍କର ସଭାଗୃହ ପ୍ରାଙ୍ଗଣରେ ତା.୨୮.୧୧.୨୦୧୮ ରିଖ (ବୁଧବାର) ଦିନ ୧୦ ଘଟିକା ଠାରୁ ନିଜର ନାମ, ସମିତି ନିର୍ଦ୍ଧାରଣର ଅବିକଳ ନକଲ ସହ ପଞ୍ଜୀକରଣ କରିବାକୁ ଅନୁରୋଧ କରାଗଲା।

ପରିପତ୍ର ନଂ ୨୭୯୭ (୧୦୪) ତା ୧୩.୧୧.୨୦୧୮ ରିଖ

ଏହାର ପ୍ରତିଲିପି ଅନୁବନ୍ଧିତ ସମସ୍ତ ସମବାୟ ସମିତିର ସଭାପତିମାନଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ଓ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଗଲା। ଏଥିସହ ଏହା ସ୍ପଷ୍ଟ କରିଦିଆଗଲା କି ପ୍ରତ୍ୟେକ ସମବାୟ ସମିତିରୁ ସଭାପତି/ ଉପସଭାପତି କିମ୍ବା ଜଣେମାତ୍ର ସ୍ୱୀକୃତିପ୍ରାପ୍ତ ପ୍ରତିନିଧିଙ୍କୁ ସଭାରେ ଯୋଗଦାନ ପାଇଁ ଅନୁରୋଧ କରାଗଲା।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

ପରିପତ୍ର ନଂ ୨୭୯୮ (୮) ତା ୧୩.୧୧.୨୦୧୮ ରିଖ

ଏହାର ପ୍ରତିଲିପି ସମବାୟ ସମିତି ସମୂହର ନିବନ୍ଧକ ଭୁବନେଶ୍ୱର / ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ, ଭୁବନେଶ୍ୱର / ସମବାୟ ସମିତି ସମୂହର ଉପନିବନ୍ଧକ, କେନ୍ଦୁଝର / ସମବାୟ ସମିତି ସମୂହର ସହକାରୀ ନିବନ୍ଧକ, କେନ୍ଦୁଝର, ଆନନ୍ଦପୁର, ଓ ଚମ୍ପୁଆ / ସମବାୟ ସମିତି ସମୂହର ସହକାରୀ ସମିକ୍ଷା ଅଧିକାରୀ କେନ୍ଦୁଝର / ଜିଲ୍ଲା ଉନ୍ନୟନ ଅଧିକାରୀ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ କେନ୍ଦୁଝରଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ଓ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଗଲା।

**ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ**

ପରିପତ୍ର ନଂ ୨୭୯୯ (୧୬) ତା.୧୧.୨୦୧୮ ରିଖ

ଏହାର ପ୍ରତିଲିପି କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. କେନ୍ଦୁଝରର ପରିଚାଳନା ପରିଷଦର ସମସ୍ତ ନିର୍ଦ୍ଦେଶକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଗଲା।

**ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ**

### ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କ ୨୦୧୭-୧୮ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ।

କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ "ବିହାର ଓ ଓଡିଶା ଆଇନ ୧୯୩୫" ଦ୍ୱାରା ଏପ୍ରିଲ ୨୦୧୮, ୧୯୫୦ ମସିହାରେ ପଞ୍ଜୀକୃତ ହୋଇ ମେ ୦୯ ୧୯୫୦ ମସିହା ବ୍ୟାଙ୍କ ଭାବରେ କାର୍ଯ୍ୟ ସଂପାଦନ କରିଥିବା ବେଳେ ବର୍ତ୍ତମାନ ଓଡିଶା ସମବାୟ ସମିତି ଆଇନ ୧୯୬୨ ଓ ସମବାୟ ସମିତି ନିୟମାବଳୀ ୧୯୬୫ ଏବଂ ବ୍ୟାଙ୍କିଙ୍ଗ୍ ରେଗୁଲେସନ ଆକ୍ଟ ୧୯୪୯ ଅନୁଯାୟୀ ପ୍ରଥମେ ଏପ୍ରିଲ ୨୦ ୧୯୮୨ ମସିହାରେ ବ୍ୟାଙ୍କ ଭାବରେ ଏବଂ ପରବର୍ତ୍ତି ସମୟରେ ଏହି ଆକ୍ଟ ବଳରେ ମେ ୦୬. ୨୦୧୨ ମସିହାଠାରୁ କେବଳ କେନ୍ଦୁଝର ଜିଲ୍ଲାରେ ବ୍ୟାଙ୍କିଙ୍ଗ ବ୍ୟବସାୟ କରି ଆସୁଅଛି। ବ୍ୟାଙ୍କର ସମସ୍ତ ବ୍ୟବସାୟିକ କାର୍ଯ୍ୟକ୍ରମ ଗ୍ରାମଭିମୁଖୀ ଏବଂ ସରକାରଙ୍କର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ କରି ଜିଲ୍ଲାର କୃଷକ ଓ କୃଷି ପରିବାର ତଥା ସମିତି ସଭ୍ୟଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାର ବ୍ୟାଙ୍କର ମୂଳ ଲକ୍ଷ୍ୟ ଏବଂ ଏଥିପାଇଁ ସଦାସର୍ବଦା ଚେଷ୍ଟିତ ରହି ଆସିଅଛି। ବ୍ୟାଙ୍କ ବର୍ତ୍ତମାନ ସୁଦ୍ଧା ୨୭ ଗୋଟି ପ୍ରାଥମିକ କୃଷି ସମବାୟ ସମିତି, ୧୭ ଗୋଟି ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ଓ ---- ଗୋଟି ଅନ୍ୟାନ୍ୟ ସମବାୟ ସମିତି ସହ ସହବନ୍ଧିତ ହୋଇ ନିଜସ୍ୱ ୧୫ ଗୋଟି ଶାଖା ମାଧ୍ୟମରେ ଜିଲ୍ଲାର ମୋଟ ୧୩ ଗୋଟି ବ୍ଲକରେ ବର୍ତ୍ତମାନ କାର୍ଯ୍ୟ କରୁଅଛି।

**ସାମ୍ପ୍ରତିକ ଦୃଶ୍ୟପଟ**

ବ୍ୟାଙ୍କମାନଙ୍କର ମାର୍ଚ୍ଚ ୨୦୧୮ ସୁଦ୍ଧା ସମୁଦାୟ ବା ମୋଟ ଅଣ ଉତ୍ପାଦନ ସମ୍ପତି ବା ମୋଟ ଋଣର ଉଦ୍‌ବେଗଜନକ ୧୨.୧୦ ପ୍ରତିଶତ ସରକାରଙ୍କର ମୁଣ୍ଡ ବ୍ୟାଥା କାରଣ ହୋଇ ଥିବା ବେଳେ ଏହାକୁ ପ୍ରତିହତ କରିବା ପାଇଁ "ଇନସଲଭେନସି ଏବଂ ବ୍ୟାଙ୍କ କ୍ରଟସି କୋଡ ----- ୨୦୧୬ କଡାକଡି ଲଙ୍କଙ୍କର କରାଯାଉଅଛି। କେନ୍ଦ୍ର ସରକାର ଦ୍ୱାରା ବ୍ୟାଙ୍କିଙ୍ଗ୍ ରେଗୁଲେସନ (ସଂଶୋଧନ) ଆକ୍ଟ, ୨୦୧୭ ପ୍ରଣୟନ କରି ବ୍ୟାଙ୍କ ଓ ବ୍ୟାଙ୍କିଙ୍ଗ ବ୍ୟବସାୟ ପରିଦର୍ଶିତ। ସାମ୍ପ୍ରତିକ ଧିମା ଅର୍ଥନୀତିକୁ ଉଦଦ୍ୱିତ କରିବାପାଇଁ ଅନୁସୂଚିତ ବା ସିଡ୍ୟୁଲଡ୍ ବ୍ୟାଙ୍କମାନଙ୍କ ପାଇଁ ଅକ୍ଟୋବର ୨୦୧୭ରେ ପୁନଃ ପଞ୍ଜୀକରଣ ବା ରିକେପିଟାଇଲେଜସନ କାର୍ଯ୍ୟକାରୀ କରାଯାଇଅଛି। ସରକାର ବର୍ତ୍ତମାନ ବ୍ୟାଙ୍କ ମାନଙ୍କ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଭାରତୀୟ ରିର୍ଜଭ ବ୍ୟାଙ୍କଙ୍କ ଦୁର୍ବଳ ତଥା ଅସୁବିଧାରେ ସମ୍ମୁଖୀନ ହୋଇଥିବା ବ୍ୟାଙ୍କ ମାନଙ୍କ ପାଇଁ ତ୍ୱରିତ ସଠିକ କାର୍ଯ୍ୟକ୍ରମ ବା Prompt Corrective Action (PCA) ର ଲଙ୍କଙ୍କର କରିବା ଏକ ବଡ ପଦକ୍ଷେପ ଏବଂ ବ୍ୟାଙ୍କିଙ୍ଗ ସେବାକୁ ଦେଶସାରା ସହଜ ଓ ସୁବିଧାରେ ଲୋକଙ୍କ ପାଖରେ ପହଂଚାଇବା ଏବଂ ବିଶେଷଭାବରେ କୃଷି ଓ କ୍ଷୁଦ୍ର ଏବଂ ଅଣୁ ଶିଳ୍ପରେ ଋଣ ଲଗାଇବାର ଅଧିକା ପ୍ରାଧାନ୍ୟ ବର୍ତ୍ତମାନ ଦିଆଯାଉଛି। ଋଣପ୍ରଦାନ ସହ ଆର୍ଥିକ ଅନ୍ତର୍ଭୁକ୍ତକରଣ (Financial Inclusion) ଉନ୍ନତି ଆଣିବା ପାଇଁ ସବୁପ୍ରକାର ଉଦ୍ୟମ ଜାରିରହିଛି। ଉଭୟ କେନ୍ଦ୍ର ସରକାର ଏବଂ ଭାରତୀୟ ରିର୍ଜଭ ବ୍ୟାଙ୍କ ବ୍ୟାଙ୍କମାନଙ୍କ ପାଇଁ ତ୍ୱରିତ୍ୱ ଓ ସୁଧାରଧର୍ମି କାର୍ଯ୍ୟକ୍ରମ ମାନ ବ୍ୟାଙ୍କ ଶିଳ୍ପରେ ଆଗାମୀ ଦିନରେ ବ୍ୟାଙ୍କ ମାନଙ୍କରେ ଉନ୍ନତି ଆଣିବ ଏହା ନିସନ୍ଦେହ।

କେନ୍ଦ୍ରସରକାର ପ୍ରତିବର୍ଷ ପରି ୨୦୧୭-୧୮ ଆର୍ଥିକ ବର୍ଷରେ କୃଷିଋଣ ପାଇଁ ୧୦୦୦୦ ବିଲିୟନ ଟଙ୍କା ଧାର୍ଯ୍ୟ ଲକ୍ଷ୍ୟ କରିଥିଲେ। ରିଜର୍ଭ ବ୍ୟାଙ୍କର ବାର୍ଷିକ ସମୀକ୍ଷା ରିପୋର୍ଟ ଅନୁଯାୟୀ ମାର୍ଚ୍ଚ ୩୧, ୨୦୧୮ ସୁଦ୍ଧା ବ୍ୟବସାୟିକ ବ୍ୟାଙ୍କ ୧୨୪.୬୦ ପ୍ରତିଶତ ସେମାନଙ୍କ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିଥିବା ବେଳେ, ସମବାୟ ବ୍ୟାଙ୍କ ଓ ଗ୍ରାମାଂଚଳ ବ୍ୟାଙ୍କ (RRBS) ମାନେ ଯଥାକ୍ରମେ ସେମାନଙ୍କ ଧାର୍ଯ୍ୟର ୯୬.୪୦ ପ୍ରତିଶତ ଓ ୧୦୦.୭୦ ପ୍ରତିଶତ ପୂରଣ କରି ପାରିଛନ୍ତି। ଆମ୍ଭ ରାଜ୍ୟସରକାର ଏହି ଆର୍ଥିକ ବର୍ଷ ପାଇଁ ସମୁଦାୟ --- କୋଟି ଟଙ୍କା କୃଷିଋଣ ଧାର୍ଯ୍ୟ କରିଥିବାବେଳେ ରାଜ୍ୟର ସମସ୍ତ ୧୭ଟି କେନ୍ଦ୍ର ସମବାୟ ମାନେ ମିଶି --- ଗୋଟି ଟଙ୍କା ପ୍ରଦାନ କରିଛନ୍ତି, ଯାହାକି ସମୁଦାୟ ଧାର୍ଯ୍ୟ ଲକ୍ଷ୍ୟ --- ପ୍ରତିଶତ।

ବର୍ତ୍ତମାନ ଅତିମାତ୍ରାରେ ପ୍ରତିଯୋଗିତା ମୂଳକ ବ୍ୟାଙ୍କିଙ୍ଗ୍ ବ୍ୟବସାୟରେ ସବୁ ବ୍ୟବସାୟିକ ତଥା ନୂଆପିଢିର ସ୍ମଲ ଫାଇନାନ୍ସ୍ ବ୍ୟାଙ୍କ (Small Finance Bank) ସହ ପେମେଂଟ ବ୍ୟାଙ୍କ (Payment Bank) ଏବଂ ଅସଂଖ୍ୟ ମାଇକ୍ରୋ ଫାଇନାନ୍ସ କମ୍ପାନୀ ମାନେ ଅଧିକରୁ ଅଧିକ ଗ୍ରାହକ ଯୋଗାଡ କରି ବ୍ୟବସାୟ ବୃଦ୍ଧି କରିବା ପାଇଁ ଗ୍ରାମାଭିମୁଖୀ, ଏହା ମୂଳରେ ସେମାନେ ଉପଲବଧି କରିଛନ୍ତି ଯେ ଗ୍ରାମାଂଚଳରେ ଅଧିକା ଚାହିଦା ଅଛି। ଏହାଫଳରେ ଦୀର୍ଘ ବର୍ଷ ଧରି ଗ୍ରାମାଂଚଳରେ ସମର୍ପିତ ଭାବେ କୃଷକ ତଥା ସାଧାରଣ ବର୍ଗଙ୍କୁ ଆର୍ଥିକ ସହାୟତା କରିଆସୁଥିବା ସମବାୟ ବ୍ୟାଙ୍କ ଓ ସମିତି ମାନଙ୍କର ଉତର ଜୀବିତ ହୋଇ କାର୍ଯ୍ୟ କରିବା ଆଶଙ୍କା କରାଯାଏ। ବ୍ୟବସାୟିକ ବ୍ୟାଙ୍କ ହେଉ କିମ୍ବା ନୂଆପିଢିର ବ୍ୟାଙ୍କ ମାନେ ସମବାୟ ବ୍ୟାଙ୍କ ତୁଳନା ବୈଷୟିକଜ୍ଞାନ କୌଶଳରେ ଏବଂ ତ୍ୱରିତ୍ୱ ନିଷ୍ପତି ସହ ଖୁବ ଶୀଘ୍ର ଆର୍ଥିକ ସେବା ଯୋଗାଇ ଦେବାରେ ଦକ୍ଷ ଓ ପାରଙ୍ଗମ୍। ଏହି ଦିଗରୁ ମଧ୍ୟ ସମବାୟ ବ୍ୟାଙ୍କ ମାନେ ପଛରେ ପଡି ନିଜର ଗ୍ରହକ ହରାଇବେ ତାହା ନିଶ୍ଚିତ। ଅମ୍ଭ ସମବାୟ ବ୍ୟାଙ୍କରେ ଥିବା ମାନସିକତାରେ କେବଳ ପରିବର୍ତ୍ତନ ନୁହେଁ ବରଂ ତାହାକୁ ସଶକ୍ତକରଣ ସହ କରିବା ଆମ୍ଭ ପାଇଁ ବର୍ତ୍ତମାନର ଏକ ବଡ ଆହ୍ୱାନ। ସମୟୋପଯୋଗୀ ତଥା ବଳିଷ୍ଠ ପଦକ୍ଷେପ ନେବାକୁ ଆଜି ଏ ଅବସରରେ ବ୍ୟାଙ୍କର ବ୍ୟବସାୟ ବା କାର୍ଯ୍ୟକ୍ରମ ଅବତାରଣ କରିବା ଆରମ୍ଭରୁ ମୁଁ ଆପଣମାନଙ୍କର ସଦୟ ଉପଦେଶ ତଥା ସହଯୋଗ କାମନା କରୁଅଛି।

**ପରିଚାଳନା :**

ଗତ ଏପ୍ରିଲ ୨୮, ୨୦୧୫ ଠାରୁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ପରିଚାଳନା ପରିଷଦ ଶ୍ରୀଯୁକ୍ତ କାନନ ବିହାରୀ ପୋହୀଙ୍କ ସଭାପତିତ୍ୱରେ ବ୍ୟାଙ୍କ ପରିଚାଳନା ଦାୟିତ୍ୱରେ କାର୍ଯ୍ୟ ନିର୍ବାହ କରିଆସୁଅଛନ୍ତି। ୨୦୧୭-୧୮ ରେ ପରିଚାଳନା ପରିଷଦ --- ଥର ---- ବୈଠକ ଆବଶ୍ୟକୀୟ ପରିଚାଳନା ଗତ ନିଷ୍ପତି ଗ୍ରହଣ କରିଛି।

**ସଭ୍ୟ ଓ ଅଂଶଧନ :**

ଆଲୋଚ୍ୟ ବର୍ଷ ୨୦୧୭-୧୮ ସୁଦ୍ଧା ରାଜ୍ୟସରକାର ଓ ୧୦୪ ଗୋଟି ସମବାୟ ଅନୁଷ୍ଠାନ ଅନୁବନ୍ଧିତ ହୋଇଛନ୍ତି। ମୋଟ ସଭ୍ୟ ମଧ୍ୟରୁ ୨୭ ଗୋଟି ପ୍ରାଥମିକ ସେବା ସମବାୟ ସମିତି, ୧୭ ଗୋଟି ବୃହଦାଗାର ଆଦିବାସୀ ବହୁମୁଖୀ ସମବାୟ ସମିତି ୬୦ ଗୋଟି ଅନ୍ୟାନ୍ୟ ସମବାୟ ସମିତି ଓ ୧୫୫୦୩ ସଂଖ୍ୟକ ଅନୁବନ୍ଧିତ ନାମମାତ୍ର ସଭ୍ୟଙ୍କ ମାଧମରେ ଆଲୋଚ୍ୟ ବର୍ଷରେ ଜମା ଓ ଋଣ କରିଅଛି। ଏହି କ୍ରମରେ ରାଜ୍ୟସରକାର ୧.୦୪ କୋଟି ଟଙ୍କା ବିଭିନ୍ନ ଅନୁବନ୍ଧିତ ସମିତି ଓ ନାମମାତ୍ର ସଭ୍ୟଙ୍କ ଠାରୁ ସଂଗୃହୀତ ଯଥାକ୍ରମେ ୨୮.୨୪ କୋଟି ଓ ୪.୬୬ କୋଟି ଟଙ୍କା ଅଂଶଧନ ବାବଦରେ ବ୍ୟାଙ୍କ ସଂଗ୍ରହ କରି ପାରିଛି। ବିଗତ ୫ବର୍ଷର ଏହି ଅଂଶଧନ ପରିମାଣ ନିମ୍ନ ସାରଣୀ ଓ ସୂଚକ ରେଖା ଚିହ୍ନ ମାଧ୍ୟମରେ ପ୍ରଦାନ କରାଗଲା।

| ଆର୍ଥିକ ବର୍ଷ | ମୋଟ ଅଂଶଧନ | ବୃଦ୍ଧି (ପ୍ରତିଶତ) | ମୋଟ ଅଂଶଧନରୁ ରାଜ୍ୟ ସରକାରଙ୍କ ଅଂଶଧନ |
|---|---|---|---|
| ୨୦୧୩-୧୪ | ୧୯.୨୧ | ୧୩.୮୭ | ୧.୦୪ |
| ୨୦୧୪-୧୫ | ୨୧.୧୭ | ୧୦.୨୦ | ୧.୦୪ |
| ୨୦୧୫-୧୬ | ୨୫.୧୬ | ୧୮.୮୫ | ୧.୦୪ |
| ୨୦୧୬-୧୭ | ୨୭.୬୧ | ୯.୭୪ | ୧.୦୪ |
| ୨୦୧୭-୧୮ | ୩୦.୯୫ | ୧୨.୧୦ | ୧.୦୪ |

**ନିଜସ୍ୱ ପାଣ୍ଠି :**

ସମୀକ୍ଷା ଫର୍ଦ୍ଦ ଅନୁଯାୟୀ ବ୍ୟାଙ୍କର ନିଜସ୍ୱ ପାଣ୍ଠି ଗତ ୫ ବର୍ଷରେ ଦ୍ୱିଗୁଣିତରୁ ଅଧିକ ହୋଇ ୨୦୧୭-୧୮ ସୁଦ୍ଧା ୪୬.୯୧ କୋଟି ଟଙ୍କାରେ ପହଂଚି ଯାହାକି ବିବରଣୀ ନିମ୍ନରେ ସୂଚିତ କରାଗଲା।

(ଟଙ୍କା କୋଟିରେ)

| ଆର୍ଥିକ ବର୍ଷ | ମୋଟ ନିଜସ୍ୱ ପାଣ୍ଠି | ବୃଦ୍ଧି (ପ୍ରତିଶତରେ) |
|---|---|---|
| ୨୦୧୩-୧୪ | ୨୬.୧୭ | ୧୦.୪୬ |
| ୨୦୧୪-୧୫ | ୩୧.୧୫ | ୧୯.୦୩ |
| ୨୦୧୫-୧୬ | ୩୮.୯୪ | ୨୫.୦୧ |
| ୨୦୧୬-୧୭ | ୪୨.୭୦ | ୯.୬୬ |
| ୨୦୧୭-୧୮ | ୪୬.୯୧ | ୯.୮୬ |

ଜମା ସଂଗ୍ରହ :

ବ୍ୟାଙ୍କର ସଂଗୃହୀତ ଜମାରାଶୀ ୨୦୧୩-୧୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୩୦୭.୯୦ କୋଟି ଟଙ୍କାରେଥିଲାବେଳେ ତାହା ବର୍ଷାନୁ କ୍ରମେ ବୃଦ୍ଧି ପାଇ ୨୦୧୭-୧୮ ଆର୍ଥିକ ବର୍ଷ ଶେଷ ବେଳକୁ ୪୦୮.୪୭ କୋଟି ଟଙ୍କାରେ ପହଂଚିପାରିଛି। ଗତ ବର୍ଷ ତୁଳନାରେ ଆଲୋଚ୍ୟ ବର୍ଷରେ ବୃଦ୍ଧି ୭.୯୯ ପ୍ରତିଶତ। ବିଗତ ପାଂଚ ବର୍ଷରେ ଜମା ରାଶୀର ପରିମାଣ ନିମ୍ନ ସାରଣୀରେ ପ୍ରଦାନ କରାଗଲା।

(ଟଙ୍କା କୋଟିରେ)

| ଆର୍ଥିକ ବର୍ଷ | ମୋଟ ଜମାସଂଗ୍ରହର ପରିମାଣ | ବୃଦ୍ଧି ପରିମାଣରେ | ପ୍ରତିଶତରେ |
|---|---|---|---|
| ୨୦୧୩-୧୪ | ୩୦୭.୯୦ | ୪୩.୫୩ | ୧୬.୪୭ |
| ୨୦୧୪-୧୫ | ୩୦୫.୩୮ | (-)୨.୫୨ | (-)୦.୮୨ |
| ୨୦୧୫-୧୬ | ୩୩୨.୩୫ | ୨୬.୯୭ | ୮.୮୩ |
| ୨୦୧୬-୧୭ | ୩୭୮.୨୩ | ୪୫.୮୮ | ୧୩.୮୦ |
| ୨୦୧୭-୧୮ | ୪୦୮.୪୭ | ୩୦.୨୪ | ୮.୦୦ |

ଋଣ ଗ୍ରହଣ

ସମିତି ମାନଙ୍କ ମାଧ୍ୟମରେ ଫସଲଋଣ, ମିଆଦି ଋଣ ଏବଂ ବ୍ୟାଙ୍କ ଋଣ ଚାହିଦା ମେଂଟାଇବାକୁ ଜମାରାଶି ଯଥେଷ୍ଟ ହେଉନଥିବାରୁ ବ୍ୟାଙ୍କ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ, ରଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ ନାବାର୍ଡ ଓ ରାଜ୍ୟସରକାର ଠାରୁ ଋଣ କରିଥାଏ। ଋଣ ଗ୍ରହଣ କରିବାର ପରିମାଣ ୨୦୧୩-୧୪ ଆର୍ଥିକ ବର୍ଷ ସୁଦ୍ଧା ୧୪୨.୧୨ କୋଟି ଟଙ୍କାରେ ଥିଲାବେଳେ ତାହା କ୍ରମଶଃ ବୃଦ୍ଧିଘଟି ଏହି ପରିମାଣ ୨୦୧୭-୧୮ ଆର୍ଥିକ ବର୍ଷ ୨୪୭.୩୦ କୋଟି ଟଙ୍କାରେ ପହଂଚିଛି। ଏହି ସମୁଦାୟ ଋଣ ପରିମାଣ ମଧ୍ୟରୁ ନାବାର୍ଡ ଓ ରାଜ୍ୟ ସମବାୟ ବ୍ୟାଙ୍କଠାରୁ ମୋଟ ଋଣ ୨୪୭.୧୮ କୋଟି ଟଙ୍କା ଯାହାକି ମୋଟ ଋଣର ୯୯.୯୫ ପ୍ରତିଶତ। ବିଗତ ୫ବର୍ଷରେ ଋଣ ପରିମାଣ ବିବରଣୀ ନିମ୍ନ ସାରଣୀ ଏବଂ ସୂଚକ ରେଖା ଚିହ୍ନ ଦ୍ୱାରା ପ୍ରଦାନ କରାଗଲା।

(ଟଙ୍କା କୋଟିରେ)

| ଆର୍ଥିକ ବର୍ଷ | ମୋଟ ଋଣ ପରିମାଣ | ବୃଦ୍ଧି (ପ୍ରତିଶତ) |
|---|---|---|
| ୨୦୧୩-୧୪ | ୧୪୨.୧୨ | ୨୯.୦୬ |
| ୨୦୧୪-୧୫ | ୧୮୬.୩୩ | ୩୧.୧୦ |
| ୨୦୧୫-୧୬ | ୨୧୫.୬୮ | ୧୫.୭୫ |
| ୨୦୧୬-୧୭ | ୨୨୫.୫୭ | ୪.୫୯ |
| ୨୦୧୭-୧୮ | ୨୪୭.୩୦ | ୯.୬୩ |

**କାର୍ଯ୍ୟକାରୀ ମୂଳଧନ :**

ବ୍ୟାଙ୍କର କାର୍ଯ୍ୟକାରୀ ମୂଳଧନ ଗତ ୫ବର୍ଷ ମଧ୍ୟରେ ପାଖାପାଖି ୧.୫୦ ଗୁଣ ବୃଦ୍ଧିପାଇଛି। ଏହା ୨୦୧୩-୧୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫୨୫.୦୩ କୋଟି ଥିଲାବେଳେ ତାହା କ୍ରମାନ୍ୱୟ ବୃଦ୍ଧି ଘଟି ୨୦୧୭-୧୮ ଆର୍ଥିକ ବର୍ଷ କୁ ୭୭୪.୭୯ କୋଟି ଟଙ୍କାରେ ପହଂଚିଛି। ବିଗତ ୫ବର୍ଷର ବ୍ୟାଙ୍କର କାର୍ଯ୍ୟକାରୀ ମୂଳଧନର ପରିମାଣ ନିମ୍ନ ସାରଣୀ ଓ ସୂଚକ ରେଖା ଚିହ୍ନ ଦ୍ୱାରା ସୂଚିତ କରାଯାଇଅଛି।

(ଟଙ୍କା କୋଟିରେ)

| ଆର୍ଥିକ ବର୍ଷ | କାର୍ଯ୍ୟକାରୀ ମୂଳଧନର ପରିମାଣ | ବୃଦ୍ଧି (ପ୍ରତିଶତରେ) |
|---|---|---|
| ୨୦୧୩-୧୪ | ୫୨୫.୦୩ | ୧୯.୭୩ |
| ୨୦୧୪-୧୫ | ୫୮୬.୦୧ | ୧୧.୬୧ |
| ୨୦୧୫-୧୬ | ୬୫୭.୮୧ | ୧୨.୨୫ |
| ୨୦୧୬-୧୭ | ୭୦୬.୧୫ | ୭.୩୫ |
| ୨୦୧୭-୧୮ | ୭୭୪.୭୯ | ୯.୭୨ |

**ଋଣ ଲଗାଣ :**

ଜିଲ୍ଲାର ପ୍ରଦାନ କରାଯାଉଥିବା ଫସଲ ଋଣର ପ୍ରାୟ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ କେବଳ ଏହି ବ୍ୟାଙ୍କ ଯୋଗାଇଥାଏ। ଏହି ଫସଲ ଋଣ ବ୍ୟତୀତ ବ୍ୟାଙ୍କ କୃଷି ଓ ଅଣକୃଷି ମିଆଦି ଋଣ ସହ କ୍ଷୁଦ୍ର ବ୍ୟବସାୟୀ ଗ୍ରାମ୍ୟ କାରିଗରୀ, ଗୃହଋଣ, ଯାନବାହନ ଋଣ, ବ୍ୟକ୍ତିଗତ ଋଣ ସହ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମଦେୟ ଗୋଷ୍ଠୀ ଇତ୍ୟାଦି ସମସ୍ତ ଋଣ ବ୍ୟାଙ୍କର ୧୫ ଗୋଟି ଶାଖା ଓ ୪୪ଟି ପ୍ରାଥମିକ କୃଷି ଋଣ ସମିତି ମାଧ୍ୟମରେ ଯୋଗାଇ ଦିଆଯାଇଥାଏ। ବ୍ୟାଙ୍କ ୫ବର୍ଷ ତଳେ ଅର୍ଥାତ୍ ୨୦୧୩-୧୪ ଆର୍ଥିକ ବର୍ଷରେ ୨୫୪.୧୧ କୋଟି ଋଣ ଲଗାଣ କରିଥିବାବେଳେ ତାହା ପ୍ରତିବର୍ଷ ବୃଦ୍ଧିପଟି ୨୦୧୭-୧୮ ଆର୍ଥିକ ବର୍ଷରେ ୪୦୬.୨୦ କୋଟିରେ ପହଂଚି ପାରିଛି। ଆଲୋଖ ବର୍ଷରେ ଫସଲ ଋଣ ଲଗାଣ ୩୭୮.୬୭ କୋଟି ଟଙ୍କା ଯାହାକି ମୋଟ ଋଣଲଗାଣର ୯୩.୨୨ ପ୍ରତିଶତ, ବିଗତ ୫ ବର୍ଷର ବ୍ୟାଙ୍କର ଋଣଲଗାଣର କ୍ରମାନ୍ୱୟ ବୃଦ୍ଧି ନିମ୍ନ ସାରଣୀ ଓ ସୂଚକ ରେଖା ଚିହ୍ନ ଦ୍ୱାରା ସୂଚିତ କରାଯାଇଅଛି।

(ଟଙ୍କା କୋଟିରେ)

| ଆର୍ଥିକ ବର୍ଷ | ମୋଟ ଋଣ ଲଗାଣର ପରିମାଣ | ବୃଦ୍ଧିର ପରିମାଣ | ମୋଟ ଲଗାଇ ଥିବା ଋଣରୁ ଫସଲଋଣ ଲଗାଣର ପରିମାଣ | ଫସଲଋଣ ଲଗାଣରେ ଫସଲ ଋଣର ଅଂଶ ପ୍ରତିଶତରେ |
|---|---|---|---|---|
| ୨୦୧୩-୧୪ | ୨୫୪.୧୧ | | ୨୧୯.୪୩ | ୮୬.୩୫ |
| ୨୦୧୪-୧୫ | ୩୦୧.୦୧ | ୪୬.୯୦ | ୨୬୬.୦୬ | ୮୮.୩୯ |
| ୨୦୧୫-୧୬ | ୩୬୧.୬୧ | ୬୦.୬୦ | ୩୨୯.୩୪ | ୯୧.୦୮ |
| ୨୦୧୬-୧୭ | ୩୭୩.୩୬ | ୧୧.୭୫ | ୩୪୩.୩୪ | ୯୧.୯୬ |
| ୨୦୧୭-୧୮ | ୪୦୬.୨୦ | ୩୨.୮୪ | ୩୭୮.୬୭ | ୯୬.୨୨ |

**ସ୍ୱୟଂ ସହାୟକ ଗୋଷ୍ଠୀ, ଯୁଗ୍ମଦେୟ ଗୋଷ୍ଠୀ ଗଠନ ଓ ଋଣ ଲଗାଣ**

ଦାରିଦ୍ର ସୀମା ରେଖାତଳେଥିବା ପରିବାର ମାନଙ୍କର ଆର୍ଥିକ ଉନ୍ନତି ପାଇଁ ଗ୍ରାମାଂଚଳରେ ସମଭାବାପନ୍ନ ପୁରୁଷ ଓ ବିଶେଷ କରି ମହିଳା ମାନଙ୍କ ମଧ୍ୟରେ ସମିତି ଓ ବ୍ୟାଙ୍କ ଶାଖା ମାଧ୍ୟମରେ ୨୦୧୭-୧୮ ବର୍ଷ ଶେଷ ସୁଦ୍ଧା------ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ---- ଗୋଟି ଗୋଷ୍ଠୀକୁ ----- କୋଟି ଟଙ୍କା ଋଣ ଲଗାଣ କରାଯାଇପାରିଛି। ସେହିପରି ଭୂମିହୀନ ଓ ଭାଗଚାଷୀ ମାନଙ୍କୁ ଋଣ ଆବଶ୍ୟକତା ପାଇଁ ଯୁଗ୍ମଦେୟ ଗୋଷ୍ଠୀରେ ଗୁରୁତ୍ୱ ଦିଆଯାଇ ପ୍ରାଥମିକ କୃଷିଋଣ ସମିତି ମାନଙ୍କ ମାଧ୍ୟମରେ ମୋଟ ---- ଗୋଟି ଗଠନ କରାଯାଇଥିବାବେଳେ ଆଲୋଖ ବର୍ଷ ଅର୍ଥାତ୍ ୨୦୧୭-୧୮ ରେ ---- ଗୋଷ୍ଠୀକୁ ---- କୋଟି ଋଣ ପ୍ରଦାନ କରାଯାଇଅଛି।

**ମତ୍ସ୍ୟ ଓ ଗୋପାଳନ ଋଣ ଲଗାଣ :**

ମତ୍ସ୍ୟ ଓ ଗୋପାଳନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରାଯାଇ, ଏହି ଦୁଇ କ୍ଷେତ୍ରରେ ଯଥାକ୍ରମେ ୧୫ ଜଣଙ୍କୁ ୧୦.୮୨ ଲକ୍ଷ ଏବଂ ୪୮ ଜଣଙ୍କୁ ୨୪.୩୭ ଲକ୍ଷ ଟଙ୍କା ଏହି ଆଲୋଚ୍ୟ ବର୍ଷରେ ଋଣ ପ୍ରଦାନ ଏକ ଗୁରୁତ୍ୱପୂର୍ଣ୍ଣ ସାଫଲ୍ୟତା।


**ପୁଞ୍ଜି ନିବେଶ :**

ଭାରତୀୟ ରିଜର୍ଭ ବ୍ୟାଙ୍କ ସଭାବଳୀ ଅନୁଯାୟୀ ଜମାରାଶିର ନିର୍ଦ୍ଦିଷ୍ଟ ପରିମାଣ ବ୍ୟାଙ୍କକୁ ପୁଞ୍ଜିବିନିଯୋଗ କ୍ଷେତ୍ରରେ ଏସ୍.ଏଲ.ଆର ଓ ସି.ଆର.ଆର ନିବେଶ କରିବାକୁ ପଡିଥାଏ। ବ୍ୟାଙ୍କ ବର୍ତ୍ତମାନ ସୁଦ୍ଧା ଏଦିଗରେ କୌଣସି ଖିଲାପୀ କରିନାହିଁ। ପୁନଶ୍ଚ ଏସ୍.ଏଲ.ଆର ଓ ସି.ଆର.ଆର ଠାରୁ ଉଦବୃତ ପୁଞ୍ଜି ରାଷ୍ଟ୍ରାୟତରେ ବ୍ୟାଙ୍କରେ ମିଆଦି ଜମାରଖି ସେଥିରୁ ସୁଧ ସଂଗ୍ରହ କରିଥାଏ ଏବଂ ତାହା ମଧ୍ୟ କରିଅଛି। ଏହି ପୁଞ୍ଜି ନିବେଶ ପରିମାଣ ୨୦୧୩-୧୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୨୩.୯୭ କୋଟି ଥିଲା ବେଳେ ତାହା ବର୍ଷକୁ ବର୍ଷ ବୃଦ୍ଧିପାଇ ୨୦୧୭-୧୮ ଆର୍ଥିକ ବର୍ଷ ଶେଷ କୁ ୩୩୦.୫୭ କୋଟି ଟଙ୍କାରେ ପହଂଚି ଅଛି। ଅତଏବ ଏହି ପାଂଚ ବର୍ଷ ମଧ୍ୟରେ ନିବେଶ ବୃଦ୍ଧିର ପରିମାଣ ୧୦୬.୬୦ କୋଟି ଟଙ୍କା। ବିଗତ ୫ ବର୍ଷର ଏହି କ୍ଷେତ୍ରରେ ସ୍ଥିତି ନିମ୍ନ ସୂଚକରେଖା ଚିହ୍ନ ଦ୍ୱାରା ସୂଚିତ କରାଯାଇଅଛି।

**ବାର୍ଷିକ ଲାଭ / କ୍ଷତି :**

ବ୍ୟାଙ୍କ ୨୦୦୩-୦୪ ଆର୍ଥିକ ବର୍ଷଠାରୁ ନିରନ୍ତର ନିଟ୍ ଲାଭ ଉପାର୍ଜନ କରିଆସୁଅଛନ୍ତି। ୨୦୧୩-୧୪ ଆର୍ଥିକ ବର୍ଷର ନିଟ୍ ଲାଭ ପରିମାଣ ୪୨୫.୫୩ ଲକ୍ଷ ଥିଲାବେଳେ ୨୦୧୭-୧୮ ଆର୍ଥିକ ବର୍ଷରେ ତାହା ୪୭୫.୫୪ ଲକ୍ଷ ହୋଇଅଛି ଏବଂ ଏହି ଲାଭର ପରିମାଣ ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କର ରେକର୍ଡ। ଏବଂ ଏହି ପ୍ରକ୍ରିୟା ଆଗାମୀ ବର୍ଷରେ ବଳବର୍ତର ରହିବ ବୋଲି ଆମ୍ଭେ ନିଶ୍ଚିତ। ଲାଭରବର୍ଗଓ୍ୱାରି ପରିମାଣ ନିମ୍ନ ସୂଚକ ରେଖା ଚିହ୍ନ ଦ୍ୱାରା ସୂଚିତ କରାଗଲା।

ପରିମାଣ




**ସେବା ସମବାୟ ସମିତି ଓ ଲ୍ୟାମ୍ପ୍ ଜରିଆରେ ଚାଷୀଙ୍କ ଫସଲର ବିପଣନ :**

ଚାଷୀମାନଙ୍କର ଉତ୍ପାଦିତ ବଳକା ଧାନର ଅଭାବ ବ୍ୟକ୍ତି ସମସ୍ୟାକୁ ରୋକି ସରକାରଙ୍କ ଧାର୍ଯ୍ୟ ହୋଇଥିବା ସହାୟକ ମୂଲ୍ୟ ଠିକ୍ ସମବାୟ ସେମାନଙ୍କ ବ୍ୟାଙ୍କ ଖାତା ମାଧ୍ୟମରେ ସେମାନଙ୍କୁ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ରାଜ୍ୟସରକାର ଖାଦ୍ୟ ସଂଗ୍ରହ ଯୋଜନାରେ ଭାଗ ନେଇ ପ୍ରାଥମିକ କୃଷିଋଣ ଖରିଫ ୨୦୧୦-୧୧ ବର୍ଷଠାରୁ ଚାଷୀମାନଙ୍କ ଠାରୁ ଧାନ କ୍ରୟରେ ରାଜ୍ୟ ଯୋଗାଣ ନିଗମର କମିଶନ ଏଜେଂଟ୍ ଭାବରେ ନିୟୋଜିତ କରିଅଛନ୍ତି ଏହି ପ୍ରକ୍ରିୟା ଆରମ୍ଭ ହେବାଠାରୁ ବ୍ୟାଙ୍କ ଏହାକୁ ସମସ୍ତ ପକ୍ଷ ସହ ସମନ୍ୱୟ ରକ୍ଷାକରି ସଫଳତାସହ ପରିଚାଳନା ଓ ତଦାରଖ କରିଆସୁଅଛି। ଏହି ଧାନ କ୍ରୟ ବ୍ୟବସାୟରୁ ମିଳିଥିବା କମିଶନ ସମିତି ତଥା ବ୍ୟାଙ୍କର ଆୟ ବୃଦ୍ଧିରେ ସାହାଯ୍ୟ କରୁଛି। ୨୦୧୭-୧୮ ଆର୍ଥିକ ବର୍ଷରେ ସମସ୍ତ ୨୭ ଗୋଟି ସମିତି ଓ ୧୭ ଗୋଟି ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ବା ଲ୍ୟାମ୍ପ ମାଧ୍ୟମରେ ୯୧୪୭୦ ଜଣ ଚାଷୀଙ୍କୁ ଟ.୪୦.୯୪ ଲକ୍ଷ କୁଇଂଟାଲ ଧାନ କିଣି ୫୮୫.୧୮ କୋଟି ବିକ୍ରେତା ଚାଷୀ ପ୍ରଦାନ କରିଛନ୍ତି।

**ଶାଖା ଓ କର୍ମଚାରୀ ପ୍ରତି ବ୍ୟବସାୟ :**

ଗତ କେତେ ବର୍ଷର ବ୍ୟାଙ୍କର ଅଭିବୃଦ୍ଧିକୁ ଆକଳନ କଲେ ଜଣାଯାଏ ଯେ ଏହି ବ୍ୟାଙ୍କର ଶାଖାପ୍ରତି ହାରାହାରି ବ୍ୟବସାୟ ଜିଲ୍ଲାସ୍ତରୀୟ ପ୍ରମୁଖ କେତୋଟି ବ୍ୟାଙ୍କ ବ୍ୟବସାୟ ତୁଳନାରେ ନିମ୍ନନୁହେଁ ବରଂ ସମକକ୍ଷ। ଏହିପରି କର୍ମଚାରୀ ପିଛା ବ୍ୟବସାୟରେ ଏହି ବ୍ୟାଙ୍କର ସଂଖ୍ୟା ନିଶ୍ଚିତ ଭାବେ ଆକର୍ଷଣୟୀ ଏହାର ଏକ ଚିତ୍ର ନିମ୍ନରେ ପ୍ରଦାନ କରାଗଲା।

| ୨୦୧୭-୧୮ରେ ବ୍ୟାଙ୍କର ମୋଟ ବ୍ୟବସାୟ | ମୋଟ ଶାଖା ସଂଖ୍ୟା | ଶାଖା ପ୍ରତି ବ୍ୟବସାୟ | ମୋଟ କର୍ମଚାରୀ ସଂଖ୍ୟା | କର୍ମଚାରୀ ପିଛା ବ୍ୟବସାୟ | ପରିଚାଳନା ଖର୍ଚ୍ଚ ବାସ୍ତବ ଆୟର |
|---|---|---|---|---|---|
| ୭୮୭.୫୫ | ୧୫ | ୫୨.୫୦ | ୮୯ | ୮.୮୫ | ୩୨.୨୫% |

ପରିଶେଷରେ ଆଜିର ୬୫ତମ ବାର୍ଷିକ ସାଧାରଣ ସଭାରେ ସଭାପତି ଶ୍ରୀଯୁକ୍ତ କାନନ ବିହାରୀ ପହୀ ମହୋଦୟ, ପରିଚାଳନା ପରିଷଦର ସମସ୍ତ ନିର୍ଦ୍ଦେଶକ, ସମସ୍ତ ୪୪ ଗୋଟି ପ୍ରାଥମିକ କୃଷିଋଣ ସମବାୟ ସମିତିର ସଭାପତି, ବ୍ୟାଙ୍କ ସହ ଅନୁବନ୍ଧିତ ସମିତିର ସଭାପତି, ସମବାୟ ସମିତିର ଉପନିବନ୍ଧକ, କେନ୍ଦୁଝର, ଆନନ୍ଦପୁର ଓ ଚମ୍ପୁଆର ସହନିବନ୍ଧକ, ଜିଲ୍ଲା ସମବାୟ ସମୀକ୍ଷା କର୍ତ୍ତା ପକ୍ଷ ତଥା ନିରୀକ୍ଷକ ବୃନ୍ଦ, ମୋର ପ୍ରିୟ ସହକାରୀ ବୃନ୍ଦ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବ୍ୟାଙ୍କର ଅଗଣିତ ଗ୍ରାହକ, ପୃଷ୍ଠ ପୋଷକ ତଥା ଶୁଭେଚ୍ଛୁ ଓ ସର୍ବୋପରି ଜିଲ୍ଲା ତଥା ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କକୁ ସେମାନଙ୍କର ଅକୁଣ୍ଠିତ ତଥା ସମୟୋପଯୋଗୀ ସହାଯ୍ୟ ଓ ସହଯୋଗ ପାଇଁ ବ୍ୟକ୍ତିଗତ ଏବଂ ବ୍ୟାଙ୍କ ତରଫରୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ବ୍ୟାଙ୍କକୁ ରାଜ୍ୟ ତଥା ଦେଶର ଏକ ଅଗ୍ରଣୀ ତଥା ଆଦର୍ଶ ବ୍ୟାଙ୍କ ଭାବେ ଗଢିତୋଳିବାକୁ ସେମାନଙ୍କର ସହଯୋଗ କାମନା କରି ମୋର ବାର୍ଷିକ ବିବରଣୀ ପଠନ କାର୍ଯ୍ୟ ସମାପ୍ତ କରୁଛି।

ଜୟ ହିନ୍ଦ୍ ! ଜୟତୁ ସମବାୟ

ନାରାୟଣ ମଢେଇ

ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ

## ସଂକ୍ଷେପରେ

### ଏକାମ୍ର କଲେଜ ୯ ଉଇକେଟରେ ବିଜୟୀ

ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି): ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଅଫ୍ ସାଇନ୍ସ ଆଣ୍ଡ ଏଜୁକେଶନ ମହାବିଦ୍ୟାଳୟରେ ଜୋନ-୪ ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱରର ଏକାମ୍ର କଲେଜ ୯ ଉଇକେଟରେ ଏଡି କଲେଜ ବ୍ରହ୍ମଗିରିକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବ୍ରହ୍ମଗିରି କଲେଜ ୯.୫ ଓଭରରେ ୪୧ ରନ କରି ଅଲଆଉଟ ହୋଇ ଯାଇଥିଲା। ଏକାମ୍ର ବୋଲରଙ୍କ ମଧ୍ୟରେ ଚିନ୍ମୟ ପରିଡ଼ା ୫ ଉଇକେଟ ସଫଳତା ପାଇଥିବାବେଳେ ସୌରଭ ପାଣିଗ୍ରାହୀ ୩ ଓ ଶଶିକାନ୍ତ ବେହେରା ୨ଟି ଉଇକେଟ ନେଇଥିଲେ। ୪୨ ରନର ବିଜୟ ଲକ୍ଷ୍ୟକୁ ଏକାମ୍ର କଲେଜ ୩.୩ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଗିରିଜା ମିଶ୍ର ୨୯ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ।

### ଅଷ୍ଟ୍ରେଲିଆ ଟୁର୍‌ରେ ଟିମ୍ ଇଣ୍ଡିଆ

ବମ୍ବେ, ୧୬।୧୧ (ପି.ଟି.)-ଭାରତୀୟ କ୍ରିକେଟ ଦଳ ଶୁକ୍ରବାର ଅଷ୍ଟ୍ରେଲିଆ ଟୁର୍‌ରେ ଯାଇଛି। ଦଳ ସେଠାରେ ୪ ଟେଷ୍ଟ, ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିବ। ଦେଶ ଛାଡ଼ିବା ପୂର୍ବରୁ ଦଳର କେତେଜଣ ସଦସ୍ୟ ସେମାନଙ୍କ ଭାବନା ଟ୍ୱିଟରରେ ଶେୟାର କରିଛନ୍ତି। ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ ଏହି ଟୁର୍‌କୁ ରୋମାଞ୍ଚ ଏବଂ ଚ୍ୟାଲେଞ୍ଜ ଭରା ହେବ ବୋଲି ଉଲ୍ଲେଖ କରିଛନ୍ତି। ଟିମ୍‌ମେଟ୍ ତଥା ଯୁବ ଉଇକେଟକିପର ରିଶଭ ପନ୍ତ, ରୋହିତ ଶର୍ମା ଏବଂ ଅନ୍ୟମାନଙ୍କ ସହ ମିଳିତ ଫଟୋକୁ ମଧ୍ୟ ସେ ପୋଷ୍ଟ କରିଛନ୍ତି। ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଟ୍ୱିଟରରେ ତାଙ୍କ ଫଟୋ ଛାଡ଼ିବା ସହ "ଅଫ୍ ୱି ଗୋ" ବୋଲି ଉଲ୍ଲେଖ କରିଛନ୍ତି। କୁନାଲ ପାଣ୍ଡ୍ୟା ଟିମ୍‌ମେଟ୍‌ଙ୍କ ସହିତ ତାଙ୍କ ଫଟୋ ପୋଷ୍ଟ କରିଛନ୍ତି। କୁନାଲ ପାଣ୍ଡ୍ୟା ମଧ୍ୟ ଟ୍ୱିଟରରେ ତାଙ୍କ ମନୋଭାବ ପ୍ରକାଶ କରିବ ସହ ଟିମ୍‌ମେଟଙ୍କ ସହ କେତେକ ଫଟୋ ପୋଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆରେ ଆମ ବ୍ୟାଟ୍ସମ୍ୟାନମାନଙ୍କୁ ଭଲ ବ୍ୟାଟିଂ କରିବାକୁ ପଡ଼ିବ ବୋଲି ଅଧିନାୟକ ବିରାଟ କୋହଲି ଦେଶ ଛାଡ଼ିବା ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ କହିଛନ୍ତି ବିଶ୍ୱକପ୍ ପୂର୍ବରୁ ଆମ ହାତରେ ଆଉ ମାତ୍ର ୧୩ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ରହିଛି। ତେଣୁ ଆମ ଦିନିକିଆ ଦଳରେ ଆଉ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଏହି ଅବସରରେ କ୍ରିକେଟ ବିଶେଷଜ୍ଞ ଏବଂ ପୂର୍ବତନ ଖେଳାଳିମାନେ ମତବ୍ୟକ୍ତ କରି କହିଛନ୍ତି, ଦକ୍ଷିଣ ଆଫ୍ରିକାରେ ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲ ପାଇଁ ଦୁଇ ପ୍ରମୁଖ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଏବଂ ଡେଭିଡ ୱାର୍ନର ବର୍ତ୍ତମାନ ବର୍ଷିକିଆ ବାସନ୍ଦ ଦଣ୍ଡରେ ରହିଥିବାରୁ ଟେଷ୍ଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ଲାଗି ଏହା ଏକ ବଡ଼ ସୁଯୋଗ।

> ଅଷ୍ଟ୍ରେଲିଆ କଣ୍ଡିଶନ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସୁହାଇବ। ଆସନ୍ତା ଟେଷ୍ଟ ସିରିଜରେ ଭାରତ ତାଙ୍କ ଅନୁପସ୍ଥିତି ଅନୁଭବ କରିପାରେ ।
> – ମାଇକ୍ ହସି, ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର



> ଆମେ ବିଶ୍ୱ ଚାମ୍ପିୟନ ହୋଇଥିଲେ ସୁଦ୍ଧା ପ୍ରତିଭା ସମ୍ପନ୍ନ ଯୁବ ଖେଳାଳି ଡି ଜଙ୍ଗଙ୍କ ସହ ନୂଆ ରୂପ ନେଇଥିବା ନେଦରଲାଣ୍ଡକୁ ହେୟଜ୍ଞାନ କରିବା ଉଚିତ୍ ହେବନି ।
> – ଡିଡିଅର ଡେସ୍‌ଚାମ୍ପ୍ସ, ଫ୍ରାନ୍ସ ଫୁଟ୍‌ବଲ କୋଚ୍



## ■ ମିଷ୍ଟର ୟୁନିଭର୍ସ ବିଶ୍ୱ ବଡିବିଲ୍ଡିଂ ଚାମ୍ପିୟନଶିପ୍

# ପଦକ ଆଶାରେ ଜନ୍ମେଜୟ

ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ବଡିବିଲ୍ଡର ଜନ୍ମେଜୟ ମହାନ୍ତି କ୍ୟାରିୟରର ସବୁଠାରୁ ବଡ଼ ପ୍ରତିଯୋଗିତାରେ ଭାଗନେବାକୁ ଯାଉଛନ୍ତି। ଜର୍ମାନୀର ହାମ୍‌ବର୍ଗଠାରେ ହେବାକୁ ଯାଉଥିବା ମିଷ୍ଟର ୟୁନିଭର୍ସ ବିଶ୍ୱ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ରେ ସେ ଭାରତୀୟ ବଡିବିଲ୍ଡିଂ ଫେଡେରେଶନ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହା ଚଳିତ ମାସ ୨୪ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଭିଜା ଆଦି ସମସ୍ତ ଔପଚାରିକତା ପୂରଣ କରିସାରିଛନ୍ତି ଜନ୍ମେଜୟ। ଭାରତୀୟ ଦଳ ସହ ୨୨ରେ ଯୋଗଦେଇ ୨୩ ତାରିଖରେ ଜର୍ମାନୀ ଯାତ୍ରା କରିବେ। "ଗତମାସରେ ଭାରତୀୟ ବଡିବିଲ୍ଡିଂ ଫେଡେରେଶନ ପକ୍ଷରୁ ଦିଲ୍ଲୀଠାରେ ଏକ ଚୟନ ଟ୍ରାଏଲ ହୋଇଥିଲା। ଏଥିରେ ୨୨ ଜଣ ଅଂଶଗ୍ରହଣ କରିଥିଲେ। ପ୍ରଦର୍ଶନ ଭିତ୍ତିରେ ମିଷ୍ଟର ୟୁନିଭର୍ସ ପାଇଁ ପ୍ରତିଯୋଗୀ ଚୟନ ହୋଇଛନ୍ତି। ଭାରତରୁ ମୋଟ ୧୯ ଜଣ ଏହି ପ୍ରତିଯୋଗିତାରେ ଭାଗନେବେ।



କୋଚ୍ ଲଲାଟ କେଶରୀ ପଟ୍ଟନାୟକଙ୍କ ସହ ଜନ୍ମେଜୟ ମହାନ୍ତି (ବାମ)।

ଏମାନଙ୍କ ମଧ୍ୟରେ ୧୨ ପ୍ରତିଯୋଗୀ ଏବଂ ୭ ଅଫିସିଆଲ ସାମିଲ। ଭାରତୀୟ ବଡିବିଲ୍ଡିଂ ଫେଡେରେଶନ ସମ୍ପାଦକ ସୁରେଶ କଦମଙ୍କ କହିବା ଅନୁସାରେ, ଜର୍ମାନୀ ପ୍ରତିଯୋଗିତାରେ ୨୮ଟି ଦେଶର ୨୫୦ରୁ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ତେଣୁ ପ୍ରତିଯୋଗିତା ନିଶ୍ଚିତ ଟପ୍ ହେବ। ଗତଥର ମୁଁ ଚୟନ ହୋଇଥିଲେ ହେଁ ଭିଜା ସମସ୍ୟା ଯୋଗୁ ଭାଗ ନେଇପାରି ନ ଥିଲି। ଏଥର ପ୍ରଥମଥର ପାଇଁ ଜୀବନର ସବୁଠାରୁ ବଡ଼ ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବାରୁ ବହୁତ ଉତ୍ସାହିତ ଅଛି ଏବଂ ଭଲ ପ୍ରଦର୍ଶନ ପାଇଁ ଆଶା ମଧ୍ୟ ରଖିଛି" ବୋଲି ଶୁକ୍ରବାର ଖବରଦାତା ସମ୍ମିଳନୀରେ କହିଛନ୍ତି ଜନ୍ମେଜୟ। ମିଷ୍ଟର ୟୁନିଭର୍ସ ପ୍ରତିଯୋଗିତା ହାଇଟ୍(ଉଚ୍ଚତା) କାଟେଗୋରିରେ ହେବ। ପ୍ରାୟୋଜକ ନ ଥିବାରୁ ପ୍ରତିଯୋଗିତା ପାଇଁ ରହିବା, ଖାଇବା, ଟିକେଟ ଆଦି ସମସ୍ତ ଖର୍ଚ୍ଚ ଲାଗି ଭାରତୀୟ ଫେଡେରେଶନକୁ ବ୍ୟକ୍ତିଗତ ଭାବେ ୧ ଲକ୍ଷ ୩୦ ହଜାର ଟଙ୍କା ଦେବାକୁ ପଡ଼ିଛି। ମିଷ୍ଟର ଏସିଆରେ ମୁଁ ଟପ୍-୫ରେ ରହିଥିଲି। ଏଥର ମଧ୍ୟ ମୁଁ ଏକ ଭଲ ପୋଜିଶନ ପାଇବା ଆଶାରେ ରହିଛି। ମୋ କ୍ୟାରିୟରର ଏହା ସବୁଠାରୁ ଶ୍ରେଷ୍ଠ ପ୍ରତିଯୋଗିତା। ବଡ଼ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ମୁଁ ଭଲ ପ୍ରସ୍ତୁତି ମଧ୍ୟ କରିଛି। ତେଣୁ ପଦକ ଜିତିବା ମୋର ମୁଖ୍ୟ ଲକ୍ଷ୍ୟ ରହିବ। ଓଡ଼ିଶାରେ ଏବେ ଓଡ଼ିଶା ବଡିବିଲ୍ଡିଂ ଆଣ୍ଡ ୱେଲ୍‌ଫେୟାର ଆସୋସିଏଶନ ଗଠନ ହୋଇଛି। ତେଣୁ ମୁଁ ଆଗକୁ ଆଉ କଲିକତା ନ ଯାଇ ଏବେ ଓଡ଼ିଶା ଆସୋସିଏଶନ ପକ୍ଷରୁ ହିଁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇପାରିବି ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜନ୍ମେଜୟଙ୍କ କୋଚ୍ ତଥା ଓଡ଼ିଶା ବଡିବିଲ୍ଡିଂ ଆଣ୍ଡ ୱେଲ୍‌ଫେୟାର ଆସୋସିଏଶନ ସମ୍ପାଦକ ଲଲାଟ କେଶରୀ ପଟ୍ଟନାୟକ ଏବଂ ଅନ୍ୟ ବଡିବିଲ୍ଡରମାନେ ଉପସ୍ଥିତ ଥିଲେ।

## ଦୃଢ଼ ସ୍ଥିତିରେ ଓଡ଼ିଶା

କଟକ ଅଫିସ,୧୬।୧୧

ଗୋଆର ସାନଗୁଏମ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି ଓଡ଼ିଶା–ଗୋଆ ବିପକ୍ଷ ମ୍ୟାଚ୍‌ର ୩ୟ ଦିବସ ଖେଳ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ କରି ୪ ଉଇକେଟ ବିନିମୟରେ ୨୦୮ ରନ୍ କରିଛି। ଅଧିନାୟକ ଦେବାଶିଷ ସାମନ୍ତରାୟ ଓ ଉଇକେଟକିପର ଅମ୍ରିତ୍ ଖଟୁଆ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଛନ୍ତି। ଓଡ଼ିଶା ମୋଟ୍ ୨୬୪ ରନ୍‌ର ଅଗ୍ରଣୀ ହାସଲ କରିଥିବା ବେଳେ ଶନିବାର ମ୍ୟାଚ୍‌ର ଅନ୍ତିମ ଦିବସ ରହିଛି। ଏଣୁ ଓଡ଼ିଶା ଗୋଆକୁ ଦ୍ୱିତୀୟ ଇନିଂସ୍ ବ୍ୟାଟିଂର ସୁଯୋଗ ଦେବା ସହ ବିଜୟ ପଏଣ୍ଟ ହାତେଇବାକୁ ଲକ୍ଷ୍ୟ ରଖିବ।

ଓଡ଼ିଶାର ପ୍ରଥମ ଇନିଂସ୍ ୨୯୩ ରନ୍ ଜବାବରେ ଘରୋଇ ଗୋଆ ଦଳ ୨୩୭ ରନ୍‌ରେ ସୀମିତ ରହିଥିଲା । ଶୁକ୍ରବାର ଖେଳ ଆରମ୍ଭରୁ ଓଡ଼ିଶା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ପ୍ରଥମ ଉଇକେଟରେ ୭୧ ରନ୍ ଯୋଡ଼ିଥିଲା। ଓପ୍‌ନର ବିଶ୍ୱଜିତ ଭୂୟାଁ ୩୭ ରନ୍‌ରେ ପ୍ରଥମ ଉଇକେଟ ଭାବେ ପାଭିଲିୟନ ଫେରିବା ପରେ ଅଧିନାୟକ ଦେବାଶିଷ ଓ ଅନ୍ୟତମ ଓପ୍‌ନର ତଥା ଉଇକେଟକିପର ଅମ୍ରିତ୍ ଦ୍ୱିତୀୟ ଉଇକେଟରେ ପୁନର୍ବାର ୭୧ ରନ୍‌ର ଭାଗୀଦାରି ସୃଷ୍ଟି କରିଥିଲେ। ଅମ୍ରିତ ୧୨୮ଟି ବଲ୍‌ରୁ ଓ ଦେବାଶିଷ ୧୧୨ଟି ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଛନ୍ତି। ପରେ ଅମ୍ରିତ(୬୮ରନ୍) ଓ ଦେବାଶିଷ(୫୪ରନ୍) ଅଳ୍ପ ରନ୍ ବ୍ୟବଧାନ ମଧ୍ୟରେ ଆଉଟ ହୋଇଥିଲେ।

## ଡିସେମ୍ବର ୨୮ରୁ ରାଜ୍ୟ ଆଥ୍‌ଲେଟିକ ମିଟ୍

କଟକ ଅଫିସ,୧୬।୧୧

ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ (ଓଏଏ) ଆନୁକୂଲ୍ୟରେ ଡିସେମ୍ବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ୬୬ତମ ରାଜ୍ୟ ଆଥ୍‌ଲେଟିକ ମିଟ୍ ଅନୁଷ୍ଠିତ ହେବ । ଉଭୟ ବାଳିକା, ବାଳକ ବର୍ଗର ୧୪ ବର୍ଷରୁ କମ୍, ୧୬ ବର୍ଷରୁ କମ୍, ୧୮ ବର୍ଷରୁ କମ୍ ଓ ୨୦ ବର୍ଷରୁ କମ୍ ବିଭାଗର ପ୍ରତିଯୋଗିତା ସମେତ ସିନିୟର ପୁରୁଷ ଓ ମହିଳା ବର୍ଗର ପ୍ରତିଯୋଗୀ ମଧ୍ୟ ଭାଗନେବେ । ଏତଦ୍‌ବ୍ୟତୀତ ଡିସେମ୍ବର ୨୨ ଓ ୨୩ ତାରିଖ ଦୁଇଦିନ ଧରି କଟକ ଜିଲା ଆଥ୍‌ଲେଟିକ ମିଟ୍ ବାରବାଟୀରେ ହେବ ବୋଲି ଓଏଏ ସମ୍ପାଦକ ଆଶୀର୍ବାଦ ବେହେରା ସୂଚନା ଦେଇଛନ୍ତି ।

## ବିଶ୍ୱ କ୍ୟାଡେଟ୍ ଚେସ୍ | ଭାରତକୁ ୨ ସ୍ୱର୍ଣ୍ଣ, ଫେଡେରେଶନକୁ ରୌପ୍ୟ

ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି)

ସ୍ପେନ୍‌ର ସାଣ୍ଟିଆଗୋଠାରେ ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍ (୮, ୧୦, ୧୨ ବର୍ଷରୁ କମ୍ ବାଳିକା–ବାଳକ) ଉଦ୍‌ଯାପିତ ହୋଇଛି। ଏହା ଚଳିତ ମାସ ୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହାର ୬ଟି କାଟେଗୋରିରେ ମୋଟ ୨୧ ଭାରତୀୟ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ ବର୍ଷରୁ କମ୍ ଓପନରେ ଆଇଏମ୍ ଗୁକେଶ ଡି. ୧୧ ରାଉଣ୍ଡରୁ ୧୦ ପଏଣ୍ଟ ଏବଂ ବାଳିକା କାଟେଗୋରିରେ ସବିତାଶ୍ରୀ ୧୧ ରାଉଣ୍ଡରୁ ୧୦ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୨ଟି ସ୍ୱର୍ଣ୍ଣ ପଦକ ମିଳିଥିବାରୁ ଭାରତୀୟ ଫେଡେରେଶନ ରୌପ୍ୟ ପଦକ ହାସଲ କରିଛି। ଚାଇନା ଫେଡେରେଶନ ୨ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ସହ ସ୍ୱର୍ଣ୍ଣ ପଦକ ପାଇଛି। ଆମେରିକା ଫେଡେରେଶନକୁ ବ୍ରୋଞ୍ଜ ପଦକ ମିଳିଛି। ଭାରତୀୟ କ୍ୟାଡେଟ୍ ଦଳର କୋଚ୍ ଦାୟିତ୍ୱ ତୁଲାଇଥିବା ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ଅପରାଜିତା ଗୋଚ୍ଛିକାର ଫେଡେରେଶନ ପକ୍ଷରୁ ରୌପ୍ୟ ପଦକ ଗ୍ରହଣ କରିଥିଲେ।



ପୁରସ୍କାର ସହ ସବିତାଶ୍ରୀ, ଅପରାଜିତା ଗୋଚ୍ଛିକାର ଓ ଗୁକେଶ ଡି.।

## ଆଜିଠାରୁ ଆଇଟା ଚାମ୍ପିୟନଶିପ ସିରିଜ୍

ବ୍ରହ୍ମପୁର ଅଫିସ,୧୬।୧୧

ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ୍ (ଆଇଟା) ୧୬ବର୍ଷରୁ କମ୍ ବାଳିକା ଏବଂ ବାଳକ ଚାମ୍ପିୟନଶିପ୍ ସିରିଜ ଶନିବାରଠାରୁ ବ୍ରହ୍ମପୁରସ୍ଥିତ ୟୁନିୟନ୍ କ୍ଲବ ଠାରେ ଆରମ୍ଭ ହେବ। ଗଞ୍ଜାମ ଜିଲା ଟେନିସ୍ ଆସୋସିଏଶନ୍ (ଜିଡିଟିଏ) ତରଫରୁ ତଥା ଓଡ଼ିଶା ଟେନିସ୍ ଆସୋସିଏଶନ ସହଯୋଗରେ ଆୟୋଜିତ ହେଉଥିବା ଏହି ଟୁର୍ନାମେଣ୍ଟରେ ୧୫ ବାଳକ ଏବଂ ୮ ବାଳିକା ଖେଳାଳି ଭାଗନେଉଛନ୍ତି । ବାଳକରେ ଓଡ଼ିଶାର ଆଶିଷ କୁମାର ପରିଡ଼ା ଟପ୍‌ସିଡେଡ୍ ଅଛନ୍ତି । ଆଶିଷ ସଂପ୍ରତି ସର୍ବଭାରତୀୟ ୧୦୪ତମ ର୍‍ୟାଙ୍କିଙ୍ଗରେ ରହିଛନ୍ତି। ସେହିପରି ୨ଶହ ର୍‍ୟାଙ୍କଧାରୀ ଆନ୍ଧ୍ରପ୍ରଦେଶର ପି.ଅରବିନ୍ଦ ଦ୍ୱିତୀୟ, ୨୭୫ତମ ର୍‍ୟାଙ୍କଧାରୀ ଓଡ଼ିଶାର ରାହୁଲ ବେହେରା ତୃତୀୟ ଏବଂ ୩୯୧ ର୍‍ୟାଙ୍କଧାରୀ ପଶ୍ଚିମବଙ୍ଗର ଭ୍ୟାୟାମ୍ କ୍ରିଷ୍ଣା ଚତୁର୍ଥ ସିଡେଡ୍ ଖେଳାଳି ଭାବେ ରହିଛନ୍ତି । ଅନ୍ୟପକ୍ଷରେ ବାଳିକାରେ ଓଡ଼ିଶାର ଅର୍ଚ୍ଚିତା ସାହୁ ଟପ୍‌ସିଡେଡ୍ ରହିଛନ୍ତି । ସଂପ୍ରତି ଅର୍ଚ୍ଚିତାଙ୍କ ର୍‍ୟାଙ୍କ ସର୍ବଭାରତୀୟ ସ୍ତରରେ ୯୧ ରହିଛି । ୯୭ ର୍‍ୟାଙ୍କଧାରୀ ପଶ୍ଚିମବଙ୍ଗର ସାନ୍ୟା ଯାଦବ ଦ୍ୱିତୀୟ ସିଡେଡ୍ ହୋଇଥିବା ବେଳେ ୧୪୬ତମ ର୍‍ୟାଙ୍କଧାରୀ ଓଡ଼ିଶାର ସିମରନ୍ ନେହା ଏକ୍କା ତୃତୀୟ ଏବଂ ୩୨୭ ର୍‍ୟାଙ୍କଧାରୀ ଝାଡ଼ଖଣ୍ଡର ଅଦିତି ପ୍ରଧାନ ଚତୁର୍ଥ ସିଡେଡ୍ ରହିଛନ୍ତି ।



ଖେଳାଳିମାନେ ନାମ ପଞ୍ଜୀକରଣ କରୁଛନ୍ତି ।

ଶନିବାର ବାଳକ ବର୍ଗରେ ଦ୍ୱିତୀୟ ରାଉଣ୍ଡ ପର୍ଯ୍ୟନ୍ତ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ। ସୋମବାର ଯାଏ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ୟୁନିୟନ୍ କ୍ଲବର ଦୁଇଟି କ୍ଲେ କୋର୍ଟରେ ଖେଳାଯିବ । ଶନିବାର ସକାଳ ୯ଟାରେ ଓଡ଼ିଶାର ଦୁଇ ଖେଳାଳି ଷ୍ଟିଭେନ୍ ଅଙ୍କିତ ଏକ୍କାଙ୍କ ସହ ବୈଷ୍ଣବ କୁନ୍ଦଳା ଏବଂ ପଶ୍ଚିମବଙ୍ଗର ଭ୍ୟାପମ୍ କ୍ରୀଷ୍ଣାଙ୍କ ସହ ଓଡ଼ିଶା ଆର୍ଯ୍ୟନ ସ୍ୱାମୀଙ୍କ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ପୂର୍ବାହ୍ନ ୧୦ଟାରେ ଓଡ଼ିଶାର ସି.ଭିନିତ୍ ପାତ୍ର ସହ ତାମିଲନାଡୁର ଅନ୍ୱେଷ ମିଶ୍ର ଏବଂ ଓଡ଼ିଶାର ରବିନାରାୟଣ ସାହୁ ସହ ପ୍ରଣେଶ ସାହୁଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବ । ପୂର୍ବାହ୍ନ ୧୧ଟାରେ ଓଡ଼ିଶାର ସାଫଲ୍ୟ ମହାନ୍ତି ସହ ରାହୁଲ ବେହେରା ଏବଂ ଓଡ଼ିଶାର ଅର୍ପିତ କୁମାର ସାହୁଙ୍କ ସହ ପଶ୍ଚିମବଙ୍ଗର ଶୁଭ୍ରନୀଲ୍ ବର୍ମନ୍‌ଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବ । ମଧ୍ୟାହ୍ନ ୧୨ଟାରେ ଓଡ଼ିଶାର ସାଇ ଧୀରଜ କୁନ୍ଦଲାଙ୍କ ସହ ଆନ୍ଧ୍ରପ୍ରଦେଶର ପି.ଅରବିନ୍ଦଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ସେମିଫାଇନାଲ୍ ଲାଇନ୍‌ଅପ୍ ଚୂଡ଼ାନ୍ତ ହେବା ପରେ ଏହି ମ୍ୟାଚ୍‌ଗୁଡ଼ିକ ରବିବାର ଖେଳାଯିବ।

- ■ ବାଳକରେ ୧୫, ବାଳିକାରେ ୮ ଖେଳାଳି
- ■ ଆଶିଷ, ଅର୍ଚ୍ଚିତା ଟପ୍‌ସିଡେଡ୍
- ■ ଦୁଇଟି କ୍ଲେ କୋର୍ଟରେ ଖେଳାଯିବ ମ୍ୟାଚ୍

ଅନ୍ୟପଟେ ବାଳିକା ବର୍ଗରେ ପ୍ରଥମ ମ୍ୟାଚ୍ ଟପ୍‌ସିଡେଡ୍ ଓଡ଼ିଶାର ଅର୍ଚ୍ଚିତା ସାହୁଙ୍କ ସହ ପଶ୍ଚିମବଙ୍ଗର ଭୂମି ଶେଖରଙ୍କ ମଧ୍ୟରେ ଅପରାହ୍ନ ଗୋଟାଏରେ ଖେଳାଯିବ। ଏହି ସମୟରେ ଓଡ଼ିଶାର ଦୁଇ ଖେଳାଳି ଏଲିନା ସୟଦ୍‌ଙ୍କ ସହ ସିମରନ୍ ନେହା ଏକ୍କାଙ୍କ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହେବ । ଅପରାହ୍ନ ଦୁଇଟାରେ ଦୁଇଟି ମ୍ୟାଚ୍ ଖେଳାଯିବ । ଗୋଟିଏ ମ୍ୟାଚ୍ ଝାଡ଼ଖଣ୍ଡର ଅଦିତି ପ୍ରଧାନଙ୍କ ସହ ଓଡ଼ିଶାର ପ୍ରିୟା ଗୋୟଲ୍ ଏବଂ ଅନ୍ୟ ମ୍ୟାଚ୍‌ଟି ଓଡ଼ିଶାର ରିୟା ମର୍ଦ୍ଦରାଜାଙ୍କ ସହ ପଶ୍ଚିମବଙ୍ଗର ସାନ୍ୟା ଯାଦବଙ୍କ ମଧ୍ୟରେ ଖେଳାଯିବ । ଏହାର ସେମିଫାଇନାଲ୍ ମ୍ୟାଚ୍‌ଗୁଡ଼ିକ ରବିବାର ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଆଇଟାର ରେଫରି ଯତିନ ବସ୍ୟ ମ୍ୟାଚ୍‌ଗୁଡ଼ିକ ପରିଚାଳନା କରିବେ ।

# ଯୁବ ଡିଫେଣ୍ଡର ବରୁଣ କୁମାର



ଜଣେ ଡିଫେଣ୍ଡର ହିସାବରେ ବରୁଣ କୁମାର ଭାରତୀୟ ହକି ଦଳରେ ସ୍ଥାନ ପକ୍କା କରିଛନ୍ତି। ଆଗାମୀ ହକି ବିଶ୍ୱକପ୍‌ରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ପଞ୍ଜାବରେ ଜନ୍ମଗ୍ରହଣ କରିଥିବା ବରୁଣ ସ୍କୁଲରେ ପଢୁଥିବା ବେଳେ ହକି ଖେଳିବା ଆରମ୍ଭ କରିଥିଲେ। ୨୦୧୨ ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ସେ ନିଜ ରାଜ୍ୟ ପଞ୍ଜାବ ତରଫରୁ ପ୍ରତିନିଧିତ୍ୱ କରିଥିଲେ ଓ ଦମ୍‌ଦାର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ତାଙ୍କୁ ଜୁନିୟର ଦଳରେ ସାମିଲ କରାଯାଇଥିଲା। ଏହାପରେ ସେ ଆଘାତ ସମସ୍ୟାର ଶିକାର ହୋଇଥିଲେ ଓ ଦୁଇବର୍ଷ ଖେଳରୁ ଦୂରେଇ ରହିଥିଲେ। ଏହାପରେ ୨୦୧୪ ଜୁନିୟର ଜାତୀୟ ଚାମ୍ପିୟନଶିପ୍‌ରେ ସେ ଉନ୍ନତ ପ୍ରଦର୍ଶନ କରି ପୁଣି ଥରେ ଜାତୀୟ ଜୁନିୟର ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଏହାପରେ ହାଇପ୍ରୋଫାଇଲ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଖେଳିବାର ସୁଯୋଗ ହାସଲ କରିଥିଲେ। ପଞ୍ଜାବ ୱାରିୟର୍ସ ପାଇଁ ସେ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ପଞ୍ଜାବ ପକ୍ଷରୁ ସେ ୨୦୧୪ ଓ ପରେ ୨୦୧୫, ୨୦୧୬ ସେସନ ପାଇଁ ମଧ୍ୟ ଏହି ଲିଗ୍ ଖେଳିଥିଲେ। ସ୍ପେନ୍‌ରେ ଖେଳାଯାଇଥିବା ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ସେ ଭାରତୀୟ ଜୁନିୟର ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବା ସହ ସେ ଜୁନିୟର ବିଶ୍ୱକପ୍ ଖେଳିବାର ସୁଯୋଗ ହାସଲ କରିଥିଲେ।

ବରୁଣଙ୍କ ସିନିୟର ଆନ୍ତର୍ଜାତିକ କ୍ୟାରିୟର ସେତେ ଦୀର୍ଘ ହୋଇ ନ ଥିଲେ ମଧ୍ୟ ପ୍ରତିଭା ଓ ଦକ୍ଷତା କାରଣରୁ ବିଶ୍ୱକପ୍ ଦଳରେ ସ୍ଥାନ ହାସଲ କରିଛନ୍ତି। ଜଣେ ଯୁବ ଡିଫେଣ୍ଡର ହିସାବରେ ସେ ଆଗାମୀ ବିଶ୍ୱକପ୍‌ରେ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

୨୦୧୭ରେ ଢାକାରେ ଅନୁଷ୍ଠିତ ଏସିଆ କପ୍‌ରେ ସେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ ଓ ଏହି ଟୁର୍ନାମେଣ୍ଟରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଆନ୍ତର୍ଜାତିକସ୍ତରରେ ଏହା ଥିଲା ତାଙ୍କ କ୍ୟାରିୟରର ପ୍ରଥମ ବଡ଼ ସଫଳତା। ଏହାପରେ ୨୦୧୮ରେ ବ୍ରେଡାରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିରେ ଭାରତ ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଥିଲା। ସେ ମଧ୍ୟ ଏହି ଭାରତୀୟ ଦଳର ସଦସ୍ୟ ଥିଲେ।

୨୦୧୬ରେ ଲକ୍ଷ୍ନୌରେ ଅନୁଷ୍ଠିତ ପୁରୁଷ ଜୁନିୟର ହକି ବିଶ୍ୱକପ୍‌ର ୧୧ତମ ସଂସ୍କରଣ ବରୁଣଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଡିସେମ୍ବର ୮ରୁ ୧୮ ତାରିଖ ମଧ୍ୟରେ ଖେଳାଯାଇଥିବା ଏହି ମେଗା ଇଭେଣ୍ଟରେ ଭାରତ ଫାଇନାଲରେ ବେଲ୍‌ଜିୟମକୁ ୨–୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଭାରତର ଏହି ସଫଳତା ପଛରେ ବରୁଣଙ୍କର ପ୍ରଚ୍ଛନ୍ନ ହାତ ରହିଥିଲା। ଜଣେ ଡିଫେଣ୍ଡର ଓ ଡ୍ରାଗ ଫ୍ଲିକର ହିସାବରେ ଭାରତୀୟ ଜୁନିୟର ଦଳରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିବା ବରୁଣ ୨୦୧୨ରେ ଅନୁଷ୍ଠିତ ଜୁନିୟର ଜାତୀୟ ଚାମ୍ପିୟନଶିପ୍‌ରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଇଞ୍ଜୁରି କାରଣରୁ ସେ ଦଳରୁ ବାରମ୍ବାର ବାଦ୍ ପଡିଥିଲେ। ୩ଥର ଦଳକୁ ଫେରିବା ପାଇଁ ସେ ପ୍ରୟାସ କରିଛନ୍ତି। ବରୁଣ ଏବେ ଭାରତୀୟ ଦଳ ପାଇଁ ଅପରିହାର୍ଯ୍ୟ ହୋଇପଡିଛନ୍ତି। ୨୦୧୬ରେ ଭାଲେନ୍ସିଆରେ ଖେଳାଯାଇଥିବା ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ସେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଓ ଭାରତକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଦଳର ସିନିୟର ଖେଳାଳି ମନପ୍ରୀତ ସିଂଙ୍କ ଖେଳ ଦେଖି ବରୁଣ ହକି ଖେଳିବା ଆରମ୍ଭ କରିଥିଲେ।

ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ବରୁଣ ଗାଁରେ ହକି ଖେଳିବା ଆରମ୍ଭ କରିଥିଲେ। ମନପ୍ରୀତ ସିଂ ମୋତେ ଗାଇଡ୍ କରିଥିଲେ ଓ ହକି ଖେଳିବା ପାଇଁ ଉତ୍ସାହିତ କରିଥିଲେ। ମନପ୍ରୀତ ମୋ ଗାଇଡ ଓ ମେଣ୍ଟର ବୋଲି ବରୁଣ କୁହନ୍ତି। ବରୁଣ ଓ ମନପ୍ରୀତ୍ ଗୋଟିଏ ସ୍କୁଲରେ ପଢୁଥିଲେ। ୨୦୦୭ରେ ଜଳନ୍ଧରର ସୁର୍ଜିତ ଏକାଡେମୀରେ ଭର୍ତ୍ତି ହେବା ତାଙ୍କ କ୍ୟାରିୟରର ମୋଡ଼ ବଦଳାଇ ଦେଇଥିଲା। ଏହାପରେ ସେ ଜାତୀୟ ଜୁନିୟର ଓ ସିନିୟର ଦଳ ତରଫରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ହାସଲ କରିଥିଲେ। ତେବେ ଆରମ୍ଭରୁ ସେ ଅଭାବ ଅନଟନର ସମ୍ମୁଖୀନ ହୋଇଥିଲେ ଓ ଏଥିପାଇଁ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ପିଲାବେଳେ ସେ ଶ୍ରମିକ ଭାବେ କାର୍ଯ୍ୟ କରିଥିଲେ। ବରୁଣଙ୍କ ପିତା ବ୍ରହ୍ମାନନ୍ଦ ଜଣେ ଟ୍ରକ୍ ଡ୍ରାଇଭର। ହକି ଖେଳିବା ଆରମ୍ଭ କରି ନ ଥିବା ବେଳେ ତାଙ୍କ ବଡ଼ଭାଇ ରୋଜଗାରକ୍ଷମ ହୋଇ ନ ଥିଲେ। ପ୍ରତ୍ୟେକ ଟ୍ରିପ୍‌ରେ ତାଙ୍କ ପିତା ମାତ୍ର ୫୦୦୦ ଟଙ୍କା ରୋଜଗାର କରୁଥିଲେ। ଏଥିପାଇଁ ବରୁଣଙ୍କ ପିତାଙ୍କୁ ଦେଶର ପୂର୍ବଉପକୂଳବର୍ତ୍ତୀ ଅଞ୍ଚଳ ଓ ଓଡ଼ିଶା ଏବଂ ଝାଡଖଣ୍ଡ ଭଳି ରାଜ୍ୟକୁ ଟ୍ରକ ନେବାକୁ ହେଉଥିଲା। ଭାରତୀୟ ସେନାରେ ଯୋଗ ଦେବା ପରେ ଅବଶ୍ୟ ଆଉ ଆର୍ଥିକ ସମସ୍ୟା ନାହିଁ। ହକି ଖେଳିବା କାରଣରୁ ତାଙ୍କ ପଢାରେ କ୍ଷତି ହୋଇଛି ବୋଲି ବରୁଣ ସ୍ୱୀକାର କରିଛନ୍ତି। ସ୍କୁଲ ପରେ ସେ ଏବେ ଜଳନ୍ଧର ଡିଏଭି କଲେଜରେ ପାଠପଢା ଚାଲୁ ରଖିଛନ୍ତି। ଆସନ୍ତା ୨୮ ତାରିଖରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁଥିବା ହକି ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରି ଭାରତକୁ ଜିତାଇବାକୁ ପ୍ରୟାସ କରିବି ବୋଲି ସେ କହିଛନ୍ତି।

### ସଂକ୍ଷେପରେ...

- ■ ପୂରା ନାମ: ବରୁଣ କୁମାର
- ■ ଜନ୍ମସ୍ଥାନ: ମିଠାପୁର, ଜଲନ୍ଧର, ପଞ୍ଜାବ
- ■ ବୟସ: ୨୩ ବର୍ଷ
- ■ ପ୍ଲେଇଙ୍ଗ୍ ପୋଜିଶନ: ଡିଫେଣ୍ଡର

**ମେଡାଲ ରେକର୍ଡ**

- ■ ୨୦୧୭ ଢାକା, ଏସିଆ କପ୍- ସ୍ୱର୍ଣ୍ଣ
- ■ ୨୦୧୮ ବ୍ରେଡା, ଚାମ୍ପିୟନ୍ସ ଟ୍ରଫି- ରୌପ୍ୟ
- ■ ହକି ଇଣ୍ଡିଆ ଲିଗ୍ ଦଳ- ପଞ୍ଜାବ ୱାରିୟର୍ସ

### ହକି ବିଶ୍ୱକପ୍



**ଆଉ ୧୦ ଦିନ**

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. | ବାଲେଶ୍ୱର, ଶନିବାର, ନଭେମ୍ବର ୧୭/୨୦୧୮ | Balasore, Saturday, November 17/ 2018

# ଯୌତୁକ ଜୁଇରେ ଅଳକା: ୩ ଅଟକ

**ପଦ୍ମପୁର, ୧୬।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ବ୍ରହ୍ମପୁର ପଞ୍ଚାୟତ ପଦ୍ମପୁର ଗ୍ରାମର ଅଳକା ଓଝାଙ୍କୁ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ନିଆଁରେ ପୋଡ଼ି ମାରି ଦେଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏନେଇ ତାଙ୍କ ଭାଇଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୫୬୦/୧୮) ରୁଜୁ କରି ତଦନ୍ତ ଚଳାଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତି ସନ୍ଦେହରେ ପୋଲିସ ଅଳକାଙ୍କ ସ୍ୱାମୀ, ଶାଶୁ ଓ ନଣନ୍ଦଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ତିହିଡ଼ି ଥାନା ଅଧୀନ ଗୋବିନ୍ଦପୁର ଅଞ୍ଚଳର ପ୍ରକାଶ ମହାରଣାଙ୍କ ଭଉଣୀ ଅଳକା ୨୦୧୪ ଫେବୃୟାରୀ ମାସରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ପଦ୍ମପୁର ଗ୍ରାମର ଅଜିତ ଓଝାଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ତାଙ୍କୁ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ତିକ୍ତତା ଲାଗିରହିଥିଲା। ଗୁରୁବାର ବିଳମ୍ବିତ ରାତିରେ ନିଆଁରେ ପୋଡ଼ି ହୋଇ ଅଳକାଙ୍କ ମୃତ୍ୟୁ ହୋଇଥିବା କୌଣସି ସୂତ୍ରରୁ ଖବର ପାଇ ପ୍ରକାଶ ଶୁକ୍ରବାର ସକାଳେ ପଦ୍ମପୁର ଗ୍ରାମରେ ପହଞ୍ଚିଥିଲେ। ପରେ ସାବରଙ୍ଗ ଫାଣ୍ଡି ପୋଲିସ କନଷ୍ଟେବଲ ସନ୍ତୋଷ ବିଶ୍ୱାଳ, ରଜତ ପାଣିଗ୍ରାହୀ, ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତାଙ୍କ ଭଉଣୀଙ୍କୁ ନିଆଁରେ ପୋଡ଼ି ମାରି ଦିଆଯାଇଥିବା ନେଇ ପ୍ରକାଶ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ଛାତ୍ରୀକୁ ଅସଦାଚରଣ ଘଟଣା: ଶିକ୍ଷକ ଗିରଫ

**ବଡ଼ସାହି,୧୬।୧୧(ସ୍ୱ.ପ୍ର)**

ବଡ଼ସାହି ଥାନା ଅଧୀନ ଏକ ଆଦିବାସୀ ଛାତ୍ରୀନିବାସର ଜଣୈକା ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେଶ ନାଏକ(୩୧)ଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି । ପୀଡିତା ଛାତ୍ରୀର ମା'ଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଗୁରୁବାର ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଶୁକ୍ରବାର ଜିଲା ମଙ୍ଗଳ ଅଧିକାରୀ ସ୍ମିତିରଞ୍ଜନ ସାମନ୍ତରାୟ ଓ ଯୌନ ନିର୍ଯାତନା ପ୍ରତିରୋଧକ ବ୍ଲକ କମିଟିର ଆବାହକ ଡବ୍ଲ୍ୟୁଇଓ ମଧୁଛନ୍ଦା ଗିରିଙ୍କ ନେତୃତ୍ୱରେ ସିଡ଼ିପିଓ, ସୁପରଭାଇଜର, ଏଏନ୍ଏମ୍ ଓ ବରିଷ୍ଠ ଶିକ୍ଷୟତ୍ରୀ ସ୍କୁଲରେ ପହଞ୍ଚି ତଦନ୍ତ କରିଛନ୍ତି । ସେମାନେ ସେଠାରେ ରହୁଥିବା ଛାତ୍ରୀ, ଛାତ୍ରୀ ନିବାସ କର୍ମଚାରୀ, କର୍ତ୍ତୃପକ୍ଷଙ୍କ ବୟାନ ସଂଗ୍ରହ କରିଛନ୍ତି।




For a test drive, SMS 'KWID' to 53030 or call on 1800 300 44444 (Open from Monday to Sunday between 7:00 am to 11:00 pm).
Also available in CSD. Special offers for Defence Personnel, Government, PSU and Corporate employees.

Terms and conditions apply. #Price mentioned is for the base variant for ex-showroom Bhubaneswar and is exclusive of local taxes. Offers may vary across variants and cities. Benefits may vary based on the variant and year of manufacturing and are applicable only till stocks last. *3.99% rate of interest is calculated at a loan amount of ₹3,00,000 for 24 months; rate shall vary as per loan amount and tenure. ^₹3,999 EMI is calculated at a loan amount of ₹2,58,000 on a rate of interest of 8.04% for 84 months; EMI and rate shall vary as per loan amount and tenure. Finance is at the sole discretion of Renault Finance.^^Benefits up to ₹20,000 include Insurance at ₹1 and cash discount of ₹10,000. It is applicable only on limited stock of select variants. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). The abovementioned offers are valid till 30th November 2018. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

**SHOWROOM: ODISHA: BHUBANESWAR**: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. **BALANGIR:** RENAULT Balangir Mob: +91 9643800378. **CUTTACK**: RENAULT Cuttack Mob: +91 8860877164. **JHARSUGUDA:** RENAULT Jharsuguda Mob: +917290055349. **ROURKELA:** RENAULT Rourkela Mob: + 91 8860875802, + 91 9778845542. **SAMBALPUR:** RENAULT Sambalpur Mob: +91 8860048351.

L&K | SAATCHI & SAATCHI

# ରାଜ୍ୟ ଭିନ୍ନକ୍ଷମ ସଂଘର ଆନ୍ଦୋଳନ ଚେତାବନୀ

**ଧାମନଗର,୧୬।୧୧ (ଡି.ଏନ.ଏ.)**

ଧାମନଗର ବ୍ଲକ ଦୋବଲ ପଞ୍ଚାୟତରେ ଗତ ୧୪ ତାରିଖରେ ଭତ୍ତା ବଣ୍ଟନ ବେଳେ ସୋଧ ଗ୍ରାମର ଭିନ୍ନକ୍ଷମ ଚିନ୍ମୟ ପଣ୍ଡାଙ୍କୁ ଜଣେ ଯୁବକ ମାଡ଼ ମାରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏହାର ପ୍ରତିବାଦରେ ରାଜ୍ୟ ଭିନ୍ନକ୍ଷମ ସଂଘ ସଭାପତି କେଶବ ଚରଣ ରାଉତ ଆସନ୍ତା ୨୧ରୁ ଧାରଣା ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଧାମନଗର ଭାଜପା ଭିନ୍ନକ୍ଷମଙ୍କ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଛି।

# ପାଣି ବସନ୍ତରେ ୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**ଭୋଗରାଇ, ୧୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଟେଙ୍ଗରାମାରି ଗ୍ରାମ ହରିଜନ ସାହିରେ ୭ଦିନ ଧରି ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ପାଣି ବସନ୍ତରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମର କାହ୍ନୁ ଘଡ଼ାଇ, ଉମେଶ ଘଡ଼ାଇ, ରମେଶ ମିର୍ଦ୍ଧା, ପ୍ରଶାନ୍ତ ଘଡ଼ାଇ, ସୁଶାନ୍ତ ଘଡ଼ାଇ, ଗୁରୁପ୍ରସଦା ଘଡ଼ାଇ, ଭଗବାନ ଦେଉରୀ ପ୍ରମୁଖ ୧୦ ପରିବାର ଲୋକେ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ରୋଗ ଦିନକୁ ଦିନ ଅନ୍ୟ ପରିବାରକୁ ବ୍ୟାପୁଥିବାରୁ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଅପରିଷ୍କାର ପରିବେଶ ଓ ସଚେତନତା ଅଭାବରୁ ଏହି ରୋଗ ବ୍ୟାପୁଥିବା କୁହାଯାଇଛି। ଏ ସମ୍ପର୍କରେ

## ଆଜି ଆସିବେ ଡାକ୍ତରୀ ଦଳ

ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନାଙ୍କୁ ପଚାରିବାରୁ କହିଛନ୍ତି, ଶୁକ୍ରବାର ଖବର ମିଳିଛି। ବାଲେଶ୍ୱରରେ ମିଟିଂ ଥିବାରୁ ଘଟଣାସ୍ଥଳକୁ ଡାକ୍ତରୀ ଦଳ ଯାଇପାରି ନାହାନ୍ତି। ଶନିବାର ସକାଳେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଦଳ ଗ୍ରାମରେ ପହଞ୍ଚି ରୋଗୀଙ୍କୁ ଚିକିତ୍ସା କରିବେ। କେବଳ ଟେଙ୍ଗରାମାରି ନୁହେଁ ଭୋଗରାଇର ବିଭିନ୍ନ ଗ୍ରାମରେ ପାଣି ବସନ୍ତ ବ୍ୟାପୁଥିବାର ସୂଚନା ମିଳିଛି। ଅନେକ ପରିବାର ଗ୍ରାମ ଠାକୁରାଣୀଙ୍କୁ ପୂଜା କରୁଥିବା ନଜରକୁ ଆସିଛି।







ନିଜ ତ୍ୱଚା ଉପରେ ପ୍ରୟୋଗ କରିବା ବନ୍ଦ କରନ୍ତୁ, ଆପଣାନ୍ତୁ ଆୟୁର୍ବେଦିକ ରୂପ ମନ୍ତ୍ରା

**ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ କ୍ରିମ୍**

ରୂପ ମନ୍ତ୍ରା ଆୟୁର୍ବେଦିକ ଫେୟାରନେସ୍ କ୍ରିମ୍‌ରେ ରହିଥିବା ଏଲୋଭେରା, ତୁଳସୀ, ଦ୍ରାକ୍ଷା, ହରିଦ୍ରା, ଚନ୍ଦନ, ବାଦାମ ଇତ୍ୟାଦି ଆୟୁର୍ବେଦିକ ଜଡ଼ିବୁଟି ଚେହେରାର ପ୍ରାକୃତିକ ଆର୍ଦ୍ରତାକୁ ସୁରକ୍ଷିତ ରଖି ଏକ ଟ୍ରିଟ୍‌ମେଣ୍ଟ ରୂପେ କାମ କରିଥାଏ। ଏହାର ଅଦ୍ଭୁତ ପୋଷକ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଚେହେରାର ତ୍ୱଚାକୁ ଯୁବ ରଖିବାରେ ସହାୟତା କରିଥାଏ। ଏଲୋଭେରାରେ ରହିଥିବା Auxin ଓ Gibberellins ଚେହେରାର ମୃତ କୋଷିକାଗୁଡ଼ିକୁ ହଟାଇ ସ୍ୱାଭାବିକ ତ୍ୱଚା ଗଠନ କରିବାରେ ସହାୟକ ହୋଇଥାଏ। ଏହା ତ୍ୱଚାର ଶ୍ୟାମଳପଣ, ବଢୁଥିବା ବୟସର କୁଞ୍ଚନ, ଆଖି ତଳ କଳାଦାଗ, ପ୍ରସାରଣ ଦାଗ ଇତ୍ୟାଦିର ପ୍ରବନ୍ଧନରେ ସହାୟକ ହୋଇଥାଏ।

**ରୂପ ମନ୍ତ୍ରା ଆୟୁର୍ବେଦିକ କ୍ୟାପ୍‌ସୁଲ**

ରୂପ ମନ୍ତ୍ରା ଆୟୁର୍ବେଦିକ କ୍ୟାପ୍‌ସୁଲରେ ରହିଥିବା ବ୍ରାହ୍ମୀ, ପୁଷ୍କର ମୂଳ, ନାରଙ୍ଗୀ, ପିପ୍ପଳି, ଦ୍ରାକ୍ଷା ଏବଂ ସବୁଜ ଚା ଇତ୍ୟାଦିର ସମଯୋଗ ତ୍ୱଚାର ଲୋମଛିଦ୍ରରେ ଭରି ରହିଥିବା ବ୍ୟାକ୍ଟେରିଆ ଓ ମଇଳାକୁ ଦୂରକରି କାଠବ୍ରଣ ଉପରେ ନିୟନ୍ତ୍ରଣ କରିଥାଏ । ଏହି ଔଷଧିଗୁଡ଼ିକ ରକ୍ତର ଶୁଦ୍ଧୀକରଣ ପାଇଁ ପ୍ରସିଦ୍ଧ ଏବଂ ବର୍ଣ୍ଣିତ। ଶରୀରର ଆଭ୍ୟନ୍ତରୀଣ ସଫେଇ ଓ ସ୍ୱାସ୍ଥ୍ୟର ଉଚିତ ଧ୍ୟାନ ଦିଆଯାଇଥିଲେ ହିଁ ତ୍ୱଚାର ସୁଧାର ସମ୍ବନ୍ଧୀୟ ଯେକୌଣସି ଔଷଧ ଯଥୋଚିତ କାର୍ଯ୍ୟ କରିଥାଏ । ଏହି କ୍ରମରେ ରୂପ ମନ୍ତ୍ରା କ୍ୟାପ୍‌ସୁଲ୍ ତ୍ୱଚାର ଅନ୍ୟ bacterial, fungal infectionsରୁ ସୁରକ୍ଷା ଦେଇ ତ୍ୱଚା ତଳେ blood ଏବଂ lymphର ପରିସଞ୍ଚାଳନ ଏବଂ ପ୍ରବନ୍ଧନରେ ସହାୟତା କରିଥାଏ । ଏହାଦ୍ୱାରା ତ୍ୱଚା ଯୁବା ଏବଂ ଜୀବନ୍ତ ରହିଥାଏ।

**ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍‌ୱାଶ୍**

ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ ୱାଶ୍‌ରେ ରହିଥିବା କାକୁଡ଼ି ତ୍ୱଚାକୁ ଶୀତଳତା ଏବଂ ସତେଜତା ଦେଇଥାଏ। କାକୁଡ଼ିରେ ରହିଥିବା ଏସ୍କୋରବିକ ଏସିଡ୍ ଓ କୈଫିକ୍ ଏସିଡ୍ ତ୍ୱଚାର ଆର୍ଦ୍ରତା ବଜାୟ ରଖିବାରେ ସହାୟକ । ଧ୍ୟାନ ଦେବା ଯୋଗ୍ୟ କଥା ହେଉଛି ଆଜିକାଲି କସ୍‌ମେଟିକ୍ସ ସାବୁନ ଏବଂ ପ୍ରସାଧନରେ ଅଧିକ ଫେଣ ପାଇଁ କେତେକ କେମିକାଲ୍ ମିଶ୍ରଣ କରାଯାଏ, ଯାହାର ଦୂରଗାମୀ କୁପ୍ରଭାବ ରହିଥାଏ। ରୂପ ମନ୍ତ୍ରା ଫେସ୍ ୱାଶ୍‌କୁ ଏହା ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି ଯେ ଏହାର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚାକୁ ଉଚିତ ଲାଭ ମିଳିବ । ଏହା ଡାର୍କ ସର୍କଲ ଏବଂ ଚେହେରାର ଦାଗକୁ କମ୍ କରି ରଙ୍ଗକୁ ସଫା କରିବାରେ ସହାୟକ ଏବଂ ଚେହେରାରେ କାଠବ୍ରଣକୁ ପ୍ରତିରୋଧ କରିବା/ପୁନର୍ବାର ଆସିବାରୁ ନିୟନ୍ତ୍ରିତ କରିଥାଏ।

New Dr. Juneja's® Roop Mantra
Ayurvedic Cream, Capsules, Soap & Face Wash

24x7 Helpline : 0171-3055111 • www.roopmantra.com




UPGRADE TO CITY AND GET EXCITING CONSUMER AND EXCHANGE OFFERS

Available in Petrol and Diesel
• i-DTEC • i-VTEC • CVT

SMS <CITY> to 53030
Log on to www.hondacarindia.com

For corporate sales enquiries, write to corporatesales@hondacarindia.com • To exchange any existing car with a Honda car, write to autoterrace@hondacarindia.com. Colours, features and specifications are grade specific. *Model wise offers valid on select variants. Ex-showroom price is of base Petrol variant. No.1 mid-size sedan based on the wholesale figures of Honda City since its launch in India. *Warranty of unlimited kms in a 3 year period from the date of new vehicle is a part of standard City purchase. Actual colours may vary from the ones shown here • #The Great Honda Fest is a promotional offer by Honda Cars India Ltd., under which there is a customer contest "Exotic Trip to London and Paris". Customers who buy any new Honda car invoiced on or before 30th Nov 2018 and delivered between 1st Sep - 30th Nov 2018 and also register at www.hondacarindia.com/HondaFest2018 are eligible to participate in the contest and stand a chance to win a trip to London and Paris. 30 monthly winners of September'18 to be declared in October'18, 31 monthly winners of Oct'18 to be declared in Nov'18 and 07 winners of 1st Nov - 7th Nov'18 and additional 07 winners of 8th Nov - 30th Nov'18 to be declared in Dec'18. Only one ticket shall be provided against the delivery of vehicle and meeting the eligibility conditions. This offer is valid for persons of age 18 years and above. Honda Cars India Ltd. reserves the rights to extend, modify or terminate the contest/offer at any point of time. Starting price of S MT Petrol Variant in Bhubaneswar. Terms & conditions apply. For detailed terms & conditions, please visit www.hondacarindia.com

3 YEAR WARRANTY UNLIMITED kms*
Honda ProCARE CUSTOMER SERVICE
Honda Auto Terrace

The Great Honda Fest
CELEBRATIONS EXTENDED
TILL 30TH NOVEMBER 2018
Buy a Honda car today and win a fully paid trip# to LONDON and PARIS.

**Central Honda** - **Bhubaneshwar**, Unit - 9, **PH:** 9078000333, 8599005859, **Sambalpur**, Bareipalli Industrial Estate, **PH:** 7077732222, 7682857806, **Angul**, Nalconagar, **PH:** 8599005924, 8599005896, **Highway Honda** - **Bhubaneshwar**,Rudrapur, **PH:** 0674-7112222, 7873999819, **Lewis Road**, Gauri Temple, **PH:** 7873999199,**Cuttack**, Cantonment Road,**PH:** 7873999589, 7873999603, **Jajpur**, Mirzapur, Pani Koili, **PH:** 7873999226, **Krishna Honda** - **Rourkela Beldihi**, **PH:** 7852941758.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ୨୦ ଶିଶୁ ଶ୍ରମିକ ଉଦ୍ଧାର

**କେନ୍ଦୁଝର, ୧୬।୧୧( ସ୍ୱ.ପ୍ର.):** କେନ୍ଦୁଝର ଜିଲା କାଳୀପଡ଼ିଆଠାରେ ଅନୁଷ୍ଠିତ ଉତ୍ସବରେ ଖୋଲାଯାଇଥିବା ବିଭିନ୍ନ ଦୋକାନରେ ଅଚାନକ ଶିଶୁ ସୁରକ୍ଷା ସମିତି ଶ୍ରମ ବିଭାଗ ଓ ଜିଲା ପ୍ରଶାସନ ମିଳିତ ଭାବେ ଚଢ଼ାଉ କରିଥିଲା। ଚଢ଼ାଉରେ ୨୦ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଶିଶୁ ଶ୍ରମିକମାନେ ବିଭିନ୍ନ ଉଠା ଦୋକାନରେ କାମ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଉଦ୍ଧାର କରାଯାଇଥିବା ଶିଶୁ ଶ୍ରମିକଙ୍କୁ ମୁକ୍ତ ଆକାଶ ଆଶ୍ରୟସ୍ଥଳୀରେ ରଖା ଯିବା ସହ ସେମାନଙ୍କ ପରିବାରବର୍ଗଙ୍କୁ ଖବର ଦିଆଯାଇଛି। ଏହି ମିଳିତ ଚଢ଼ାଉରେ ଜିଲା ଶ୍ରମ ଅଧିକାରୀ ଅଜୟ କୁମାର ପ୍ରଧାନ, ଦେବେଙ୍ଗନା ବାରିକଙ୍କ ସହ ଚାଇଲ୍ଡ଼ ଲାଇନର ସଦସ୍ୟ ସାମିଲ ଥିଲେ।

### ଭାଜପାର ଜନ ପରାମର୍ଶ ପଦଯାତ୍ରା

**ଘସିପୁରା, ୧୬।୧୧-** ଘସିପୁରା ନିର୍ବଚନ ମଣ୍ଡଳୀର ଦେଓଗାଁ ଓ ବଳରାମପୁର ଗ୍ରାମରେ ଭାଜପା ପକ୍ଷରୁ ଶୁକ୍ରବାର ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳସଭାପତି ରାଧେଶ୍ୟାମ ରଣାଙ୍କ ସଂଯୋଜନାରେ ଜିଲା ଉପସଭାପତି ଗୋଲକ ଜେନା, ବରିଷ୍ଠ ଭାଜପା ନେତା ଦେବ ଜେନା, ପ୍ରଣବ ପୁହାଣ, ବାମନ ଭୂୟାଁ, ଜିତୁ ବେହେରା, ଦିଲ୍ଲିପ ଜେନା, ଲୁଲୁ ଆଚାର୍ଯ୍ୟ, ଭଗବାନ ମହାରଣା, ଏକାଦଶୀ ପଲେଇ, ରାଜେଶ ମଲ୍ଲିକଙ୍କ ସହ ଶତାଧିକ ଭାଜପା କର୍ମକର୍ତ୍ତା ଯୋଗଦେଇ ବଳରାମପୁର ଗ୍ରାମର ଅତାସାହି, ପାଟଣା ଓ ସରେଇ ଗ୍ରାମକୁ ପଦଯାତ୍ରାରେ ଯାଇଥିଲେ। ୪ ବର୍ଷର ଭାଜପା ସରକାରର ସଫଳତା ଓ ୧୮ ବର୍ଷ ନବୀନ ସରକାରର ବିଫଳତା ସମ୍ପର୍କରେ ଜନ ସାଧାରଣଙ୍କୁ ଅବଗତ କରାଯାଇଥିଲା।

### ଶିଶୁ ଦେଶର ଭବିଷ୍ୟତ

**ରାଇସୁଆଁ, ୧୬।୧୧(ଡି.ଏନ.ଏ.)** କେନ୍ଦୁଝର ଜିଲା ବାଂଶପାଳରେ ଚାଇଲ୍ଡ଼ ଲାଇନ ଦ୍ୱାରା ଦୋସ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶିଶୁଙ୍କୁ ଶ୍ରମିକ ଭାବରେ କାର୍ଯ୍ୟରେ ଲଗାଇବା ଦଣ୍ଡନୀୟ ଅପରାଧ, ସେମାନଙ୍କୁ ଆନନ୍ଦମୟ ଶିକ୍ଷାରେ ସାମିଲ କରିବା, ଶିଶୁଙ୍କ ବୌଦ୍ଧିକ ବିକାଶ, ମାନସିକ ବିକାଶ ଦିଗରେ ଗୁରୁତ୍ୱ ଦେବା ସହ ଶିଶୁ ହିଁ ଦେଶର ଭବିଷ୍ୟତ ନାଗରିକ ବୋଲି ଲୋକଙ୍କୁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ପିଡି ନୃସିଂହ ଚରଣ ସ୍ୱାଇଁ, ବାଂଶପାଳ ବିଡିଓ ଅଶ୍ୱନୀ କୁମାର ମେହେର, ବିଇଓ ସନାତନ ରାଉତ, ବାଂଶପାଳ ଚାଇଲ୍ଡ଼ ଲାଇନର ପ୍ରଶାନ୍ତ ଖୁଣ୍ଟିଆ, ଦୀପକ ନନ୍ଦି, ସୁମିତ୍ରା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

### ଭାଜପାର ବନ୍ଧୁମିଳନ

**ସିମୁଳିଆ, ୧୬।୧୧(ଡି.ଏନ.ଏ.):** ଭାଜପାର ବନ୍ଧୁ ମିଳନ ଶୁକ୍ରବାର ମଧ୍ୟାହ୍ନରେ ମାର୍କୋଣାରେ ଅନୁଷ୍ଠିତ ହୋଇଥିଲା। ସିମୁଳିଆ ପ୍ରଭାରୀ ଈଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସିମୁଳିଆର ବିଭିନ୍ନ ଅଞ୍ଚଳରୁ ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ। ଦଳୀୟ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ପଦ୍ମଲୋଚନ ପଣ୍ଡାଙ୍କ ସହିତ ଦଳୀୟ କଂଗ୍ରେସର କର୍ମୀ ଓ ଜନସାଧାରଣଙ୍କୁ ଆନୁଷ୍ଠାନିକ ଭାବେ ଭାଜପାରେ ମିଶ୍ରଣ କରାଯାଇଥିଲା। ଆଗାମୀ ନିର୍ବାଚନରେ ପଣ୍ଡାଙ୍କ ଅନୁଗାମୀମାନେ ତାଙ୍କ ସହିତ ମିଶି କାର୍ଯ୍ୟ କରିବା ସହିତ କଂଗ୍ରେସକୁ ମୂଳପୋଛ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ଭାଜପାର ରାଜ୍ୟ ଉପ-ସଭାପତି ବିଷ୍ଣୁ ସେଠୀ, ନୀଳଗିରିର ପୂର୍ବତନ ବିଧାୟକ ପ୍ରତାପ ଷଡଙ୍ଗୀ, ନୀଳମାଧବ ପଣ୍ଡା, ରମେଶଚନ୍ଦ୍ର ସାହୁ, ଦୀପକ ଖିଲାର, ବିକାଶ ନାୟକ, ପ୍ରଶାନ୍ତ କୁମାର ପଣ୍ଡା, ମାୟାଧର ପାଣିଗ୍ରାହୀ, ଜାମୁଝାଡ଼ି ମଣ୍ଡଳ ସଭାପତି ରତିକାନ୍ତ ପାଢ଼ୀ, ଅକ୍ଷୟ କୁମାର ବିଶ୍ୱାଳ, ଭାରତୀ ମଲିକ, ରାଧାକାନ୍ତ ମିଶ୍ର, କୈଳାସ ଚନ୍ଦ୍ର ବାରିକ, କୈଳାସ ମାଝୀ, ନମିତା ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନୀଳଗିରିର ପୂର୍ବତନ ବିଧାୟକ ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଷଡ଼ଙ୍ଗୀ ଆତ୍ମ ସମ୍ମାନର ସହିତ ବଞ୍ଚିବାର ସ୍ୱାଭିମାନ କେବଳ ଭାଜପାର ରହିଛି ବୋଲି କହିଥିଲେ।

# ବିଦ୍ୟୁତ୍ କଟିଲେ ସେବା ବନ୍ଦ

**କେନ୍ଦୁଝର, ୧୬।୧୧(ସ୍ୱ.ପ୍ର.)**

■ ଡାଏଲିସିସ୍ ୱାର୍ଡରେ ସମସ୍ୟା
■ ସ୍ୱତନ୍ତ୍ର ପାଣି ସୁବିଧା ନାହିଁ

ଜିଲା ମୁଖ୍ୟ ଡାକ୍ତରଖାନାରେ ଥିବା ଡାଏଲିସିସ ୱାର୍ଡରେ ସ୍ୱତନ୍ତ୍ର ପାଣି ବ୍ୟବସ୍ଥା ନ ଥିବାରୁ ବିଦ୍ୟୁତ କାଟ ସମୟରେ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଏ ନେଇ ରୋଗୀମାନେ ଭୟରେ ମୁହଁ ଖୋଲୁ ନ ଥିବା ବେଳେ ୱାର୍ଡର କର୍ମଚାରୀମାନେ ଚୁପ ରହୁଛନ୍ତି। ଉକ୍ତ ୱାର୍ଡ ପ୍ରତିଷ୍ଠା କରି ପ୍ରଶାସନ ଚୁପ ବସି ଯାଇଛି। ରୋଗୀଙ୍କ ଅକଥନୀୟ ସମସ୍ୟା ଭୋଗୁଛନ୍ତି। ଡାଏଲିସିସ୍ ପାଇଁ ସ୍ୱତନ୍ତ୍ର ପରିଷ୍କାର ପାଣି ଆବଶ୍ୟକ। ପାଣି ସହିତ କେମିକାଲ ଦେହ ଭିତରକୁ ଯାଇ ରକ୍ତ ପରିଷ୍କାର ହୋଇଥାଏ। ପାଣିରେ ଜୀବାଣୁ ରହିଲେ ଏବଂ ଦେହ ଭିତରକୁ ଗଲେ ସ୍ୱାସ୍ଥ୍ୟ ପ୍ରତି ବିପଦ ହୋଇଥାଏ। ଡାଏଲିସିସ୍ ୱାର୍ଡରେ ପାଣି ପରିଷ୍କାର ପାଇଁ ଏକ ସ୍ୱତନ୍ତ୍ର ମେଶିନ ରହିଛି। ସେହି ମେଶିନରେ ପାଣି ପରିଷ୍କାର କରାଯାଇଥାଏ। ମେଡିକାଲର ପମ୍ପ ଚାଲିଲେ ମେଶିନକୁ ପାଣି ଆସିଥାଏ। ମାତ୍ର ସେହି ମେଶିନକୁ ସ୍ୱତନ୍ତ୍ର ପାଣି ସଂଯୋଗ ବ୍ୟବସ୍ଥା ନାହିଁ। ବିଦ୍ୟୁତ୍ କାଟିଲେ ମେଡିକାଲ ପମ୍ପ ଚାଲୁ ନାହିଁ। ମେଶିନକୁ ପାଣି ଯାଇପାରୁ ନ ଥିବା ଅଭିଯୋଗ ହୋଇଛି।

ଶୁକ୍ରବାର ବିଦ୍ୟୁତ୍ କାଟ ହେବାରୁ ସମସ୍ୟା ଦେଖାଦେଇଥିଲା। ଆଇସିୟୁ ୟୁନିଟ କାମ ଚାଲିଥିବା ବେଳେ ସେଥିପାଇଁ ମଧ୍ୟ ପାଣିର ଆବଶ୍ୟକତା ଆଗାମୀ ଦିନରେ ପଡିବ ଏବଂ ଏଭଳି ସମସ୍ୟା ଦେଖାଦେବ ବୋଲି ମତପ୍ରକାଶ ପାଉଛି। ନିଜସ୍ୱ ବୋରୱେଲ ଖନନ ହେଲେ ବା ପାଣି ସଂଯୋଗ ହେଲେ ୱାର୍ଡର ଜେନେରେଟରରେ ପାଣି ପମ୍ପିଂ କରି ଚିକିତ୍ସା କାର୍ଯ୍ୟ କରିପାରିବେ ବୋଲି ମତପ୍ରକାଶ ପାଉଛି। ଏଭଳି ସମସ୍ୟାକୁ ଡାକ୍ତରଖାନା କର୍ତ୍ତୃପକ୍ଷ ଅଣଦେଖା କରୁଥିବାରୁ ଅସନ୍ତୋଷ ବଢୁଛି। ଡାଇଲିସିସ ୱାର୍ଡ ପାଇଁ ସ୍ୱତନ୍ତ୍ର ଭାବରେ ପାଣି ସଂଯୋଗ ଦେବାକୁ ରୋଗୀ ଦାବି କରୁଛନ୍ତି। ଏ ନେଇ ସିଡିଏମଓ ଡା. ଜଗନ୍ନାଥ ପୋହିଙ୍କୁ ପଚାରିବାରୁ ସେଭଳି ଅଭିଯୋଗର କୌଣସି ସୂଚନା ନାହିଁ। ଅନ୍ୟପକ୍ଷରେ ଏଡିଏମଓ ମେଡିକାଲ ଡା. କେ.ସି. ପୃଷ୍ଟିଙ୍କୁ ପଚାରିବାରୁ ପାଣି ସମସ୍ୟା ନେଇ ଅବଗତ ଅଛି। ପୂର୍ବରୁ ଏହି ସମସ୍ୟା ଲାଗି ରହିଛି। ଏଥିପାଇଁ ଅଲଗା ବୋରୱେଲର ଆବଶ୍ୟକତା ଥିବାରୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ମୁଖ୍ୟ ଡାକ୍ତରଖାନାରେ ଥିବା ଡାଏଲିସିସ ୱାର୍ଡ।

# ‘ମୌଳିକ ସମସ୍ୟା ଦୂର କର’


କ୍ରାନ୍ତିକାରୀ ଆଦିବାସୀଙ୍କ ପକ୍ଷରୁ ବିକ୍ଷୋଭ କରାଯାଉଛି।

**କେନ୍ଦୁଝର, ୧୬।୧୧(ସ୍ୱ.ପ୍ର.)**

ବେରୋଜଗାରଙ୍କୁ ରୋଜଗାର ଓ ଖଣି ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଅଖିଳ ଭାରତୀୟ କ୍ରାନ୍ତିକାରୀ ଆଦିବାସୀ ମହାସଭା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲାର ଯୋଡ଼ା ଓ ବଡ଼ବିଲ ଅଞ୍ଚଳରେ ଥିବା ବିଭିନ୍ନ ଖଣି ଓ ଶିଳ୍ପରେ ଜମିହରାଇଥିବା ଓ ବିସ୍ଥାପିତ ଲୋକଙ୍କୁ ଚିହ୍ନଟ କରି କାମ ଯୋଗାଇଦେବା, ଖଣି ଓ ଶିଳ୍ପ ଦ୍ୱାରା ହେଉଥିବା ପ୍ରଦୂଷଣକୁ ନିୟନ୍ତ୍ରଣ କରିବା, ସ୍ଥାନୀୟ କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କୁ ରାସ୍ତାଘାଟ, ପାନୀୟଜଳ, ସ୍ୱାସ୍ଥ୍ୟ ଆଦି ମୌଳିକ ସୁବିଧା ଯୋଗାଇଦେବାକୁ ଦାବି କରିଥିଲେ। ଖଣିଖାଦାନରେ ମେଶିନ ଦ୍ୱାରା କାମ ବନ୍ଦ କରି ଶ୍ରମିକଙ୍କୁ କାର୍ଯ୍ୟ ଯୋଗାଇଦେବାକୁ ସେମାନେ ଦାବି କରିଥିଲେ। ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।

# ‘ଚାଷୀ ଆତ୍ମହତ୍ୟା ବୃଦ୍ଧି ଅର୍ଥନୈତିକ ସଙ୍କଟର ନିଦର୍ଶନ’

**ବାଲେଶ୍ୱର ଅଫିସ,୧୬।୧୧**

■ ‘ସମ୍ବିଧାନ ସମ୍ମାନ ଯାତ୍ରା’ର ଅଭିଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧନା, ପଥପ୍ରାନ୍ତ ସଭା

ବାଲେଶ୍ୱରରେ ପହଞ୍ଚିଥିବା ‘ସମ୍ବିଧାନ ସମ୍ମାନ ଯାତ୍ରା’ର ଅଭିଯାତ୍ରୀ ଦଳଙ୍କୁ ଶୁକ୍ରବାର ସନ୍ଧ୍ୟାରେ ବିଚାରଗଞ୍ଜ ଫାଣ୍ଡିଛକରେ ଜିଲା ଅଭ୍ୟର୍ଥନା କମିଟି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ବରିଷ୍ଠ ଆଇନଜୀବୀ ମନୋଜ କୁମାର ନାୟକ ସଭାପତିତ୍ୱ କରିଥିଲେ। ଦେଶପ୍ରେମ ଏବଂ ସମ୍ବିଧାନ ନିରାପତ୍ତା ଓ ସୁରକ୍ଷା ବାର୍ତ୍ତା ନେଇ ଆସିଥିବା ଅଭିଯାତ୍ରୀ ଦଳର କାର୍ଯ୍ୟକ୍ରମକୁ ସେ ସ୍ୱାଗତ ଜଣାଇଥିଲେ। ସଭାରେ ବରିଷ୍ଠ ଆଇନଜୀବୀ ସତ୍ୟରଞ୍ଜନ ମହାନ୍ତି, ଭାଗବତ ପ୍ରତିହାରୀ, ଉର୍ମିଳା ମାଝୀ, ପଞ୍ଚାନନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ, ଅରୁଣ ଜେନା, ରାଧାରମଣ ଷଡ଼ଙ୍ଗୀ, ଆଇନଜୀବୀ ଶାନ୍ତନୁ ଦାସ, ବସନ୍ତ ସ, ରୋଜି ପଟ୍ଟନାୟକ, ସରସ୍ୱତୀ ପଣ୍ଡା ପମୁଖ ବକ୍ତବ୍ୟ ରଖିଥିଲେ। ସାରା ଦେଶ ଭ୍ରମଣ କରୁଥିବା ଅଭିଯାତ୍ରୀଦଳ ପକ୍ଷରୁ ପଥପ୍ରାନ୍ତ ସଭାରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ ସାଆନ୍ତରା, ମିରା ସଂଘମିତ୍ରା, ସୁନିତା ଏସ୍.ଆର, ଲିଙ୍ଗରାଜ ଆଜାଦ୍, ଭୂପେନ୍ଦ୍ର ରାଓ୍ୱତ, ବିକ୍ରମ ପଣ୍ଡା ପ୍ରମୁଖ ସମ୍ବିଧାନର ନିରାପତ୍ତା ଓ ସୁରକ୍ଷା ଦିଗରେ ପ୍ରତ୍ୟେକ ନାଗରିକ ସଚେତନ ରହିବା ଆବଶ୍ୟକ ବୋଲି କହିଥିଲେ। ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇ ପଡିଥିବା ବେଳେ ଋଣଭାରରେ ଅତିଷ୍ଠ ହୋଇ ୧୨ହଜାର ଚାଷୀ ଗୋଟିଏ ବର୍ଷରେ ଆତ୍ମହତ୍ୟା କରିବା ଘଟଣା ଦେଶର ସଙ୍କଟକୁ ଘନୀଭୂତ କରିଛି ବୋଲି ସେମାନେ କହିଥିଲେ।

ଭାରତର ସମ୍ବିଧାନର ମହତ୍ୱ ଓ ଏଥିରେ ନାଗରିକଙ୍କୁ ମିଳିଥିବା ଅଧିକାର ସମ୍ପର୍କରେ ବିଭିନ୍ନ ବକ୍ତା ଆଲୋକପାତ କରିଥିଲେ। ବର୍ତ୍ତମାନର ଶାସନ ବ୍ୟବସ୍ଥା ଉପରେ ମତ ରଖି ସେମାନେ କହିଥିଲେ, ଦେଶର ସୁପ୍ରିମକୋର୍ଟ, ରିଜର୍ଭ ବ୍ୟାଙ୍କ, ସିବିଆଇ ଭଳି ସ୍ୱୟଂଶାସିତ ସଂସ୍ଥାମାନେ ରାଜନୈତିକ ହସ୍ତକ୍ଷେପର ଶିକାର ହେବା ଏକ ବିଡମ୍ବନା। ଭାଜପା ସରକାରର ବିମୁଦ୍ରିକରଣ, ଜିଏସ୍‌ଟି ପ୍ରଚଳନ ପରେ ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ବ୍ୟାଙ୍କଗୁଡ଼ିକ ଦେବାଳିଆ ହେବାରେ ଲାଗିଛନ୍ତି। ବିଭିନ୍ନ ବ୍ୟବସାୟୀ ଦେଶକୁ ସାମଗ୍ରିକ ଭାବେ ଲୁଣ୍ଠନ କରି ପଳାତକ ସାଜୁଛନ୍ତି। ରାଫେଲ ଦୁର୍ନୀତିର ତଥ୍ୟ ଲୋକଲୋଚନକୁ ଆସିବା ପରେ ସିବିଆଇକୁ ପ୍ରଭାବିତ କରିବା ପାଇଁ ଅପଚେଷ୍ଟା କରାଯାଉଛି। ଫଳରେ ଭାରତବର୍ଷ ଭଳି ମହାନ ଦେଶର ଗରିମା ନଷ୍ଟ ହୋଇଛି। କୃଷି କ୍ଷେତ୍ର ପ୍ରତି ଅବ,ହେଳା ଓ ଅଣଦେଖା କରାଯାଉଛି। ଶିକ୍ଷା ବ୍ୟବସ୍ଥାରେ ବଜେଟ୍ ହ୍ରାସ, ବିଭିନ୍ନ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ଅନିୟମିତତା ଏବଂ ଧର୍ମ, ଜାତି ଓ ସମ୍ପ୍ରଦାୟ ନାମରେ ଶାସନତାନ୍ତ୍ରିକ ବ୍ୟବସ୍ଥା ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରିଛି। ବିଦେଶରେ ଥିବା କଳାଟଙ୍କା ୧୦୦ଦିନରେ ଫେରାଇ ଆଣି ଗରିବଙ୍କ ମଧ୍ୟରେ ବିତରଣ କରାଯିବ ଏବଂ ବର୍ଷକରେ ଦୁଇକୋଟି ବେକାରଙ୍କୁ କର୍ମନିଯୁକ୍ତି ଦିଆଯିବା ଲାଗି ପ୍ରଧାନମନ୍ତ୍ରୀଙ୍କ କଥା ପାଣିର ଗାର ହୋଇଛି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ।


‘ସମ୍ବିଧାନ ସମ୍ମାନ ଯାତ୍ରା’ର ଅଭିଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ସ୍କୁଲ ଫାଟକରେ ତାଲା

**ଭୋଗରାଇ,୧୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଖଇର୍ଦ୍ଧା ନୋଡ଼ାଲ ସ୍କୁଲରେ ପ୍ରଧାନଶିକ୍ଷକ ଓ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ପୂର୍ବାହ୍ନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ସ୍କୁଲ ମୁଖ୍ୟ ଫାଟକରେ ଅନିର୍ଦ୍ଦିଷ୍ଟ କାଳ ତାଲା ପକାଇ ଧର୍ମଘଟ କରିଛନ୍ତି।

ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀରେ ୧୯୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ୪ଜଣ ଶିକ୍ଷକଙ୍କୁ ନେଇ ଏହି ସ୍କୁଲରେ ପାଠ ପଢ଼ା ଚାଲୁଥିବା ବେଳେ ସମସ୍ତ ବିଷୟ ପ୍ରତି ଶିକ୍ଷକଙ୍କ ସମୟ ଭାବରୁ ପାଠପଢ଼ାରେ ବ୍ୟାଘାତ ହେଉଛି। ବହୁ ଦିନରୁ ଉକ୍ତ ସ୍କୁଲରେ ପ୍ରଧାନଶିକ୍ଷକ ଏବଂ ବିଜ୍ଞାନଶିକ୍ଷକ ନିଯୁକ୍ତି ନ ଥିବାରୁ ଶିକ୍ଷା ବାତାବରଣ ବାଧାପ୍ରାପ୍ତ ହେଉଛି। ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ବାରମ୍ବାର ଶିକ୍ଷା ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ସ୍କୁଲ ଗେଟ୍‌ରେ ତାଲା ବନ୍ଦ ଧର୍ମଘଟ କରି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପାଠପଢ଼ାରେ ବ୍ୟାଘାତ ଯୋଗୁ ଉକ୍ତ ସ୍କୁଲରେ ଷାଣ୍ମାସିକ ପରୀକ୍ଷାରେ ଛାତ୍ରୀଛାତ୍ରମାନେ ଅଧାପ୍ରଶ୍ନର ଉତ୍ତର ଦେଇପାରି ନାହାନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଦାବି ଅବିଳମ୍ବେ ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଗ୍ରାମବାସୀ ଜଣାଇଛନ୍ତି।


ଖଇର୍ଦ୍ଧା ନୋଡ଼ାଲ ସ୍କୁଲ ମୁଖ୍ୟ ଫାଟକରେ ଛାତ୍ରୀଛାତ୍ର ତାଲା ପକାଇଛନ୍ତି।

# ପ୍ରକଳ୍ପ ଚୟନରେ ଅନିୟମିତତା: ଜନପ୍ରତିନିଧିଙ୍କ ଧାରଣା

**ଧାମନଗର, ୧୬।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକରେ ଜିଜିୱାଇ(ଗୋପବନ୍ଧୁ ଗ୍ରାମୀଣ ଯୋଜନା) ପ୍ରକଳ୍ପ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। ଧାମନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ ଓ ସମିତିସଭ୍ୟମାନେ ଶୁକ୍ରବାର ଧାରଣାରେ ବସି ଏହାର ପ୍ରତିବାଦ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୨୦୧୮-୧୯ ଆର୍ଥିକ ବର୍ଷରେ ଧାମନଗର ବ୍ଲକ ପାଇଁ ମଞ୍ଜୁର ହୋଇଥିବା ଗୋପବନ୍ଧୁ ଗ୍ରାମୀଣ ଯୋଜନା ପ୍ରକଳ୍ପରେ ବ୍ୟାପକ ଅନିୟମିତତା କରାଯାଇଛି। ପଞ୍ଚାୟତିରାଜଆଇନ ଅନୁଯାୟୀ ଜିଜିୱାଇ ନିମନ୍ତେ ପଲ୍ଲୀସଭାରୁ ଅନୁମୋଦିତ ପ୍ରକଳ୍ପକୁ ପଞ୍ଚାୟତ ଗ୍ରାମସଭାରେ ପାରିତ କରାଯାଇ ବ୍ଲକକୁ ପଠାଯାଇଥାଏ। ପଞ୍ଚାୟତ ସମିତି ଗ୍ରାମସଭାରୁ ଆଗତ ପ୍ରକଳ୍ପକୁ ଅନୁମୋଦନ କରି ଡିପିସିଙ୍କୁ ପଠାଇବା ନିୟମ ରହିଛି। ଧାମନଗର ବ୍ଲକର ୩୧ ପଞ୍ଚାୟତର ଜିଜିୱାଇ ପ୍ରକଳ୍ପ ଦିଆଯାଇଥିଲା। ପଞ୍ଚାୟତ ସମିତିରୁ ଅନୁମୋଦନ ପାଇ ଜିଲା ଯୋଜନା କମିଟିକୁ ପଠାଯାଇଥିବା ପ୍ରକଳ୍ପ ତାଲିକାରେ ହେର୍‌ଫେର କରାଯାଇଛି। ଗତ ସେପ୍ଟେମ୍ବର ୨୨ ତାରିଖରେ ଡିପିସିଙ୍କ ଅନୁମୋଦନ ଲାଭ କରି ଧାମନଗର ବ୍ଲକକୁ ଆସିଥିବା ଚିଠିରେ ପ୍ରକଳ୍ପଚୟନରେ ଚଞ୍ଚକତା କରାଯାଇଥିବା ଜଣାଯାଇଥିଲା। ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତୃତ୍ୱଙ୍କ ପ୍ରରୋଚନାରେ ପ୍ରକଳ୍ପ ଚୟନ କରାଯାଇ କାର୍ଯ୍ୟକାରୀ ଲାଗି ଆସିଥିବା ଅଭିଯୋଗ ହୋଇଛି।

ଶୁକ୍ରବାର ଜିଲା ପରିଷଦ ସଭ୍ୟ, ସରପଞ୍ଚ ଏବଂ ସମିତିସଭ୍ୟମାନେ ଧାମନଗର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ସଭାଗୃହରେ ଅନୁଷ୍ଠିତ ସୂଚନା ଅଧିକାର କର୍ମଶାଳାକୁ ବର୍ଜନ କରିଥିଲେ। ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ସୁରଥ ସେଠୀ, ସଭ୍ୟା ଉମାମଣି ସାହୁ, ସରପଞ୍ଚ ନିମାଇଁ ନାୟକ, ରାଜେନ୍ଦ୍ର ସାହୁ, ପ୍ରମୋଦ ସୂତାର, ଗୋପାଳ ବେହେରା, ସୁଜାତା ପୁହାଣ, ସରସ୍ୱତୀ ବେହେରା, ଜୟନ୍ତୀ ନାୟକ, ବୀରେନ୍ଦ୍ର ବାରିକ, ରାଜୀବ ନାୟକ, ମନୋଜ ରାୟ ମହାପାତ୍ର, ଗୟାଧର ନାୟକ, ଅନିରୁଦ୍ଧ ସାହୁ, ପ୍ରଫୁଲ୍ଲ ପାତ୍ର, ରୀତାରାଣୀ ଜେନା, ଝରଣା ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷା ବିଳାସିନୀ ଘୋଷ, ସମିତିସଭ୍ୟ ସ୍ମୃତିରଞ୍ଜନ ପଣ୍ଡା, ମାନସ ବାରିକ ଓ ମିନାକ୍ଷୀ ଶତପଥୀ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।


ବ୍ଲକ କାର୍ଯ୍ୟାଳୟ ଆଗରେ ସରପଞ୍ଚ, ସମିତିସଭ୍ୟମାନେ ଧାରଣାରେ ବସିଛନ୍ତି।

# ‘ବୈଜ୍ଞାନିକ ମାର୍ଗ ଅନୁସରଣ କର’

**କପ୍ତିପଦା,୧୬।୧୧(ଡି.ଏନ୍.ଏ)**

ଜିଲା ପ୍ରଶାସନର ନିଷ୍ପତି ମୁତାବକ ଶୁକ୍ରବାର କପ୍ତିପଦା ବ୍ଲକ ଜଡିଦା ପଞ୍ଚାୟତ ବଡସିମୁଳିଆଠାରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବ୍ଲକରେ ମୋଟ ୭୦ ପ୍ରକଳ୍ପ ସ୍ଥାନ ପାଇଛି। ପ୍ରାଥମିକ ସ୍ତରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୬ଟି ଓ ଉଚ୍ଚ ପ୍ରାଥମିକ ସ୍ତରରେ ୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। କପ୍ତିପଦା ବ୍ଲକ୍ ଅଧ୍ୟକ୍ଷା ସୁଶିଳା ବାନରା ଏହି ମେଳାକୁ ଉଦ୍‌ଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀ ବିନୋଦ ସିଂ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କପ୍ତିପଦା ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଧାନ ଚନ୍ଦ୍ର ରାୟ, ସମ୍ମାନୀତ ଅତିଥି ଭାବେ ଜଡିଦା ପଞ୍ଚାୟତ ସମିତି ସଭ୍ୟ ସୋମନାଥ ସିଂ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଶତ୍ରୁଘ୍ନ ସ୍ୱାଇଁ, ବଡସିମୁଳିଆ ପ୍ରଧାନ ଶିକ୍ଷୟିତ୍ରୀ ମନୁମଣି ପାଢୀ ପ୍ରମୁଖ ଯୋଗ ଦେଇ ବିଜ୍ଞାନକୁ ନେଇ ବାଟ ଚାଲିବାକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ।

**ଖୁଣ୍ଟା, (ଡି.ଏନ.ଏ.)–**ଖୁଣ୍ଟା ବ୍ଲକ ଅଧୀନ ଶାନ୍ତିନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ମୁଖ୍ୟ ଅତିଥି ଭାବେ ବାହାନଡା ସରପଞ୍ଚ ଧନେଶ୍ୱର ଟୁଡୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଖୁଣ୍ଟା ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ଚୈତନ୍ୟ ପ୍ରସାଦ ବାରିକ, ସମ୍ମାନିତ ଅତିଥି ଭାବେ ଆୟୋଜକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ବେହେରା ଯୋଗ ଦେଇଥିଲେ । ଶେଷରେ ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ସୁକୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଉଦଳା ଆଇ ଟି ଡ଼ି ଏ ର ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟ , ସମ୍ମାନିତ ଅତିଥି ଭାବେ ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ମାର୍ଣ୍ଡି , ଶାନ୍ତିନିକେତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୁବନେଶ୍ୱର କର ପ୍ରମୁଖ ଯୋଗ ଦେଇଥିଲେ। ଏହି ବିଜ୍ଞାନ ମେଳା ରେ ମୋଟ ୬୪ ଗୋଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲ। ସେଥିମଧ୍ୟରୁ ୫ ଗୋଟି ପ୍ରକଳ୍ପ ଜିଲା ସ୍ତରକୁ ମନୋନୀତ ହୋଇଛି ।

**ବିଶୋଇ, :** ବିଶୋଇ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଲୁହାକାନୀ ପଞ୍ଚାୟତ ସ୍ଥିତ ଲୁହାକାନୀ ଠାରେ ଥିବା ଡକ୍ଟର ହରେକୃଷ୍ଣ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ବିଶୋଇ ବ୍ଲକ ଗୋଷ୍ଠୀଶିକ୍ଷା ଅଧିକାରୀ ହରେକୃଷ୍ଣ ନାଏକ ଙ୍କ ସଭାପତିତ୍ୱ ରେ ପ୍ରଥମେ ଏକ ଉଦଘାଟନି ସଭା ଆୟଜିତ କରାଯାଇଥିଲା। ଏଥିରେ ବିଶୋଇ ବିଡ଼ିଓ ବିବୁଧ ଗଡ଼ନାୟକ, ଗୌରୀ ଶଙ୍କର ମହାବିଦ୍ୟାଳୟ ଅଧ୍ୟକ୍ଷ ରାମକୃଷ୍ଣ ଦାସ ଓ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ନାୟକ, ଜଗନ୍ନାଥ ସାହୁ ଯୋଗ ଦେଇଥିଲେ। ଏଥିରେ ମୋଟ ୬୨ ଗୋଟି ପ୍ରକଳ୍ପ ସ୍ଥାନ ପାଇଥିଲା।


ବିଶୋଇଠାରେ ଜଣେ ଛାତ୍ରୀ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

**ଠାକୁରମୁଣ୍ଡା,୧୬।୧୧(ଡି.ଏନ.ଏ)**

ଠାକୁରମୁଣ୍ଡା ବ୍ଲକ ପରିସରରେ ଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ୨୦୧୮ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିବା ବେଳେ ଠାକୁରମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ନାୟକ ଉପସ୍ଥିତ ଥିଲେ। ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରୁ ଭିନ୍ନକ୍ଷମ ଭତ୍ତା ପାଇବାକୁ ଯୋଗ୍ୟ ଥିବା ହିତାଧିକାରୀ ପ୍ରମାଣପତ୍ର ଲାଗି ଆବେଦନ କରିଥିଲେ। ଏହି ଶିବିରରେ ମୋଟ ୭୪୯ ଜଣ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୩୮ ଜଣଙ୍କୁ ବିଭିନ୍ନ ବିଭାଗର ପ୍ରମାଣ ପତ୍ର, ୧୭୮ ଦିବ୍ୟାଙ୍ଗଙ୍କୁ ବସ୍‌ପାସ ଏବଂ ୧୩୯ଜଣଙ୍କୁ ଆୟ ପ୍ରମାଣ ଦିଆଯାଇଛି।

# ସମୂହ ଛୁଟିରେ ଜିଆର୍‌ଏସ୍

**ବଡ଼ସାହି,୧୬।୧୧(ସ୍ୱ.ପ୍ର)**

ରାଜ୍ୟସଂଘର ନିଷ୍ପତ୍ତି କ୍ରମେ ବଡ଼ସାହି ବ୍ଲକରେ କାର୍ଯ୍ୟରତ ସମସ୍ତ ଗ୍ରାମ ରୋଜଗାର ସେବିକାସେବକ ଆନ୍ଦୋଳନ ପାଇଁ ସମୂହ ଛୁଟିରେ ଯାଇଛନ୍ତି। ବଡସାହି ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ସେବକ ଓ ସେବିକା ସେମାନଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ଆନ୍ଦୋଳନ କରିବା ପାଇଁ ବଡ଼ସାହି ବିଡିଓଙ୍କୁ ସାମୁହିକ ଛୁଟି ପ୍ରଦାନ ପାଇଁ ଆବେଦନ କରିଛନ୍ତି। ୧୨ବର୍ଷ ଧରି ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆ ନ ଯିବାରୁ ରାଜ୍ୟସଂଘର ନିଷ୍ପତ୍ତି କ୍ରମେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସେବକ ସେବିକା କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବାକୁ ଏପରି ପଦକ୍ଷେପ ନେଇଛନ୍ତି। ଏଥିଯୋଗୁ ବ୍ଲକର ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ କାମରେ ବାଧା ଉପୁଜିବା ଆଶଙ୍କା ଥିବା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି। ଗ୍ରାମରୋଜଗାର ସେବକମାନେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଜନହିତକର ଯୋଜନାଗୁଡିକ ସୁଚାରୁ ରୂପେ ତୁଲାଇ ଆସୁଛନ୍ତି। ହେଲେ ସ୍ୱଳ୍ପ ବେତନ ଭୋଗୀ ଜିଆରଏସ୍‌ମାନଙ୍କର ମୌଳିକ ଦାବିଗୁଡିକୁ ପୂରଣ ଦିଗରେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଅଣଦେଖା କରି ଆସୁଛନ୍ତି। ଦାବି ପୂରଣ ପାଇଁ ରାଜ୍ୟସଂଘର ଆହ୍ୱାନ କ୍ରମେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବା ପାଇଁ ଜିଆରଏସ୍‌ମାନେ ସମୂହ ଛୁଟି ନେଇ କାର୍ଯ୍ୟବନ୍ଦ ଡାକରା ଦେଇଛନ୍ତି। ଫଳରେ ବ୍ଲକର ବିଭିନ୍ନ ପଞ୍ଚାୟତର କାର୍ଯ୍ୟକ୍ରମ ପ୍ରଭାବିତ ହେବା ସହ ଉନ୍ନତିମୂଳକ କାର୍ଯ୍ୟରେ ବାଧା ଉପୁଜିଥିବାର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

# ବାଳିକା ହାଇସ୍କୁଲରେ ସଚେତନତା କର୍ମଶାଳା

**ଧାମନଗର, ୧୬।୧୧ (ଡି.ଏନ.ଏ.)**

ଧାମନଗର କୋର୍ଟ ଆନୁକୂଲ୍ୟରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ଧାମନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧାମନଗର କୋର୍ଟ ବିଚାରପତି ଜିତେନ୍ଦ୍ରିୟ ପାଣିଗ୍ରାହୀ ଯୋଗଦେଇ ଉପସ୍ଥିତ ଶତାଧିକ ବାଳିକାଙ୍କୁ ସମ୍ବିଧାନ ପ୍ରଣିତ ବଳିଷ୍ଠ ଆଇନ ସେବା ବିନା ମୂଲ୍ୟରେ କିପରି ପାଇପାରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ବାଳିକାମାନେ ନିର୍ଯାତନାର ଶିକାର ହୋଇ ମଧ୍ୟ ସେମାନେ ଅଭିଯୋଗ କରିବାକୁ ପଛଘୁଞ୍ଚା ଦେବାର କାରଣ ଏବଂ ବିଚାର ଦ୍ୱାରା ସେମାନଙ୍କୁ କିପରି ନ୍ୟାୟ ମିଳିବ ସେନେଇ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ପାଣିଗ୍ରାହୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।